# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଶନିବାର, ମେ ୧୦/୨୦୨୫ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, May 10/2025 | Page 14 | ₹ 7.00 | RAYAGADA

୫୧ଶ ଭାଗ ୧୬୪ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 164 | ମୂଲ୍ୟ ₹୭/-







## ଉରିରେ ପାକ୍ ଗୁଳି: ମହିଳା ମୃତ

ଶ୍ରୀନଗର,୯।୫

'ଅପରେଶନ୍ ସିନ୍ଦୂର' ପରେ ଛାନିଆ ହୋଇଯାଇଥିବା ପାକିସ୍ତାନ ଲଗାତର ଭାବେ ନିୟନ୍ତ୍ରଣରେଖା (ଏଲ୍ଓସି)ରେ ଗୁଳିଗୋଳା ଓ ମୋର୍ଟାର ମାଡ଼ ଜାରି ରଖିଛି। ଏଥିରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କ ପରିବାରର ୩ ସଦସ୍ୟ ଆହତ ହୋଇଛନ୍ତି। ପାକିସ୍ତାନୀ ରେଞ୍ଜର୍ସଙ୍କ ଗୁଳିମାଡ଼ରେ ଜମ୍ମୁ-କଶ୍ମୀର ସଂଲଗ୍ନ ଏଲ୍ଓସିର ବାରାମୂଲା ଓ କୁପଓ୍ୱାରା ଜିଲାର ଅନେକ ଘର ଭାଙ୍ଗିଯାଇଛି। ବାରାମୂଲା ଉରି ସେକ୍ଟରର ସିଆଲକୋଟ୍, ବୋନିୟାର, କମାଲକୋଟ୍, ମୋହରା ଓ ଜିଙ୍ଗଲ ଅଞ୍ଚଳରେ ଅବିରତ ମୋର୍ଟାର ମାଡ଼ରେ ଭୟଭୀତ ହୋଇ ଅନେକ ଲୋକ ସୁରକ୍ଷିତ ସ୍ଥାନକୁ ଚାଲିଯାଇଛନ୍ତି। ମୋହରା ନିକଟରେ ନର୍ଗିସ୍ ବେଗମ୍ ନାମ୍ନୀ ଜଣେ ମହିଳା ଓ ତାଙ୍କ ପରିବାରର ୩ ସଦସ୍ୟ ଏକ କାର୍‌ରେ ଯାଉଥିବାବେଳେ ପାକିସ୍ତାନୀ ସୈନ୍ୟଙ୍କ ମୋର୍ଟାର ମାଡ଼ର ଶିକାର ହୋଇଥିଲେ। ସେମାନଙ୍କୁ ହସ୍ପିଟାଲକୁ ନିଆଯାଇଥିବାବେଳେ ନର୍ଗିସ୍‌ଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି।

**ଆଜିର ସମ୍ପାଦକୀୟ**

ହରିୟାଣାର ନୂଆ ବିବାଦ



ଜମ୍ମୁ-କଶ୍ମୀରର ବାରମୁଲ୍ଲା ଜିଲା ଉରି ଅନ୍ତର୍ଗତ ଗିଙ୍ଗିଲ୍ ଅଞ୍ଚଳରେ ପାକିସ୍ତାନର ମୋର୍ଟାର ମାଡ଼ରେ କ୍ଷତିଗ୍ରସ୍ତ ହୋଇଥିବା ଘର ନିକଟରେ କ୍ରନ୍ଦନରତ ଜଣେ ମହିଳା। (ଫଟୋ-ପିଟିଆଇ)

## ସପ୍ତାହେ ପାଇଁ ଆଇପିଏଲ୍ ସ୍ଥଗିତ

ନୂଆଦିଲ୍ଲୀ,୯।୫(ପି.ଟି.)

ଭାରତ ଓ ପାକିସ୍ତାନ ମଧ୍ୟରେ ଚାଲିଥିବା ସାମରିକ ମୁକାବିଲା ଘନୀଭୂତ ହେଉଥିବାରୁ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)କୁ ଶୁକ୍ରବାର ଏକ ସପ୍ତାହ ଲାଗି ସ୍ଥଗିତ କରିଦିଆଯାଇଛି। ଜାତୀୟ ହିତକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଥିବା ବିସିସିଆଇ ପକ୍ଷରୁ କୁହାଯାଇଛି। ଗୁରୁବାର ଧର୍ମଶାଳାରେ ପଞ୍ଜାବ କିଙ୍ଗ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌କୁ ଅଧାରୁ ବାତିଲ କରାଯିବା ପରଠାରୁ ଚଳିତ ଆଇପିଏଲ୍‌କୁ ନେଇ ଅନିଶ୍ଚିତତାର ଦେଖାଦେଇଥିଲା। ପଡ଼ୋଶୀ ସହର ଜମ୍ମୁ ଓ ପଠାନକୋଟରେ ଏୟାର ରେଡ୍ ଆଲର୍ଟ୍ସ ବାଜିବା ପରେ ଆଇପିଏଲ୍ କର୍ତ୍ତୃପକ୍ଷ ମ୍ୟାଚ୍‌କୁ ବାତିଲ କରିବାକୁ ନିଷ୍ପତ୍ତି ନେଇଥିଲେ।

"ସ୍ଥିତି ଦେଖି ଏବଂ ସମ୍ପୃକ୍ତ କର୍ତ୍ତୃପକ୍ଷ ଓ ସମସ୍ତ ଅଂଶୀଦାରଙ୍କ ସହ ପରାମର୍ଶ ପରେ ନୂଆ କାର୍ଯ୍ୟସୂଚୀ ଓ ଟୁର୍ନାମେଣ୍ଟର ଭେନ୍ୟୁ ସମ୍ପର୍କରେ ଘୋଷଣା କରାଯିବ" ବୋଲି ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ଏକ ବିବୃତିରେ ପ୍ରକାଶ କରିଛନ୍ତି। ପୂର୍ବରୁ ଆଇପିଏଲ୍‌କୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସ୍ଥଗିତ କରାଯିବ ବୋଲି କୁହାଯାଇଥିଲା। ଚଳିତ ଆଇପିଏଲ୍ ସିଜନ ଆସନ୍ତା ୨୫ ତାରିଖରେ କୋଲକାତାରେ ଶେଷ ହେବାର ଥିଲା। ସିଜନରେ ଏବେ ୧୨ଟି ଲିଗ୍ ମ୍ୟାଚ୍ ଓ ୪ଟି ନକ୍‌ଆଉଟ୍ ମ୍ୟାଚ୍ ବାକି ରହିଛି। ବିସିସିଆଇ ପକ୍ଷରୁ ଜାରି କରାଯାଇଥିବା ବିବୃତିରେ କୁହାଯାଇଛି ଯେ, ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଭାରତ ସରକାର, ସଶସ୍ତ୍ର ବଳ ଓ ଦେଶବାସୀଙ୍କ ☞ପୃଷ୍ଠା-୮

# ପାକ୍‌ର ୪୦୦ ଡ୍ରୋନ୍ ନିଷ୍ପ୍ରଭ

- ଭାରତୀୟ ଏୟାର ଡିଫେନ୍ସ ସିଷ୍ଟମ୍‌ର କରାମତି
- ପ୍ରାଦେଶିକ ସେନାକୁ ତତ୍ପର କରାଗଲା
- ୨୪ ଏୟାରପୋର୍ଟ ମେ' ୧୫ ପର୍ଯ୍ୟନ୍ତ ବନ୍ଦ
- ପୂର୍ବତନ ସେନାମୁଖ୍ୟଙ୍କ ସହ ଆଲୋଚନା କଲେ ମୋଦି
- କୃତ୍ରିମ ଅଭାବୀ ସୃଷ୍ଟିକଲେ କଡ଼ା କାର୍ଯ୍ୟାନୁଷ୍ଠାନ
- ସୁରକ୍ଷା ସ୍ଥିତି ସମୀକ୍ଷାକଲେ ରାଜନାଥ, ଶାହା
- ଜୈସାଲମେର୍‌ରେ ବ୍ଲାକ୍ ଆଉଟ୍
- ଉରିରେ ପାକ୍‌ର ଗୁଳିବର୍ଷଣ
- ଓଡ଼ିଶା କାର୍ଯ୍ୟକାରୀ କରିବ ସିଭିଲ ଡିଫେନ୍ସ ରୁଲ୍

ପାକିସ୍ତାନ ଗୁରୁବାର ରାତିରେ ପ୍ରାୟ ୪୦୦ ତୁର୍କୀ ନିର୍ମିତ ଡ୍ରୋନ୍ ଭାରତୀୟ ସାମରିକ ପ୍ରତିଷ୍ଠାନଗୁଡ଼ିକ ସମେତ ଜମ୍ମୁ-କଶ୍ମୀର, ରାଜସ୍ଥାନ ଓ ପଞ୍ଜାବର ୩୬ ସହର ଉପରେ ଛାଡ଼ିଥିଲା। ତେବେ ଭାରତୀୟ ସଶସ୍ତ୍ର ବଳର ଏୟାର ଡିଫେନ୍ସ ସିଷ୍ଟମ୍ ଶ୍ରୀନଗରଠାରୁ ନେଇ ଜୈସାଲମେର ଓ ପଠାନ୍‌କୋଟ୍ ପର୍ଯ୍ୟନ୍ତ ସବୁଠୁ ସେଗୁଡ଼ିକୁ ନିଷ୍ପ୍ରଭ କରିଦେଇଥିଲା। ସେହିପରି ୮ ମିଶାଇଲ ଓ ୩ ଫାଇଟର ଜେଟ୍‌କୁ ମଧ୍ୟ ଏସ୍-୪୦୦ ଦ୍ୱାରା ଖସାଇଦେଇଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ ସୂତ୍ରରୁ ପ୍ରକାଶ। ଇତିମଧ୍ୟରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ଅନିଲ ଚୌହାନ୍ ଓ ୩ ସେନା ମୁଖ୍ୟଙ୍କ ସହ ଉଚ୍ଚସ୍ତରୀୟ ବୈଠକ କରି ଦେଶର ସୁରକ୍ଷା ସ୍ଥିତି ଓ ସଶସ୍ତ୍ର ବଳର ମୁକାବିଲା ପ୍ରସ୍ତୁତି ନେଇ ସମୀକ୍ଷା କରିଛନ୍ତି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ମଧ୍ୟ ସୀମାରେ ସୁରକ୍ଷା ସ୍ଥିତିକୁ ନେଇ ଏକ ବୈଠକ କରିଛନ୍ତି। ଦୁଇଦେଶ ମଧ୍ୟରେ ସାମରିକ ଉତ୍ତେଜନା ବଢ଼ିବାରେ ଲାଗିଥିବାରୁ ଭାରତ ନିଜ ପ୍ରାଦେଶିକ ସେନାକୁ ସକ୍ରିୟ କରିଛି। ଆବଶ୍ୟକ ହେଲେ ୧୪ରୁ ୩୨ ଇନ୍‌ଫାଣ୍ଟ୍ରି ବାଟାଲିୟନ୍‌କୁ ସେନାର ସହାୟକ ଭାବେ ୨୦୨୮ ପର୍ଯ୍ୟନ୍ତ ନିୟୋଜିତ କରାଯାଇପାରେ। ଶତ୍ରୁପକ୍ଷରୁ କୌଣସି ମୁହୂର୍ତ୍ତରେ ପୁଣି ଆକ୍ରମଣ ଉଦ୍ୟମ ହେବା ଆଶଙ୍କା ଥିବାରୁ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ଦେଶର ୨୪ ଏୟାରପୋର୍ଟକୁ ମେ' ୧୫ ଭୋର ୫ଟା ୨୯ ମିନିଟ୍ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ନାଗରିକ ପ୍ରତିରକ୍ଷା କର୍ତ୍ତୃପକ୍ଷମାନଙ୍କୁ ମଧ୍ୟ ଜରୁରୀ ସମୟରେ ଆବଶ୍ୟକ ଉପକରଣ କ୍ରୟ କ୍ଷମତା ପ୍ରଦାନ କରାଯାଇଛି। ସଂଘର୍ଷ ସମୟରେ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀଗୁଡ଼ିକର କୃତ୍ରିମ ଅଭାବୀ ସୃଷ୍ଟିକଲେ ସମ୍ପୃକ୍ତ ବ୍ୟବସାୟୀ କିମ୍ବା ମହଜୁଦକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସରକାରଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି।

ନୂଆଦିଲ୍ଲୀ,୯।୫

ବହିର୍ବ୍ୟାପାର ସଚିବ ବିକ୍ରମ ମିସ୍ରି ଏବଂ ୱିଙ୍ଗ୍ କମାଣ୍ଡର ବ୍ୟୋମିକା ସିଂ ଓ ସେନାର କଲୋନେଲ ସୋଫିଆ କୁ୍ୟରେଶୀ ଶୁକ୍ରବାର ସନ୍ଧ୍ୟାରେ ପ୍ରେସ୍ ବ୍ରିଫିଙ୍ଗ୍ ବେଳେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ତୁର୍କୀରେ ନିର୍ମିତ ପାକିସ୍ତାନୀ ଡ୍ରୋନ୍‌ଗୁଡ଼ିକୁ ଲଦାଖର ସିଆଚେନ୍ ଗ୍ଲାସିୟର ବେସ୍ କ୍ୟାମ୍ପ୍ ଏବଂ ଗୁଜରାଟର କଚ୍ଛ ଅଞ୍ଚଳରେ ମଧ୍ୟ ଦେଖିବାକୁ ମିଳିଥିଲା। ସେଥିରୁ ୫୦ ଡ୍ରୋନ୍‌କୁ ଏୟାର ଡିଫେନ୍ସ ଗନ୍ ଜରିଆରେ ଖସାଇ ଦିଆଯାଇଥିବାବେଳେ ଅନ୍ୟ ୨୦ ଡ୍ରୋନ୍‌କୁ ରେଡିଓ ଫ୍ରିକ୍ୱେନ୍ସି ଦ୍ୱାରା ଅବରୋଧ କରାଯାଇଥିଲା। ଅଧିକାଂଶ ଡ୍ରୋନ୍ ନିରସ୍ତ୍ର ଥିବାରୁ ପାକିସ୍ତାନ ଭାରତର ପ୍ରତିରକ୍ଷା ଶକ୍ତିକୁ ପରୀକ୍ଷା କରିବାକୁ ଚାହିଁଥିବା ମନେକରାଯାଉଛି। ତେବେ ସେଗୁଡ଼ିକ ମଧ୍ୟରୁ ଅନେକ ଡ୍ରୋନ୍‌ରେ କ୍ୟାମେରା ସଂଲଗ୍ନ ହୋଇଥିଲା, ଯଦ୍ୱାରା ଭିଡିଓ ଫୁଟେଜ୍ ପାକିସ୍ତାନରେ ଥିବା ଗ୍ରାଉଣ୍ଡ୍ ଷ୍ଟେଶନଗୁଡ଼ିକୁ ରିଲେ ହୋଇଥିବା ☞ପୃଷ୍ଠା-୮

## ଏଲ୍ଓସିରେ ପାକ୍ ସେନାର ଶେଲ୍ ମାଡ଼: ଯବାନ ଶହୀଦ

ନୂଆଦିଲ୍ଲୀ,୯।୫



ଏମ୍. ମୁରଲୀ ନାଏକ

ନିୟନ୍ତ୍ରଣ ରେଖା (ଏଲ୍ଓସି) ନିକଟରେ ଶୁକ୍ରବାର ଭୋର ସମୟରେ ପାକ୍ ସେନାର ଶେଲ୍ ମାଡ଼ରେ ଜଣେ ଭାରତୀୟ ଯବାନ ଶହୀଦ ହୋଇଛନ୍ତି। ଏମ୍. ମୁରଲୀ ନାଏକ(୨୫) ନାମକ ଏହି ଯବାନଙ୍କ ଘର ଆନ୍ଧ୍ରପ୍ରଦେଶର ସତ୍ୟସାଇ ଜିଲାରେ। ବରିଷ୍ଠ ସେନା ଅଧିକାରୀ ଫୋନ୍ ଯୋଗେ ମୁରଲୀଙ୍କ ମାଆଙ୍କୁ ଏହି ଖବର ଦେଇଛନ୍ତି। ମୁରଲୀ ନିୟନ୍ତ୍ରଣ ରେଖା ☞ପୃଷ୍ଠା-୮

## ଚାନ୍ଦିପୁରରେ ହାଇ ଆଲର୍ଟ

- ବସିଲା ଜରୁରିକାଳୀନ ବୈଠକ
- ସୁରକ୍ଷା ସମ୍ପର୍କରେ ଆଲୋଚନା

ବାଲେଶ୍ୱର,୯।୫(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ବିକାଶ ପ୍ରତିଷ୍ଠାନ (ଡିଆର୍‌ଡିଓ) ପିଏକ୍ସଇ କ୍ୟାମ୍ପସ ପରିସରରେ ଶୁକ୍ରବାର ଅପରାହ୍ନ ୨ଟାରେ ଏକ ଜରୁରିକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୂର୍ବାଞ୍ଚଳ ଡିଆଇଜି ଡା. ସତ୍ୟଜିତ୍ ନାୟକ ଅଧ୍ୟକ୍ଷତା କରିଥିଲେ। ଚାନ୍ଦିପୁର ଆଇଟିଆରର ନିର୍ଦ୍ଦେଶକ, ପିଏକ୍ସଇ ନିର୍ଦ୍ଦେଶକ, ବାଲେଶ୍ୱର ଜିଲାପାଳ ଓ ଏସ୍‌ପିଙ୍କ ସମେତ ବରିଷ୍ଠ ଅଧିକାରୀ ବୈଠକରେ ଉପସ୍ଥିତ ଥିଲେ। ପ୍ରତିରକ୍ଷା ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଗୁରୁତ୍ୱାରୋପ ଏବଂ ପ୍ରସ୍ତୁତି ପଦକ୍ଷେପ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ଓଡ଼ିଶା ପୋଲିସ ବିଭାଗ ପକ୍ଷରୁ




ଚାନ୍ଦିପୁରରେ ହାଇଆଲର୍ଟ ଜାରି ହୋଇଛି। ବର୍ତ୍ତମାନ ପରିସ୍ଥିତିକୁ ଦୃଷ୍ଟିରେ ରଖି ସୀମାବର୍ତ୍ତୀ ଇଲାକାକୁ ☞ପୃଷ୍ଠା-୮


SIKSHA 'O' ANUSANDHAN

SAAT-2025

Empowering students for a brighter future

NURSING PROGRAMMES OFFERED
- B.SC. (Nursing) (Basic)
- B.SC. (Nursing) (Post Basic)
- M.SC. (Nursing)

APPROVAL & RECOGNITIONS
- Approved by UGC and INC
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2024
- 14th Best in University Category
- 21st Best in Medical Category
- 09th Best in Dental Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in


A quality product from
PAN BAHAR
ସବୁଆଡ଼େ
बहार
ଅଛି!
NEW PACK
PAN BAHAR PRODUCTS (P) LTD.
बहार
खानदानी
इलायची
TOLL FREE NO.: 1800 257 2258
www.panbahar.in




# ଶ୍ରୀକ୍ଷେତ୍ର ପ୍ରବେଶ ପଥରେ କଡ଼ା ଚେକିଂ

■ଭୟଭୀତ ନ ହେବାକୁ ଏସ୍‌ପିଙ୍କ ଅପିଲ

■ବେଳାଭୂମିରେ ହାଇଆଲର୍ଟ ଜାରି

ପୁରୀ,୯।୫(ଅଜିତ୍ କୁମାର ମହାନ୍ତି)



ଶ୍ରୀମନ୍ଦିର ସମ୍ମୁଖରେ ସୁରକ୍ଷା କର୍ମୀମାନଙ୍କୁ ନିୟୋଜିତ କରାଯାଇଛି।

ଏପ୍ରିଲ୍ ୨୨ରେ ଜମ୍ମୁକଶ୍ମୀର ପହଲଗାମ୍‌ଠାରେ ପର୍ଯ୍ୟଟକଙ୍କୁ ପାକିସ୍ତାନର ଆତଙ୍କବାଦୀମାନେ ହତ୍ୟା କରିବା ପରେ ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ଲାଗିରହିଛି। ଭାରତର ଅପରେଶନ 'ସିନ୍ଦୂର' ମାଧ୍ୟମରେ ପାକିସ୍ତାନର ୯ ଆତଙ୍କୀ ଆଡ୍ଡା ଉପରେ ଆକ୍ରମଣ କରିଥିଲା। ଉକ୍ତ ଘଟଣାକୁ ନେଇ ପାକିସ୍ତାନ ପକ୍ଷରୁ ଗୁରୁବାର ଭାରତର ବିଭିନ୍ନ ସହର ଉପରେ ଆକ୍ରମଣ କରାଯାଇଥିଲା। ଫଳରେ ଭାରତ ଏବଂ ପାକିସ୍ତାନମଧ୍ୟରେ ଏକପ୍ରକାର ଯୁଦ୍ଧ ଆରମ୍ଭ ହୋଇଯାଇଛି। ଭାରତ-ପାକ୍ ସୀମାରେ ଉତ୍ତେଜନା ଦେଖାଯାଇଥିବାବେଳେ ଦେଶର ପ୍ରମୁଖ ସ୍ଥାନରେ ସରକାରଙ୍କ ପକ୍ଷରୁ ହାଇଆଲର୍ଟ ଜାରି କରାଯାଇଛି। ପୁରୀ ସହର, ଶ୍ରୀମନ୍ଦିର ସହ ଜିଲାର ବିଭିନ୍ନ ସ୍ଥାନଗୁଡ଼ିକରେ ହାଇଆଲର୍ଟ ଜାରି କରାଯାଇଛି। ପୋଲିସ ପକ୍ଷରୁ ବିଶେଷକରି ଶ୍ରୀମନ୍ଦିରରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି। ଶ୍ରୀମନ୍ଦିର ଚାରିପାଖରେ ସଶସ୍ତ୍ର ସୁରକ୍ଷା ବାହିନୀକୁ ମୁତୟନ କରାଯାଇଛି।

ଶ୍ରୀମନ୍ଦିରକୁ ପ୍ରବେଶ କରୁଥିବା ଭକ୍ତଙ୍କୁ କଡ଼ା ଚେକିଂ କରାଯାଉଛି। ସେହିପରି ପୁରୀ ସହରକୁ ସଂଯୋଗ କରୁଥିବା ସମସ୍ତ ପ୍ରବେଶ ପଥରେ ପୋଲିସ ପକ୍ଷରୁ ନାକା ଲଗାଯାଇ ଗାଡ଼ି ଚେକିଂ କରାଯିବା ସହ ସମସ୍ତ କାଗଜପତ୍ର ଯାଞ୍ଚ କରାଯାଇ ଛଡ଼ାଯାଉଛି। ପୁରୀସହର ବଙ୍ଗୋପସାଗର ଉପକୂଳରେ ଥିବାରୁ ସମୁଦ୍ର ବାଟ ଦେଇ ବାହ୍ୟଶତ୍ରୁ ପ୍ରବେଶ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ପୁରୀ ଏବଂ ଆଖପାଖ ଅଞ୍ଚଳରେ ତଟରକ୍ଷୀ ବାହିନୀ ପକ୍ଷରୁ କଡ଼ା ପ୍ରହରା ଦିଆଯିବା ସହ ସମସ୍ତ ଗତିବିଧି ଉପରେ ନଜର ରଖାଯାଇଛି। ପୁରୀକୁ ଆସୁଥିବା ପର୍ଯ୍ୟଟକ ଓ ଶ୍ରଦ୍ଧାଳୁ ପ୍ରାୟତଃ ହୋଟେଲ୍, ଲଜ୍, ହଲିଡେ ହୋମ ଆଦିରେ ଅବସ୍ଥାନ କରିଥାନ୍ତି। ତେଣୁ ପୋଲିସ ପକ୍ଷରୁ ହୋଟେଲଗୁଡ଼ିକ ଯାଞ୍ଚ କରାଯିବା ସହ ସିସିଟିଭି ଫୁଟେଜ୍, ରେଜିଷ୍ଟର ଆଦି ଚେକିଂ କରାଯାଉଛି। ଶୁକ୍ରବାର ସକାଳୁ ଶ୍ରୀମନ୍ଦିର ଚାରିପାଖରେ ପୋଲିସ ମୁତୟନ ଅଧିକ କରାଯିବା ସହ ବନ୍ଧୁକଧାରୀ ପୋଲିସ ନିୟୋଜିତ କରାଯାଇଛି। ଏନେଇ ପୁରୀ ଏସ୍‌ପି ଭୀନିତ୍ ଅଗ୍ରୱାଲ କହିଛନ୍ତି, ପୁରୀରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ବ୍ୟାପକ କରାଯାଇଛି। ଶ୍ରୀମନ୍ଦିର ସହ ଅନ୍ୟାନ୍ୟ ପ୍ରମୁଖ ସ୍ଥାନଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଜରୁରିକାଳୀନ ପରିସ୍ଥିତି ପାଇଁ ଟିମ୍‌କୁ ଆଲର୍ଟ କରି ରଖାଯାଇଛି। କେହି ଯଦି କୌଣସି ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଦେଖନ୍ତି, ତେବେ ପୋଲିସକୁ ତୁରନ୍ତ ସୂଚନା ଦେବାକୁ ଅଗ୍ରୱାଲ କହିଛନ୍ତି।

# ହୀରାକୁଦ ଜଳଭଣ୍ଡାରର ସୁରକ୍ଷା ବଢ଼ିଲା

ସମ୍ବଲପୁର,୯।୫(ପ୍ରମୋଦ ବହିଦାର)

'ବି' ବର୍ଗର ସମ୍ବେଦନଶୀଳ ସ୍ଥାନ ଭାବେ ପରିଚିତ ହୀରାକୁଦ ଜଳଭଣ୍ଡାରର ସୁରକ୍ଷାକୁ ବଢ଼ାଇ ଦିଆଯାଇଛି । ଏଥିସହ ସହ ମୁଖ୍ୟ ଡ୍ୟାମ୍‌କୁ ପର୍ଯ୍ୟଟକଙ୍କୁ ବାରଣ କରାଯାଇଛି ବୋଲି ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଶୁକ୍ରବାର କହିଛନ୍ତି। ସେ କହିଛନ୍ତି, ହୀରାକୁଦ ଜଳଭଣ୍ଡାର ରାଜ୍ୟର ଅନ୍ୟତମ ପର୍ଯ୍ୟଟନ କେନ୍ଦ୍ର ହୋଇଥିବାରୁ ପ୍ରତିଦିନ ବହୁ ସଂଖ୍ୟାରେ ପର୍ଯ୍ୟଟକଙ୍କ ସମାଗମ ହୋଇଥାଏ। ତେଣୁ ସୁରକ୍ଷାକୁ ଦୃଷ୍ଟିରେ ରଖି ଜନସାଧାରଣଙ୍କ ପାଇଁ ଏହା ବନ୍ଦ କରାଯାଇଛି। ମାତ୍ର ନେହେରୁ ଓ ଗାନ୍ଧୀ ମିନାର, ଜବାହର ପାର୍କରେ ପର୍ଯ୍ୟଟକଙ୍କ ସମାଗମ ପୂର୍ବଭଳି ଜାରି ରହିବ। ପରିସ୍ଥିତିକୁ ଦେଖି ଆଗକୁ ଏଠାରେ ସୁରକ୍ଷା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯିବ। ଆବଶ୍ୟକ ହେଲେ ଉଭୟ ମିନାର ଓ ପାର୍କରେ ପ୍ରବେଶ କଟକଣା ଲାଗୁ କରାଯିବ। ହୀରାକୁଦ ସୁରକ୍ଷାକୁ ଦୃଷ୍ଟିରେ ରଖି ଗତ ୭ ତାରିଖରେ ଜିଲା ପ୍ରଶାସନ ପକ୍ଷରୁ ସିଭିଲ ଡିଫେନ୍ସ ମକ୍‌ଡ୍ରିଲ କରାଯାଇଥିଲା। ଏନେଇ ଜନସାଧାରଣଙ୍କ ମଧ୍ୟରେ ଆବଶ୍ୟକ ସଚେତନତା ସୃଷ୍ଟି ପାଇଁ ସିଭିଲ ଡିଫେନ୍ସ ସ୍ୱେଚ୍ଛାସେବୀ ଭାବରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଏନ୍‌ସିସି, ଏନ୍‌ଏସ୍‌ଏସ୍, ସ୍କାଉଟ୍, ସିଭିଲ ସୋସାଇଟି, ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକ ସହ ସମନ୍ୱୟ ରକ୍ଷା କରାଯାଉଛି। ସିଭିଲ୍ ଡିଫେନ୍ସ ସିଷ୍ଟମକୁ ଆକ୍ଟିଭେଟ୍ କରାଯାଇ ଜିଲା ପୋଲିସ ମୁଖ୍ୟାଳୟରେ ଏକ ଟାଉନ୍ ନିୟନ୍ତ୍ରଣ କକ୍ଷକୁ ମଧ୍ୟ କାର୍ଯ୍ୟକ୍ଷମ କରାଯାଇଛି। ଏଠାରେ ଜଣେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଏବଂ ଜଣେ ନିର୍ବାହୀ ମାଜିଷ୍ଟ୍ରେଟ ଦାୟିତ୍ୱରେ ରହିବେ। ଏହାକୁ ୨୪ ଘଣ୍ଟା ଧରି କାର୍ଯ୍ୟକ୍ଷମ କରାଯିବ। ସେହିଭଳି ଇଣ୍ଟରନେଟ୍ ବ୍ୟାଘାତ କ୍ଷେତ୍ରରେ ହଟ୍‌ଲାଇନର ବ୍ୟବସ୍ଥା କରାଯାଇଛି। ପ୍ରତି କଲେଜର ଏନ୍‌ସିସି, ଏନ୍‌ଏସ୍‌ଏସ୍ ଛାତ୍ରୀଛାତ୍ର ତଥା ସିଭିଲ ସୋସାଇଟି ଓ ସ୍ୱେଚ୍ଛାସେବୀ ସଂସ୍ଥାର ସଭ୍ୟଙ୍କୁ ଏକ ହ୍ୱାଟ୍‌ସଆପ୍ ଗ୍ରୁପ୍ ଜରିଆରେ ଯୋଡ଼ାଯାଉଛି। ଜରୁରିକାଳୀନ ଅଧିକାରୀ ନୂତନ ସେଠ ଏହାର ପ୍ରକ୍ରିୟାକରଣ ଦାୟିତ୍ୱରେ ଥିବାବେଳେ ଜିଲାପାଳ ଏହାକୁ ନିଜେ ତଦାରଖ କରୁଥିବା କହିଛନ୍ତି। ଏଥିସହ ସେ କହିଛନ୍ତି,କେତେକ ସ୍ଥାନରେ ସାଇରନ୍‌ର ବ୍ୟବସ୍ଥା କରାଯାଇଛି। ଜଳଭଣ୍ଡାରର କେତେକ ସମ୍ବେଦନଶୀଳ ସ୍ଥାନକୁ ଚିହ୍ନଟ ମଧ୍ୟ କରାଯାଇଛି ବୋଲି ଜିଲାପାଳ ବୋନ୍ଦର କହିଛନ୍ତି। ଶତ୍ରୁ ଆକ୍ରମଣରେ କ୍ଷତିଗ୍ରସ୍ତ ହେବା ସମ୍ଭାବ୍ୟ ସ୍ଥାନର ସମୀକ୍ଷା କରାଯାଉଛି। ଆଶ୍ରୟସ୍ଥଳୀ ଓ ଡାକ୍ତରଖାନା ଗୁଡ଼ିକ ଟ୍ୟାଗିଂ କରାଯାଉଛି। ଜିଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ସତର୍କ କରି ଦିଆଯାଇଛି। ରାତିରେ ସାଇରନ୍ ବାଜିଲେ ବ୍ଲାକ୍ ଆଉଟ୍ କରାଯିବ। ମାତ୍ର ଏଥିରେ ଭୟଭୀତ ନ ହେବାକୁ ସେ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି। ତେବେ ବର୍ତ୍ତମାନ ବ୍ଲାକ୍ ଆଉଟ୍ ପାଇଁ ସେଭଳି କୌଣସି ନିର୍ଦ୍ଦେଶନାମା ଜାରି ହୋଇନାହିଁ। ଆବଶ୍ୟକସ୍ଥଳେ ନିର୍ଦ୍ଦେଶ ଅନୁଯାୟୀ ଜିଲା ପ୍ରଶାସନ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

# ଭୁବନେଶ୍ୱର ବିମାନବନ୍ଦରରେ ହାଇଆଲର୍ଟ

ଭୁବନେଶ୍ୱର,୯।୫(ସତ୍ୟଜିତ୍ ରାଉତ)- ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ହାଇଆଲର୍ଟ ଜାରି କରାଯାଇଛି। ଶୁକ୍ରବାର ପୂର୍ବାହ୍ନରେ ଏହି ବିମାନ ବନ୍ଦରରେ ଏକ ସନ୍ଦିଗ୍ଧ ବ୍ୟାଗ୍‌କୁ ନେଇ ଚର୍ଚ୍ଚା ସୃଷ୍ଟି ହୋଇଥିଲା। ଏୟାରପୋର୍ଟର ୩ ନମ୍ବର ଲେନ ପାଖରେ ଏକ ଗୋଲାପି ରଙ୍ଗର ଭ୍ୟାନିଟି ବ୍ୟାଗ ପଡ଼ିଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ଯାତ୍ରୀଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା। ଫଳରେ ସିଆଇଏସ୍‌ଏଫ୍ ପକ୍ଷରୁ ଡଗ୍ ସ୍କ୍ୱାଡ୍ ଏବଂ ବମ୍ ସ୍କ୍ୱାଡ୍ ଦ୍ୱାରା ଯାଞ୍ଚ କରାଯାଇଥିଲା। ତେବେ ପରେ ଉକ୍ତ ବ୍ୟାଗ୍‌ଟି ହାଇଦ୍ରାବାଦରୁ ଫେରିଥିବା ଜଣେ ମହିଳା ଯାତ୍ରୀଙ୍କର ବୋଲି ଜଣାପଡ଼ିଥିଲା। ସମ୍ପ୍ରତି ଭାରତ-ପାକିସ୍ତାନ ମଧ୍ୟରେ ଯୁଦ୍ଧଜନିତ ପରିସ୍ଥିତି ଲାଗିରହିଥିବାବେଳେ ଏହି ବ୍ୟାଗକୁ ନେଇ କିଛି ସମୟ ପାଇଁ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ତେବେ ଏୟାରପୋର୍ଟ ହାଇଆଲର୍ଟରେ ଥିବାବେଳେ ପାଟ୍ରୋଲିଂକୁ ବଢ଼ାଇ ଦିଆଯାଇଛି।





COMMITTED TO UNITED NATIONS
SUSTAINABLE DEVELOPMENT GOALS

GENERAL
AIR CONDITIONERS
The Extreme Machine

EXPERIENCE THE JOY OF POWERFUL COOLING




Presenting tropically designed Air Conditioners from General that can deliver exceptional cooling even at 55°C, and are suitable for cooling large-sized rooms with its 25m long reach air flow.

What's more, General Air Conditioner is capable of delivering higher efficiency of 5.34 ISEER as per the new regulation. And they're built to last longer. So, choose wisely, and upgrade to the next level of performance.

5.00 5.34 ISEER UPGRADE
55°C ADVANCED HYPER TROPICAL PRODUCT DESIGN
25m POWERFUL AIRFLOW
6 SPEED FAN CONTROL
Double 3D DOUBLE AUTO SWING
HIGH VOLTAGE PROTECTION 700V
ENERGY SAVING WITH HUMAN SENSOR
With 3 Metres Piping FREE STANDARD INSTALLATION
Brand EMI Powered by pine labs PAY LATER
ANTI-CORROSION HEAT EXCHANGER
BLUE FIN CONDENSER
PM 2.5 FILTER
GROUP CONTROL SYSTEM
Range 155V ~ 280V EXTREME VOLTAGE OPERATION
IoT READY
SELF DIAGNOSIS
10 YEAR WARRANTY ON INVERTER COMPRESSOR
5 YEAR WARRANTY ON INVERTER OUTDOOR PCB

1+4 YEARS EXTENDED COMPREHENSIVE COVER @ ₹6,990/-* ONLY
8 PERIODIC MAINTENANCE CRITICAL PARTS GAS CHARGING SERVICE FREE*
* Applicable on models upto 2.0TR. T&C apply.

Download Catalogue
Installation & Service Support
Extended Comprehensive Cover
Terms & Conditions

*T&C Apply

**Fujitsu General (India) Pvt. Ltd., Email:** info@fujitsu-general.com. **For Enquiries: Odisha:** Nihar Ranjan Sahoo 92373 93086. **Registered Office:** Prestige Cosmopolitan, No. 36, 8th Floor, Sardar Patel Road, Guindy, Chennai 600 032. **CIN:** U31100TN2018FTC126102.

Scan to find a Dealer near you

Also Available at: Reliance digital, croma, GUPTA DISTRIBUTORS, ROHIT, BE, Great Eastern RETAIL, GN, SAI WORLD The Name You Trust

Scan to find a General Arcade Exclusive Showroom



ପାକିସ୍ତାନ ପଟୁ ଗୁରୁବାର ରାତିରେ ଜୋର୍‌ଦାର ଗୁଳିଗୋଳା ବର୍ଷଣ ଯୋଗୁ ଜମ୍ମୁ-କଶ୍ମୀରର ଉରି ଜିଲା ଅନ୍ତର୍ଗତ ଜିଙ୍ଗଲ ଗାଁର ମହମ୍ମଦ ସଲିମ୍‌ଙ୍କ ଘର ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି।



ପାକିସ୍ତାନ ସେନା ପକ୍ଷରୁ ଗୁରୁବାର ରାତିରେ ହୋଇଥିବା ଗୁଳିଗୋଳା ମାଡ଼ରେ ଜମ୍ମୁ-କଶ୍ମୀରର ଉରିସ୍ଥିତ ଏକ ଘର ଧ୍ୱସ୍ତ ହୋଇଯାଇଛି।



ପାକିସ୍ତାନର ଗୁଳି ଓ ମାର୍ଟାର ମାଡ଼ରେ କ୍ଷତିଗ୍ରସ୍ତ ହୋଇଥିବା ସୀମାନ୍ତ ଅଞ୍ଚଳକୁ ଶୁକ୍ରବାର ପରିଦର୍ଶନ କରୁଛନ୍ତି ଜମ୍ମୁ-କଶ୍ମୀରର ଲ୍ୟୁଟ୍‌ନାଣ୍ଟ ଗଭର୍ଣ୍ଣର ମନୋଜ ସିହ୍ନା।



ପାକିସ୍ତାନର ଗୁଳିଗୋଳା ମାଡ଼ରେ କ୍ଷତିଗ୍ରସ୍ତ ହୋଇଥିବା ଜମ୍ମୁ-କଶ୍ମୀରର ପୁଞ୍ଛ ଅନ୍ତର୍ଗତ ମେନ୍ଧର ଗ୍ରାମର ଦୋକାନ ନିକଟରେ ଲୋକେ ଠିଆ ହୋଇଛନ୍ତି।



ଜମ୍ମୁ-କଶ୍ମୀରର ଉରିସ୍ଥିତ ଏକ ଘର ପାକ୍ ସେନାର ମାର୍ଟାର ମାଡ଼ରେ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି।




ଭାରତ-ପାକିସ୍ତାନ ସଂଘର୍ଷ ଯୋଗୁ ଶୁକ୍ରବାର ପଞ୍ଜାବର ପଟିଆଲାକୁ ଛାଡ଼ି ନିଜ ଘର ଅଭିମୁଖେ ବାହାରିଥିବା କଲେଜ ଛାତ୍ରମାନେ।




ଜମ୍ମୁ-କଶ୍ମୀରର ଉରି ଅଞ୍ଚଳର ଏକ ପରିବାର ଶୁକ୍ରବାର ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ହେଉଛନ୍ତି।




ଜମ୍ମୁ-କଶ୍ମୀରର ଡୋଡା ଏବଂ କିସ୍ତୱର ଅଞ୍ଚଳର ଲୋକମାନେ ଶୁକ୍ରବାର ନିଜ ଘରକୁ ଯିବା ପାଇଁ ଜମ୍ମୁ ବସ୍‌ଷ୍ଟାଣ୍ଡ ବାହାରେ ବସ୍‌କୁ ଅପେକ୍ଷା କରି ରହିଛନ୍ତି। ଜମ୍ମୁରେ ଗୁରୁବାର ରାତିରେ ପାକିସ୍ତାନ ପଟୁ ହୋଇଥିବା ଗୁଳିବର୍ଷଣଜନିତ ଆତଙ୍କକୁ ସେମାନେ ଅଙ୍ଗେ ନିଭାଇଛନ୍ତି।



ଗୁରୁବାର ରାତିରେ ପାକିସ୍ତାନର ଗୁଳିଗୋଳା ମାଡ଼ ପରେ ପୁଞ୍ଛର ମେନ୍ଧରରୁ ଲୋକେ ଶୁକ୍ରବାର ସୁରକ୍ଷିତ ସ୍ଥାନକୁ ଯାଉଛନ୍ତି।



ଭାରତ-ପାକିସ୍ତାନ ମଧ୍ୟରେ ସଂଘର୍ଷ ଜାରି ରହିଥିବାବେଳେ ଜମ୍ମୁ-କଶ୍ମୀରର ସାମୟିକ ଆଶ୍ରୟସ୍ଥଳରେ ରହିଥିବା ସୀମାନ୍ତ ଅଞ୍ଚଳର ବାସଚ୍ୟୁତ୍ ଲୋକଙ୍କୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଭେଟି ଆଶ୍ୱାସନା ଦେଉଛନ୍ତି।



ପୁଞ୍ଛର ମେନ୍ଧରରୁ ଲୋକଙ୍କୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଶୁକ୍ରବାର ସୁରକ୍ଷିତ ଅଞ୍ଚଳକୁ ସ୍ଥାନାନ୍ତର କରାଯାଉଛି।

# ଆଶଙ୍କାରେ ସୀମାନ୍ତବାସୀ

## ସହରରେ ବ୍ଲାକ୍‌ଆଉଟ୍, ଯୁଦ୍ଧ ସାଇରନ୍



**ପାକିସ୍ତାନୀ ସେନା କୌଣସି ମୁହୂର୍ତ୍ତରେ ଭାରତର ସମାନ୍ତ ସହରଗୁଡ଼ିକ ଉପରେ ଆକ୍ରମଣର ଦୁଃସାହସ କରିପାରେ। ଲଗାତର ୩ ଦିନ ଧରି ଏଭଳି ଆଶଙ୍କାରେ ରହିଛନ୍ତି ସୀମାନ୍ତବାସୀ। ଅନେକ ସ୍ଥାନରେ ବୋମା ଭଳି ସନ୍ଦିଗ୍ଧ ବସ୍ତୁ ଠାବ ହୋଇଥିବାବେଳେ ଆକାଶରେ ଡ୍ରୋନ୍ ଚକ୍କର ମାରୁଥିବା ଦେଖିବାକୁ ମିଳିଛି। ଏହାକୁ ଦୃଷ୍ଟିରେ ରଖି ସୀମାନ୍ତ ରାଜ୍ୟର ସହରଗୁଡ଼ିକରେ ସମ୍ପୂର୍ଣ୍ଣ ବ୍ଲାକ୍‌ଆଉଟ୍ ନିର୍ଦ୍ଦେଶ ଦିଆଯାଇଛି। ଯୁଦ୍ଧ ସାଇରନ୍ ବଜାଇ ନାଗରିକଙ୍କୁ ସତର୍କ କରାଯାଉଛି।**

ନୂଆଦିଲ୍ଲୀ/ଶ୍ରୀନଗର/ଚଣ୍ଡିଗଡ଼,୯।୫

ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ଚରମସୀମାରେ ପହଞ୍ଚିଥିବାବେଳେ ଗୁରୁବାର ରାତିରେ ଶ୍ରୀନଗରଠାରୁ ଚଣ୍ଡିଗଡ଼ ଏବଂ ଭୁଜ୍ ପର୍ଯ୍ୟନ୍ତ ୧୫ ସୀମାନ୍ତ ସହରରେ ବ୍ଲାକ୍‌ଆଉଟ୍ କରାଯାଇଥିଲା। ପଶ୍ଚିମ ଏବଂ ଉତ୍ତର ଫ୍ରଣ୍ଟିୟରରେ ଥିବା ଭାରତୀୟ ସେନା ଘାଟିଗୁଡ଼ିକୁ ଟାର୍ଗେଟକରି ପାକିସ୍ତାନ ଛାଡ଼ିଥିବା ଡ୍ରୋନ୍ ଏବଂ ମିଶାଇଲ୍‌ଗୁଡ଼ିକୁ ଭାରତୀୟ ଏୟାର ଡିଫେନ୍ସ ସିଷ୍ଟମ୍ ସଫଳତାର ସହ ଖସାଇଦେଇଥିଲା। ଏହି ପରିପ୍ରେକ୍ଷୀରେ ଉପରୋକ୍ତ ଅଞ୍ଚଳଗୁଡ଼ିକର ସମସ୍ତ ଆଲୋକକୁ ବନ୍ଦ କରିଦିଆଯାଇ ବ୍ଲାକ୍‌ଆଉଟ୍ କରାଯାଇଥିଲା। ରାଜସ୍ଥାନର ଜୈସାଲମେର୍‌ରେ ସୁରକ୍ଷାଗତ କାରଣରୁ ଜିଲା ପ୍ରଶାସନ ପକ୍ଷରୁ କଠୋର ଗାଇଡ୍‌ଲାଇନ ଜାରି କରାଯାଇ ଶୁକ୍ରବାର ସନ୍ଧ୍ୟାରୁ ଏହାକୁ ଅନୁପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତଦନୁଯାୟୀ ରବିବାର ସକାଳ ପର୍ଯ୍ୟନ୍ତ ଜୈସାଲମେର୍ ସହର ସମ୍ପୂର୍ଣ୍ଣ ବ୍ଲାକ୍‌ଆଉଟ୍ ରହିବ। ଏହି ସମୟରେ ଘର, ରାସ୍ତାଘାଟ ସମେତ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକର ଆଲୋକ ବନ୍ଦ ରହିବ। ସହରର ସମସ୍ତ ବଜାର ସନ୍ଧ୍ୟାଠାରୁ ସମ୍ପୂର୍ଣ୍ଣ ବନ୍ଦ ରଖାଯାଉଛି। ଶୁକ୍ରବାର ସକାଳେ ଜୈସାଲମେରରୁ ବୋମା ସଦୃଶ ସନ୍ଦିଗ୍ଧ ସାମଗ୍ରୀ ମିଳିବା ପରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ସେହିପରି ଜମ୍ମୁ ରିଜିଅନ୍‌ରେ ମଧ୍ୟ ବ୍ଲାକ୍‌ଆଉଟ୍ କରାଯିବା ସହ ଯୁଦ୍ଧ ସାଇରନ୍ ଜରିଆରେ ଲୋକଙ୍କୁ ସତର୍କ କରାଯାଇଛି।

ନାଗରିକ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ପ୍ରାଥମିକ ପଦକ୍ଷେପ ସ୍ୱରୂପ ସହରଗୁଡ଼ିକୁ ଅନ୍ଧକାର କରାଯାଇଥାଏ। ଗତ ବୁଧବାର ଦେଶର ୨୪୪ଟି ସିଭିଲ୍ ଡିଫେନ୍ସ ଜିଲାରେ ମକ୍ ଡ୍ରିଲ୍ ବେଳେ ପରୀକ୍ଷାମୂଳକ ଭାବେ ବ୍ଲାକ୍ ଆଉଟ୍ କରାଯାଇଥିଲା। ଆକାଶମାର୍ଗରୁ ଆକ୍ରମଣ ସମୟରେ ସୁରକ୍ଷା ବ୍ୟବସ୍ଥା ସ୍ୱରୂପ ଆଲୋକ କଟକଣା ଏକ ଗୁରୁତ୍ୱପୂର୍ଣ୍ଣ ସତର୍କତା ପଦକ୍ଷେପ। ଏହା ଦ୍ୱାରା ରାତି ସମୟରେ ଶତ୍ରୁପକ୍ଷର ବିମାନ ଆକ୍ରମଣରୁ ଜନସାଧାରଣ ଏବଂ ଭିତ୍ତିଭୂମିକୁ ସୁରକ୍ଷା ଦିଆଯାଇଥାଏ। ଇତିମଧ୍ୟରେ ଜମ୍ମୁ, ସାମ୍ବା ଓ ପଠାନ୍‌କୋଟରେ ମଧ୍ୟ ସନ୍ଦିଗ୍ଧ ଡ୍ରୋନ୍ ଦେଖିବାକୁ ମିଳିଛି। ଲୋକଙ୍କୁ ସତର୍କ ହେବା ପାଇଁ ଶ୍ରୀନଗରର ମସ୍‌ଜିଦଗୁଡ଼ିକରେ ଥିବା ଡାକବାଜି ଯନ୍ତ୍ର ଜରିଆରେ ଘୋଷଣା କରାଯାଇଛି। ଜମ୍ମୁ-କଶ୍ମୀର, ପଞ୍ଜାବ ଓ ରାଜସ୍ଥାନର ସୀମାନ୍ତ ଅଞ୍ଚଳରେ ବସବାସ କରୁଥିବା ଲୋକେ ଯୁଦ୍ଧ ଆଶଙ୍କା କରି କେତେବେଳେ କ'ଣ ଘଟିବ ତାକୁ ଚାହିଁ ରହିଛନ୍ତି। କିନ୍ତୁ ଭାରତୀୟ ସେନା ପ୍ରତି ରହିଥିବା ଆସ୍ଥା ଯୋଗୁ ଗାଁ ଘର ଛାଡ଼ି ଅନ୍ୟତ୍ର ଯାଉନାହାନ୍ତି ବୋଲି ଜଣେ ବ୍ୟକ୍ତି କହିଛନ୍ତି।

**ଆକାଶରେ ଉଡ଼ୁଛି ସନ୍ଦିଗ୍ଧ ଡ୍ରୋନ୍**



ରାଜସ୍ଥାନର ଜୈସାଲମେର ସହର ସମ୍ପୂର୍ଣ୍ଣ ବ୍ଲାକ୍‌ଆଉଟ୍ ହୋଇଛି।

## ବେସାମରିକ ବିମାନକୁ ଢାଲ କରୁଛି ପାକିସ୍ତାନ

ପାକିସ୍ତାନୀ ସେନା ଗୁରୁବାର ରାତିରେ ଭାରତୀୟ ସହରଗୁଡ଼ିକୁ ଟାର୍ଗେଟ କରି ତୁର୍କୀ ନିର୍ମିତ ଡ୍ରୋନ୍ ମାଡ଼ କରୁଥିବାବେଳେ ନିଜ ଦେଶର ଆକାଶପଥକୁ ବନ୍ଦ ନ କରି ବେସାମରିକ ବିମାନ ଚଳାଚଳ ପାଇଁ ଅନୁମତି ଦେଇଥିଲା। ନିଜର ସୁରକ୍ଷା ପାଇଁ ଇସ୍‌ଲାମାବାଦ ବେସାମରିକ ବିମାନ ଉଡ଼ାଣକୁ ଢାଲ ଭାବେ ବ୍ୟବହାର କରିଥିବା ଭାରତ ସରକାର କହିଛନ୍ତି। ଉତ୍ତର ଭାରତର ବିଭିନ୍ନ ବେସାମରିକ ବିଲ୍ଡିଂ, ଧର୍ମୀୟ ସ୍ଥଳ ଏବଂ ସାମରିକ ପ୍ରତିଷ୍ଠାନକୁ ଟାର୍ଗେଟ କରି ପାକ୍ ସେନା ୩୦୦ରୁ ୪୦୦ ଡ୍ରୋନ୍ ଛାଡ଼ିଥିଲା ଯାହାକୁ ଭାରତର ଏୟାର ଡିଫେନ୍ସ ସିଷ୍ଟମ୍ ପ୍ରତିହତ କରିଥିଲା। ଏପରିକି ଶୁକ୍ରବାର ସନ୍ଧ୍ୟାରେ ମଧ୍ୟ ପାକିସ୍ତାନୀ ବାୟୁସୀମାରେ ଫ୍ଲାଇଟ୍ ଟ୍ରାକିଂ ୱେବ୍‌ସାଇଟ୍‌ଗୁଡ଼ିକରେ କେତେକ ବେସାମରିକ ବିମାନ ଉଡ଼ାଣ କରୁଥିବା ଦେଖାଯାଇଛି।

## ପ୍ରାଦେଶିକ ସେନା ଡାକିବାକୁ ସେନା ମୁଖ୍ୟଙ୍କୁ କ୍ଷମତା

ନୂଆଦିଲ୍ଲୀ,୯।୫

ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ଘନଘଟା ବଢ଼ିଥିବାରୁ ଆବଶ୍ୟକ ସହାୟତା ଯୋଗାଇବା ନିମନ୍ତେ ପ୍ରାଦେଶିକ ସେନାକୁ ଡାକିବା ଲାଗି କେନ୍ଦ୍ର ସରକାର ସେନା ମୁଖ୍ୟଙ୍କୁ କ୍ଷମତା ପ୍ରଦାନ କରିଛନ୍ତି। ନିୟମିତ ସେନାକୁ ଜରୁରୀ ସୁରକ୍ଷା କିମ୍ବା ସହାୟତା ଯୋଗାଇଦେବା ଲାଗି ପ୍ରାଦେଶିକ ସେନାକୁ ନିୟୋଜିତ କରାଯାଇପାରିବ। ପ୍ରତିରକ୍ଷା ମନ୍ତ୍ରଣାଳୟର ଜାରି କରିଥିବା ବିଜ୍ଞପ୍ତିରେ କୁହାଯାଇଛି, ଏହି ନିର୍ଦ୍ଦେଶନାମା ୨୦୨୫ ଫେବୃଆରୀ ୧୦ରୁ ୨୦୨୮ ଫେବୃଆରୀ ୯ ପର୍ଯ୍ୟନ୍ତ ୩ ବର୍ଷ ଧରି ବଳବତ୍ତର ରହିବ।

## ଭାରତୀୟ ଧର୍ମପୀଠକୁ ଟାର୍ଗେଟ କରୁଛି ପାକ୍

ନୂଆଦିଲ୍ଲୀ,୯।୫

ଭାରତୀୟ ସେନାକୁ ବଦନାମ କରିବା ପାଇଁ ସୀମାନ୍ତ ଅଞ୍ଚଳରେ ଥିବା ଧର୍ମପୀଠ ଓ ଉପାସନାସ୍ଥଳକୁ ପାକିସ୍ତାନୀ ସେନା ଟାର୍ଗେଟ କରୁଥିବା ବହିର୍ବ୍ୟାପାର ସଚିବ ବିକ୍ରମ ମିସ୍ରି କହିଛନ୍ତି। ପାକିସ୍ତାନୀ ରେଞ୍ଜର୍ସ ଅମୃତସରର ଏକ ଗୁରୁଦ୍ୱାରାକୁ ଆକ୍ରମଣ ଉଦ୍ୟମ କରିଥିଲା। ଏହାଦ୍ୱାରା ଭାରତୀୟଙ୍କ ମନରେ ନିଜ ସେନା ପ୍ରତି ଦୁର୍ଭାବନା ସୃଷ୍ଟି ହେବ ବୋଲି ମନେକରିବା ପାକିସ୍ତାନର ମତିଭ୍ରମ ପରିକଳ୍ପନା ବୋଲି ମିସ୍ରି କହିଛନ୍ତି।





ଟୀକାକରଣ ସୂଚୀ

| ବୟସ | ଟୀକା |
|---|---|
| ଜନ୍ମ ସମୟରେ | ବିସିଜି, ଓପିଭି, ହେପାଟାଇଟିସ୍- ବି (ଜନ୍ମ ମାତ୍ରା) |
| ୬ ସପ୍ତାହ (ଦେଢ ମାସ) | ଓପିଭି-୧, ପେଣ୍ଟାଭାଲେଣ୍ଟ-୧, ଏଫ୍‌ଆଇପିଭି-୧, ଆର୍‌ଭିଭି-୧, ପିସିଭି-୧ |
| ୧୦ ସପ୍ତାହ (ଅଢେଇ ମାସ) | ଓପିଭି-୨, ପେଣ୍ଟାଭାଲେଣ୍ଟ-୨, ଆର୍‌ଭିଭି-୨ |
| ୧୪ ସପ୍ତାହ (ସାଢେ ତିନି ମାସ) | ଓପିଭି-୩, ପେଣ୍ଟାଭାଲେଣ୍ଟ-୩ , ଏଫ୍‌ଆଇପିଭି-୨, ଆର୍‌ଭିଭି-୩, ପିସିଭି-୨ |
| ୯-୧୨ମାସ | ଏମ୍‌ଆର୍-୧, ଭିଟାମିନ୍-କ***,ପିସିଭି ବୁଷ୍ଟର, ଜେଇ-୧,**ଏଫ୍‌ଆଇପିଭି-୩ |
| ୧୬-୨୪ମାସ | ଏମ୍‌ଆର୍-୨,ଭିଟାମିନ୍-କ ***, ଡିପିଟି ବୁଷ୍ଟର-୧, ଓପିଭି ବୁଷ୍ଟର-୧,ଜେଇ-୨ ** |
| ୫-୬ ବର୍ଷ | ଡିପିଟି ବୁଷ୍ଟର-୨ |
| ୧୦ ବର୍ଷ | ଟି.ଡି |
| ୧୬ ବର୍ଷ | ଟି.ଡି |
| ଗର୍ଭବତୀ ମହିଳା | ଟି.ଡି-୧, ଟି.ଡି-୨, ଟି.ଡି ବୁଷ୍ଟର* |

* ଯଦି ୩ ବର୍ଷ ଭିତରେ ଟିଟି/ଟିଡି ଟୀକାର ଦୁଇଟି ମାତ୍ରା ନେଇଥିବେ ।
** କେବଳ ଜେଇ ପ୍ରବଣ ଜିଲ୍ଲା ମାନଙ୍କ ନିମନ୍ତେ
*** ଭିଟାମିନ୍-କ, ୯ ମାସରୁ ଆରମ୍ଭ ହୋଇ ୫ ବର୍ଷ ପର୍ଯ୍ୟନ୍ତ ପ୍ରତି ୬ ମାସ ବ୍ୟବଧାନରେ ଦିଆଯାଏ ।

ଆପଣଙ୍କ ଶିଶୁ ନେଉଥିବା ଟୀକା ଗୁଡିକ ୟୁ-ୱିନ୍ ପୋର୍ଟାଲରେ ଅପ୍‌ଡେଟ୍ କରନ୍ତୁ ।
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
facebook.com/HFWOdisha http://www.health.odisha.gov.in/ @HFWOdisha
OIPR-10003/13/0173/2526



> କୌଣସି ସମାଜରେ ଇତର ଭାବେ ବଞ୍ଚିରହିବା ପାଇଁ ସାଧାରଣ ଉପାଦାନ ଆଉ ପରିବେଶ ସବୁ ଥାଏ। କିନ୍ତୁ ଜୀବନ ଯଦି ବିରାଟ ଆଶା, ଅଭୀପ୍ସା ଓ ଆଦର୍ଶରେ ଊର୍ଦ୍ଧ୍ୱଗାମୀ ନ ହୁଏ, ତା'ହେଲେ ଆମେ କହିବା–ସେ ସମାଜ ପ୍ରକୃତରେ ବଞ୍ଚିନାହିଁ। ମାନବାତ୍ମାର ଯେଉଁ ମହାନ୍ ବୈଶିଷ୍ଟ୍ୟ, ତାହା ସେଠାରେ ଅସଂପୂର୍ଣ୍ଣ। **–ଶ୍ରୀଅରବିନ୍ଦ**



# ହରିୟାଣାର ନୂଆ ବିଭାଗ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ହରିୟାଣା ସରକାର ମେ ୧ରେ ଏକ ନୂତନ ବିଭାଗ 'ଡିପାର୍ଟମେଣ୍ଟ ଅଫ୍ ଫିଉଚର' ଖୋଲିଛନ୍ତି। ବିନା ଘୋଷଣାପତ୍ର, ବିନା ପ୍ରେସ୍ କନ୍‌ଫରେନ୍ସରେ ଏପରି କି ଲକ୍ଷ୍ୟ ସମ୍ପର୍କରେ କୌଣସି ବିବୃତି ନ ରଖି ଏକ ନୂତନ ବିଜ୍ଞପ୍ତି ଜାରି କରି ସରକାର ଦୁଇ ଆଇଏଏସ୍ ଅଧିକାରୀଙ୍କୁ ଦାୟିତ୍ୱ ବଣ୍ଟନ କରିଛନ୍ତି। ଏହି ଦୁଇ ଆଇଏଏସ୍ ଅଧିକାରୀ ହେଉଛନ୍ତି ଅମନିତି ପି କୁମାର ଏବଂ ଡ. ଆଦିତ୍ୟ ଦାହିଆ। ସେମାନେ ଏହି ଦାୟିତ୍ୱକୁ ଭଲଭାବେ ଚଳାଇପାରିବେ ବୋଲି କୁହାଯାଉଥିଲେ ମଧ୍ୟ ଏହା ଉପରେ କେହି ନିଶ୍ଚିତ ନୁହନ୍ତି। ବିଶେଷକରି ଏହାକୁ ନେଇ ଅମଲାତନ୍ତ୍ରିକ ପରିସରରେ ଯେତିକି ଉତ୍ସୁକତା ପ୍ରକାଶ ପାଇଛି ସେତିକି କୌତୂହଳ ସୃଷ୍ଟି ହୋଇଛି। ଏହା ଏକ ଦୀର୍ଘମିଆଦୀ ଯୋଜନା କିମ୍ବା ଏଆଇ (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ) ପରିଚାଳିତ ଶାସନ ହୋଇପାରେ ବୋଲି ଅନେକେ ଆଶ୍ଚର୍ଯ୍ୟ ପ୍ରକଟ କରୁଛନ୍ତି। ଅନ୍ୟମାନେ ଜଳବାୟୁ ପରିବର୍ତ୍ତନ, ଯୁବ ନୂତନତ୍ୱ କିମ୍ବା ଆନ୍ତଃବିଭାଗୀୟ ସହଯୋଗ ପାଇଁ ଏହି ବିଭାଗ ଉପରେ ଜୋର ଦେଉଛନ୍ତି। ଦେଖିବାକୁ ଗଲେ, ଜଣେ ଅଧିକାରୀ ମଧ୍ୟ ଫସରିଜ ଆଣ୍ଡ ଆର୍କାଇଭ୍‌ସକୁ ଚଳାଉଥିବା ବେଳେ ଅନ୍ୟ ଜଣେ ସଂସଦୀୟ ବ୍ୟାପାର ଓ କାର୍ମିକ ବିଭାଗ ସମ୍ଭାଳୁଛନ୍ତି। ତେବେ ଏଭଳି ପଦକ୍ଷେପ ଏକ ଗମ୍ଭୀର ବିଚାର ନା ପ୍ରଶାସନିକ ଲକ୍ଷ୍ୟହୀନ ବିଚାର ତାହା କହିବା କଷ୍ଟକର। ମନେରଖିବାକୁ ହେବ ଯେ, ସରକାରଙ୍କ ଏହି ଭବିଷ୍ୟମୁଖୀ ଶାଖା ସମ୍ପୂର୍ଣ୍ଣ ଭାବେ ବିଦେଶୀ ନୁହେଁ। ୟୁଏଇ ଭଳି ଦେଶଗୁଡ଼ିକ ମିନିଷ୍ଟ୍ରିଜ୍ ଅଫ୍ ଫ୍ୟୁଚର ଅଛି, ଯାହାର ବଜେଟ, ଏଆଇ ରୋଡମ୍ୟାପ ଓ ଦୃଢ଼ ଯୋଜନାଭିତ୍ତିକ ତଥା ପ୍ରଗତିଶୀଳ ଦୃଷ୍ଟିକୋଣ ରହିଛି। ଏସବୁ କେବଳ ପଦପଦବୀ ସୀମିତ ନୁହନ୍ତି। ବିଭାଗ ଖୋଲି ନାମଦେବା କେବଳ ଏକ ଅମଲାତନ୍ତ୍ରିକ ପରିବର୍ତ୍ତନ। ଡିପାର୍ଟମେଣ୍ଟ ଅଫ୍ ଫ୍ୟୁଚର ବିଜ୍‌ନେସ୍ କ୍ଷେତ୍ରରେ ଭଲ କାମ କରିବ। ତେବେ ଏହି ବିଭାଗ ଶେଷ ବା ସ୍ଥଗିତ ନ ହେଉ ବୋଲି ଆଶା କରିବା।

### ଖେଡ୍‌କରଙ୍କ ମାମଲା

ପୂଜା ଖେଡ୍‌କର ଶେଷରେ ପୁଣି ସାମ୍ନାକୁ ଆସିଛନ୍ତି। ପୁଣେ ପୋଲିସ ସହ ୨୮୨ ଦିନର ଲୁଚକାଳି ଖେଳ ପରେ ନକଲି ଭିନ୍ନକ୍ଷମ ଏବଂ ଓବିସି ପ୍ରମାଣପତ୍ର ଅଭିଯୋଗ ରହିଥିବା ପୂର୍ବତନ ଆଇଏଏସ୍ ପ୍ରୋବେଶନର ସାମ୍ନାକୁ ଆସି ତଦନ୍ତର ସମ୍ମୁଖୀନ ହେବା ପାଇଁ ଉପସ୍ଥିତ ହୋଇଛନ୍ତି। ପୂଜାଙ୍କ ମାମଲା ଗତବର୍ଷ ଝଡ଼ ସୃଷ୍ଟି କରିଥିଲା। ଠକାମିର ଅଭିଯୋଗ, ଚାକିରିରୁ ବିଦା ହେବା ପରେ ଯାହା ଘଟିଥିଲା ତାହା ଅସ୍ପଷ୍ଟ ରହିଥିଲା ଏବଂ ଏଯାବତ ସବୁକିଛି ନୀରବ ରହିଛି। ବାସ୍ତବରେ ଏଠାରେ ଅଭିଯୋଗ ବଡ଼ ସମସ୍ୟା ନୁହେଁ, ବରଂ ବିନା ପ୍ରତିକ୍ରିୟାରେ କିଭଳି ତାଙ୍କୁ ଏତେ ସମୟ ଅଦୃଶ୍ୟ ହେବାକୁ ଅନୁମତି ଦିଆଗଲା। ପାଖାପାଖି ୧୦ ମାସ ହେବ ଏହି ହାଇ ପ୍ରୋଫାଇଲ ମାମଲା ଶିଥିଳ ପଡ଼ିଗଲା। ବାସ୍ତବରେ ସେ ଦେଖାଦେଉ ନ ଥିଲେ ନା ତାଙ୍କ ଉପରେ କୌଣସି ଚାପ ନ ଥିଲା। ସେ ସରକାରଙ୍କୁ କିଛି ଜଣାଇ ନ ଥିଲେ। ଜଣେ ନାଗରିକ ଯଦି ଏଭଳି ପଦକ୍ଷେପ ନେବାକୁ ଚେଷ୍ଟା କରନ୍ତି, ତେବେ ତାଙ୍କ ଗତିବିଧି ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯିବା ସହ ତାଙ୍କୁ ଅଟକ ରଖାଯିବା ସହ ତୁରନ୍ତ ତାଙ୍କ ବିରୋଧରେ ଆଇନଗତ ନୋଟିସ ଜାରି କରାଯାଇପାରିଥାନ୍ତା। ଏଣୁ ତାଙ୍କୁ କ'ଣ ପାଇଁ ଏଭଳି ଛାଡ଼ କରାଗଲା। ପ୍ରକୃତରେ ଏହା ହେଉଛି ପ୍ରଶ୍ନ। ଏହି ପ୍ରଶ୍ନଗୁଡ଼ିକୁ ଅଣଦେଖା କରିବା ଉଚିତ ନୁହେଁ। ଏ କ୍ଷେତ୍ରରେ ତାଙ୍କୁ ପୂରା ରାଜନୈତିକ ସୁରକ୍ଷା ଦିଆଯାଇଥିଲା କି? ଏହା ଏକ ପ୍ରଶାସନିକ ଉଦାସୀନତା ଥିଲା କି? କିମ୍ବା ଉପେକ୍ଷା ଯୋଗୁ ସେ ଦଣ୍ଡରୁ ରକ୍ଷା ପାଇଛନ୍ତି ବୋଲି ଆମେ ବିଶ୍ୱାସ କରିପାରିବା କି? ଏହା କେବଳ ପୂଜା ଖେଡ୍‌କରଙ୍କ କଥା ନୁହେଁ, ବରଂ ଆମ ବ୍ୟବସ୍ଥା ନିର୍ଦ୍ଦିଷ୍ଟ ଭାବେ ଭୁଲିଯାଏ, ଛାଡ଼ କରିଦିଏ ଏବଂ ବେଳେବେଳେ ଅନୁଚିତ ଆଚରଣକୁ ସୁଯୋଗ ଦିଏ ତାହାକୁ ଏହା ସୂଚିତ କରେ। ଯଦି ଏହି ମାମଲାକୁ ଅସ୍ପଷ୍ଟ ରଖାଯାଏ ତେବେ ତାହା ସିଭିଲ ସର୍ଭିସର ଦୃଢ଼ ବ୍ୟବସ୍ଥାରେ ଥିବା ଲୋକଙ୍କ ବିଶ୍ୱାସକୁ କ୍ଷତି କରିବ, ଯାହାକୁ ଫେରାଇ ଆଣିବା ଅତ୍ୟନ୍ତ କଷ୍ଟକର ହୋଇଯିବ।

### ବାବୁଗିରି ରବର ଷ୍ଟାମ୍ପ ନୁହେଁ

ଅମଲାତନ୍ତ୍ର ଯଦି ଏକ ଖେଳ ହୁଏ, ତେବେ ରେଫରି, ଉପସ୍ଥିତ ଦର୍ଶକ ଏବଂ ବେଳେବେଳେ ଟିମ୍ ଅଶୋକ ଖେମକାଙ୍କୁ ଖେଳିବାକୁ ନ ଚାହିଁଲେ ମଧ୍ୟ ସେ ପଡ଼ିଆକୁ ଓହ୍ଲାଇ ଆସିଥାନ୍ତି। ତାଙ୍କ କ୍ୟାରିୟର ୩୪ ବର୍ଷ ମଧ୍ୟରେ ଆଶ୍ଚର୍ଯ୍ୟଜନକ ଭାବେ ୫୭ଟି ବଦଳିକୁ ସାମ୍ନା କରିଥିଲେ ମଧ୍ୟ ସେ ବାବୁସାମ୍ରାଜ୍ୟର ଲଟୁଆ ଖେଳାଳିମାନଙ୍କ ମଧ୍ୟରେ ଅନ୍ୟତମ ଅଧିକାରୀ। ଖେମକା ଥିଲେ ଜଣେ ବ୍ୟକ୍ତି, ଯିଏ କି ବିବେକାନୁମୋଦିତ କାମ କରିବା ସହ ବିଭିନ୍ନ ବ୍ୟବସ୍ଥାଗତ ସମସ୍ୟାକୁ ସାମ୍ନାକୁ ଆଣୁଥିଲେ। ୨୦୧୨ରେ ରବର୍ଟ ଭଦ୍ରାଙ୍କ ଡିଏଲ୍‌ଏଫ୍ ଜମି କିଣାବିକା ମାମଲାକୁ ରଦ୍ଦ କରିଥିଲେ, ଯାହା ତାଙ୍କୁ ପ୍ରଶାସନିକ ଇତିହାସରେ ଏକ ସ୍ଥାନ ଦେଇଛି। ସେ ବହୁ ଘଟଣାରେ ପ୍ରଶ୍ନ ଉଠାଇଆସିଛନ୍ତି, ତଦନ୍ତ କରିଛନ୍ତି ଏବଂ ଏହା ପାଇଁ ବଦଳିର ସମ୍ମୁଖୀନ ହୋଇଛନ୍ତି। ତାଙ୍କ ବଦଳିର କାହାଣୀ ଏକ ରୋମାଞ୍ଚକର ଉପନ୍ୟାସ ହୋଇପାରିବ। କିନ୍ତୁ କଠିନ ସ୍ଥିତିରେ ହାରି ନ ଯାଇ ସେ ତାଙ୍କ ଯୋଜନା ଓ ବିଚାରରେ ପରିବର୍ତ୍ତନ କରିନାହାନ୍ତି। ସେ ତାଙ୍କ କଲମ ଓ ନୀତିକୁ ସମାନ ଭାବେ ଉପଯୋଗ କରିଆସିଛନ୍ତି। ଏହା ନିଃସନ୍ଦେହ ଯେ, ତାଙ୍କ ମନୋବଳ ଦୃଢ଼ ଥିଲା। ସେ ଅସୁବିଧାରେ ପଡ଼ିଲେ ବି ଅନ୍ୟମାନଙ୍କୁ ସମସ୍ୟାରେ ପକାଉଥିଲେ। ତଥାପି ତାଙ୍କର ଆବଶ୍ୟକତା ରହିଥିଲା। ଖେମକା ଆମକୁ ସ୍ମରଣ କରାଇ ଦେଇଛନ୍ତି ଯେ, ବାବୁଗିରି ରାଜନୈତିକ ଲକ୍ଷ୍ୟ ପାଇଁ ଏକ ରବର ଷ୍ଟାମ୍ପ ନୁହେଁ। ଏହା ହେଉଛି ଶାସନର ମେରୁଦଣ୍ଡ। ସେ ଏବେ ଅବସରପ୍ରାପ୍ତ ଅଧିକାରୀ। ତାଙ୍କ ନୀରବତା ଅନେକ କିଛି କହିବ। ଭବିଷ୍ୟତରେ ଆଉ ଜଣେ ଖେମ୍‌କା ଠିକ କାମ କରି ସେମିତିକା ସ୍ଥିତିକୁ ସାମ୍ନା ନ କରନ୍ତୁ ବୋଲି ଆମେ ଆଶା କରିବା।

Email: dilipcherian@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | 3 | | | | | 1 | |
| 2 | | | | | | | 5 | |
| 9 | | 1 | | | | | | |
| | 9 | 2 | | | 3 | | | |
| | | | 2 | | | 9 | | 5 |
| 6 | | | | | 8 | | 7 | 3 |
| 4 | | 8 | | | 9 | | 6 | |
| | | | 3 | | | | | |
| | | 5 | | 8 | 6 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 5 | 2 | 9 | 8 | 3 | 4 | 6 | 7 |
| 8 | 3 | 7 | 6 | 5 | 4 | 1 | 9 | 2 |
| 9 | 4 | 6 | 7 | 1 | 2 | 8 | 3 | 5 |
| 2 | 8 | 4 | 5 | 3 | 1 | 9 | 7 | 6 |
| 5 | 9 | 3 | 4 | 7 | 6 | 2 | 8 | 1 |
| 6 | 7 | 1 | 2 | 9 | 8 | 3 | 5 | 4 |
| 4 | 1 | 8 | 3 | 6 | 7 | 5 | 2 | 9 |
| 7 | 2 | 9 | 8 | 4 | 5 | 6 | 1 | 3 |
| 3 | 6 | 5 | 1 | 2 | 9 | 7 | 4 | 8 |

ଗତକାଲିର ଉତ୍ତର

# ସବୁ ମନ୍ଦିର ଧାମ ନୁହେଁ



ରଂଜନ କୁମାର ଦାସ

ବିଗତ କିଛି ଦିନ ହେବ ପଶ୍ଚିମବଙ୍ଗର ଦୀଘାରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ହେବା ଓ ତଜ୍ଜନିତ କିଛି ଉକ୍ତି, ଅନୁକ୍ତି ଓ ଦ୍ୱିରୁକ୍ତିକୁ ନେଇ ଅନେକ ତର୍କବିତର୍କର ସୂତ୍ରପାତ ହୋଇଛି। ଏମିତିରେ ଦୀଘାରେ ବା ବିଶ୍ୱର ଯେଉଁ ପ୍ରାନ୍ତରରେ ହେଉ କୌଣସିଠାରେ ନୂଆ କୌଣସି ଜଗନ୍ନାଥ ମନ୍ଦିର ନିର୍ମାଣ ହେବାରେ ବାଧା ନାହିଁ ବା ତାକୁ କେହି ବିରୋଧ କରିବେ ନାହିଁ। ବରଂ ଏହାଦ୍ୱାରା ଜଗନ୍ନାଥ ମହାପ୍ରଭୁଙ୍କ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବଢ଼ିବ ଓ ତାଙ୍କ ମହିମା ଅଧିକରୁ ଅଧିକ ପ୍ରଚାରିତ ପ୍ରସାରିତ ହେବ। ପୃଥିବୀର ବିଭିନ୍ନ ପ୍ରାନ୍ତରରେ ଏପରିକି ସୁଦୂର ଆମେରିକା, ଇଂଲଣ୍ଡରେ ମଧ୍ୟ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ହେଉଛି ଏବଂ ଏହି ସଂଖ୍ୟା ପ୍ରାୟ ଛଅ ହଜାର ପାଖାପାଖି ପହଞ୍ଚିଗଲାଣି। ତାକୁ ନେଇ କୌଣସି ବିବାଦ ବାଦବିବାଦ ନାହିଁ ବରଂ ପ୍ରତ୍ୟେକ ଓଡ଼ିଆ ଏଥିପାଇଁ ନିଜକୁ ଗର୍ବିତ ଅନୁଭବ କରନ୍ତି। ବିବାଦ ହେଲା ତାକୁ 'ଧାମ' ବୋଲି ନାମିତ କରିବା ଉଚିତ କି ନାହିଁ। ଏମିତିରେ ହିନ୍ଦୁଧର୍ମରେ ଚାରିଧାମ କଥା ଉଲ୍ଲିଖିତ ଅଛି, ଯାହାକି ଆଦି ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ପ୍ରତିଷ୍ଠିତ ହେଇଥିଲା। ଏହି ଚାରିଧାମ ହେଲା ପୂର୍ବରେ ପୁରୀ, ପଶ୍ଚିମରେ ଦ୍ୱାରକା, ଉତ୍ତରରେ ବଦ୍ରିନାଥ ଓ ଦକ୍ଷିଣରେ ରାମେଶ୍ୱରମ। ଏମାନଙ୍କ ବ୍ୟତୀତ ଆଉ କୌଣସି ଧାମ ସ୍ୱୀକୃତ ନୁହେଁ। ଯେମିତି ବିଶାଳ ଏକ ଚର୍ଚ୍ଚ ଟିଏ କୋଉଠି ଗଢି ଦେଲେ ସେ ଜାଗା ଭାଟିକାନ ସିଟି ପାଲଟି ଯିବନାହିଁ କି ବିଶାଳ ମସ୍‌ଜିଦଟିଏ କୋଉଠି ଗଢ଼ା ହୋଇଗଲେ ତାହା ମକ୍କା ମଦିନାର ମର୍ଯ୍ୟାଦା ପାଇବ ନାହିଁ ସେମିତି ଯେଉଁଠି ସେଇଠି ଜଗନ୍ନାଥ ମନ୍ଦିରଟିଏ ଗଢିଦେଇ ତାକୁ ଜଗନ୍ନାଥ ଧାମ କୁହାଯାଇ ପାରିବ ନାହିଁ। ଯେଉଁଠି ସାଇ ମନ୍ଦିର ହୁଏ ତାହା ଶିରିଡି ପାଲଟି ଯାଏନି। ଯେଉଁଠି ମଙ୍ଗଳା ମନ୍ଦିର ହୁଏ ତାହା କାକଟପୁର ହୁଏନି କି ଯେଉଁଠି ତାରିଣୀ ମନ୍ଦିର ଗଢ଼ା ହୁଏ ତାହା ଘଟଗାଁର ସ୍ଥାନ ନେଇପାରେନି। ମୂଳ ଧାମ ବା ପୀଠର ମର୍ଯ୍ୟାଦା ସଦାସର୍ବଦା ଅକ୍ଷୁଣ୍ଣ ରହେ। ତେଣୁ ଦୀଘାକୁ କେହି ଯଦି ମନକୁ ମନ ଏକ ଧାମ ଘୋଷଣା କରିଦିଏ ତାହା ବିଭ୍ରାନ୍ତ ସୃଷ୍ଟି କରିବା ସ୍ୱାଭାବିକ କଥା।

ପୃଥିବୀରେ ହଜାର ହଜାର ଜଗନ୍ନାଥ ମନ୍ଦିର ଅଛି ଓ ତହୁଁ ତହୁଁ ବଳି ବଡ ମନ୍ଦିର ଭବିଷ୍ୟତରେ ନିର୍ମାଣ ହେଇପାରେ। ମାତ୍ର କେହି ଶ୍ରୀମନ୍ଦିର ସହ ସମତୁଲ ହେବେ ନାହିଁ କି ସେସବୁକୁ ଶ୍ରୀମନ୍ଦିର କୁହାଯାଇ ପାରିବନାହିଁ। ସବୁ ଜଗନ୍ନାଥ ମନ୍ଦିର ଥିବା ସ୍ଥାନ ଶଙ୍ଖକ୍ଷେତ୍ର ହେବ ନାହଁ କି ସବୁଠି ଥିବା ଜଗନ୍ନାଥ ନୀଳାଦ୍ରିନାଥ ବୋଲାଇବେ ନାହିଁ। ପୁରୀର ମହାତ୍ମ୍ୟ ଅଲଗା। ଏହା ଏକ ପୁରାଣ ପ୍ରସିଦ୍ଧ ସହର। ଏହାର ଐତିହାସିକ ଓ ପୌରାଣିକ ମାନ୍ୟତା ରହିଛି। ଏଠି ଠାକୁରଙ୍କୁ ବଡ଼ଠାକୁର, ମନ୍ଦିରକୁ ବଡ ଦେଉଳ, ଦାଣ୍ଡକୁ ବଡଦାଣ୍ଡ, ପ୍ରସାଦକୁ ମହାପ୍ରସାଦ କୁହାଯାଏ।



ପ୍ରଧାନସେବକ ରାଜାଙ୍କୁ ଗଜପତି କୁହାଯାଏ ଓ ଚଳନ୍ତି ବିଷ୍ଣୁଙ୍କୁ ମାନ୍ୟତା ଦିଆଯାଏ। ଅନ୍ୟକେଉଁଠି ତାହାର ସମକକ୍ଷ ବା ପ୍ରତିରୂପ ଗଠନ ସମ୍ଭବ ନୁହେଁ। ଦୀଘା ଯେତେ ଚେଷ୍ଟା କଲେ ମଧ୍ୟ ପୁରୀର ସମକକ୍ଷ ହେବ ନାହିଁ ଏହା ସର୍ବଜନ ବିଦିତ।

ଏବେ ଶୁଣାଯାଉଛି ସେଠି କୁଆଡେ ପଥରର ମୂର୍ତ୍ତି ନିର୍ମିତ ହୋଇଥିଲା। ତେବେ ତାହା ଦାରୁବ୍ରହ୍ମ ହେବେ କେମିତି? ହେଲେ ହୁଏତ ଶିଳାବ୍ରହ୍ମ ହୋଇଥାନ୍ତେ। ମାତ୍ର ସେଠି ବ୍ରହ୍ମପଦାର୍ଥ ହିଁ ଆରୋପିତ ହୋଇନଥିବାରୁ ତାକୁ ଆଦୌ ବ୍ରହ୍ମ ବୋଲି କୁହାଯାଇପାରିବ ନାହିଁ। ଅନ୍ୟାନ୍ୟ ହଜାର ହଜାର ମନ୍ଦିର ଭଳି ସେଠି କେବଳ ପ୍ରାଣପ୍ରତିଷ୍ଠା ହେଇଥିବ। ସେ ପୂଜାବେଦୀ ଉପରେ ନିମକାଠରେ ଗଢା ମୂର୍ତ୍ତିଟିଏ ସାମୟିକ ଭାବେ ଥୋଇଦେଲେ ତାହା ଦାରୁବ୍ରହ୍ମ ବୋଲାଇବ ନାହିଁ। ସେ ପୂଜାବେଦୀ ମଧ୍ୟ କେଉଁ ରତ୍ନବେଦୀ ନୁହେଁ ଯେ ତାହା ଆପେ ମହିମାମଣ୍ଡିତ ହୋଇଯିବ। କହିରଖେ ଯେ ସବୁ ନିମକାଠ ଦାରୁର ମାନ୍ୟତା ପାଇନଥାଏ। ନବକଳେବର ସମୟରେ ଦଇତାପତିମାନେ ଶ୍ରୀମନ୍ଦିରରୁ ଆଜ୍ଞାମାଳ ନେଇ ମା ମଙ୍ଗଳାଠାରୁ ସ୍ୱପ୍ନାଦେଶ ପାଇ ଦାରୁ ଚିହ୍ନଟ ପାଇଁ ବନଯାଗ ଯାତ୍ରାରେ ଯାଆନ୍ତି ଓ ବିଭିନ୍ନ ଦିବ୍ୟଚିହ୍ନ ଥିବା ଅକ୍ଷତ ନିମ୍ବ ଗଛକୁ ଦାରୁ ଉଦ୍ଦେଶ୍ୟରେ ନିରୂପିତ କରାଯାଏ। ତାକୁ ପୂଜାପାଠ ଓ ଯଜ୍ଞ କରି କର୍ତ୍ତନ କରାଯାଏ ଏବଂ ସସମ୍ମାନେ ଆଣି ଶ୍ରୀମନ୍ଦିର ପରିସରରେ କୋଇଲି ବୈକୁଣ୍ଠଠାରେ ନୂଆ ଦିଅଁଙ୍କ କଳେବର ନିର୍ମିତ ହୁଏ। ବଜାରରେ ଏମିତି ଅନେକ ନିମ୍ବକାଠ ନିର୍ମିତ ଜଗନ୍ନାଥ ମୂର୍ତ୍ତି ମିଳୁଛି, ମାତ୍ର ସେସବୁକୁ ଦାରୁ ମୂର୍ତ୍ତି କୁହାଯାଇପାରିବନି। ଦୀଘା ମନ୍ଦିରରେ ଯେଉଁ ନିମକାଠର ମୂର୍ତ୍ତିକୁ ସାମୟିକ ଭାବେ ବସାଯାଇଥିଲା ତାହା ଶ୍ରୀମନ୍ଦିରରୁ ଯାଇଥିବା ଦାରୁରେ ନିର୍ମିତ କି ନାହିଁ ତାହା ସ୍ପଷ୍ଟ ନୁହେଁ। ସମ୍ପୃକ୍ତ ସେବାୟତ କେତେବେଳେ ପୁରୀରୁ ବଳକା ଦାରୁରେ ଗଢି ନେଇ ସେଠି ଦେଇଛି କହୁଛନ୍ତି ତ କେତେବେଳେ କହୁଛନ୍ତି ଏଭଳି ମନ୍ତବ୍ୟ ଦେଇନି। ମୂର୍ତ୍ତିକାର କହୁଛନ୍ତି ଯେଉଁ ଦାରୁ ବଳକା ଥିଲା ସେଥିରେ ମୂର୍ତ୍ତି ଗଢିବା ସମ୍ଭବ ନୁହେଁ। ଜଣେ ବାଡ଼ଗ୍ରାହୀ କହିଲେ ଯେଉଁଠି ଦାରୁ ଅଛି ସେଠୁ ବାହାରକୁ ନେବା ସମ୍ଭବ ନୁହେଁ। ଆଉ ଜଣେ ବା କହିଲେଣି ସମ୍ପୃକ୍ତ ସେବାୟତ ପଇସା ପାଇଁ ସେଠି ମିଛ କହି ନକଲି ନିମ୍ବର ମୂର୍ତ୍ତି ଦେଇଦେଇଛନ୍ତି। ହୁଏତ ତାହା ଏମିତିରେ ବଜାରରେ ମିଳୁଥିବା ରେଡିମେଡ ମୂର୍ତ୍ତିଟିଏ ହେଇପାରେ। ମାତ୍ର ସତରେ ବି ଯଦି ପୁରୀରୁ ବଳକା ଦାରୁ ଯାଇ ସେ ମୂର୍ତ୍ତି ତିଆରି ହେଇଥାନ୍ତା ତଥାପି ମଧ୍ୟ ଦୀଘା ଏକ ଧାମ ପାଲଟି ଯାଇନଥାନ୍ତା ଏହା ସ୍ପଷ୍ଟ।

ଦୀଘାରେ ମନ୍ଦିର ସିନା ଗଢ଼ା ହୋଇଗଲା ସେଠି ମହାପ୍ରଭୁଙ୍କ ସେବା ପାଇଁ ଛତିଶା ନିଯୋଗ କେଉଁଠୁ ଆସିବେ ? କୋଉଠି ବସିବ ତାଙ୍କ ମୁକ୍ତି ମଣ୍ଡପ ? କିଭଳି କରିବେ ତାଙ୍କ ରଥଯାତ୍ରା ? କୋଉଠି ହେବ ଚନ୍ଦନ ଯାତ୍ରା, ସାହିଯାତ ? ଏମାନଙ୍କ ବିନା କ'ଣ କେଉଁ ମନ୍ଦିର ସତକୁ ସତ ବଡ଼ଦେଉଳର ସ୍ଥାନ ନେଇପାରିବ ? ଏମିତିରେ ପୃଥିବୀର ବିଭିନ୍ନ ଜାଗାରେ ଥିବା ଜଗନ୍ନାଥ ମନ୍ଦିରମାନଙ୍କରେ ରଥଯାତ୍ରା ହୁଏ। କେଉଁଠି ତିନିରଥ ହୁଏତ କେଉଁଠି ଗୋଟିଏ ଗୋଟିଏ ରଥରେ ତିନି ଠାକୁରଙ୍କୁ ନିଆଯାଏ। ସେ ରଥ ସବୁ ନନ୍ଦିଘୋଷ ନା ତାଳଧ୍ୱଜ ନା ଦର୍ପଦଳନ କେଉଁ ନାମରେ ନାମିତ ହେବେ ? ଅନେକ ଜାଗାରେ ମାଉସୀ ମା' ମନ୍ଦିର ନଥାଏ କି ଗୁଣ୍ଡିଚା ମନ୍ଦିର ନଥାଏ। ତେଣୁ ସେ ସବୁ ରଥଯାତ୍ରା କେବଳ ପ୍ରତୀକାତ୍ମକ। କାର୍ତ୍ତିକ ପୂର୍ଣ୍ଣିମାରେ ଘରେ ପାଣି କୁଣ୍ଡ ଭିତରେ କାଗଜ ଡଙ୍ଗା ଭସେଇଲା ଭଳି କଥା। ଦୀଘାରେ ସେମାନେ କ'ଣ କରିବେ ଜଣାନାହିଁ। ଶୁଣାଯାଉଛି ସେଠି ଉପମା, ରୁଟି ଆଦି ଭୋଗରେ ଲାଗୁଛି। ହାସ୍ୟାସ୍ପଦ କଥା। ମାତ୍ର ତାକୁ ନେଇ ବିଶେଷ ବିବ୍ରତ ହେବାର କିଛି କଥା ନାହିଁ। ବିବ୍ରତ ହେଲାଭଳି କଥା ହଉଚି ଯେଉଁମାନଙ୍କୁ ଭରସା କରିବାର କଥା ସେମାନେ ଏ ଘଟଣା ପରେ ଭରସାଯୋଗ୍ୟ ହୋଇ ଆଉ ରହିନାହାନ୍ତି। ତାଙ୍କ ନିଜ ସ୍ୱୀକାରୋକ୍ତି ମତେ ଯଦି ସେମାନେ ଦାରୁ ଚାଲାଣ କରିପାରୁଛନ୍ତି, ମନ୍ଦିରରୁ ଅନ୍ୟ କଣ କଣ କେତେବେଳେ ଚାଲାଣ ଯେ କରିନଦେବେ କୋଉ ଭରସା ଅଛି ? ଅତୀତରେ ଏମିତି ଅନେକ ବିଭ୍ରାଟ ହେଇଚି, ଯାହା ସେମାନଙ୍କର ବିଶ୍ୱସନୀୟତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି। ସେବକଙ୍କ ବିଶ୍ୱସନୀୟତା ଉପରେ ଅବିଶ୍ୱାସ ଯେବେ ବଢିବ ଭକ୍ତଙ୍କ ମନରେ ତତ୍ ସଂପୃକ୍ତ ପ୍ରତ୍ୟେକ କ୍ରିୟା କର୍ମ, ନୀତି କାନ୍ତି ଉପରେ ଅବିଶ୍ୱାସ ବଢ଼ିବ। ତେଣୁ ସେବକମାନେ ଏବେ ଆତ୍ମପ୍ରଚାର ଅପେକ୍ଷା ଆତ୍ମ ନିୟନ୍ତ୍ରଣ ଉପରେ ଅଧିକ ଧ୍ୟାନ ଦେବାର ଆବଶ୍ୟକତା ଅନୁଭୂତ ହେଉଛି। ସେବକମାନେ ଯେତେ ନମ୍ର, ଭଦ୍ର, ଉଦାର, ଯେତେ ସହନଶୀଳ ଓ ନିଷ୍ଠାପର ହେବେ ସେତେ ସମ୍ମାନ ପାଇବେ। ସେମାନେ ବୁଝିବା ଦରକାର ଯେ ଯେମିତି ସବୁ ନିମ୍ବ ଦାରୁ ହେଇପାରେନି ସେମିତି ସେବକ କୁଳରେ ଜନ୍ମିଲେ ମଧ୍ୟ ତା' ଭିତରୁ ସମସ୍ତେ ବନ୍ଧୁ ହେବା, ଭାଇ ହେବା, ଭଗାରି ହେବା ତ ଦୂରର କଥା ବେଳେବେଳେ ସାଧାରଣ ଭକ୍ତଟିଏ ମଧ୍ୟ ବୋଲାଇବାକୁ ଅଯୋଗ୍ୟ ବିବେଚିତ ହୁଅନ୍ତି। କେଉଁ ଜନ୍ମର ପୁଣ୍ୟବଳରୁ ସେମାନେ ସେବକ କୁଳରେ ଜନ୍ମ ପାଇଥାନ୍ତି। ଅନ୍ତତଃ ସେଇ ଜନ୍ମଦାତାଙ୍କ ସମ୍ମାନ ରଖିବାକୁ ସେମାନେ ନିଜ ଆଚରଣ ଓ ଉଚ୍ଚାରଣରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରନ୍ତୁ। ତାଙ୍କ ନିଜର ମାନ ରହିବ, ଜଗନ୍ନାଥଙ୍କର ମଧ୍ୟ ମାନ ରହିବ।

**ଭୁବନେଶ୍ୱର, ମୋ: ୯୪୩୭୨୮୬୫୧୨**

# ପରିବେଶ ସୁରକ୍ଷାରେ ସହରର ବିକାଶ



ସୁଧାଂଶୁ ରଞ୍ଜନ ଦାସ

ମୁଖ୍ୟ ବିଚାରାଳୟ ତେଲଙ୍ଗାନା ସରକାରଙ୍କୁ ହାଇଦ୍ରାବାଦର କାଞ୍ଚା ଗାଚିବୋଲି ସବୁଜ ବଳୟରେ କଟାଯାଇଥିବା ଗଛଗୁଡ଼ିକର ପୁନଃରୋପଣ କରିବାପାଇଁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମ କୋର୍ଟ ତେଲଙ୍ଗାନା ସରକାରଙ୍କ ଆଗରେ ଦୁଇଟି ବିକଳ୍ପ ରଖିଛନ୍ତି। ଗଛ ପୁନଃରୋପଣ କର କିମ୍ବା ଗଛ କାଟିବା ମାମଲାରେ ଲିପ୍ତ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଜେଲ ଯିବାପାଇଁ ପ୍ରସ୍ତୁତ ହୁଅ। ସୁପ୍ରିମ କୋର୍ଟର ନ୍ୟାୟପାଳକ ବେଞ୍ଚ, ବି ଆର୍ ଗାଭାଇ ଓ ଏ ଜି ମାସି କହିଛନ୍ତି 'ପର୍ଯ୍ୟାବରଣର ସୁରକ୍ଷା ପାଇଁ ଆମେ କିଛି ବି ପଦକ୍ଷେପ ନେଇପାରିବୁ।' ବିଗତ ୨୦ ବର୍ଷ ଭିତରେ ହାଇଦ୍ରାବାଦର ବିକାଶ ନାଁରେ ରାଜ୍ୟ ସରକାର ଏକଦା ସ୍ୱର୍ଗ ପରି ସୁନ୍ଦର ପରିବେଶକୁ ଏକ ଯନ୍ତ୍ରଣାଦାୟକ ନଗରରେ ପରିଣତ କରିସାରିଲେଣି। ଚାରିଆଡ଼େ କଂକ୍ରିଟ ଜଙ୍ଗଲ ଯାଦୁ କାଛୁ ପରି ମାଡ଼ିଚାଲିଛି। ଜଙ୍ଗଲ, ଚାଷ ଜମି, ଗଛ ଲତା ଓ ଜଳାଶୟଗୁଡ଼ିକ ଲୋପ ପାଇଗଲାଣି କିମ୍ବା ଜରାଜୀର୍ଣ୍ଣ ଅବସ୍ଥାକୁ ଆସିଗଲେଣି। ପାନୀୟ ଜଳ, ଖୋଲା ଜାଗା ଓ ସବୁଜିମା ନ ଥିବାରୁ ସାଧାରଣ ଲୋକେ ହନ୍ତସନ୍ତ ହୋଇଗଲେଣି। ଯଦିଓ ଲୋକେ ଅର୍ଥ କମାଉଛନ୍ତି ସେମାନଙ୍କ ଜୀବନ ମାନରେ ଉନ୍ନତି ହେବାର କୌଣସି ସମ୍ଭାବନା ଦେଖାଯାଉ ନାହିଁ।

ହାଇଦ୍ରାବାଦରେ ଥିବା କାଞ୍ଚା ଗାଚିବୋଲି ସବୁଜ ବଳୟକୁ ଏକ ଅତ୍ୟାଧୁନିକ ଇକୋ ନଗର ଭାବେ ଗଢିତୋଳିବା ପାଇଁ ଏହାର ସବୁଜିମାକୁ ଅନେକାଂଶରେ ନଷ୍ଟ କରିଦିଆଯାଉଛି। ଜଙ୍ଗଲ, ହ୍ରଦ, ନଦୀ, ଝରଣା, ସବୁଜିମା ଓ ପ୍ରାଗୈତିହାସିକ ଯୁଗର ସନ୍ତୁଳିତ ପ୍ରସ୍ତରଖଣ୍ଡମାନ ହାଇଦ୍ରାବାଦକୁ ଏକ ପ୍ରାକୃତିକ ଇକୋ ସହରରେ ପରିଣତ କରିଥିଲା। ଏବେ ବିଶ୍ୱର ସମସ୍ତ ବୈଜ୍ଞାନିକମାନେ ଏକାଠି ହେଲେ ମଧ୍ୟ ଏଭଳି ସହରଗଢ଼ିପାରିବେ ନାହିଁ। ହାଇଦ୍ରାବାଦର ଛାତ୍ରମାନେ କାଞ୍ଚା ଗାଚିବୋଲି ସବୁଜ ବାଳୟକୁ ରକ୍ଷା କରିବା ପାଇଁ ଆନ୍ଦୋଳନ ଆରମ୍ଭ କରିଥିଲେ। ସୁପ୍ରିମ କୋର୍ଟର ନିର୍ଦ୍ଦେଶରେ ଏହି ଇକୋ ନଗର ପ୍ରକଳ୍ପ ସ୍ଥଗିତ ହେବାରୁ ମାମଲା ଶାନ୍ତ ପଡିଛି। ବୁଦ୍ଧିଜୀବୀ ଓ ଅର୍ଥନୀତି ବିଶାରଦମାନେ କହୁଛନ୍ତି, ଏହି ଅଦରକାରୀ ପ୍ରକଳ୍ପଗୁଡ଼ିକ କେବଳ କଣ୍ଟ୍ରାକ୍ଟର ଓ ଦଲାଲମାନଙ୍କର ଅର୍ଥ ଉପାର୍ଜନ କରିବାପାଇଁ ସୁଯୋଗ ସୃଷ୍ଟି କରିବ। ଆଗକୁ ସାଧାରଣ ଲୋକେ ଗ୍ରୀଷ୍ମ ପ୍ରକୋପ ଓ ପାନୀୟ ଜଳ ଅଭାବରୁ ଅଧିକ ମାତ୍ରାରେ ହନ୍ତ ସନ୍ତ ହେବେ ଓ ହାଇଦ୍ରାବାଦ ଅତ୍ୟଧିକ ତାପମାତ୍ରା ଓ ପ୍ରଦୂଷଣ ଯୋଗୁ ମନୁଷ୍ୟ ରହିବା ଉପଯୋଗୀ ରହିବ ନାହିଁ।

ଅର୍ବାନ ହିଟ ଷ୍ଟ୍ରେସ ଟ୍ରାକର, ହାଇଦ୍ରାବାଦର ଏକ ରିପୋର୍ଟ ଅନୁସାରେ ହାଇଦ୍ରାବାଦ ଓ ଅନ୍ୟ ସହରଗୁଡ଼ିକର ତାପମାତ୍ରା ତୀବ୍ରତର ହେଉଛି। ଏହାକୁ ଅର୍ବାନ ହିଟ୍ ଆଇଲାଣ୍ଡ (ୟୁଏଚ୍‌ଆଇ)ଫେନୋମେନା କୁହାଯାଉଛି। ସୋସିଓ ଇକୋନୋମିକ ଆଉଟଲୁକ୍ ୨୦୨୫ରେ ହାଇଦ୍ରାବାଦରେ ସବୁଜ ବଳୟର ହ୍ରାସ, ଅତ୍ୟଧିକ ଭିତ୍ତିଭୂମି ବିକାଶ ପ୍ରକଳ୍ପର ନିର୍ମାଣ, ଜଳାଶୟଗୁଡ଼ିକର ବିଲୁପ୍ତୀକରଣ, ପ୍ରଦୂଷଣ ଓ ଖୋଲା ଜାଗାର ଅଭାବ ଇତ୍ୟାଦି ୟୁଏଚ୍‌ଆଇ



ବଢ଼ିବାର ପ୍ରଧାନ କାରଣ ବୋଲି ଉଲ୍ଲେଖ କରାଯାଇଛି। ହାଇଦ୍ରାବାଦର ଜନସଂଖ୍ୟା ୨୦୦୦ ମସିହାରେ ୫୬୫୦୦୦୦ ଥିଲା ଓ ଏହା ବଢ଼ି ୨୦୨୫ରେ ୧୧୩୮୦୦୦ ପହଞ୍ଚିଛି। ହାଇଦ୍ରାବାଦ ଆଜି ୩୮ ବର୍ଗ କିଲୋମିଟର କ୍ଷେତ୍ରକୁ ବ୍ୟାପି ଯିବା ଫଳରେ ସହ ସହ ଏକର ଚାଷ ଜମି, ଜଙ୍ଗଲ ଓ ଜଳାଶୟ କଂକ୍ରିଟ ଜଙ୍ଗଲରେ ପରିଣତ ହୋଇଛି। ହାଇଦ୍ରାବାଦରେ ୨୦୦୧ ଓ ୨୦୨୩ ଭିତରେ ୧.୬୧ ବର୍ଗ କିଲୋମିଟର ଜଙ୍ଗଲ ନଷ୍ଟ କରାଯାଇଛି। ବାର୍ଷିକ ବୃକ୍ଷ ସର୍ଭେ ୨୦୨୪ର ରିପୋର୍ଟ ଅନୁସାରେ ହାଇଦ୍ରାବାଦରେ ୭୫୩ କିସମର ଦେଶୀ ଗଛ ୩୨୧୫ କିସମର ପଶୁ ପକ୍ଷୀମାନଙ୍କୁ ଆଶ୍ରୟ ଦେଉଥିଲା। ଆଜି ହଜାର ହଜାର ୬୦ ବର୍ଷରୁ ଉର୍ଦ୍ଧ୍ୱ ଗଛ ହାଇଦ୍ରାବାଦର ବିକାଶ ପାଇଁ କଟାଯାଇଛି। ଫଳରେ ହାଇଦ୍ରାବାଦ ତାହାର ଜୀବନ ଓ ସୌନ୍ଦର୍ଯ୍ୟକୁ ହରାଇ ବସିଛି। ବାର୍ଷିକ ବୃକ୍ଷ ସର୍ଭେ ୨୦୨୪ର ରିପୋର୍ଟ ହାଇଦ୍ରାବାଦର ବିକାଶ ଯୋଜନା ପାଇଁ ଦେଶୀ ଗଛର ମହତ୍ତ୍ୱକୁ ବିଶେଷ ଗୁରୁତ୍ୱ ଦେଇଛି। ସହରର ଦେଶୀ ଗଛଗୁଡ଼ିକ କଟାଗଲା ପରେ ବଡ଼ ବଡ଼ କୁଣ୍ଡରେ ପ୍ରଜାତି ଗଛ ଲଗାଯାଉଛି, ଯାହାର ଜୀବନକାଳ ବର୍ଷେ କିମ୍ବା ଦୁଇବର୍ଷ।

ହାଇଦ୍ରାବାଦକୁ ପାଶ୍ଚାତ୍ୟ ଦେଶର ଏକ ବିରାଟ ନଗରରେ ପରିଣତ କରିବା ପାଇଁ ତେଲଙ୍ଗାନା ସରକାର ଦିବାସ୍ୱପ୍ନ ଦେଖୁଛନ୍ତି। ପାନୀୟ ଜଳର ଘୋର ଅଭାବ, ତାପମାତ୍ରାରେ ଅତ୍ୟଧିକ ବୃଦ୍ଧି, ସାର୍ବଜନୀନ ପରିବହନର ଅଭାବ, ପ୍ରଦୂଷଣ ବୃଦ୍ଧି, ଗୁଣାତ୍ମକ ଶିକ୍ଷା ଓ ସ୍ୱାସ୍ଥ୍ୟସେବାର ଅଭାବ ଓ ଦରଦାମ୍ ବୃଦ୍ଧି ଇତ୍ୟାଦି ହାଇଦ୍ରାବାଦକୁ ଏକ ବିଷାଦ ନଗରୀରେ ପରିଣତ କରିଛି।

ତେଲଙ୍ଗାନା ସରକାର ହାଇଦ୍ରାବାଦକୁ ବିସ୍ତାର କରିବା ପରିବର୍ତ୍ତେ ରାଜ୍ୟରେ ଥିବା ଅନ୍ୟ ସହରଗୁଡ଼ିକରେ ଲୋକ ଉପଯୋଗୀ ଭିତ୍ତିଭୂମି ପ୍ରକଳ୍ପ ନିର୍ମାଣ କରିବା ଉଚିତ। ଗାଁ ଗୁଡ଼ିକରେ ରୋଜଗାର ସୃଷ୍ଟି କଲେ ଲୋକେ ଗାଁ ଛାଡ଼ି ଆଉ ସହରକୁ ଆସିବେ ନାହିଁ। ଆଜି ହାଇଦ୍ରାବାଦ ଚାରିପାଖରେ ଥିବା ଗାଁଗୁଡ଼ିକ ସହରରେ ପରିଣତ ହୋଇଗଲାଣି। ଅଧିକାଂଶ ଗାଁ ଲୋକେ ଜମି ବିକି କିଛିଦିନ ମଉଜ ମଜଲିସରେ ରହିବା ପରେ ଆଜି ଛୋଟ ଛୋଟ କାମକରି ଗୁଜୁରାଣ ମେଣ୍ଟାଉଛନ୍ତି। ମଦଦୋକାନ ଛତୁ ଫୁଟିଲା ପରି ଖୋଲିଗଲାଣି। ଫଳରେ ଗାଁ ଗୁଡ଼ିକରେ ମଦ୍ୟପମାନଙ୍କ ସଂଖ୍ୟା ବଢ଼ି ଚାଲିଛି ଓ ଘରେ ଘରେ ଅଶାନ୍ତି ବ୍ୟାପୁଛି। ସରକାର ହାଇଦ୍ରାବାଦକୁ ସୁନ୍ଦର ଓ ସୁରକ୍ଷିତ ରଖିବା ପାଇଁ ପ୍ରଥମେ ଗାଁଗୁଡ଼ିକର ବିକାଶ କରିବା ଉଚିତ। ଗାଁରେ ଯେପରି ଗାଈ ରଖି କିମ୍ବା ଚାଷକରି ମାସକୁ ୨୫୦୦୦ ଟଙ୍କା ରୋଜଗାର କରିହେବ ସରକାର ସେଥିପାଇଁ ସୁଯୋଗ ସୃଷ୍ଟି କରିବା ଉଚିତ। ଆଜି ସାରା ବିଶ୍ୱରେ ୫୦ ପ୍ରତିଶତ ଲୋକ ଭଲକରି ମୁଠାଏ ଖାଇବାକୁ ପାଉନାହାନ୍ତି। ପୁଷ୍ଟିକର ଖାଦ୍ୟ ଖାଇବା ତ ଦୂରର କଥା, ଚାଷଜମି ଓ ଜଳାଶୟଗୁଡ଼ିକ ବଞ୍ଚିରହିଲେ ଗାଁଗୁଡ଼ିକ ସମୃଦ୍ଧ ହୋଇପାରିବ। ତେଲଙ୍ଗାନା ସରକାର ଗାଁଗୁଡିକରେ ପାନୀୟ ଜଳ, ଉତ୍ତମ ସ୍କୁଲ ଓ ସ୍ୱାସ୍ଥ୍ୟସେବାରେ ଉନ୍ନତି କଲେ ଲୋକେ ଗାଁରେ ରହି ଅର୍ଥ ଉପାର୍ଜନ କରିପାରିବେ, ଫଳରେ ହାଇଦ୍ରାବାଦ ସହର ସୁନ୍ଦର ଓ ସୁରକ୍ଷିତ ରହିବ।

**ମୋ:୭୭୦୨୩୮୩୮୦**

## ଏଇ ଭାରତରେ

ଭାରତରେ ଆଇପିଏଲ୍‌ର ଲୋକପ୍ରିୟତା ବଢୁଛି ଓ ଷ୍ଟାଡିୟମଗୁଡ଼ିକରେ ଦର୍ଶକଙ୍କ ପ୍ରବଳ ଭିଡ଼ ଜମୁଛି। ସେମାନେ ଖେଳ ଉପଭୋଗ କରୁଛନ୍ତି ସତ କିନ୍ତୁ ପ୍ଲାଷ୍ଟିକ ପାଣିବୋତଲ, ପ୍ୟାକେଜ୍‌ଡ ଫୁଡ୍ ଓ ପାନୀୟ ବ୍ୟବହାର କରି ପରିବେଶକୁ ଦୂଷିତ କରୁଛନ୍ତି। ଖେଳ ପରେ ଷ୍ଟାଡିୟମ ଗ୍ୟାଲେରି ଓ ବାହାରେ ଗଦା ଗଦା ପ୍ଲାଷ୍ଟିକ ବୋତଲ, ଡବା, ପେପର ଗ୍ଲାସ ଓ କପ୍ ଆଦି ପାହାଡ଼ ଭଳି ଗଦାହୋଇଯାଏ। ଏପରିକି ଗୋଟିଏ ମ୍ୟାଚ ପରେ ୩ରୁ ୫ ଟନ୍ ବର୍ଜ୍ୟ ବାହାରିଥାଏ। ଏଭଳି ସମସ୍ୟା ଦୂର କରିବା ପାଇଁ ବେଙ୍ଗାଲୁରୁର ଏନ୍‌ଜିଓ ସାହାସ ଏବଂ ୱେଷ୍ଟ ମ୍ୟାନେଜମେଣ୍ଟ ରାଉଣ୍ଡ ଟେବଲ (ଏସ୍‌ଡବ୍ଲ୍ୟୁଏମ୍‌ଆର୍‌ଟି)ର ସ୍ୱେଚ୍ଛାସେବୀମାନେ କାମ କରୁଛନ୍ତି। ସେମାନେ ଖେଳ ପରେ ଗଦା ହୋଇଥିବା ବର୍ଜ୍ୟ ସଂଗ୍ରହ କରି ସେଥିରୁ ରିସାଇକେଲ ଯୋଗ୍ୟ ଜିନିଷଗୁଡ଼ିକୁ ଅଲଗା କରୁଛନ୍ତି। ପରେ ସେଗୁଡ଼ିକୁ ବିଭିନ୍ନ ରିସାଇକ୍ଲିଂ କେନ୍ଦ୍ରକୁ ପଠାଉଛନ୍ତି। ଏମାନେ କେବଳ ବର୍ଜ୍ୟ ସଫା କରୁନାହାନ୍ତି, ବରଂ ପରିବେଶ ପ୍ରଦୂଷଣ ସମ୍ପର୍କରେ ସଚେତନତା ସୃଷ୍ଟି କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୦ ମେ ୧୯୭୬

- ଶିଲଙ୍ଗ ଚୁକ୍ତିନାମାକୁ ଗ୍ରହଣ କରାଯାଇ ରାଜ୍ୟର ସମସ୍ତ ରାଜନୈତିକ ବନ୍ଦୀଙ୍କୁ ଖଲାସ କରିଦେବାକୁ ନାଗାଲାଣ୍ଡ ସରକାର ଘୋଷଣା କରିଛନ୍ତି।
- ବିଶ୍ୱଶାନ୍ତି ଓ ଦେଶସେବା କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ ଅବଦାନ ଯୋଗୁ ଲିଓନିଡ ବ୍ରେଜନେଭଙ୍କୁ ସୋଭିଏତ ୟୁନିୟନ ପକ୍ଷରୁ ୨ଟି ମୁଖ୍ୟ ସମ୍ମାନ ଦିଆଯାଇ ସମ୍ମାନିତ କରାଯାଇଛି।

## ଚିରନ୍ତନୀ

ନିବିଡ଼ତମ ସେହି ସରମ
ଜାଳିଲା ଚିରଦିନ ମରମ
ନିଲଜ ସମ ଯାହା ଲୁଚାଇ ନ ପାରିଲି
ହେଲା ସେ କବିତାର ଧରମ।
–(ବ୍ୟାଖ୍ୟା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସୁଭଦ୍ରା ଯୋଜନା କାହା ପାଇଁ

ମହାଶୟ,

ଆମେ ହଜାର ହଜାର ବ୍ୟକ୍ତି ଜୋମାଟୋରେ ସେଲ୍ସ ବୟ ଭାବେ କାମ କରି ଦିନକୁ ୫୦୦ରୁ ୧୦୦୦ ଟଙ୍କା ରୋଜଗାର କରୁଛୁ। ଏପରିକି ଏହି ଟଙ୍କାରୁ ଆମର ଇନ୍‌କମ୍ ଟ୍ୟାକ୍ସ କଟୁଥିବାରୁ ଆମେ ରିଟର୍ନ ଫାଇଲ୍ କରିବାକୁ ବାଧ୍ୟ ହେଉଛୁ। ଆମର ଇନ୍‌କମ୍ ଟ୍ୟାକ୍ସ କଟୁଥିବାରୁ ଆମେ ଧନୀ ଶ୍ରେଣୀର ବୋଲି ସରକାର ଧରିନେଇଛନ୍ତି। ସେଥିପାଇଁ ଆମର ସୁଭଦ୍ରା ୨ୟ କିସ୍ତି ଦେଲେ ନାହିଁ। ଦେଖିବାକୁ ଗଲେ ସମାଜରେ ଅନେକ ଧନୀ ବ୍ୟକ୍ତି ଅଛନ୍ତି, କିନ୍ତୁ ସେମାନେ ଇନ୍‌କମ୍ ଟ୍ୟାକ୍ସ ଦେଉନାହାନ୍ତି। କିନ୍ତୁ କୌଣସି ପ୍ରକାରେ ଚଞ୍ଚକତା କରି ସେମାନେ ସୁଭଦ୍ରା ଯୋଜନା ପାଉଛନ୍ତି। କିନ୍ତୁ ଆମଭଳି ଗରିବ ଲୋକଙ୍କ ବାଧ୍ୟବାଧକତାରେ ଇନ୍‌କମ୍ ଟ୍ୟାକ୍ସ କଟୁଥିବାରୁ ଆମର ରାଶନ କାର୍ଡ ବି କଟିଯିବ।

**–ବସନ୍ତ ସାହୁ, ମଲ୍ଲାସାହି, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଡଙ୍ଗରିଆ ମହିଳାଙ୍କୁ ପଚରାଉଚୁରା କଲେ ଅଧିକାରୀ

ରାୟଗଡ଼ା,୯।୫(ଆଶିଷ ରଞ୍ଜନ ପଣ୍ଡା)



ଇଓଡବ୍ଲ୍ୟୁ ଅଧିକାରୀ ଡଙ୍ଗରିଆ ମହିଳାଙ୍କ ସହ ଆଲୋଚନା କରୁଛନ୍ତି।

- ନିର୍ମାଣ ଶ୍ରମିକଙ୍କ ମୃତ୍ୟୁକାଳୀନ ବୀମାରାଶି ହଡ଼ପ ଘଟଣା
- ଦ୍ୱିତୀୟ ଦିନରେ ଇଓଡବ୍ଲ୍ୟୁର ଯାଞ୍ଚ

ରାୟଗଡ଼ା ଜିଲା ଶ୍ରମ ବିଭାଗରେ ନିର୍ମାଣ ଶ୍ରମିକଙ୍କ ମୃତ୍ୟୁକାଳୀନ ବୀମାରାଶି ହଡ଼ପ ଘଟଣାରେ ଦ୍ୱିତୀୟ ଦିନରେ ଶୁକ୍ରବାର କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଜିଲା ଶ୍ରମ କାର୍ଯ୍ୟାଳୟରେ ତଦନ୍ତ କରୁଛି । ଇଓଡବ୍ଲ୍ୟୁ ଟିମ୍ ଶୁକ୍ରବାର ସକାଳେ ବିଷମକଟକ ବ୍ଲକ ନିୟମଗିରି ଯାଇ ତଦନ୍ତ କରିଥିଲେ। ଡଙ୍ଗରିଆ କନ୍ଧ ସମ୍ପ୍ରଦାୟର କିଛି ବ୍ୟକ୍ତିଙ୍କ ନାଁରେ ୨ଥର ମୃତ୍ୟୁପ୍ରମାଣ ପତ୍ର ପ୍ରସ୍ତୁତ କରି ଚଞ୍ଚକତା କରାଯାଇ ବୀମାରାଶି ଅର୍ଥ ହଡ଼ପ ହୋଇଥିବା ନେଇ ବିଷମକଟକ ବିଏସ୍‌ପି ନେତା ଜିତୁ ଜାକେସିକାଙ୍କ ନେତୃତ୍ୱରେ କେତେଜଣ ମହିଳା ଫେବୃଆରୀ ୩ରେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ଡଙ୍ଗରିଆ କନ୍ଧ ସମ୍ପ୍ରଦାୟର ମହିଳା ସିକକା ହିଲମେ, ସିକକା ଗୋଦରୀ, ସିକକା ରିପୁଲି, ସିକକା ତେଲାରି ଓ କାଡ୍ରାକା ପୁଲେମିଙ୍କୁ ଇଓଡବ୍ଲ୍ୟୁ ଇନସ୍ପେକ୍ଟର ସ୍ୱର୍ଣ୍ଣଲତା ମହାନ୍ତି ପଚରାଉଚୁରା କରି ସମସ୍ତ ତଥ୍ୟ ସଂଗ୍ରହ କରିଥିଲେ। ଏଥିସହ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟରୁ ଅଭିଯୋଗ ସମ୍ବନ୍ଧୀୟ ନଥିପତ୍ର ସଂଗ୍ରହ କରିଥିଲେ। ତେବେ ଇଓଡବ୍ଲ୍ୟୁ ତଦନ୍ତ ପରେ ପ୍ରକୃତ ସତ୍ୟ ସାମ୍ନାକୁ ଆସିବ ଏବଂ ତଦନ୍ତରେ ବିଭାଗ ପକ୍ଷରୁ ସମ୍ପୂର୍ଣ୍ଣ ସହଯୋଗ କରାଯାଉଛି ବୋଲି ଜିଲା ଶ୍ରମ ଅଧିକାରୀ ରବୀନ୍ଦ୍ର ତ୍ରିପାଠୀ କହିଛନ୍ତି।

ଜିଲା ଶ୍ରମ ଅଧିକାରୀ ତ୍ରିପାଠୀଙ୍କ ସୂଚନା ଅନୁଯାୟୀ, ନିର୍ମାଣ ଶ୍ରମିକ ପଞ୍ଜୀକରଣ ପାଇଁ ଅନଲାଇନ୍ ମାଧ୍ୟମରେ ଯେକୌଣସି ସ୍ଥାନରେ ଆବେଦନ କରିପାରିବେ। ଆବେଦନ ପରେ କଲ୍ୟାଣ ସଂଯୋଜକ ଓ ଅତିରିକ୍ତ ଶ୍ରମ ଅଧିକାରୀ ଏହାର ଯାଞ୍ଚ କରି ଅନଲାଇନ୍‌ରେ ସ୍ୱୀକୃତି ପ୍ରଦାନ କରିବେ। ସେହିଭଳି କୌଣସି ନିର୍ମାଣ ଶ୍ରମିକଙ୍କ ମୃତ୍ୟୁ ହେଲେ ଉକ୍ତ ଶ୍ରମିକଙ୍କ ଦ୍ୱାରା ପୂର୍ବରୁ ପୋର୍ଟାଲରେ ଦିଆଯାଇଥିବା ନୋମିନି ମୃତ୍ୟୁକାଳୀନ ସହାୟତା ଓ ବୀମାରାଶି ସହାୟତା ପାଇଁ ପୁନଶ୍ଚ ଅନଲାଇନ୍‌ରେ ଆବେଦନ କରିପାରିବେ । ଏହି ଆବେଦନ ପରେ ପ୍ରଥମେ କଲ୍ୟାଣ ସଂଯୋଜକ ସମସ୍ତ ଯାଞ୍ଚ କରି ଜିଲା ଶ୍ରମ ଅଧିକାରୀଙ୍କୁ ସୂଚନା ଦେବେ । ଏହାପରେ ଜିଲା ଶ୍ରମ ଅଧିକାରୀ ନିଜେ ଅଥବା କୌଣସି ଅତିରିକ୍ତ ଶ୍ରମ ଅଧିକାରୀଙ୍କ ମାଧ୍ୟମରେ ସମସ୍ତ ତଥ୍ୟର ଯାଞ୍ଚ କରିପାରିବେ । ଉକ୍ତ ଯାଞ୍ଚ ବେଳେ ପୋର୍ଟାଲରେ ଆବେଦନ କରାଯିବା ସମୟରେ ନୋମିନିର ଦାଖଲ ହୋଇଥିବା ଆଧାର କାର୍ଡ଼, ବ୍ୟାଙ୍କ ପାସବୁକ୍ ଏବଂ ମୃତ୍ୟୁ ପ୍ରମାଣପତ୍ର ଯାଞ୍ଚ ହୋଇଥାଏ। ତେବେ ନିର୍ମାଣ ଶ୍ରମିକ ପୋର୍ଟାଲରେ ଆଧାର କାର୍ଡ଼ର ବୈଧତା ଏବଂ ବ୍ୟାଙ୍କ ପାସବୁକର ବୈଧତା ଯାଞ୍ଚ ପାଇଁ କୌଣସି ସୁବିଧା ଉପଲବ୍ଧ ନାହିଁ । କେବଳ ନଥିପତ୍ର ଦେଖି ଯାଞ୍ଚ ହୋଇଥାଏ। ଶେଷରେ ଜିଲାପାଳ ସମସ୍ତ ଯାଞ୍ଚ କରିବା ପରେ ଅର୍ଥରାଶି ନୋମିନିକୁ ଡିବିଟି ମାଧ୍ୟମରେ ମିଳିଥାଏ । ତେଣୁ ଏହି ଦୁର୍ନୀତି ମାମଲାରେ ସମସ୍ତ କର୍ମଚାରୀ ଓ ଅଧିକାରୀ ତଦନ୍ତ ପରିସରକୁ ଆସିବା କଥା ବୋଲି ନିର୍ମାଣ ଶ୍ରମିକ ସଂଘ ଦାବି କରିଛି । ତେବେ ଏଠି ପ୍ରଶ୍ନ ଉଠୁଛି ଯଦି ତତ୍କାଳୀନ ଜିଲା ଶ୍ରମ ଅଧିକାରୀ ଯସ୍ମିନ ସାହୁ ବୀମାରାଶି ଅର୍ଥ ହଡ଼ପ କରିଛନ୍ତି ତେବେ ରାଜ୍ୟର ଅନ୍ୟ ଜିଲାମାନଙ୍କରେ ଏଭଳି ଠକେଇ ହୋଇ ନ ଥିବ ଏଥିରେ କୌଣସି ସନ୍ଦେହ ନାହିଁ । ତେଣୁ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଇ ରାଜ୍ୟରେ ହୋଇଥିବା ସମସ୍ତ ନିର୍ମାଣ ଶ୍ରମିକ ହିତାଧିକାରୀ ପ୍ରକୃତରେ ନିର୍ମାଣ ଶ୍ରମିକ ଅଟନ୍ତି କି ନାହିଁ ଏବଂ ହୋଇଥିବା ମୃତ୍ୟୁକାଳୀଳ ବୀମାରାଶି ଅର୍ଥର ଯାଞ୍ଚ କଲେ କୋଟି କୋଟି ଟଙ୍କାର ଦୁର୍ନୀତି ଲୋକଲୋଚନକୁ ଆସିପାରିବ ବୋଲି ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ କୁହାଯାଇଛି।

# ଯାତ୍ରୀଙ୍କୁ ଫେରାଇଲେ ଟ୍ରେନ୍‌ରେ ଛାଡ଼ି ଆସିଥିବା ସୁନା ଅଳଙ୍କାର ଭର୍ତ୍ତି ବ୍ୟାଗ୍



ଆର୍‌ପିଏଫ୍ କର୍ମଚାରୀ ଯାତ୍ରୀଙ୍କୁ ହଜିଯାଇଥିବା ବ୍ୟାଗ୍ ଫେରାଉଛନ୍ତି।

ମୁନିଗୁଡ଼ା,୯।୫ (ନନ୍ଦକିଶୋର ପଟ୍ଟନାୟକ)

**ମୁନିଗୁଡ଼ା ଆର୍‌ପିଏଫ୍‌ର ମହାନତା**

ଟ୍ରେନ୍‌ରେ ଜଣେ ଯାତ୍ରୀ ଲକ୍ଷାଧିକ ଟଙ୍କାର ସୁନାଗହଣା ଭର୍ତ୍ତି ଭ୍ୟାନିଟି ବ୍ୟାଗ୍ ଛାଡି ଚାଲିଯାଇଥିଲେ। ତେବେ ଏହାକୁ ଫେରାଇ ମହାନତା ଦେଖାଇଛନ୍ତି ରାୟଗଡା ଜିଲା ମୁନିଗୁଡ଼ା ରେଲୱେ ଆର୍‌ପିଏଫ୍ ଏଏସ୍‌ଆଇ ଏସ୍. ସ୍ୱୟଂମ ପ୍ରକାଶ।

ସୂଚନା ଅନୁଯାୟୀ ଆନ୍ଧ୍ରପ୍ରଦେଶ, ବିଜୟନଗରମ୍ ଜିଲା ପାର୍ବତୀପୁରମ ଥାନା ଅନ୍ତର୍ଗତ ଚିନାବଣ୍ଡାପିଲି ଗ୍ରାମର କେ.ପ୍ରେମା କୁମାର ପରିବାରର ୮ ଜଣ ସଦସ୍ୟଙ୍କ ସହ ଟ୍ରେନ୍ ନମ୍ବର ୧୩୩୫୨ ଧାନବାଦ ଏକ୍ସପ୍ରେସ୍‌ରେ ବିଶାଖାପାଟଣାରୁ ଏସ୍-୪ ବଗିରେ ଆସୁଥିବା ବେଳେ ପାର୍ବତୀପୁରାମ ରେଳ ଷ୍ଟେଶନରେ ଓହ୍ଲାଇଥିଲେ। ଏହି ସମୟରେ ପରିବାର ଲୋକେ ଟ୍ରେନ୍‌ରେ ଗୋଟିଏ ଭ୍ୟାନିଟି ବ୍ୟାଗ୍ ଛାଡି ପଳାଇଆସିଥିଲେ। ପରେ ସେମାନେ ପାର୍ବତୀପୁରମ ଆର୍‌ପିଏଫ୍ ଅଫିସ୍‌ରେ ଅଭିଯୋଗ କରିଥିଲେ । ଆର୍‌ପିଏଫ୍ ଅଫିସର ତୁରନ୍ତ ରାୟଗଡ଼ା ଆର୍‌ପିଏଫ୍‌ଙ୍କୁ ଜଣାଇଥିଲେ । ସେଠାରେ ଟ୍ରେନ୍‌ରେ ଖୋଜାଖୋଜି କରିବାବେଳେ ପାଇ ନ ଥିଲେ। ପରେ ଟ୍ରେନ୍ ଛାଡିବା ସମୟ ହେବାରୁ ମୁନିଗୁଡା ଆର୍‌ପିଏଫ୍‌ଙ୍କୁ ଜଣାଇଥିଲେ। ମୁନିଗୁଡା ଆର୍‌ପିଏଫ୍ ଏଏସ୍‌ଆଇ ଏସ୍.ସ୍ୱୟଂମ ପ୍ରକାଶ ମୁନିଗୁଡା ରେଳ ଷ୍ଟେଶନରେ ଟ୍ରେନ୍‌ର ଏସ୍-୪ ବଗିରେ ଚଢ଼ି ଖୋଜାଖୋଜି କରିବା ପରେ ଭ୍ୟାନିଟି ବ୍ୟାଗ୍ ପାଇଥିଲେ । ଶୁକ୍ରବାର ମୁନିଗୁଡା ଆର୍‌ପିଏଫ୍ ଅଫିସରେ ଏଏସ୍‌ଆଇ ପ୍ରକାଶ ଯାତ୍ରୀ ପ୍ରେମା କୁମାରଙ୍କୁ ଉକ୍ତ ଭ୍ୟାନିଟି ବ୍ୟାଗ୍ ସହ ସେଥିରେ ଥିବା ସୁନାର ମଙ୍ଗଳସୂତ୍ର ଓ ନଗଦ ଟଙ୍କା ସମେତ ବହୁମୂଲ୍ୟ ସାମଗ୍ରୀ ଫେରାଇଥିଲା। ବ୍ୟାଗ୍‌ରେ ୨୧ ଗ୍ରାମ୍ ଓଜନର ସୁନାଗହଣା ଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ୨ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି । ଯାତ୍ରୀ ଜଣକ ସମସ୍ତ ସାମଗ୍ରୀ ଠିକ୍ ରୂପେ ପାଇବା ପରେ ଆର୍‌ପିଏଫ୍ ଏଏସ୍‌ଆଇ ପ୍ରକାଶଙ୍କ ସମେତ ଅନ୍ୟ ସମସ୍ତ ଅଧିକାରୀଙ୍କ ସଚ୍ଚୋଟତାକୁ ନେଇ କୃତଜ୍ଞତା ଜଣାଇଥିଲେ।

## ସଂକ୍ଷେପରେ

### ବୁଦାମୂଳରୁ ନବଜାତକର ମୃତଦେହ ଜବତ

ବ୍ରହ୍ମପୁର,୯।୫(ସୁବାସ ଚନ୍ଦ୍ର ପାଢ଼ୀ)

ଗୋଶାଣିନୁଆଗାଁ ଥାନା ଅନ୍ତର୍ଗତ ଢିପ ସାହି ରଘୁ ପଡିଆ ନିକଟ ଏକ ବୁଦା ମୂଳରୁ ଜଣେ ନବଜାତଙ୍କ ମୃତଦେହ ଉଦ୍ଧାର ହୋଇଛି। ତାହାକୁ ବ୍ୟବଚ୍ଛେଦ ପାଇଁ ଏମକେସିଜି ମେଡିକାଲକୁ ପଠାଯାଇଛି। ଏ ନେଇ ଥାନାରେ ନଂ.୭/୨୫ ରେଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପଡିଆ ନିକଟ ଗଛର ବୁଦା ମୂଳରେ ଜଣେ ନବଜାତଙ୍କ ମୃତଦେହ ପଡିଥିବା ଦେଖିବା ପରେ ଲୋକେମାନେ ସ୍ଥାନୀୟ କର୍ପୋରେଟର ବନିତା ସାହୁଙ୍କୁ ଜଣାଇଥିଲେ। କର୍ପୋରେଟରଙ୍କ ଠାରୁ ସୂଚନା ପାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ମୃତଦେହ ଉଦ୍ଧାର କରି ତଦନ୍ତ କରିଥିଲା ।

### ବଙ୍ଗାଳି ଯୁବକଙ୍କୁ ହତ୍ୟା ଘଟଣା ସାଇଣ୍ଟିଫିକ୍ ଟିମ୍‌ର ତନାଘନା

ବ୍ରହ୍ମପୁର,୯।୫( ସୁବାସ ଚନ୍ଦ୍ର ପାଢ଼ୀ)

ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଜେଲ କଡ଼ ନିକଟସ୍ଥ ଏକ ଗଛରେ ଝୁଲୁଥିବା ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଥିଲା। ମୃତକ ଜଣଙ୍କ ପଶ୍ଚିମବଙ୍ଗ ଜଳପାଇଗୁଡିରେ ଅଶୁଧିନ ଟପ । ପୋଲିସ ଏନେଇ ଏକ ହତ୍ୟା ମାମଲା ରୁଜୁ କରିଥିଲା। ଶୁକ୍ରବାର ବରିଷ୍ଠ ପୋଲିସ ଅଧିକାରୀ ଓ ସାଇଣ୍ଟିଫିକ ଟିମ ଘଟଣା ସ୍ଥଳକୁ ଯାଇ ପୁଣିଥରେ ତଦନ୍ତ ଆରମ୍ଭ କରିଛନ୍ତି। ସାଇଣ୍ଟିଫିକ ଟିମ ରେଳଧରଣା କଡ଼ରେ ପଡିଥିବା ରକ୍ତ ନମୁନା , ମୃତକଙ୍କ କପଡା, ରକ୍ତଭିଜା ପଥର ଆଦି ସଂଗ୍ରହ କରି ତଦନ୍ତ ଚଳାଇଛି। ପରିବାର ଲୋକଙ୍କ ବୟାନ ଓ ମୃତକଙ୍କ ସହ ମୋବାଇଲରେ କେଉଁମାନଙ୍କ ସହ କଥାବାର୍ତ୍ତା ହୋଇଥିଲେ ସେ ସବୁ ଜାଣିବା ପାଇଁ ପୋଲିସ ଟ୍ରାକିଂ କରୁଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ହୋଇଛି। କିଏ ଓ କାହିଁକି ଉକ୍ତ ଯୁବକଙ୍କୁ ହତ୍ୟା କରିଛନ୍ତି । ପ୍ରାଥମିକ ତଦନ୍ତରୁ ସେ ଟ୍ରେନରେ ହାଇଦ୍ରାବାଦ ଯାଉଥିବା ବେଳେ ତାଙ୍କ ମୃତଦେହ ବ୍ରହ୍ମପୁରରୁ ମିଳିଛି।

# ୧୮ ଜିଲାରୁ ୧୭୨ କ୍ରୀଡ଼ାବିତ୍‌ଙ୍କ ସମରକଳା ପ୍ରଦର୍ଶନ




ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ କ୍ରୀଡାବିତ୍।

ରାୟଗଡ଼ା,୯।୫(ଆଶିଷ ରଞ୍ଜନ ପଣ୍ଡା)

**ଦ୍ୱାଦଶ ରାଜ୍ୟ ଥାଙ୍ଗ-ଟା ମାର୍ଶାଲ ଆର୍ଟ ଚାମ୍ପିୟନଶିପ୍ ଉଦ୍‌ଘାଟିତ**

ରାୟଗଡ଼ାସ୍ଥିତ ଗୋପବନ୍ଧୁ ସରକାରୀ ପୌର ଉଚ୍ଚ ବିଦ୍ୟାଳୟ (ଜିବିଏମ୍) ହାଇସ୍କୁଲ ପରିସରରେ ଶୁକ୍ରବାର ଦ୍ୱାଦଶ ରାଜ୍ୟ ଥାଙ୍ଗ-ଟା ଚାମ୍ପିୟନଶିପ୍ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲାପାଳ ନବୀନ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ ଏଥିରେ ୧୮ ଜିଲାରୁ ୧୭୨ଜଣ ଅଂଶଗ୍ରହଣ କରି ସମରକଳା ପ୍ରଦର୍ଶନ କରିଛନ୍ତି । ସେହିପରି ଦ୍ୱିତୀୟ ବ୍ୟାୟାମ ଚାମ୍ପିୟନଶିପ୍ ଏବଂ ଦ୍ୱାଦଶ ମୁଏଥାଇ ଚାମ୍ପିୟନଶିପ୍ ୨୦୨୫ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଶୁକ୍ରବାରଠାରୁ ରବିବାର ପର୍ଯ୍ୟନ୍ତ ଆୟୋଜିତ ହେଉଥିବା ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମକୁ ଓଡ଼ିଶା ଥାଙ୍ଗ-ଟା ଆସୋସିଏଶନ ସଭାପତି ଡ. ଜ୍ଞାନରଞ୍ଜନ ମହାନ୍ତି ପରିଚାଳନା କରୁଛନ୍ତି । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମମତା ଚୌଧୁରୀ, ଜିସିଡି ହାଇସ୍କୁଲର ପ୍ରମିଳା ମହାପାତ୍ର, ଜିବିଏମ୍ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସାରିକା ବିଡ଼ିକା, ମହିଳା ମହାବିଦ୍ୟାଳୟ ଏନ୍‌ସିସି ଅଧିକାରୀ ରୀତାରାଣୀ ମିଶ୍ର, ଜିବିଏମ୍ ହାଇସ୍କୁଲ ଶିକ୍ଷକ ସତୀଶ କୁମାର ଲାଡ଼ି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ରାଜ୍ୟ ଥାଙ୍ଗ-ଟା ଆସୋସିଏଶନ ସଭାପତି ଡ.ମହାନ୍ତି କହିଛନ୍ତି, ଆଜିକା ସମୟରେ ବିଭିନ୍ନ ପ୍ରକାର ରୋଗ ବୃଦ୍ଧି ହେବାରେ ଲାଗିଛି। ତେଣୁ ବ୍ୟାୟାମ ଓ ସମରକଳା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହେବ ।

# ତାଲା ବନ୍ଦ ଘରୁ ନଗଦ ୧ ଲକ୍ଷ ସହ ହୀରା, ସୁନା ଅଳଙ୍କାର ଚୋରି

ବ୍ରହ୍ମପୁର,୯।୫(ସୁବାସ ଚନ୍ଦ୍ର ପାଢ଼ୀ)

ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଗଜପତିନଗରର ଅଷ୍ଟମ ଲାଇନର ଏକ ତାଲା ବନ୍ଦ ଘରେ ଚୋର ଦଳ କଳାକାନା ବୁଲାଇଛନ୍ତି। ପ୍ରାୟ ୧୭ ଲକ୍ଷ ଟଙ୍କାର ହୀରା ଓ ସୁନା ଅଳଙ୍କାର ସହ ନଗଦ ୧ଲକ୍ଷ ଟଙ୍କା ଚୋରି ହୋଇଛି। ଏ ନେଇ ଗୃହକର୍ତ୍ତାଙ୍କ ଅଭିଯୋଗ ପରେ ବୈଦ୍ୟନାଥପୁର ଥାନା ପୋଲିସ ନଂ.୨୩୮/୨୫ ରେ ଏକ ମାମଲା ରୁଜୁ କରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଚୋର ଗ୍ୟାଙ୍ଗ ସମ୍ପର୍କରେ ତଥ୍ୟ ହାସଲ ପାଇଁ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁରର ସହାୟତା ନିଆଯାଇଛି। ସେହିପରି ସିସିଟିଭି ଫୁଟେଜ ସଂଗ୍ରହ କରି ଦୁର୍ବୃତ୍ତଙ୍କୁ ଚିହ୍ନଟ କରିବାକୁ ଚେଷ୍ଟା ଜାରି ରଖିଛି ପୋଲିସ।ଗଜପତିନଗର ଅଷ୍ଟମ ଲାଇନରେ ରହୁଥିବା କୁମୁଦିନି ସେଠୀ ଓ ତାଙ୍କ ପରିବାର ଲୋକେ ୮ ତାରିଖ କୌଣସି କାମରେ ଘରେ ତାଲା ପକାଇ ବାହାରକୁ ଯାଇଥିଲେ। ଏହାର ସୁଯୋଗ ନେଇ ଦୁଇ ଜଣ ଦୁର୍ବୃତ୍ତ ଏକ ବାଇକରେ କୁମୁଦିନିଙ୍କ ଘର ନିକଟରେ ପହଞ୍ଚିଥିଲେ । ଏହାପରେ ସେମାନ ଘରର ତାଲା ଭାଙ୍ଗି ଭିତରକୁ ପଶିଥିଲେ ।ଘର ଭିତରେ ଥିବା ଲକର ଭାଙ୍ଗି ତା' ଭିତରୁ ୧୨ ଲକ୍ଷ ମୂଲ୍ୟର ବିଭିନ୍ନ ପ୍ରକାର ସୁନା ଅଳଙ୍କାର, ୪ ଲକ୍ଷ ମୂଲ୍ୟର ହୀରା ଅଳଙ୍କାର ଓ ନଗଦ ୧ ଲକ୍ଷ ଟଙ୍କା ଚୋରି କରି ନେଇଯାଇଥିଲେ । ଶୁକ୍ରବାର କୁମୁଦିନି ଓ ତାଙ୍କ ପରିବାର ଲୋକେ ଘରକୁ ଫେରିବା ପରେ ତାଲା ଭଙ୍ଗା ଯାଇଥିବା ଦେଖିଥିଲେ । ଭିତରକୁ ଯାଇ ଯାଞ୍ଚ ବେଳେ ଲକର ଭଙ୍ଗା ଯାଇ ତା' ଭିତରର ସମସ୍ତ ଅଳଙ୍କାର ଓ ଟଙ୍କା ଗାଏବ ଥିବା ପରିବାର ଲୋକେ ଜାଣିବାକୁ ପାଇଥିଲେ । ଏପରିକି ଦୁର୍ବୃତ୍ତମାନେ ବାଇକରେ ଘର ନିକଟକୁ ଆସିବା ଓ ଭିତରେ ପଶି ଚୋରି କରିବା ବେଳର ଦୃଶ୍ୟ ସିସିଟିଭି କ୍ୟାମେରାରେ କଏଦ ହୋଇଛି ।

# ରାତିରେ ମୋବାଇଲ ଗେମ୍ ଖେଳୁଥିଲେ, ଭୋରରେ ଜୀବନ ହାରିଲେ

ବ୍ରହ୍ମପୁର,୯।୫(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଟାଉନ ଥାନା ଅନ୍ତର୍ଗତ ବିଜିପୁର ଅଞ୍ଚଳର ଜଣେ ୯ମ ଶ୍ରେଣୀ ଛାତ୍ର ବିଳମ୍ବିତ ରାତିଯାଏଁ ମୋବାଇଲରେ ଗେମ ଖେଳୁଥିବା ବେଳେ ଭୋରରେ ସେ ଜୀବନ ହାରିଛନ୍ତି। ସେ ହେଲେ ବିଜିପୁରର ନରେନ୍ଦ୍ର ମହାରଣାଙ୍କ ପୁଅ ଶୁଭ୍ରାଂଶୁ ମହାରଣା(୧୪) । ତାଙ୍କ ଆତ୍ମହତ୍ୟାର କାରଣ ଜଣାପଡିନାହିଁ। ଏ ନେଇ ଟାଉନ ଥାନାରେ ନଂ.୧୦/୨୫ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଗୁରୁବାର ରାତିରେ ପରିବାର ଲୋକେ ଶୋଇଯିବା ପରେ ଶୁଭ୍ରାଂଶୁ ବିଭିନ୍ନ ପ୍ରକାର ଆପ ଡାଉନଲୋଡ କରି ଗେମ ଖେଳୁଥିଲେ । ସକାଳୁ ପରିବାର ଲୋକେ ଉଠିବା ପରେ ଶୁଭ୍ରାଂଶୁ ବେକରେ ଲୁଗା ବାନ୍ଧି ଝୁଲନ୍ତା ଅବସ୍ଥାରେ ଥିବା ଦେଖିଥିଲେ। ଏନେଇ ସେମାନେ ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ଶୁଭ୍ରାଂଶୁ କୌଣସି କଥାକୁ ନେଇ ସେ ମାନସିକ ଭାରସାମ୍ୟ ହରାଇ ଏଭଳି ପଦକ୍ଷେପ ନେଇଥିବା ସନ୍ଦେହ କରାଯାଉଛି ।

# ରେଳଧାରଣାରୁ ଯୁବକଙ୍କ ମୃତଦେହ ଜବତ

ବ୍ରହ୍ମପୁର,୯।୫(ସୁବାସ ଚନ୍ଦ୍ର ପାଢ଼ୀ)

ସରକାରୀ ରେଳବାଇ ପୋଲିସ (ଜିଆରପି) ଶୁକ୍ରବାର ପୂର୍ବାହ୍ନରେ ରେଳଧାରଣାରୁ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ସେ ହେଲେ ନିମଖଣ୍ଡି ଥାନା ଅନ୍ତର୍ଗତ ଝାଡ଼ାଙ୍କୁଲି ଗ୍ରାମର ବୁଦ୍ଧେଇ ବେହେରା(୩୮)। ଏ ନେଇ ନଂ.୪୩/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଘରୋଇ ଅଶାନ୍ତିକୁ କେନ୍ଦ୍ରକରି ଯୁବକଜଣକ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ମୃତଦେହ ନିକଟରୁ ଗୋଟିଏ ମୋବାଇଲ ଓ ଟ୍ରେନ ଟିକେଟ ମିଳିଥିଲା। ମୋବାଇଲରୁ ଯୋଗାଯୋଗ କରିବାରୁ ସ୍ଥାନୀୟ ରାମନଗରରେ ରହୁଥିବା ମୃତକଙ୍କ ଶାଳକ ଶ୍ରୀଧର ବେହେରା ଓ ତାଙ୍କ ସ୍ତ୍ରୀ ସେଠାରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ବୁଦ୍ଧେଇ ଦୁଇଦିନ ତଳେ ଘରୁ ଚାଲିଯାଇଥିଲେ। ପୋଲିସ ଘଟଣାର ତଦନ୍ତ କରୁଥିବା କହିଛି।

# ମାଟ୍ରିକ୍ ବ୍ଲକ୍ ଟପ୍ପର ଛାତ୍ର ସମ୍ବର୍ଦ୍ଧିତ



ବ୍ଲକ୍ ଟପ୍ପର ତେଜେଶ୍ୱର ଜେନାଙ୍କୁ ଟି. ନାଗଭୂଷଣ ରାଓ ସମ୍ବର୍ଦ୍ଧିତ କରୁଛନ୍ତି।

ଗୁଣପୁର,୯।୫(ପ୍ରଦୀପ କୁମାର ପାଢ଼ୀ)

ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ରାୟଗଡା ଜିଲା ଗୁଣପୁର ବ୍ଲକ୍ ଟପ୍ପର ତେଜେଶ୍ୱର ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଜଲତାରସ୍ଥିତ ଉଚ୍ଚ ବିଦ୍ୟାଳୟର ଛାତ୍ର ତେଜେଶ୍ୱର ଜେନା ୫୩୬ନଂ ରଖି ଗୁଣପୁର ବ୍ଲକର ଟପ୍ପର ହୋଇଥିଲେ। ସେ ଅନୁଷ୍ଠାନର ଗୌରବ ବଢ଼ାଇଥିବାରୁ ପରିଚାଳନା ସମିତିର ପୂର୍ବତନ ସମ୍ପାଦକ ତଥା ସାମାଜିକ କର୍ମୀ ଟି. ନାଗଭୂଷଣ ରାଓ ପୁଷ୍ପଗୁଚ୍ଛ ସହ ଉପଢୌକନ ଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠାନରେ ଚଳିତ ବର୍ଷ ୬୪ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିବା ବେଳେ ଶତ ପ୍ରତିଶତ ପାସ୍ ହୋଇଥିଲେ। ୧୯୯୪ ମସିହାରେ ଟି. ନାଗଭୂଷଣଙ୍କ ଉଦ୍ୟମରେ ବେସରକାରୀ ଭାବେ ହାଇସ୍କୁଲ ସ୍ଥାପନ କରିଥିଲେ। ପରବର୍ତ୍ତୀ ସମୟରେ ଉକ୍ତ ହାଇସ୍କୁଲକୁ ସରକାରୀ ମାନ୍ୟତା ମିଳିଥିଲା।

ସୂଚନା ଯୋଗ୍ୟ, ତେଜେଶ୍ୱରଙ୍କ ବାପା ପ୍ରଫୁଲ ଜେନା ଜଣେ ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଥିବା ବେଳେ ମାଁ ଲକ୍ଷ୍ମୀ ଜେନା ଗୃହିଣୀ। ଏକମାତ୍ର ପୁତ୍ର ତେଜେଶ୍ୱର ଚଳିତ ମାଟ୍ରିକ ପରୀକ୍ଷାରେ ବ୍ଲକରେ ସର୍ବାଧିକ ମାର୍କ ରଖି କୃତିତ୍ୱର ସହ ପାସ୍ କରିଥିବାରୁ ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ କୃତଜ୍ଞତା ଜଣାଇଛନ୍ତି।


**ପଣ୍ୟାଗାର ବିକାଶ ଓ ନିୟାମକ ପ୍ରାଧିକରଣ**
**ଭାରତ ସରକାର**
ଏନ୍.ସି.ୟୁ.ଆଇ. ଭବନ, ଚତୁର୍ଥ ମହଲା, ୩, ସିରି ଇନଷ୍ଟିଚ୍ୟୁସନାଲ ଏରିଆ, ଅଗଷ୍ଟ କ୍ରାନ୍ତି ମାର୍ଗ, ହୌଜ ଖାସ୍, ନୂଆଦିଲ୍ଲୀ - ୧୧୦୦୧୬; ଦୂରଭାଷ:- ୪୯୫୩୬୪୯୬, ୪୯୦୯୨୯୭୮
WDRA
**Warehousing Development and Regulatory Authority**
**Government of India**
NCUI Building, 4th Floor, 3, Siri Institutional Area, August Kranti Marg, Hauz Khas, New Delhi - 110016, Tel. No. 49536496, 49092978
ଏଫ୍.ନଂ. ଏଲ୍-୧୧/୧/୨୦୨୪-ଆଇଟି    ତାରିଖ: ୨୪।୦୪।୨୦୨୫

**ଡବ୍ଲ୍ୟୁଡିଆର୍‌ଏରେ ମଧ୍ୟସ୍ଥମାନଙ୍କ ତାଲିକାଭୁକ୍ତୀକରଣ ପାଇଁ ଦରଖାସ୍ତ ଆହ୍ୱାନ ସମ୍ବନ୍ଧୀୟ ବିଜ୍ଞପ୍ତି**

ପଣ୍ୟାଗାର ବିକାଶ ଏବଂ ନିୟାମକ ପ୍ରାଧିକରଣ (ଏତଦ୍‌ପଶ୍ଚାତ୍ ଡବ୍ଲ୍ୟୁଡିଆର୍‌ଏ), ପଣ୍ୟାଗାର (ବିକାଶ ଏବଂ ନିୟନ୍ତ୍ରଣ), ଅଧିନିୟମ, ୨୦୦୭ ଅଧୀନରେ ଗଠିତ ଏକ ସଂଗଠନ, ପାଞ୍ଚ ବର୍ଷ ଅବଧି ପାଇଁ ମଧ୍ୟସ୍ଥ(ଗଣ)ଙ୍କୁ ତାଲିକାଭୁକ୍ତ କରିବା ପାଇଁ ପ୍ରସ୍ତାବ ରଖିଛି। ଦରଖାସ୍ତ ଆହ୍ୱାନ ସମ୍ବନ୍ଧୀୟ ବିବରଣୀ www.wdra.gov.in ରେ 'ଟେଣ୍ଡର/ଇଓଆଇ' ଅଧୀନରେ ଦେଖାଯାଇପାରିବ।
ସର୍ତ୍ତାବଳୀ ପୂରଣ କରୁଥିବା ଆବେଦନକାରୀମାନେ ସେମାନଙ୍କର ଆବେଦନ ସମେତ ଆବଶ୍ୟକୀୟ ଦସ୍ତାବିଜଗୁଡ଼ିକୁ ଖବରକାଗଜରେ ଏହି ବିଜ୍ଞାପନ ପ୍ରକାଶିତ ହେବାର ୩୦ ଦିନ ମଧ୍ୟରେ ଏକ ଜଉମୁଦଦିଆ ଲଫାପାରେ ଲଫାପାର ଉପରିଭାଗରେ "ମଧ୍ୟସ୍ଥଙ୍କ ତାଲିକାଭୁକ୍ତୀକରଣ ପାଇଁ ଆବେଦନ" ଲେଖି ନିର୍ଦ୍ଦେଶକ (ଏ ଆଣ୍ଡ ଏଫ୍), ପଣ୍ୟାଗାର ବିକାଶ ଏବଂ ନିୟାମକ ପ୍ରାଧିକରଣ, ୪ର୍ଥ ମହଲା, ଏନ୍.ସି.ୟୁ.ଆଇ. ଭବନ, ୩, ସିରି ଇନଷ୍ଟିଚ୍ୟୁସନାଲ ଏରିଆ, ଅଗଷ୍ଟ କ୍ରାନ୍ତି ମାର୍ଗ, ହୌଜ ଖାସ୍, ନୂଆଦିଲ୍ଲୀ-୧୧୦୦୧୬ଙ୍କ ନିକଟରେ ଦାଖଲ କରିବା ଆବଶ୍ୟକ।
ସଦ୍ୟତମ ସୂଚନା/ଶୁଦ୍ଧିପତ୍ର ପାଇଁ, ନିୟମିତ ବ୍ୟବଧାନରେ ଡବ୍ଲ୍ୟୁଡିଆର୍‌ଏ ୱେବସାଇଟ୍ ପରିଦର୍ଶନ କରାଯିବା ଉଚିତ । ଡବ୍ଲ୍ୟୁଡିଆର୍‌ଏରେ ତାଲିକାଭୁକ୍ତୀକରଣ ପାଇଁ ଆବେଦନ କରାଯିବାର କାର୍ଯ୍ୟ ଆବେଦନକାରୀଙ୍କୁ ଡବ୍ଲ୍ୟୁଡିଆର୍‌ଏରେ ତାଲିକାଭୁକ୍ତ ହେବା ପାଇଁ କୌଣସି ପ୍ରକାରରେ ମଧ୍ୟ ଅଧିକାର/ଆଶ୍ୱାସନା ଦିଏ ନାହିଁ।
ସେମାନଙ୍କର ତାଲିକାଭୁକ୍ତୀକରଣକୁ ସୁନିଶ୍ଚିତ କରୁଥିବା ପତ୍ର ପୃଥକ ଭାବେ ଜାରି କରାଯିବ।
ସ୍ୱା./-
CBC 08109/12/0001/2526    ସହକାରୀ ନିର୍ଦ୍ଦେଶକ (ଏ ଆଣ୍ଡଏଫ୍, ସି)

**ଦ.ପୂ. ରେଳପଥ – ଟେଣ୍ଡର**
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିପିଏମ୍/ଜିଏସ୍‌ୟୁ/ଏସ୍.ଇ. ରେଳପଥ, ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଇ-ଟେଣ୍ଡର ପାଇଁ ମାନୁଆଲ ଅଫର୍ ଅନୁମତିଯୋଗ୍ୟ ହେବନାହିଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ଜିଏସ୍‌ୟୁ-୨୦୨୪-୨୫-ଜିଏସ୍-୨, ତାରିଖ: ୦୭।୦୫।୨୦୨୫। କାର୍ଯ୍ୟର ନାମ: ପାଟସାହି (ପିଏସ୍‌କେ) ଏବଂ ରାଙ୍ଗା (ଆର୍‌କିଜେଡ୍)ଠାରେ ବିଦ୍ୟମାନ ଗୁଡ୍‌ସ ଶେଡ୍‌ର ଭିତ୍ତିଭୂମି ଉନ୍ନତୀକରଣ/ଆଧୁନିକୀକରଣ । ଟେଣ୍ଡର ମୂଲ୍ୟ: ₹୨୩,୭୪,୪୯,୯୫୯ । ଇଏମ୍‌ଡି: ₹୧୩,୩୭,୩୦୦ । ଟେଣ୍ଡର ଫର୍ମ ମୂଲ୍ୟ: ₹୦ । ଖୋଲାଯିବା ତାରିଖ: ୦୨।୦୬।୨୦୨୫ । ଟେଣ୍ଡର ୱେବ୍‌ସାଇଟ୍: http://www.ireps.gov.in ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ । ଦ୍ରଷ୍ଟବ୍ୟ: ସମସ୍ତ ଟେଣ୍ଡରଦାତାଙ୍କୁ ବିନା ମୂଲ୍ୟରେ ଇ-ଟେଣ୍ଡର ଫର୍ମ ଜାରି କରାଯିବ । (କର୍ତ୍ତୃପକ୍ଷ- ରେଲୱେ ବୋର୍ଡର ପତ୍ର ସଂ. ୨୦୨୦/ସିଇ-I/ସିଟି/୩ଇ/କିସିସି/ପଲିସି, ତାରିଖ: ୧୬।୦୭।୨୦୨୦) । (PR-142)

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**Current Manpower Requirement**
**@Trupti Enterprises Pvt. Ltd.**
Tata Motors Passenger Car Dealership in BBSR
1. Team Leaders - 5
2. Sales Customer Adviser - 15
3. Tele Callers - 3
4. EMO-Rural outlet Manager - 1
5. Sales Coach-Trainer - 1
6. Drivers - 2
Qualification - Graduate/MBA/Marketing
Experience - 4-5 years in Automobile-Fresher can also apply
Nb - Salary is not a constraint for right candidates.
Contact : Satyabrata Jena, Mob : 7077770313

**ଡ୍ରାଇଭର ଆବଶ୍ୟକ**
ଅଟୋ/ଟାଟା ଏସିଇ/ବୋଲେରୋ ପିକ୍‌ଅପ୍ ଗାଡ଼ି ପାଇଁ ଏବଂ ଫର୍ଣ୍ଣିଚର, ରଡ୍ ଓ ସିମେଣ୍ଟ ଡିପୋରେ ଗାଡ଼ି ଚଲାଇବା ପାଇଁ ଡ୍ରାଇଭର ଦରକାର। ଭୁବନେଶ୍ୱରରେ ମାଗଣା ରହିବା ଓ ଖାଇବା ବ୍ୟବସ୍ଥା ଅଛି।
- ଯୋଗାଯୋଗ -
7064170280

See Career Appointment on every Wednesday & Saturday

**WANTED a young and dynamic SALES EXECUTIVE**
for selling Automotive Battery based in PURI & BHUBANESWAR for a reputed Distributor.
Interested candidates may send resumes to
email ID: tbsa.bbsr@gmail.com
Call -7008713919

**ରୋଷେଇ ପାଇଁ ସ୍ତ୍ରୀ ଲୋକ ଆବଶ୍ୟକ**
ଭୁବନେଶ୍ୱର ଟଙ୍କପାଣି ରୋଡରେ ରହିବାର ସୁବିଧା ଅଛି। ଘରେ ରୋଷେଇ କରିବାକୁ ସ୍ତ୍ରୀ ଲୋକ ଦରକାର।
– ଯୋଗାଯୋଗ –
9437357532 / 8917516693

**e-Procurement Cell**
**Executive Engineer, National Rural Employment Programme, Ranchi**
**JHARKHAND, RANCHI**

**Very Short Term e-Procurement Notice**
**Tender Reference No.03/2025-26**

| SI. No | Name of Scheme | Estimated Amount (Lac) | Earnest Money (Lac) | BoQ Cost | Scheme Completion Date | Tools & Plant |
|---|---|---|---|---|---|---|
| 1 | रॉची जिलान्तर्गत जगन्नाथ मंदिर की मरम्मति एवं पुनर्विकास कार्य | 3,11,79,500 | 6,23,600 | 10000.00 | 12 Month | कार्य के अनुरूप |
| 3 | Date of Publication of Tender on Website | 13.05.2025 at 9:00 AM | | | | |
| 4 | Start Date of Submission of Bids | 13.05.2025 at 10:00 AM | | | | |
| 5 | Last Date/Time of Submission of Bids | 17.05.2025 at 11:00 AM | | | | |
| 6 | Date/Time of opening of Bid | 19.05.2025 at 2:00 PM | | | | |
| 7 | Name & Address of office Inviting tender e-Procurement Cell, | National Rural Employment Programme, Ranchi. | | | | |
| 8 | Helpline Number of e-procurement Cell | 94727-45569 | | | | |

Any change can be seen on Website *http:// Jharkhandtenders.gov.in.*
*Any other information can be seen on http:// Jharkhandtenders.gov.in.*
Nodal Officer, e-Procurement Cell
Executive Engineer, National Rural Employment Program me, Ranchi
PR 352061 NREP(25-26)#D

## ସଂକ୍ଷେପରେ

### ମଞ୍ଚାଗାଁ ସରପଞ୍ଚ ସଦା ସାନ୍ତାଙ୍କ ପରଲୋକ

ତେନ୍ତୁଲିଖୁଣ୍ଟି, ୯।୫(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ମଞ୍ଚାଗାଁ ପଞ୍ଚାୟତ ସରପଞ୍ଚ ସଦା ସାନ୍ତାଙ୍କ ଗୁରୁବାର ରାତିରେ ହୃଦ୍‌ଘାତରେ ପରୋଲୋକ ଘଟିଛି। ୨୦୨୨ରେ ହୋଇଥିବା ତ୍ରିସ୍ତରୀୟ ନିର୍ବାଚନରେ କଂଗ୍ରେସ ସମର୍ଥିତ ସରପଞ୍ଚ ପ୍ରାର୍ଥୀ ଭାବେ ସେ ଜିତିଥିଲେ। ମଞ୍ଚାଗାଁ ପଞ୍ଚାୟତ ନାଏବ ସରପଞ୍ଚ ପୂର୍ବରୁ ଇସ୍ତଫା ଦେଇଛନ୍ତି। ଏବେ ସରପଞ୍ଚଙ୍କ ମୃତ୍ୟୁ ପରେ କାର୍ଯ୍ୟକାରୀ ସରପଞ୍ଚ କିଏ ହେବ ତାହାକୁ ନେଇ ଚର୍ଚ୍ଚା ହେଉଛି। ସୂଚନାନୁଯାୟୀ, ଗୁରୁବାର ସଦା ହଠାତ୍ ଅସୁସ୍ଥତା ଅନୁଭବ କଲେ। ରାତି ପ୍ରାୟ ୧୦ଟାରେ ତେନ୍ତୁଲିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିବାର ଲୋକେ ନେଇଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବରପାଇ ତେନ୍ତୁଲିଖୁଣ୍ଟି ପୋଲିସ ଶୁକ୍ରବାର ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ ସହ ବ୍ୟବଚ୍ଛେଦ କରାଇଥିଲେ। ଅପରାହ୍ନ ୧ଟାରେ ସଦାଙ୍କ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଅପରାହ୍ନ ୨ଟା ପରେ ଗାଁ ଶ୍ମଶାନରେ ସତ୍କାର କରାଯାଇଛି। ଶବଯାତ୍ରାରେ ବ୍ଲକର ପ୍ରାୟ ସବୁ ଦଳ ନେତା ଓ ଅନ୍ୟ ପଞ୍ଚାୟତ ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତେ ଅମର ଆତ୍ମାର ସଦ୍‌ଗତି କାମନା ସହ ପରିବାର ଲୋକଙ୍କୁ ଆଶ୍ୱାସନା ଦେଇଥିଲେ।

### ଶ୍ରୀ ଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠାର ୩୫ତମ ବାର୍ଷିକ ଉତ୍ସବ

ତେନ୍ତୁଲିଖୁଣ୍ଟି, ୯।୫(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ଖାତିଗୁଡ଼ା (ଇନ୍ଦ୍ରାବତୀ)ରେ ଶ୍ରୀ ଅରବିନ୍ଦଙ୍କ ଦେହାଂଶ ସ୍ଥାପନର ୩୫ ତମ ବାର୍ଷିକ ଉତ୍ସବ ପାଳିତ ହୋଇ ଯାଇଛି। ଶୁକ୍ରବାର ପୂର୍ବାହ୍ନ ୮ଟାରେ ଆଧ୍ୟାତ୍ମିକ ପତାକା ଉତ୍ତୋଳନ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଦେହାଂଶ ମନ୍ଦିରରେ ଧୂପ ପୁଷ୍ପ ଅର୍ପଣ ସମବେତ ଧ୍ୟାନ ପରେ ପ୍ରଦର୍ଶନୀ ଉଦ୍‌ଘାଟନ କରାଯାଇଥିଲା। ପୂର୍ବାହ୍ନ ଅପରାହ୍ନ ଓ ସାନ୍ଧ୍ୟା ଅଧିବେଶନରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। 'ପ୍ରଭୁଙ୍କ ଆଗମନକୁ ପ୍ରଣାମ' ଶୀର୍ଷକରେ ସନ୍ତୋଷ ଗାହାଣ ଯୋଗଦେଇ ବୁଝାଇଥିଲେ। 'ପ୍ରେମରେ ବସ ଏ ଜଗତ' ସନ୍ଦର୍ଭରେ ସୁବାସ କର ନିଜ ବକ୍ତବ୍ୟ ରଖିଥିଲେ। 'ଶ୍ରୀ ଅରବିନ୍ଦଙ୍କ ସ୍ୱର୍ଣ ଅନନ୍ତକୁ ଆଲିଙ୍ଗନ' ଶୀର୍ଷକରେ ରାଧାନାଥ ଭାଇ ନିଜ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ସନ୍ଧ୍ୟା ଅଧିବେଶନ ସୁରେଶ ମିଶ୍ରଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ଏହାପରେ ଶିବିରାର୍ଥି ଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପ୍ରକାଶ ଯେ ୩୫ ବର୍ଷ ହେବ ମେ ମାସର ୯ରୁ ୧୧ ତାରିଖ ପର୍ଯ୍ୟନ୍ତ ଶ୍ରୀ ଅରବିନ୍ଦ ପାଠଚକ୍ର, ଆଧ୍ୟାତ୍ମିକ ପ୍ରଦର୍ଶନୀ, ଶିବିରରେ ଭାଗ ନେଉଥିବା ଯୁବ ଛାତ୍ରୀ ଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଛି।

# ଅସ୍ତିତ୍ୱ ହରାଇବା ଆଶଙ୍କାରେ ବି. ମାଳିଗୁଡ଼ା ଗାଁ

ନବରଙ୍ଗପୁର,୯।୫(ସଦାଶିବ ପ୍ରହରାଜ)

- ଗତିପଥ ବଦଳାଉଛି ଇନ୍ଦ୍ରାବତୀ ନଦୀ
- ପାଖରେ ଥିବା ସ୍କୁଲକୁ ସୁରକ୍ଷା ଦେବାକୁ ପଥରବନ୍ଧ ଦେବାକୁ ଦାବି

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ୍ ବି.ମାଳିଗୁଡ଼ାରେ ଅରବିନ୍ଦ ସ୍କୁଲ ଓ ଆଶ୍ରମ ବିଦ୍ୟାଳୟ ରହିଛି। ଏହା ପଛପଟେ ଚିରସ୍ରୋତା ଇନ୍ଦ୍ରାବତୀ ନଦୀ ତାହାର ଗତିପଥ ବଦଳାଇ ବିଦ୍ୟାଳୟ ଆଡ଼କୁ ମାଡ଼ିବାରେ ଲାଗିଛି। ବର୍ଷାଦିନେ ନଦୀଗର୍ଭ ଫୁଲିଉଠେ ଓ ବନ୍ୟା ପରିସ୍ଥିତି ସୃଷ୍ଟି ହୁଏ। ବିଦ୍ୟାଳୟର ସୁରକ୍ଷା ପାଇଁ ନଦୀକୂଳରେ ପଥରବନ୍ଧ ଦେବାକୁ ଅଭିଭାବକ ଓ ବିଦ୍ୟାଳୟ କମିଟି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ମାଧ୍ୟମରେ ଅନୁରୋଧ କରିଛନ୍ତି।

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ୍ ଅନ୍ତର୍ଗତ ବି.ମାଳିଗୁଡ଼ା ଗ୍ରାମଠାରେ ଅରବିନ୍ଦ ଇଣ୍ଟେଗ୍ରାଲ ସ୍କୁଲ ଏବଂ ଆଶ୍ରମ ରହିଛି। ଏହି ବିଦ୍ୟାଳୟରେ ପ୍ରାୟ ୮୫ ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ଆଶ୍ରମରେ ୫୦ ଜଣ ଛାତ୍ରୀଛାତ୍ର ରହୁଛନ୍ତି। ଗାଁର ଜନସଂଖ୍ୟା ୨୭୪୭ ହେବ। ଏବେ ପାଖରେ ଥିବା ଇନ୍ଦ୍ରବତୀ ନଦୀ ତା'ର ଗତିପଥ ବଦଳାଉଥିବାରୁ ବି.ମାଳିଗୁଡ଼ା ଗାଁରେ ବନ୍ୟା ଆସୁଛି। ନଦୀର ବନ୍ୟା ଜଳ ଶ୍ରୀଅରବିନ୍ଦ ଇଣ୍ଟେଗ୍ରାଲ ସ୍କୁଲ ଏବଂ ଆଶ୍ରମ ଅବସ୍ଥିତିକୁ ଆଘାତ କରୁଛି। ବର୍ଷ ବର୍ଷ ଧରି ନଦୀ ତାହାର କୂଳ ଖାଉଥିବାରୁ କ୍ଷତି ପରିମାଣ ବୃଦ୍ଧି ପାଉଛି, ଯାହାକି ବର୍ତ୍ତମାନ ଆଶ୍ରମ ପାଇଁ ବିପଦ ସୃଷ୍ଟି କରୁଛି। ଯୁଦ୍ଧକାଳୀନ ଭିତ୍ତିରେ ଏହାର ମରାମତି ନ କରାଗଲେ କିଛି ବର୍ଷ ମଧ୍ୟରେ ଇନ୍ଦ୍ରାବତୀ ନଦୀର ଜଳ ପ୍ରବାହରେ ଆଶ୍ରମ ଧୋଇଯିବା ନେଇ ଗ୍ରାମବାସୀ ଆଶଙ୍କା କରିଛନ୍ତି। ବି.ମାଳିଗୁଡ଼ା ଗ୍ରାମର ଅସ୍ତିତ୍ୱ ମଧ୍ୟ ବିପଦରେ ଅଛି। ବି.ମାଳିଗୁଡ଼ାରେ ଇନ୍ଦ୍ରାବତୀ ନଦୀ ପାର୍ଶ୍ୱରେ ବନ୍ୟା ସୁରକ୍ଷା ବ୍ୟବସ୍ଥା (ଲଞ୍ଚିଂ ଆପ୍ରୋନ୍ ସହ ସ୍ପର୍) ଗ୍ରହଣ କରିବା ପାଇଁ କର୍ତ୍ତୃପକ୍ଷଙ୍କୁ ଉପଯୁକ୍ତ ପଦକ୍ଷେପ ନେବାକୁ ବିଦ୍ୟାଳୟ କମିଟି ଅନୁରୋଧ କରିଛନ୍ତି। ଏନେଇ ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ପଦ୍ମଚରଣ ବେହେରାଙ୍କୁ ପଚାରିବାରୁ ଉପରୁ କୌଣସି ନିର୍ଦ୍ଦେଶ ଆସିନାହିଁ। ତଥାପି କାର୍ଯ୍ୟାଳୟ ଏସ୍‌ଡିଓଙ୍କୁ ବିଦ୍ୟାଳୟ ପରିଚାଳନା କମିଟି ଓ ଗ୍ରାମବାସୀ ଲିଖିତ ଭାବେ ଘଟଣା ସମ୍ପର୍କରେ ଜଣାନ୍ତୁ। ଅନୁଦାନ ଆସିଲେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ଡଙ୍ଗରଭେଜା, ସାଗରମୁଣ୍ଡାରେ ବାଲିଯାତ୍ରା ଉଦ୍‌ଯାପିତ


ବାଲି ଚାଙ୍ଗୁଡ଼ି ଧରି ଶ୍ରଦ୍ଧାଳୁମାନେ ଗାଁ ପରିକ୍ରମା କରୁଛନ୍ତି।

ନନ୍ଦାହାଣ୍ଡି, ୯।୫ (ପ୍ରତୀପ କୁମାର ଦାଶ)

**ପ୍ରତି ୧୨ ବର୍ଷରେ ପଡ଼େ ବାଲିଯାତ୍ରା**

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଡଙ୍ଗରଭେଜା ପଞ୍ଚାୟତ ସଦର ଓ ସାଗରମୁଣ୍ଡା ଗାଁରେ ଐତିହାସିକ ବାଲିଯାତ୍ରା ଭସାଣୀ କରାଯାଇଛି। ଏହି କୃଷିଭିତ୍ତିକ ବାଲିଯାତ୍ରା ୧୨ ବର୍ଷକୁ ଥରେ ଏଠାରେ ଅନୁଷ୍ଠିତ ହୋଇଥାଏ। ଦୀର୍ଘ ତିନି ମାସ ଧରି ଏହି ଯାତ୍ରା ପୂଜାରୀଙ୍କ ଘରେ ଚାଲୁଥିଲା।

ଗତ ୨୯ ତାରିଖରେ ସ୍ଥାନୀୟ ବାଙ୍ଗିରି ନାଳରୁ ବାଲି ସଂଗ୍ରହ ସହ ୯ ଦିନ ପୂର୍ବରୁ ବିହନ ବୁଣା ଯାଇଥିଲା। ଗାଁ ର ରୟତିମାନେ ମିଶି ଏହି ଯାତ୍ରା ଆୟୋଜନ କରିଥିଲେ। ପୂଜାରୀଙ୍କ ଘର ଠାରୁ ଲାଠି, ଗାଦି ଓ ଶହ ଶହ ବାଲି ଗଜା ଚାଙ୍ଗୁଡ଼ି ଧରି ଏକ ଶୋଭାଯାତ୍ରା ବାହାରି ଥିଲା। ଭଷାଣି ଶୋଭାଯାତ୍ରା ବହୁ ପାଟୁଆରରେ କରାଯାଇଥିଲା। ବିଭିନ୍ନ ନାଟକ, ବାଜା ବାଜଣା ସହ ବାଲି ଗଜା ଚାଙ୍ଗୁଡ଼ି ଗାଁ ପରିକ୍ରମା କରି ବାଲି ପଡିଆରେ ପହଞ୍ଚି ଥିଲା। ସେଠାରେ ଭୀମା ଭିମାଣୀଙ୍କ କାଠ ମୂର୍ତ୍ତି ଆଣି ପୋତି ପୂଜା କରାଯାଇଥିଲା। ପାଗ ଅନୁକୂଳ ଥିବା ଯୋଗୁ ହଜାର ହଜାର ଲୋକଙ୍କ ଆଗମନରେ ପ୍ରବଳ ଜନଗହଳି ହୋଇଥିଲା। ରାତିରେ ମନୋରଞ୍ଜନ ପାଇଁ ବିଭିନ୍ନ ଆଞ୍ଚଳିକ ନାଟକ ପ୍ରଦର୍ଶନ କରାଯାଇଛି। ବାଲିଯାତ୍ରା ଜନସମାଗମରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ, ବ୍ଲକ ସାଂସଦ ପ୍ରତିନିଧି ଜାନକୀ କାନ୍ତ ବିଷୋୟୀ, ବିଜେଡି ନେତ୍ରୀ କୌଶଲ୍ୟା ପ୍ରଧାନୀ, ନନ୍ଦାହାଣ୍ଡି ବ୍ଲକ ଅଧକ୍ଷା ରଶ୍ମିତା ମାଝୀ , ଜୋନ୍-୨ ର ଜିଲା ପରିଷଦ ସଭ୍ୟ ଅରୁଣ ମିଶ୍ରଙ୍କ ସମେତ ଅନେକ ଜନପ୍ରତିନିଧି ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

### ୨ ଚୋରି ବାଇକ୍ ଜବତ, ଜଣେ ଗିରଫ

ନବରଙ୍ଗପୁର, ୯।୫(ସଦାଶିବ ପ୍ରହରାଜ)

ନବରଙ୍ଗପୁର ପୋଲିସ ୨ଟି ଚୋରି ବାଇକ୍ ଜବତ କରିଛି। ବାଇକ୍ ଚୋରି ଅଭିଯୋଗରେ ପାପଡ଼ାହାଣ୍ଡି ଥାନା ଦିଶାରୀଗୁଡ଼ା ଗାଁର ଲବ ଭତ୍ରାକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସୂଚନାନୁଯାୟୀ, ୬ ତାରିଖରେ ବିକ୍ରମପୁର ଗାଁର ପଞ୍ଚାନନ ଭୋଳଙ୍କ ବାଇକ୍ ଚୋରି ହୋଇଥିବା ନେଇ ଥାନାରେ ଏତଲା ଦେଇଥିଲେ। ଏତଲାକୁ ଆଧାର କରି ପୋଲିସ ତଦନ୍ତ ଚଳାଇଥିଲା। ଦିଶାରୀଗୁଡ଼ା ଗାଁର ଲବ ଭତ୍ରାଙ୍କ ଘରୁ ବାଇକ୍ ଉଦ୍ଧାର କରାଯାଇଥିଲା। ଗୋଟିଏ ବାଇକ୍ ପଞ୍ଚାନନ୍ ଭୋଳଙ୍କ ହୋଇଥିବା ବେଳେ ଅନ୍ୟ ବାଇକ୍ ତେନ୍ତୁଳିଖୁଣ୍ଟି ଥାନା ପାଡ଼େଲଗୁଡ଼ା ଗାଁର ହରି ମାଝୀଙ୍କର ବୋଲି ତଦନ୍ତକାରୀ ଅଧିକାରୀ ଏସ୍.କେ ପ୍ରଧାନ ଓ ଏସ୍‌ଆଇ ଏସ୍.ଗରଡା ସୂଚନା ଦେଇଛନ୍ତି।

### ଶିବିରରୁ ୩୩ ୟୁନିଟ୍ ରକ୍ତ ସଂଗ୍ରହ

କୁନ୍ଦୁରା, ୯।୫(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଉପାନ୍ତ ତଥା ସୀମାନ୍ତ ଆସନା ପଞ୍ଚାୟତ ଉଦଲଗୁଡ଼ା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜିଲା ରକ୍ତଦାତା ଫୋରମ ପକ୍ଷରୁ ଗୁରୁବାର ଏକ ରକ୍ତଦାନ ଶିବିର କରାଯାଇଛି। ଏଠାରେ ୩୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ରକ୍ତଦାତା ଫୋରମ ସମ୍ପାଦକ ସାହେଦା ପାରିନଙ୍କ କଥାରେ ଏକମତ ହୋଇ ଅଞ୍ଚଳବାସୀ ରକ୍ତଦାନ କରିଥିଲେ। ବିଶ୍ୱ ରେଡ୍‌କ୍ରସ ଏବଂ ବିଶ୍ୱ ଥଲାସେମିଆ ଦିବସ ଉପଲକ୍ଷେ ଜିଲା ରକ୍ତଦାତା ଫୋରମ ପକ୍ଷରୁ ଗ୍ରାମାଞ୍ଚଳରେ ଲୋକଙ୍କୁ ସଚେତନ କରି ଅଧିକରୁ ଅଧିକ ରକ୍ତ ସଂଗ୍ରହ ନେଇ ଲକ୍ଷ୍ୟ ରଖାଯାଇଥିବା ଫୋରମର ଯୁଗ୍ମ ସମ୍ପାଦକ ବଦ୍ରିନାରାୟଣ ଆଚାର୍ଯ୍ୟ କହିଛନ୍ତି। କାର୍ଯ୍ୟକ୍ରମକୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଅରବିନ୍ଦ ଏବଂ ଡାକ୍ତର ହରିଶ୍ଚନ୍ଦ୍ର ପ୍ରଧାନ ଉଦଘାଟନ କରିଥିଲେ। ଜିଲା ରକ୍ତଦାତା ଫୋରମର ଶେଖ ଇବ୍ରାହିମ, ଜି. ସଞ୍ଜୀବ ରାଓ, ତୁଷାର ଭଟ୍ଟ, ଲଛମନ ଭତ୍ରା, ସୁବାସ ମାଝୀ, ଲାବଣ୍ୟ ଗୌଡ଼, କେଦାରନାଥ ଦାସ, ମଙ୍ଗରାଜ ଭୂମିଆ, ମୋତିରାମ ନାୟକ ପ୍ରମୁଖ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିବାରେ ସହଯୋଗ କରିଥିଲେ।

# ସିୟୁଓରେ ଆଦି ଶଙ୍କରାଚାର୍ଯ୍ୟ ଜୟନ୍ତୀ ପାଳିତ



କାର୍ଯ୍ୟକ୍ରମରେ ଉପସ୍ଥିତ ବିଶ୍ୱବିଦ୍ୟାଳୟ କୁଳପତି ଓ ଅନ୍ୟମାନେ।

କୋରାପୁଟ,୯।୫(ଅମିତାଭ ବେହେରା)

କୋରାପୁଟ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗ ପକ୍ଷରୁ ଆଦି ଶଙ୍କରାଚାର୍ଯ୍ୟ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ଏଥିରେ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ନରସିଂହ ଚରଣ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଶଙ୍କରାଚାର୍ଯ୍ୟଙ୍କ ଜୀବନ, ଦାର୍ଶନିକ ଚିନ୍ତାଧାରା ଓ ଅଦ୍ୱୈତ ବେଦାନ୍ତର ଗୁରୁତ୍ୱ ନେଇ ସେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ହିନ୍ଦୀ ବିଭାଗ ମୁଖ୍ୟ ଡ.ଚକ୍ରଧର ପ୍ରଧାନ, ଡ.ମନୋଜ କୁମାର ସିଂହ ଓ ସଂସ୍କୃତ ବିଭାଗର ସମସ୍ତ ଶିକ୍ଷକ ଉପସ୍ଥିତ ଥିଲେ। ହିନ୍ଦୀ ଓ ସଂସ୍କୃତ ବିଭାଗର ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଡ. ନବୀନ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୀତା ଶ୍ଳୋକାବୃତ୍ତି ଓ ଭାଷଣ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଡ. ସଞ୍ଜୀବ ସରକାର, ଡ. ଦେବାଶିଷ କର୍ମକାର, ଡ. ବୀରେନ୍ଦ୍ର କୁମାର ଷଡଙ୍ଗୀ ଓ ସତ୍ୟବ୍ରତ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

# ମନ୍ଦିରରେ ସତ୍ୟନାରାୟଣ ପୂଜା, ହୋମ


ମନ୍ଦିରରେ ହୋମକାର୍ଯ୍ୟ କରାଯାଉଛି।

ନବରଙ୍ଗପୁର,୯।୫ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ସହର ଉପକଣ୍ଠରେ ଥିବା ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ପରିସରରେ ଗୁରୁବାର ମୋହିନୀ ଏକାଦଶୀ ଓ ସତ୍ୟନାରାୟଣ ପୂଜା ନୀତି ଅନୁଷ୍ଠିତ ହୋଇଛି। ନବରଙ୍ଗପୁର ଜିଲାବାସୀଙ୍କ ମଙ୍ଗଳ କାମନା କରି ପ୍ରତିବର୍ଷ ଏହି ବଡ଼ ଏକାଦଶୀ ନୀତି ଏବଂ ମନ୍ଦିର ନାଟ୍ୟ ମଣ୍ଡପ ପରିସରରେ ସତ୍ୟନାରାୟଣଙ୍କ ପୂଜା ହୋମ କରାଯାଏ। ସକାଳୁ ପ୍ରଥମେ ସୂର୍ଯ୍ୟ ପୂଜା, ମଣ୍ଡଳ ପୂଜା, ବାସ୍ତୁ ପୂଜା ଏବଂ ଗ୍ରହ ପୂଜା ପରେ ହୋମ କାର୍ଯ୍ୟ କରାଯାଏ। ଶ୍ରୀ ଜୀଉଙ୍କ ସନ୍ଧ୍ୟା ଆରତି ପରେ ଚଳନ୍ତି ପ୍ରତିମା ରାଧାକୃଷ୍ଣଙ୍କୁ ମନ୍ଦିର ବେଢ଼ା ପରିକ୍ରମା ଓ ପରେ ବେଢ଼ା ଆଳତି କରାଯାଏ। ଏହାପରେ ପୁଣି ପୂଜା ଓ ହୋମ କରାଯାଇଛି। ପରେ ସତ୍ୟନାରାୟଣଙ୍କ ନିକଟରେ ସନ୍ଧ୍ୟା ଆରତି ଏବଂ ରାତିରେ ପୂଜାର ପୂର୍ଣ୍ଣାହୁତି ଦିଆଯାଇଛି। ନବରଙ୍ଗପୁର ରାଜପୁରୋହିତ ନରସିଂହ ନାଥ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପୂଜା ସମୟରେ ମନ୍ଦିର ପୂଜକ ଶେଷ ବ୍ରହ୍ମା, ଜଗନ୍ନାଥ ବ୍ରହ୍ମା, ଲକ୍ଷ୍ମୀ ମନ୍ଦିର ପୂଜକ ରବୀନ୍ଦ୍ର ଶତପଥୀ, ସେବାୟତ ସୁମିତ ପାଳ, ପପୁ ତ୍ରିପାଠୀ, ବାବୁଲୁ ଦାସ, ଦିପୁ ତ୍ରିପାଠୀ, ଜିତ୍ ପାଣିଗ୍ରାହୀ, ମାଳି ସେବାୟତ ମିନ ନାୟକ, ଚୈତନ୍ୟ ନାୟକ, ଶ୍ରୀ ଜଗନ୍ନାଥ ନୀତି ପରିଚାଳନା ନିଯୋଗର ସଭାପତି ନରେଶ ତ୍ରିପାଠୀ, ଉପ ସଭାପତି ଭବାନୀ ଶଙ୍କର ଶତପଥୀ, ସାଧାରଣ ସମ୍ପାଦକ କୁନା ପାତ୍ର, ସନ୍ତୋଷ ସାହୁ, କିଶୋର ପଟ୍ଟନାୟକ, ଦୁର୍ଗା ତ୍ରିପାଠୀ, ସି ଏଚ୍ ଚିଟୀ ବାବୁ, ଶ୍ରୀଧର ପାତ୍ର , ଏ ସତିଶ , ମଣ୍ଟୁ ଆଚାର୍ଯ୍ୟ ପ୍ରମୁଖ ସହଯୋଗ କରିଥିଲେ।

# ପ୍ରାଣୀମିତ୍ର ତାଲିମ ଶିବିର ଉଦ୍‌ଯାପିତ

କୋରାପୁଟ,୯।୫(ଅମିତାଭ ବେହେରା)



କାର୍ଯ୍ୟକ୍ରମରେ ଉପସ୍ଥିତ ତାଲିମଦାତା ଓ ଅନ୍ୟମାନେ।

କୋରାପୁଟ ଡିଏନକେସ୍ଥିତ ମିନି ସମ୍ମିଳନୀ ସଭାଗୃହରେ ଓଡ଼ିଶା ପ୍ରାଣୀ ସମ୍ପଦ ବିକାଶ ସମିତି ଓ ରାଷ୍ଟ୍ରୀୟ ଦୁଗ୍ଧ ବୋର୍ଡର ମିଳିତ ଆନୁକୂଲ୍ୟରେ ଚାଲିଥିବା ପ୍ରାଣୀମିତ୍ରଙ୍କ ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଜିଲାର ବିଭିନ୍ନ ବ୍ଲକ୍‌ରୁ ୨୧ ପ୍ରାଣୀମିତ୍ରଙ୍କୁ ଗାଈ ଗୋରୁଙ୍କୁ ଟିକାକରଣ, ପ୍ରାଥମିକ ଚିକିତ୍ସା, ଘାସ ଚାଷ, ସନ୍ତୁଳିତ ପୋଷଣ, ବୀମା ଓ ମହୁ ଚାଷ ଆଦି ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ବୋର୍ଡ ପକ୍ଷରୁ ଡ. ପ୍ରଦୀପ କୁମାର ସାହୁ,ପୂର୍ବତନ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ସାରଙ୍ଗଧର ଶତପଥୀ ଓ ଡ. ଶାନ୍ତନୁ ଟାକିରି ପ୍ରଶିକ୍ଷଣ ଦେଇଥିଲେ। ୫ ପ୍ରାଣି ମିତ୍ରଙ୍କୁ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଇଥିଲା। ଶିବିରରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ.ପ୍ରକାଶ ମହାନ୍ତି, ଡ. ସୂର୍ଯ୍ୟକାନ୍ତ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।

# କାଳବୈଶାଖୀରେ ଉଡ଼ିଲା ସ୍କୁଲ ଟିଣ

ତେନ୍ତୁଲିଖୁଣ୍ଟି, ୯।୫ (ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ୍ ବେଡ଼ାପଦର ସରକାରୀ ପ୍ରାଥମିକ ବିଦ୍ୟାଳୟର ଟିଣ ଗୁରୁବାର ରାତିରେ ହୋଇଥିବା କାଳବୈଶାଖୀ ପବନରେ ଉଡ଼ିଯାଇଛି। ଗ୍ରୀଷ୍ମ ଅବକାଶ ଯୋଗୁ ସ୍କୁଲ ଛୁଟି ରହିଛି। ତେଣୁ ଏଥିରେ କାହାରି କିଛି କ୍ଷତି ହୋଇ ନ ଥିବା ସୂଚନା ମିଳିଛି। ଶୁକ୍ରବାର ସକାଳେ ପ୍ରଧାନ ଶିକ୍ଷକ ନକୁଳ ହରିଜନ ଓ ସହକାରୀ ଶିକ୍ଷକ ଲକ୍ଷ୍ମଣ ଗୌଡ଼ ସ୍କୁଲରେ ପହଞ୍ଚି ସ୍ଥିତି ପରଖିବା ସହ ବିଇଓ ସୁଦୀପ୍ତ ଦାସଙ୍କୁ ଏ ନେଇ ଅବଗତ କରାଇଛନ୍ତି। ସ୍କୁଲ ଛାତରୁ ପାଣି ଗଳୁଥିବାରୁ ଛାତ ଉପରେ ଏହି ଟିଣ ଦିଆଯାଇଥିଲା। ଖରାଛୁଟି ପରେ ସ୍କୁଲ ଖୋଲିବ। ସେତେବେଳେ ବର୍ଷା ଆରମ୍ଭ ହୋଇସାରିଥିବ। ଏଣୁ ଛୁଟିରେ ହିଁ ବିକଳ୍ପ ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ପ୍ରକାଶ ଯେ ଏହି ବିଦ୍ୟାଳୟ ୧୯୬୨ରେ ପ୍ରତିଷ୍ଠା ହୋଇଥିବାବେଳେ ଏଠାରେ ଏବେ ୫୨ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି।


କାଳବୈଶାଖୀରେ ଉଡ଼ିଯାଇଥିବା ଟିଣ।

**ପଣ୍ୟାଗାର ବିକାଶ ଓ ନିୟାମକ ପ୍ରାଧିକରଣ**
**ଭାରତ ସରକାର**
WDRA
ଏନ୍.ସି.ୟୁ.ଆଇ. ଭବନ, ଚତୁର୍ଥ ମହଲା, ୩, ସିରି ଇନଷ୍ଟିଚ୍ୟୁସନାଲ ଏରିଆ, ଅଗଷ୍ଟ କ୍ରାନ୍ତି ମାର୍ଗ, ହୌଜ ଖାସ୍, ନୂଆଦିଲ୍ଲୀ - ୧୧୦୦୧୬; ଦୂରଭାଷ:- ୪୯୫୩୬୪୯୬, ୪୯୦୯୨୯୭୮
**Warehousing Development and Regulatory Authority**
**Government of India**
NCUI Building, 4th Floor, 3, Siri Institutional Area, August Kranti Marg, Hauz Khas, New Delhi - 110016, Tel. No. 49536496, 49092978
ଏଫ୍.ନଂ. ଏଲ୍-୧୧/୧/୨୦୨୪-ଆଇଟି ତାରିଖ: ୨୪।୦୪।୨୦୨୫

**ଡବ୍ଲ୍ୟୁଡିଆର୍‌ଏରେ ମଧ୍ୟସ୍ଥମାନଙ୍କ ତାଲିକାଭୁକ୍ତୀକରଣ ପାଇଁ ଦରଖାସ୍ତ ଆହ୍ୱାନ ସମ୍ବନ୍ଧୀୟ ବିଜ୍ଞପ୍ତି**

ପଣ୍ୟାଗାର ବିକାଶ ଏବଂ ନିୟାମକ ପ୍ରାଧିକରଣ (ଏତଦ୍‌ପଶ୍ଚାତ୍ ଡବ୍ଲ୍ୟୁଡିଆର୍‌ଏ), ପଣ୍ୟାଗାର (ବିକାଶ ଏବଂ ନିୟନ୍ତ୍ରଣ), ଅଧିନିୟମ, ୨୦୦୭ ଅଧୀନରେ ଗଠିତ ଏକ ସଂଗଠନ, ପାଞ୍ଚ ବର୍ଷ ଅବଧି ପାଇଁ ମଧ୍ୟସ୍ଥ(ଗଣ)ଙ୍କୁ ତାଲିକାଭୁକ୍ତ କରିବା ପାଇଁ ପ୍ରସ୍ତାବ ରଖିଛି। ଦରଖାସ୍ତ ଆହ୍ୱାନ ସମ୍ବନ୍ଧୀୟ ବିବରଣୀ www.wdra.gov.in ରେ 'ଟେଣ୍ଡର/ଇଓଆଇ' ଅଧୀନରେ ଦେଖାଯାଇପାରିବ।
ସର୍ତ୍ତାବଳୀ ପୂରଣ କରୁଥିବା ଆବେଦନକାରୀମାନେ ସେମାନଙ୍କର ଆବେଦନ ସମେତ ଆବଶ୍ୟକୀୟ ଦସ୍ତାବିଜଗୁଡ଼ିକୁ ଖବରକାଗଜରେ ଏହି ବିଜ୍ଞାପନ ପ୍ରକାଶିତ ହେବାର ୩୦ ଦିନ ମଧ୍ୟରେ ଏକ ଜଉମୁଦଦିଆ ଲଫାପାରେ ଲଫାପାର ଉପରିଭାଗରେ "ମଧ୍ୟସ୍ଥଙ୍କ ତାଲିକାଭୁକ୍ତୀକରଣ ପାଇଁ ଆବେଦନ" ଲେଖି ନିର୍ଦ୍ଦେଶକ (ଏ ଆଣ୍ଡ ଏଫ୍), ପଣ୍ୟାଗାର ବିକାଶ ଏବଂ ନିୟାମକ ପ୍ରାଧିକରଣ, ୪ର୍ଥ ମହଲା, ଏନ୍.ସି.ୟୁ.ଆଇ. ଭବନ, ୩, ସିରି ଇନଷ୍ଟିଚ୍ୟୁସନାଲ ଏରିଆ, ଅଗଷ୍ଟ କ୍ରାନ୍ତି ମାର୍ଗ, ହୌଜ ଖାସ୍, ନୂଆଦିଲ୍ଲୀ-୧୧୦୦୧୬ଙ୍କ ନିକଟରେ ଦାଖଲ କରିବା ଆବଶ୍ୟକ।
ସଦ୍ୟତମ ସୂଚନା/ଶୁଦ୍ଧିପତ୍ର ପାଇଁ, ନିୟମିତ ବ୍ୟବଧାନରେ ଡବ୍ଲ୍ୟୁଡିଆର୍‌ଏ ୱେବସାଇଟ୍ ପରିଦର୍ଶନ କରାଯିବା ଉଚିତ। ଡବ୍ଲ୍ୟୁଡିଆର୍‌ଏରେ ତାଲିକାଭୁକ୍ତୀକରଣ ପାଇଁ ଆବେଦନ କରାଯିବାର କାର୍ଯ୍ୟ ଆବେଦନକାରୀଙ୍କୁ ଡବ୍ଲ୍ୟୁଡିଆର୍‌ଏରେ ତାଲିକାଭୁକ୍ତ ହେବା ପାଇଁ କୌଣସି ପ୍ରକାରରେ ମଧ୍ୟ ଅଧିକାର/ଆଶ୍ୱାସନା ଦିଏ ନାହିଁ।
ସେମାନଙ୍କର ତାଲିକାଭୁକ୍ତୀକରଣକୁ ସୁନିଶ୍ଚିତ କରୁଥିବା ପତ୍ର ପୃଥକ ଭାବେ ଜାରି କରାଯିବ।
ସ୍ୱା./-
CBC 08109/12/0001/2526 ସହକାରୀ ନିର୍ଦ୍ଦେଶକ (ଏ ଆଣ୍ଡଏଫ୍, ସି)

**ଦ.ପୂ. ରେଳପଥ – ଟେଣ୍ଡର**
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିପିଏମ୍/ଜିଏସ୍‌ୟୁ/ଏସ୍.ଇ. ରେଳପଥ, ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ଏହି ଇ-ଟେଣ୍ଡର ପାଇଁ ମାନୁଆଲ ଅଫର୍ ଅନୁମତିଯୋଗ୍ୟ ହେବନାହିଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ଜିଏସ୍‌ୟୁ-୨୦୨୪-୨୫-ଜିଏସ୍-୨, ତାରିଖ: ୦୭।୦୫।୨୦୨୫। କାର୍ଯ୍ୟର ନାମ: ପାଟସାହି (ପିଏସ୍‌କେ) ଏବଂ ରାଙ୍ଗ୍ରା (ଆର୍‌କିଜେଡ୍)ଠାରେ ବିଦ୍ୟମାନ ଗୁଡ୍‌ସ ଶେଡ୍‌ର ଭିତ୍ତିଭୂମି ଉନ୍ନତୀକରଣ/ଆଧୁନିକୀକରଣ। ଟେଣ୍ଡର ମୂଲ୍ୟ: ₹୨୩,୭୪,୪୯,୯୫୯। ଇଏମ୍‌ଡି: ₹୧୩,୩୭,୩୦୦। ଟେଣ୍ଡର ଫର୍ମ ମୂଲ୍ୟ: ₹୦। ଖୋଲାଯିବା ତାରିଖ: ୦୨।୦୬।୨୦୨୫। ଟେଣ୍ଡର ୱେବ୍‌ସାଇଟ୍: http://www.ireps.gov.in ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ। ଦ୍ରଷ୍ଟବ୍ୟ: ସମସ୍ତ ଟେଣ୍ଡରଦାତାଙ୍କୁ ବିନା ମୂଲ୍ୟରେ ଇ-ଟେଣ୍ଡର ଫର୍ମ ଜାରି କରାଯିବ। (କର୍ତ୍ତୃପକ୍ଷ- ରେଲୱେ ବୋର୍ଡର ପତ୍ର ସଂ. ୨୦୨୦/ସିଇ-I/ସିଟି/୩ଇ/କିସିସି/ପଲିସି, ତାରିଖ: ୧୬।୦୭।୨୦୨୦)। (PR-142)

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**Current Manpower Requirement**
**@Trupti Enterprises Pvt. Ltd.**
Tata Motors Passenger Car Dealership in BBSR
1. Team Leaders - 5
2. Sales Customer Adviser - 15
3. Tele Callers - 3
4. EMO-Rural outlet Manager - 1
5. Sales Coach-Trainer - 1
6. Drivers - 2
Qualification - Graduate/MBA/Marketing
Experience - 4-5 years in Automobile-Fresher can also apply
Nb - Salary is not a constraint for right candidates.
Contact : Satyabrata Jena, Mob : 7077770313

**ଡ୍ରାଇଭର ଆବଶ୍ୟକ**
ଅଟୋ/ଟାଟା ଏସିଇ/ବୋଲେରୋ ପିକ୍‌ଅପ୍ ଗାଡ଼ି ପାଇଁ ଏବଂ ଫର୍ଣ୍ଣିଚର, ରଡ୍ ଓ ସିମେଣ୍ଟ ଡିପୋରେ ଗାଡ଼ି ଚଲାଇବା ପାଇଁ ଡ୍ରାଇଭର ଦରକାର। ଭୁବନେଶ୍ୱରରେ ମାଗଣା ରହିବା ଓ ଖାଇବା ବ୍ୟବସ୍ଥା ଅଛି।
- ଯୋଗାଯୋଗ -
7064170280

See Career Appointment on every Wednesday & Saturday

**WANTED a young and dynamic SALES EXECUTIVE**
for selling Automotive Battery based in PURI & BHUBANESWAR for a reputed Distributor. Interested candidates may send resumes to
email ID: tbsa.bbsr@gmail.com
Call -7008713919

**ରୋଷେଇ ପାଇଁ ସ୍ତ୍ରୀ ଲୋକ ଆବଶ୍ୟକ**
ଭୁବନେଶ୍ୱର ଟଙ୍କପାଣି ରୋଡରେ ରହିବାର ସୁବିଧା ଅଛି। ଘରେ ରୋଷେଇ କରିବାକୁ ସ୍ତ୍ରୀ ଲୋକ ଦରକାର।
– ଯୋଗାଯୋଗ –
9437357532 / 8917516693

**e-Procurement Cell**
**Executive Engineer, National Rural Employment Programme, Ranchi**
**JHARKHAND, RANCHI**
Very Short Term e-Procurement Notice
Tender Reference No.03/2025-26

| Sl. No | Name of Scheme | Estimated Amount (Lac) | Earnest Money (Lac) | BoQ Cost | Scheme Completion Date | Tools & Plant |
|---|---|---|---|---|---|---|
| 1 | राँची जिलान्तर्गत जगन्नाथ मंदिर की मरम्मति एवं पुनर्विकास कार्य | 3,11,79,500 | 6,23,600 | 10000.00 | 12 Month | कार्य के अनुरूप |
| 3 | Date of Publication of Tender on Website | 13.05.2025 at 9:00 AM | | | | |
| 4 | Start Date of Submission of Bids | 13.05.2025 at 10:00 AM | | | | |
| 5 | Last Date/Time of Submission of Bids | 17.05.2025 at 11:00 AM | | | | |
| 6 | Date/Time of opening of Bid | 19.05.2025 at 2:00 PM | | | | |
| 7 | Name & Address of office Inviting tender e-Procurement Cell, | National Rural Employment Programme, Ranchi. | | | | |
| 8 | Helpline Number of e-procurement Cell | 94727-45569 | | | | |

*Any change can be seen on Website http:// Jharkhandtenders.gov.in.*
*Any other information can be seen on http:// Jharkhandtenders.gov.in.*
Nodal Officer, e-Procurement Cell
Executive Engineer, National Rural Employment Program me, Ranchi
PR 352061 NREP(25-26)#D

## ମେ ୧୨ ଯାଏ ଘୁଞ୍ଚିଲା ୟୁଜିସି ନେଟ୍ ଆବେଦନ

ଭୁବନେଶ୍ୱର,୯।୫(ସୁଚିସ୍ମିତା ସାହୁ): ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ପକ୍ଷରୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଜାତୀୟ ଯୋଗ୍ୟତା ପରୀକ୍ଷା-୨୦୨୫ର ଜୁନ୍ ସେସନ ପାଇଁ ପଞ୍ଜୀକରଣ ଆରମ୍ଭ ହୋଇଯାଇଛି। ତେବେ ଫର୍ମ ପଞ୍ଜୀକରଣର ଶେଷ ତାରିଖ ମେ ୧୨ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ୧୨ ତାରିଖ ରାତି ୧୧ଟା ୫୯ ପର୍ଯ୍ୟନ୍ତ ସମୟସୀମା ରହିଥିବା ବେଳେ ପରୀକ୍ଷା ନିମନ୍ତେ ଆବଶ୍ୟକ ଟଙ୍କା ଜମା କରିବାର ସମୟସୀମା ମେ ୧୩କୁ ଘୁଞ୍ଚାଇ ଦିଆଯାଇଛି। ସେହିପରି ଯଦି ଫର୍ମ ପଞ୍ଜୀକରଣ କରିବା ସମୟରେ କୌଣସି ଭୁଲ ହୁଏ ତେବେ ମେ ୧୪ରୁ ୧୫ତାରିଖ ପର୍ଯ୍ୟନ୍ତ ସଂଶୋଧନ କରାଯାଇପାରିବ ବୋଲି ଏନ୍‌ଟିଏ ପ୍ରକାଶିତ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ସିପିଆଇର ପୂର୍ବତନ ରାଜ୍ୟ ସମ୍ପାଦକ ଦିବାକର ନାୟକଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଜେଡିସିଏ ପକ୍ଷରୁ ୨୭୮ ମିଟ୍ ଦି ଆର୍ଟିଷ୍ଟ କାର୍ଯ୍ୟକ୍ରମ, ସ୍ଥାନ: ଜେଡିସିଏ କ୍ୟାମ୍ପ ଅଫିସ, ନୟାପଲ୍ଲୀ, ସମୟ: ଅପରାହ୍ନ ୫ଟା।
- ନୀଳାଦ୍ରି ଆଧ୍ୟାତ୍ମିକ ଟ୍ରଷ୍ଟ, ଓଡ଼ିଶା ଆନୁକୂଲ୍ୟରେ ଆୟୋଜିତ ଭାକ୍ତିକ ସନ୍ଧ୍ୟା, ସ୍ଥାନ: ଶ୍ରୀଶ୍ରୀ ଦୁର୍ଗା ମନ୍ଦିର, ବାପୁଜୀ ନଗର, ସମୟ: ସନ୍ଧ୍ୟା ୬ଟା ୩୦।

### କଟକ
- ଗୋପୀନାଥପୁର ଶାସନ ଗ୍ରାମ୍ୟ କମିଟି ତରଫରୁ ତିନି ଦିନିଆ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ, ସ୍ଥାନ: ମହାଦେବ ଶଙ୍କର୍ଷଣଙ୍କ ମନ୍ଦିର, ଗୋପୀନାଥପୁର ଶାସନ, ତିଗିରିଆ, ସମୟ: ପୂର୍ବାହ୍ନ ୧୦ଟା।
- ହାଇକୋର୍ଟ ଲିଗାଲ ସର୍ଭିସେସ୍ କମିଟି ପକ୍ଷରୁ ୨ୟ ଲୋକ ଅଦାଲତ, ସ୍ଥାନ: ହାଇକୋର୍ଟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ହାଇକୋର୍ଟ ପକ୍ଷରୁ ସେଣ୍ଟର ଫର୍ ଜୁଡିସିଆଲ ଆର୍କାଇଭସର ପ୍ରତିଷ୍ଠା ଦିବସ, ସ୍ଥାନ: ଓଡ଼ିଶା ଜୁଡିସିଆଲ ଏକାଡେମୀ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା ୫୦।
- ଅଭୀପ୍ସା ପକ୍ଷରୁ ବିଶ୍ୱ ମାତୃ ଦିବସ ପାଳନ ଅବସରରେ ମାତୃ ପୂଜନ, ପ୍ରତିଭା ପୁରସ୍କାର ପ୍ରଦାନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗାନ୍ଧୀ ଭବନ, ସମୟ: ସନ୍ଧ୍ୟା ୬ଟା।

### ବାଲେଶ୍ୱର
- ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ବୈଶାଖୀ ମହୋତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ: ଦୁଧହଂସା, ବସ୍ତା, ସମୟ: ଦିବସବ୍ୟାପୀ।
- ଗୋପେଶ୍ୱର ମହାଦେବ ମନ୍ଦିରରେ କଳସ ଶୋଭାଯାତ୍ରା ଓ ପ୍ରତିଷ୍ଠା ଉତ୍ସବ, ସ୍ଥାନ: କୁସୁନୁଦାସପୁର, ଔପଦା, ସମୟ: ଦିବସବ୍ୟାପୀ।
- ହ୍ୟୁମାନ୍ ରାଇଟ୍ସର ପ୍ରସ୍ତୁତି ବୈଠକ, ସ୍ଥାନ: ଥାନାଛକ ଚିତ୍ତରଞ୍ଜନ ଶିଳ୍ପ କେନ୍ଦ୍ର, ଭୋଗରାଇ, ସମୟ: ସକାଳ ୯ଟା ୩୦।
- କଂଗ୍ରେସର ସମ୍ବିଧାନ ବଞ୍ଚାଅ ରାଲି, ସ୍ଥାନ: ପୋଲିସ ଲାଇନ୍ ଛକ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ଭାଗବତ କଥାମୃତ ପ୍ରବଚନ ସଭାର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ମା' ଥାନେଶ୍ୱରୀ ମନ୍ଦିର ପ୍ରାଙ୍ଗଣ, ବାଲିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ସାର୍ବଜନୀନ ମିର୍ଜାପୋଖରୀ ୧୦୭ତମ ଚନ୍ଦନ ଉତ୍ସବ, ସ୍ଥାନ: ମିର୍ଜାପୋଖରୀ ଆଡ଼ି, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ୬୫ତମ ଚନ୍ଦନ ଉତ୍ସବ ଅବସରରେ ନୌକା ବିହାର ଓ ସାଂସ୍କୃତିକ କାର୍ଯକ୍ରମ, ସ୍ଥାନ: ମୁକୁଳିଶି, ବସ୍ତା, ସମୟ: ସନ୍ଧ୍ୟା ୭ଟା।

### ଭଦ୍ରକ
- ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: କାନପୁର, ତିହିଡ଼ି, ସମୟ: ସକାଳ ୯ଟା।
- ଟ୍ରେକର ଷ୍ଟାଣ୍ଡ ସଂଘର ପୂର୍ବତନ ସଭାପତିଙ୍କ ଶୋକସଭା, ସ୍ଥାନ: ଭଦ୍ରକ ବାଇପାସ୍, ସମୟ: ପୂର୍ବାହ୍ନ ୧୧ଟା।
- ଶନି ମନ୍ଦିରର ବାର୍ଷିକ ଉତ୍ସବ ଉଦ୍‌ଯାପନୀ, ସ୍ଥାନ: କୁଆଁର୍ଦ୍ଧା, ବନ୍ତ, ସମୟ: ଅପରାହ୍ନ ୫ଟା।

### ମୟୂରଭଞ୍ଜ
- ଶ୍ରୀଶ୍ରୀଶନିଦେବଙ୍କ ପୀଠରେ ୪୪ତମ ବାର୍ଷିକ ଉତ୍ସବ,ସ୍ଥାନ:ୱାଲିଗଞ୍ଜ, ବାରିପଦା,ସମୟ: ସକାଳ ୮ଟା।
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ:ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।
- ସାରସ୍ୱତ ପ୍ରତିଭା ସମ୍ବର୍ଦ୍ଧନା ଏବଂ ସ୍ମରଣିକା ଲୋକାର୍ପଣ ସମାରୋହ, ସ୍ଥାନ:ଷ୍ଟାଡିୟମ ସମ୍ମିଳନୀ କକ୍ଷ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଶ୍ରୀଶିରିଡି ସାଇଙ୍କ ସତ୍‌ସଙ୍ଗ, ସ୍ଥାନ:ଜଗଦ୍ଧାତ୍ରୀ ପଡ଼ିଆ, ଭଞ୍ଜପୁର ବାରିପଦା,ସମୟ: ସନ୍ଧ୍ୟା ୭ଟା।

### ବ୍ରହ୍ମପୁର
- ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ,ସ୍ଥାନ: ସିଭିଲ କୋର୍ଟ, ସମୟ: ପୂର୍ବାହ୍ନ ୧୦ଟା ୩୦।

### ଗଞ୍ଜାମ
- ୨ୟ ରାଷ୍ଟ୍ରୀୟ ଲୋକ ଅଦାଲତ, ସ୍ଥାନ: ବିଚାର ବିଭାଗୀୟ ଅଦାଲତ ଆସିକା, ସମୟ: ପୂର୍ବାହ୍ନ ୧୦ଟା।

### ଢେଙ୍କାନାଳ
- ବୈଶାଖ ପୂର୍ଣ୍ଣିମା ଉପଲକ୍ଷେ ରୁଦ୍ରାଭିଷେକ, ସ୍ଥାନ: ଉତ୍କଳ ସତ୍ୟ ସମାଜ ତଳମଠ, ସପ୍ତଶଯ୍ୟା, ସମୟ: ସକାଳ ୬ଟା।
- କପିଳାସ ମନ୍ଦିର ପ୍ରତିଷ୍ଠା ଦିବସ ସମାରୋହ, ସ୍ଥାନ: ପୁରୁଣା ଜିଲା ପରିଷଦ ହଲ, ଢେଙ୍କାନାଳ, ସମୟ: ସନ୍ଧ୍ୟା ୬ଟା ୩୦।
- ଇସ୍କନ ପକ୍ଷରୁ ନୃସିଂହ କଥା, ସ୍ଥାନ: ଗୋପବନ୍ଧୁ ଟାଉନହଲ୍, ଢେଙ୍କାନାଳ, ସମୟ: ସନ୍ଧ୍ୟା ୭ଟା।

### କେନ୍ଦ୍ରାପଡ଼ା
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ମା' କଣସରା ଓ ଶ୍ରୀହନୁମାନଜୀଉ ପୀଠ, ଦାଣ୍ଡି, ରାଜନଗର, ସମୟ: ସକାଳ ୭ଟା।
- ଜାତୀୟ ଲୋକ ଅଦାଲତ, ସ୍ଥାନ: କେନ୍ଦ୍ରାପଡ଼ା ଜିଲାର ସମସ୍ତ କୋର୍ଟ ପରିସର, ସମୟ: ସକାଳ୧୦ଟା।
- ମା' ମହିପାଳିନୀ ମନ୍ଦିରର ବାର୍ଷିକ ଉତ୍ସବ ଓ ଶ୍ରୀରାମ ଚରିତ ମାନସ ପାରାୟଣ, ସ୍ଥାନ: ମହୀପାଳ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।

### ଯାଜପୁର
- ବିଶ୍ୱଶାନ୍ତି ମହାଯଜ୍ଞ ଶୁଭାରମ୍ଭ, ସ୍ଥାନ: ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ ନୂଆଗାଁସ୍ଥିତ ମା' ପଳାଶବୁଢ଼ୀ ପୀଠ, ସମୟ: ସକାଳ ୬ଟା।

### ନୟାଗଡ଼
- ୨ୟ ଜାତୀୟ ଲୋକ ଅଦାଲତ, ସ୍ଥାନ: ନୟାଗଡ଼ ଜିଲା ଜଜ୍ କୋର୍ଟ, ସମୟ: ସକାଳ ୧୦ଟା।
- ପରିବେଶବିତ୍ ଶ୍ରମିକ ଯୋଗୀଙ୍କ ଦଶମ ଶ୍ରାଦ୍ଧ ବାର୍ଷିକୀ, ସ୍ଥାନ: ନୟାଗଡ଼ ପିଟିଏସ ରୋଡର ଭାରତ ବିକାଶ ପରିଷଦ ସଭାଗୃହ, ସମୟ: ସକାଳ ୧୦ ଟା।
- ମଦନମୋହନଙ୍କ ଚନ୍ଦନ ଯାତ୍ରାର ଏକାଦଶ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର, ସମୟ: ଅପରାହ୍ନ ୧ଟା।
- ଚନ୍ଦନଯାତ୍ରାର ଏକାଦଶ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ଅପରାହ୍ନ ୧ଟା।
- ଜଗନ୍ନାଥଙ୍କ ଚନ୍ଦନ ଯାତ୍ରା ଏକାଦଶ ଦିବସ, ସ୍ଥାନ: ଖଣ୍ଡପଡ଼ା ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ଲଡୁବାବାଙ୍କ ଚନ୍ଦନ ଯାତ୍ରା ଏକାଦଶ ଦିବସ, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା, ସନ୍ଧ୍ୟା ୭ଟା
- ଜଗନ୍ନାଥଙ୍କ ଚନ୍ଦନ ଯାତ୍ରା ଏକାଦଶ ଦିବସ, ସ୍ଥାନ: ନୟାଗଡ ପୁରୁଣା ସହର ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା, ସନ୍ଧ୍ୟା ୭ଟା।
- ଶ୍ରୀରଘୁନାଥଙ୍କ ଚନ୍ଦନ ଯାତ୍ରାର ଏକାଦଶ ଦିବସ, ସ୍ଥାନ: ଓଡଗାଁ ଶ୍ରୀରଘୁନାଥ ଜୀଉଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା, ସନ୍ଧ୍ୟା ୭ଟା।
- ଶ୍ରୀନୀଳମାଧବ ଜୀଉଙ୍କ ଚାଚେରି ବିଜେ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସନ୍ଧ୍ୟା ୮ଟା।

### ରାୟଗଡ଼ା
- ଦ୍ୱିତୀୟ ରାଜ୍ୟ ବ୍ୟାୟାମ ଚାମ୍ପିୟନଶିପ୍-୨୦୨୫, ସ୍ଥାନ: ରାୟଗଡା ଜିବିଏମ୍ ହାଇସ୍କୁଲ, ସମୟ: ସକାଳ ୯ଟା।
- ରାଷ୍ଟ୍ରୀୟ ଲୋକ ଅଦାଲତ, ସ୍ଥାନ: ରାୟଗଡ଼ା ଜିଲା ଅଦାଲତ, ସମୟ: ପୂର୍ବାହ୍ନ ୯ଟା ୩୦।
- ସ୍ୱାସ୍ଥ୍ୟ ଓ ଆରୋଗ୍ୟ ପାଇଁ ବ୍ୟାୟାମ ଓ ସମରକଳା ସଚେତନତା ରାଲି, ସ୍ଥାନ: ରାୟଗଡା ଗଜପତି ଛକରୁ ଜିବିଏମ୍ ହାଇସ୍କୁଲ, ସମୟ: ଅପରାହ୍ନ ୪ଟା।
- ଦ୍ୱାଦଶ ରାଜ୍ୟ ମୁଏଥାଇ ଚାମ୍ପିୟନଶିପ-୨୦୨୫, ସ୍ଥାନ: ରାୟଗଡା ଜିବିଏମ୍ ହାଇସ୍କୁଲ, ସମୟ: ସନ୍ଧ୍ୟା ୬ଟା ୩୦ ।

### ମାଲକାନଗିରି
- ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ, ସ୍ଥାନ: ମାଲକାନଗିରି ଜିଲା ଦୌରା ଜଜ୍ କୋର୍ଟ ପରିସର, ସମୟ: ସକାଳ ୯ଟା।

### ସମ୍ବଲପୁର
- ଜିଲା ମାଷ୍ଟର ଆଥଲେଟିକ ସଂଘ ପକ୍ଷରୁ ନିଶୁଳ୍କ ଫୁଟବଲ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: କାଇଁଶିର ଫୁଟବଲ ପଡିଆ, ସମୟ ସକାଳ: ୬ଟା।
- ବୈଦାର ନୁଆଁପାଲିରେ ଚବିଶ ପ୍ରହରୀ ନାମଯଜ୍ଞ, ସ୍ଥାନ: ବୈଦାରନୁଆଁପାଲି ଗ୍ରାମ, ସମୟ: ସକାଳ ୯ ଟା।
- ମାଗଣା କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ ନେଇ ପ୍ରସ୍ତୁତି କାର୍ଯ୍ୟକ୍ରମ,ସ୍ଥାନ:ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସୈନିକ ମାନଙ୍କ ପାଇଁ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ସାମୂହିକ ହନୁମାନ ଚାଲିଶା ପାଠ, ସ୍ଥାନ: ବୃକ୍ଷହିଲ ସ୍ଥିତ ହନୁମାନ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସିଲଭର ଜୁବଲି ଫ୍ଲଡଲାଇଟ କ୍ରିକେଟ ପ୍ରତିଯୋଗିତା,ସ୍ଥାନ: ରେମେଡ ମୋଦି ପଡିଆ, ସମୟ: ସନ୍ଧ୍ୟା ୭ଟା ୨୦।

### ବଲାଙ୍ଗୀର
- ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ,ସ୍ଥାନ: ବଲାଙ୍ଗୀର, ପାଟଣାଗଡ, ଟିଟିଲାଗଡ, କଣ୍ଟାବାଞ୍ଜି, ଲୋଇସିଂହା, ସଇଁତଲା, ମୁରିବାହାଲ ଓ ବଙ୍ଗୋମୁଣ୍ଡା ଅଦାଲତ ପରିସର, ସମୟ: ପୂର୍ବାହ୍ନ ୯ଟା ।
- ରଚନା ଉତ୍ସବ ୨୦୨୫, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନଟ
- ହରିଶଙ୍କର ମହୋତ୍ସବ ୨୦୨୫ର ତୃତୀୟ ଦିବସ ସ୍ଥାନ: ହରିଶଙ୍କର ପୀଠ, ହରିଶଙ୍କର, ଖପ୍ରାଖୋଲ ବ୍ଲକ ସମୟ: ସନ୍ଧ୍ୟା ୭ଟା ।

### ରାଉରକେଲା
- ବହୁଭାଷୀ ନାଟ୍ୟ ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ସିଭିକ ସେଣ୍ଟର, ସମୟ: ରାତ୍ରି ୭ଟା।
- ମା' ତାରିଣୀ ମନ୍ଦିର ପ୍ରତିଷ୍ଠା ଦିବସ, ସ୍ଥାନ: ପାନପୋଷ ରୋଡ୍, ସମୟ: ସକାଳ ୭ଟା।
- ଗ୍ରୀଷ୍ମକାଳୀନ କ୍ରୀଡ଼ା ପ୍ରଶିକ୍ଷଣ ଶିବିର, ସ୍ଥାନ: ଇସ୍ପାତ ଷ୍ଟାଡିୟମ, ସମୟ: ସକାଳ ୮ଟା।
- ରାଷ୍ଟ୍ରୀୟ ଲୋକ ଅଦାଲତ, ସ୍ଥାନ: ବିରଜାପାଲି ନୂତନ କୋର୍ଟ, ସମୟ: ପୂର୍ବାହ୍ନ ୧୦ଟା।
- ପାନୀୟ ଜଳ ସମସ୍ୟା ନେଇ ୱାଟ୍‌କୋ ଅଧିକାରୀଙ୍କ ଦାବିପତ୍ର, ସ୍ଥାନ: ଉଦିତନଗର କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କଳ୍ପତରୁ ଆଶ୍ରମର ନଗର ସଂକୀର୍ତ୍ତନର ଅଧିବାସ, ସ୍ଥାନ: ବାସନ୍ତୀ କଲୋନି, ସମୟ: ପୂର୍ବାହ୍ନ ୧୧ଟା।

### ବରଗଡ଼
- ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ,ସ୍ଥାନ: ସିଭିଲ କୋର୍ଟ ପରିସର, ବରଗଡ଼,ସମୟ: ସକାଳ ୭ଟା।
- ବୈଶାଖ ମେଳାରେ ବିଶ୍ୱ ଶାନ୍ତି ମହାଯଜ୍ଞ, ସ୍ଥାନ:ନୃସିଂହନାଥ ମନ୍ଦିର, ପାଇକମାଲ, ସମୟ:ସକାଳ ୭ଟା।
- ସମର୍ କ୍ୟାମ୍ପ ଉଦଯାପନୀ ସମାରୋହ, ସ୍ଥାନ: ରେନବୋ ପବ୍ଲିକ ସ୍କୁଲ (ନ୍ୟୁ ନର୍ସରୀ ବ୍ରାଞ୍ଚ), ବରଗଡ଼,ସମୟ:ସକାଳ ୮ଟା।
- କୃତୀଛାତ୍ରୀଙ୍କ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ:ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟ, କଦଳୀପାଲି, ବରପାଲି, ସମୟ:ସକାଳ ୮ଟା।

### କଳାହାଣ୍ଡି
- ପୋଷ୍ଟର ଓ ମଡେଲ ପ୍ରଦର୍ଶନୀ, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ଅପରାହ୍ନ ୪ଟା।
- ନବଜାଗରଣ କମିଟିର ବୈଠକ, ସ୍ଥାନ: ଜୁନାଗଡ଼ ହାଇସ୍କୁଲ ପଡିଆ, ସମୟ: ଅପରାହ୍ନ ୫ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ବୁଧାଦିତ୍ୟ ଯୋଗ ପ୍ରଭାବରୁ କର୍ମକ୍ଷେତ୍ର ଓ ସାମାଜିକ ସ୍ତରରେ ପ୍ରଶଂସା ପାଇବେ। ଶିକ୍ଷା, ପରୀକ୍ଷା, ସଭା ସମିତି, ସାହିତ୍ୟଚର୍ଚ୍ଚା ଏବଂ ସାମ୍ବାଦିକତା ପାଇଁ ଦିନଟି ପ୍ରଶସ୍ତ ରହିବ। ପରିବହନ, ଲୋକ ସମ୍ପର୍କ, ଯାନବାହନ ଦିଗରେ ବ୍ୟତିକ୍ରମ ଆସିପାରେ। ଶିଳ୍ପ, ବାଣିଜ୍ୟ, ନିର୍ମାଣ ତଥା ଅର୍ଥ ସମ୍ପର୍କରୁ ଉପକୃତ ହେବେ।

**ବୃଷ** ଚନ୍ଦ୍ରଙ୍କ କେନ୍ଦ୍ରସ୍ଥଳରେ ଶୁକ୍ର ବିଳାସପୂର୍ଣ୍ଣ ଜୀବନଯାତ୍ରା କରାଇବାରେ ସାହାଯ୍ୟ କରିବ। କିନ୍ତୁ ସହକର୍ମୀଙ୍କ ଅସହଯୋଗଜନିତ କାମଗୁଡ଼ିକ ସମ୍ପୂର୍ଣ୍ଣ ହେବା କଷ୍ଟକର ହେବ। ବନ୍ଧୁ ଗହଣରେ ସତ୍ୟ ପ୍ରକାଶ କରି ମଧ ଅପମାନିତ ହେବେ। ଧର୍ମଚର୍ଚ୍ଚା ପ୍ରତି ମନ ବଳିବ ଏବଂ ପ୍ରଶାସନ, ପ୍ରକାଶନ, କ୍ଷେତ୍ରରେ ସଫଳତା ହାସଲ କରିବେ।

**ମିଥୁନ** ଆଜି ମନ ଯେମିତି ଚାହୁଁଛି ଠିକ୍ ସେମିତି କାମଗୁଡ଼ିକ ସମ୍ପନ୍ନ ହେବାରେ କୌଣସି ପ୍ରକାରର ଅସୁବିଧା ହେବ ନାହିଁ। କଳା, କ୍ରୀଡ଼ା, ଚଳଚ୍ଚିତ୍ର, ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ। ଶିଳ୍ପ, ବାଣିଜ୍ୟ ଓ ପରିବହନ ପାଇଁ କିଛି ଅସୁବିଧା ହେବ ନାହିଁ। ଆଜିର ଯାତ୍ରା, ବନ୍ଧୁମିଳନ, ଆଲୋଚନା ଓ ସଭାସମିତିରେ ପ୍ରାଧାନ୍ୟତା ଅକ୍ଷୁଣ୍ଣ ରହିବ।

**କର୍କଟ** ଆଜିର ସାମାଜିକ ସ୍ଥିତି, ଅର୍ଥନୈତିକ ପ୍ରଗତି, ପାରିବାରିକ ପରିସ୍ଥିତିକୁ ସନ୍ତୁଳିତ କରି ରଖିବେ। ଯାତ୍ରାକାଳୀନ ବନ୍ଧୁଙ୍କ ସହ ମତାନ୍ତର ସୃଷ୍ଟି ହୋଇପାରେ। ସାମୟିକ ପ୍ରତିବନ୍ଧକ ଦୂରେଇବା ସହିତ କର୍ମକ୍ଷେତ୍ରରେ ମଧ୍ୟାହ୍ନରେ ଟେନସନ୍ ଦୂର ହେବ। ଈର୍ଷାପରାୟଣ ସହକର୍ମୀଙ୍କ ଦ୍ୱାରା ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ।

**ସିଂହ** କାର୍ଯ୍ୟସିଦ୍ଧି ସହ ପଦସ୍ଥ ବ୍ୟକ୍ତିଙ୍କ ସାନିଧ୍ୟରୁ ବ୍ୟକ୍ତିଗତ ଫାଇଦା ହାସଲ କରିବେ। ଅନ୍ୟମନସ୍କତା କିମ୍ବା ଅସାବଧାନତାବଶତଃ ଧନହାନି ଯୋଗ ରହିଛି। କର୍ମକ୍ଷେତ୍ରରେ ନୂତନ ପଦକ୍ଷେପ ନେବା ପୂର୍ବରୁ ଭଲଭାବରେ ଚିନ୍ତା କରନ୍ତୁ। ନିଜ ଲୋକଙ୍କଠାରୁ ଯାହା ଓ ଯେତିକି ପାଇବା କଥା ତାହା ପାଇବା କଷ୍ଟକର ହୋଇପଡ଼ିବ।

**କନ୍ୟା** ଆଜିର ପ୍ରତ୍ୟୁଷ ଯାତ୍ରା ପ୍ରୀତିପ୍ରଦ ରହିବା ସାଙ୍ଗକୁ କୌଣସି ସ୍ଥାନରୁ ଖାଲି ହାତରେ ଫେରିବେ ନାହିଁ। ନିଜେ ରହୁଥିବା ପରିବେଶର ସ୍ଥାନୀୟ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଉପକୃତ ହେବେ। ବିଭିନ୍ନ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ଶିଳ୍ପ, ବ୍ୟବସାୟ, ସାହିତ୍ୟ, ସାମ୍ବାଦିକତାରେ ଉନ୍ନତି ଘଟିବ।

**ତୁଳା** କର୍ମକ୍ଷେତ୍ରରେ ନୀଚ ଜାତିର ବ୍ୟକ୍ତି ସହ କଳହର ସମ୍ମୁଖୀନ ହେବାକୁ ପଡ଼ିବ। ଆନୁଷ୍ଠାନିକ କ୍ଷେତ୍ରରେ, ସଭା ସମିତିରେ, କଚେରି ମାମଲାରେ ତଥା ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ। ମୂଲ୍ୟବାନ ଜିନିଷ କିଣିବା, ଗୃହ ନିର୍ମାଣ, ଯାନ ମରାମତିରେ ବ୍ୟସ୍ତ ରହିପାରନ୍ତି। ପଦସ୍ଥ ବ୍ୟକ୍ତିଙ୍କ ସହ ଆଲୋଚନା ଫଳପ୍ରଦ ହୋଇପାରେ।

**ବିଛା** ପ୍ରିୟଜନଙ୍କ ସହ କଳହ କିମ୍ବା ମନାନ୍ତରଜନିତ ମନ ଚହଲି ଯାଇପାରେ। ଯେଉଁ କାମ ଆରମ୍ଭ କରିବାକୁ ଯାଉଛନ୍ତି, ତାହା ବ୍ୟତିକ୍ରମ ଭିତରେ ସଫଳ ହେବ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଜମିଜମା କାରବାର, ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗି ରହିବା ଯୋଗୁ ବ୍ୟସ୍ତ ହେବେ।

**ଧନୁ** ମନରେ ଅଶାନ୍ତି ରହିଥିଲେ ମଧ ପରିସ୍ଥିତିକୁ ସୁହାଇଲା ଭଳି କଥା କହିବେ। ସଭାସମିତିରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ କାମ କଲେ ସଫଳତା ପାଇପାରନ୍ତି। ଜମିଜମା, ଗୃହସୀମା, ପ୍ରଶାସନିକ ସ୍ତରର ବିବାଦୀୟ ସ୍ଥିତିରେ ବିଷମତା ଦୂରହେବ। କଳା, ସାହିତ୍ୟାଦିରେ କେତେକାଂଶରେ ଆତ୍ମସନ୍ତୋଷ ମିଳିପାରେ।

**ମକର** କର୍ମକ୍ଷେତ୍ରରେ ବିରୋଧାଭାଷର ସୂଚନା ପାଇଲେ ମଧ ଅଭିଳଷିତ ଜିନିଷ ପ୍ରାପ୍ତିରେ ବାଧା ଉପୁଜିବ ନାହିଁ। ପରଶ୍ରୀକାତରତାପୂର୍ଣ୍ଣ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ମାନସିକ ଅସ୍ଥିରତା ସୃଷ୍ଟି ହେବ । ପ୍ରଶାସନିକ ସ୍ତରରେ ସମସ୍ୟା ସମାଧାନରେ ରାସ୍ତା ବାହାର କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନା କରିପାରନ୍ତି।

**କୁମ୍ଭ** ବନ୍ଧୁଙ୍କ ସହ ଆଜିର ପ୍ରତ୍ୟୁଷ ଯାତ୍ରା ପ୍ରୀତିପ୍ରଦ ରହିବା ସାଙ୍ଗକୁ ନୂତନ ସ୍ଥାନ ପରିଦର୍ଶନର ସୁଯୋଗ ଲଭିବେ। ନୂତନ ଯୋଜନା, ଶିଳ୍ପ, ବାଣିଜ୍ୟ, ପରିବହନରେ ସଫଳତା ମିଳିବ। ଅର୍ଥ ସମ୍ପର୍କୀୟ କୌଣସି ବିବାଦ ବୃଦ୍ଧି ପାଇବାର ଆଶଙ୍କାକୁ ଏଡି ହେବନାହିଁ। ନିଜ ଲୋକମାନେ ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଶତ୍ରୁତା କରିପାରନ୍ତି।

**ମୀନ** ହିତୈଷୀଙ୍କ ପ୍ରେରଣାରେ ନୂତନ କାର୍ଯ୍ୟରେ ହାତ ଦେଇ କୃତକାର୍ଯ୍ୟ ହେବେ। ସାହିତ୍ୟ, ପ୍ରକାଶନ ଓ ପ୍ରଶାସନିକ ସ୍ତରର ସମସ୍ୟା ସମାଧାନ କରିବାରେ ସଫଳ ହେବେ। ନୂତନ ଗୃହ, ଯାନବାହନାଦି ଯାନ୍ତ୍ରିକ ଦ୍ରବ୍ୟ ଲାଭ ହୋଇପାରେ। ଯେକୌଣସି ପ୍ରକାରର ପ୍ରତିଦ୍ୱନ୍ଦ୍ୱିତାରେ ମଧ ସଫଳତା ଅର୍ଜନ କରିବାର ସୁଯୋଗ ପାଇବେ।

ଆଜି ମେ ୧୦ ତାରିଖ, ବୈଶାଖ ଶୁକ୍ଳ ତ୍ରୟୋଦଶୀ ଶନିବାର, ରାଶିନକ୍ଷତ୍ର-ଦିବା ଘ.୦୧।୪୨ ପର୍ଯ୍ୟନ୍ତ, ଚିତ୍ରା/କନ୍ୟା, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ. ୦୫।୧୬ ଗତେ ଘ. ୦୯।୩୪ ମଧ୍ୟେ ଘ.୦୧।୧୯ ଗତେ ଘ.୦୧।୫୨ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୪।୩୩ ଗତେ ଘ.୦୬।୦୯ ମଧ୍ୟେ ରାହୁ କାଳ।

# ଭୟ କରିବାର ନାହିଁ, ପ୍ରସ୍ତୁତ ଅଛନ୍ତି ସରକାର: ମୁଖ୍ୟମନ୍ତ୍ରୀ

## ବାହାରେ ପଢୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଦିଲ୍ଲୀରେ ଖୋଲିଛି ହେଲ୍ପଡେସ୍କ

ଭୁବନେଶ୍ୱର, ୯।୫(ସୁନିତ୍ ମିଶ୍ର)

ଭାରତ-ପାକିସ୍ତାନ ମଧ୍ୟରେ ଦେଖାଦେଇଥିବା ଉତ୍ତେଜନାମୂଳକ ସ୍ଥିତିକୁ ନେଇ କେହି ଭୟଭୀତ ହୁଅନ୍ତୁ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଓଡ଼ିଶା କ୍ଷେତ୍ରକୁ ଦେଖିଲେ ଏଠାରେ ଆତଙ୍କବାଦୀମାନଙ୍କ ପକ୍ଷରୁ ଆକ୍ରମଣ ହେବାର ସେପରି କୌଣସି ସମ୍ଭାବନା ନ ଥିଲେ ମଧ ରାଜ୍ୟରେ ଚାନ୍ଦିପୁରରେ ଥିବା ସମନ୍ୱିତ ପରୀକ୍ଷଣ ଘାଟି (ଆଇଟିଆର୍), ପୁରୀରେ ଜଗନ୍ନାଥ ମନ୍ଦିର ଏବଂ ବଙ୍ଗୋପସାଗର ପଟରୁ ଆକ୍ରମଣ ହେବାର ସ୍ଥିତି ସୃଷ୍ଟି ହୋଇପାରେ। ସେଥିଲାଗି ରାଜ୍ୟ ସରକାର ଏହାକୁ ଗୁରୁତ୍ୱର ସହ ନେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, କେନ୍ଦ୍ର ସରକାର ତାଙ୍କ ତୀକ୍ଷ୍ଣ ନଜର ରଖିଥିଲେ ମଧ ରାଜ୍ୟ ସରକାରଙ୍କ ପକ୍ଷରୁ ବାରମ୍ବାର ପ୍ରସ୍ତୁତିର ତର୍ଜମା କରାଯାଉଛି। ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକର ସୁରକ୍ଷା ବ୍ୟବସ୍ଥା, ସମୀନ୍ତବର୍ତ୍ତୀ ଅଞ୍ଚଳରେ ଯାଞ୍ଚକରି ସିଲ୍‌କରିବା ଉପରେ ତର୍ଜମା ଚାଲିଛି। ରାଜ୍ୟ ବାହାରେ କୌଣସି ପରିସ୍ଥିତିରେ କେହି ଛାତ୍ର ଯଦି କେଉଁଠି ରହିଯାଇଛନ୍ତି ସେମାନଙ୍କ ଓଡ଼ିଶା ଫେରିବାର ବନ୍ଦୋବସ୍ତ କରାଯାଉଛି। ନୂଆଦିଲ୍ଲୀଠାରେ ଥିବା ରାଜ୍ୟ ଆବାସିକ କମିଶନରଙ୍କ କାର୍ଯ୍ୟାଳୟରେ ହେଲ୍ପଡେସ୍କ ପ୍ରତିଷ୍ଠା କରାଯାଇ ସେଠାରେ କାର୍ଯ୍ୟ ଚାଲିଛି। ଜମ୍ମୁରେ ପାଠ ପଢୁଥିବା ଅନେକ ପିଲାଙ୍କୁ ଦିଲ୍ଲୀ ଆଣି ଭୁବନେଶ୍ୱରଠାରେ ପହଞ୍ଚାଇବାର କାର୍ଯ୍ୟ ଚାଲିଛି। ଆଗକୁ ଲମ୍ବା ଯୁଦ୍ଧ ହେବ ଏବଂ ଏଥିରେ ଭାରତର ବିଜୟ ନିଶ୍ଚିତ ହେବ। ଏଥିରେ ଭୟଭୀତ ହେବାର ନାହିଁ। ଯେମିତି ଅଫିସ୍ ଏବଂ କାର୍ଯ୍ୟକ୍ରମ ଚାଲିଛି ସେମିତି ଚାଲିବ, ହେଲେ ସାବଧାନତାର ସହ କାର୍ଯ୍ୟ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ଓଡ଼ିଶା କାର୍ଯ୍ୟକାରୀ କରିବ ସିଭିଲ ଡିଫେନ୍ସ ରୁଲ୍ସ

ଭୁବନେଶ୍ୱର,୯।୫(ରବିନାରାୟଣ ଜେନା)

ସଂପ୍ରତି ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ପରିସ୍ଥିତିକୁ ନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସବୁ ରାଜ୍ୟ ସରକାରଙ୍କୁ ସିଭିଲ ଡିଫେନ୍ସ ରୁଲ୍ସ-୧୯୬୮କୁ ଲାଗୁ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏସଂକ୍ରାନ୍ତରେ ଶୁକ୍ରବାର ମନ୍ତ୍ରଣାଳୟ ପକ୍ଷରୁ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ପତ୍ର ଲେଖି ଅବଗତ କରାଯାଇଛି। ଏହାକୁ କାର୍ଯ୍ୟକାରୀ କରିବା ସମୟରେ ଅତ୍ୟାବଶ୍ୟକ ସାମଗ୍ରୀ କ୍ରୟ କଲାବେଳେ ଯେଉଁ ଅର୍ଥ ଆବଶ୍ୟକ ପଡ଼ିବ ତାହାକୁ ସମ୍ପୃକ୍ତ ରାଜ୍ୟ ସରକାର ଲୋକାଲ ଫଣ୍ଡରୁ ଖର୍ଚ୍ଚ କରିପାରିବେ, ଯଦ୍ଦ୍ୱାରା ଜରୁରିକାଳୀନ ପରିସ୍ଥିତିରେ ପ୍ରତିବନ୍ଧକ ଉପୁଜିବ ନାହିଁ। ତେବେ ଏହି ନିୟମକୁ ରାଜ୍ୟ ସରକାର ମଧ କାର୍ଯ୍ୟକାରୀ କରିବେ ବୋଲି ଗୃହ ବିଭାଗ ପକ୍ଷରୁ କୁହାଯାଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନଡ଼ିଆ ଲଗେଇ ବଙ୍ଗଳା ଯା,**
**ଗୁଆ ଲଗେଇ ଘରେ ବସି ଥା।**

ନଡ଼ିଆ ଗଛ ଲଗେଇବା ପାଇଁ ବିଶେଷ ଯତ୍ନ କରିବା ଦରକାର ପଡ଼ି ନ ଥାଏ। ମାତ୍ର ଗୁଆ ଗଛର ବହୁ ଯତ୍ନ ନେବାକୁ ପଡ଼େ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ନଇଁ ପଡ଼ିବ ପୂରା ଚାଷ,**
**ପିଣ୍ଡାରେ ବସି ପଚାରେ ଚାଷ,**
**ତା'ର କାହିଁ ପାଇଁ ଚାଷରେ ଆଶ ?**

ଚାଷ କାର୍ଯ୍ୟରେ ବହୁ ଶାରୀରିକ ପରିଶ୍ରମ ଲୋଡ଼ା ହୋଇଥାଏ। ମାଟି ସହ ମାଟି ହୋଇ କାମ କଲେ ଭଲ ଫସଲ ପାଇବାର ସମ୍ଭାବନା ରହିଥାଏ। ତେବେ ନିଜେ ଚାଷ ନ କରି ପର ଉପରେ ନିର୍ଭର କରି ବସି ରହିଲେ ଫସଲରୁ ସେତେ ଅଧିକ ଲାଭ ମିଳି ନ ଥାଏ ଓ ଭଲ ଫସଲ ପାଇବାର ଆଶା ଆଶାରେ ହିଁ ରହିଯାଇଥାଏ। ଚାଷ କାର୍ଯ୍ୟରେ ପର ଉପରେ ନିର୍ଭର କରୁଥିବା ବ୍ୟକ୍ତିଙ୍କୁ ନିରାଶ ହେବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ପ୍ରଥମ ପୃଷ୍ଠାରୁ...

### ପାକ୍‌ର ୪୦୦ ଡ୍ରୋନ୍ ...

କୁହାଯାଉଛି। ଏପରି କି ପାକିସ୍ତାନୀ ସେନା ଡ୍ରୋନ୍ ଓ ମିଶାଇଲ ଆକ୍ରମଣ ବେଳେ ନିଜ ଏୟାରସ୍ପେସ୍‌କୁ ଖୋଲା ରଖିଥିଲା। ପଡ଼ୋଶୀ ଦେଶ ବେସାମରିକ ବିମାନଗୁଡ଼ିକୁ ଢାଲ ଭାବେ ବ୍ୟବହାର କରିଥିଲା।

ସୂତ୍ରରୁ ଜଣାପଡ଼ିଛି, ମେ' ୬ ବିଳମ୍ବିତ ରାତିରେ ଭାରତୀୟ ସଶସ୍ତ୍ର ବଳର 'ଅପରେଶନ୍ ସିନ୍ଦୂର' ଏବଂ ତତ୍ ପରବର୍ତ୍ତୀ ସାମରିକ କାର୍ଯ୍ୟାନୁଷ୍ଠାନରେ ପାକିସ୍ତାନର ଅନେକ ସହରର ପ୍ରଭୂତ କ୍ଷତି ସାଧିତ ହୋଇଛି। ପାକିସ୍ତାନୀ ସେନା ଏଥିରେ ଆହୁରି ଉତ୍‌କ୍ଷିପ୍ତ ହୋଇ ଭାରତକୁ ତୁହାକୁ ତୁହା ଯୁଦ୍ଧାସ୍ତ୍ର ନିକ୍ଷେପ କରିଚାଲିଥିଲା। ଶତ୍ରୁପକ୍ଷର ଟାର୍ଗେଟରେ ରହିଥିଲା ଅୱନ୍ତିପୁରା, ଶ୍ରୀନଗର, ଜମ୍ମୁ-ପଠାନ୍‌କୋଟ୍, ଅମୃତସର, କପୁରଥାଲା, ଜଳନ୍ଧର, ଲୁଧିଆନା, ଆଦମ୍‌ପୁର, ବଠିଣ୍ଡା, ଚଣ୍ଡିଗଡ଼, ନାଲ୍, ଫଲୋଡ଼ି, ଉତ୍ତରଲାଇ ଓ ଭୁଜ୍। ଏହି ସହରଗୁଡ଼ିକୁ ଆକ୍ରମଣ କରିବାକୁ ଯାଇ ପାକିସ୍ତାନ ଆସିଗାର୍ଡ ସୋନାର ଡ୍ରୋନ୍ ବ୍ୟବହାର କରିଥିଲା। ୫ କି.ମି. ରେଞ୍ଜ ବିଶିଷ୍ଟ ଏହି ଡ୍ରୋନ୍‌କୁ ସାମରିକ ଓ ସୁରକ୍ଷା ଅପରେଶନ୍ ସମୟରେ ଉଭୟ ଦିନ ଓ ରାତି ବେଳେ ପ୍ରଭାବଶାଳୀ ଢଙ୍ଗରେ କାର୍ଯ୍ୟରେ ନିୟୋଜିତ କରାଯାଇଥାଏ। ଏହାର ଏପରି ବୈଶିଷ୍ଟ୍ୟ ଥିବା ସତ୍ତ୍ୱେ ଅସ୍ତ୍ରବିରତି ଉଲ୍ଲଂଘନ କରିଥିବା ସମସ୍ତ ୩୦୦-୪୦୦ ଡ୍ରୋନ୍‌କୁ ଭାରତୀୟ ଏୟାର ଡିଫେନ୍ସ ସିଷ୍ଟମ୍ ଖସାଇଦେଇଥିଲା। ଶତ୍ରୁପକ୍ଷର ଯୁଦ୍ଧାସ୍ତ୍ରକୁ ପ୍ରତିହତ କରିବା ପାଇଁ ଭାରତ ଏସ୍-୪୦୦ ଟ୍ରିଉମ୍ଫ ମିଶାଇଲ ସିଷ୍ଟମ, ବାରାକ୍-୮ ମିଶାଇଲ, ଆକାଶ ସର୍ଫେସ-ଟୁ-ଏୟାର ମିଶାଇଲ ଏବଂ ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ପ୍ରତିଷ୍ଠାନ (ଡିଆର୍‌ଡିଓ) ଦ୍ୱାରା ବିକଶିତ ଆଣ୍ଟି-ଡ୍ରୋନ୍ ଟେକ୍ନୋଲୋଜିର ଉପଯୋଗ କରିଥିଲା।

ଜମ୍ମୁ-କଶ୍ମୀର ସଂଲଗ୍ନ ନିୟନ୍ତ୍ରଣରେଖା (ଏଲ୍‌ଓସି)ରେ ପାକିସ୍ତାନ ଅସ୍ତ୍ରବିରତି ଉଲ୍ଲଂଘନ କରି ଗୁଳିଗୋଳା ବର୍ଷଣ ଓ ମୋର୍ଟାର ମାଡ଼ ଜାରି ରଖିଛି। ଏଥିରେ ଅଦ୍ୟାବଧି ଜଣେ ଯବାନ ଶହୀଦ ହୋଇଥିବାବେଳେ ୧୬ ଭାରତୀୟ ପ୍ରାଣ ହରାଇଛନ୍ତି। ତେବେ ଭାରତୀୟ ସେନା ଏହାର ମୁହଁତୋଡ଼ ଜବାବ ଦେଉଛି। ମୋଟାମୋଟି ଭାବେ ପାକିସ୍ତାନୀ ପ୍ରତିରକ୍ଷା ନେଟ୍‌ୱର୍କ ଏକପ୍ରକାର ଅକାମୀ ହୋଇଯାଇଛି। ପାକିସ୍ତାନୀ ଡ୍ରୋନ୍, ମିଶାଇଲ ଓ ଅନ୍ୟ ଯୁଦ୍ଧାସ୍ତ୍ରଗୁଡ଼ିକ ସୀମାନ୍ତ ରାଜ୍ୟଗୁଡ଼ିକର ବିଭିନ୍ନ ସ୍ଥାନରୁ ମିଳିବା ଏହାର ପ୍ରମାଣ ଦେଉଛି।

### ଅନୁପ୍ରବେଶ ଉଦ୍ୟମ ବେଳେ ୭ ଜୈଶ ଆତଙ୍କବାଦୀ ନିହତ

ଜମ୍ମୁ-କଶ୍ମୀରର ସାମ୍ବା ଜିଲା ଅନ୍ତର୍ଗତ ଅନ୍ତର୍ଜାତୀୟ ସୀମାରେ ଗୁରୁବାର ବିଳମ୍ବିତ ରାତିରେ ଆତଙ୍କବାଦୀଙ୍କ ଏକ ବଡ଼ ଧରଣର ଅନୁପ୍ରବେଶ ଉଦ୍ୟମକୁ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ପଣ୍ଡ କରିଦେଇଛି। ଯବାନଙ୍କ ଗୁଳିମାଡ଼ରେ ଜୈଶ-ଇ-ମହମ୍ମଦ (ଜେଇଏମ୍)ର ୭ ସନ୍ଦିଗ୍ଧ ଆତଙ୍କବାଦୀ ନିହତ ହୋଇଛନ୍ତି। ଗୁରୁବାର ରାତି ୧୧ ବେଳେ ଯବାନମାନେ ସାମ୍ବା ସୀମା ନିକଟରେ ସନ୍ଦିଗ୍ଧ ଗତିବିଧି ସମ୍ପର୍କରେ ଜାଣିବାକୁ ପାଇଥିଲେ। ସେମାନଙ୍କ ଅନୁପ୍ରବେଶ ଉଦ୍ୟମକୁ ରୋକିବା ପାଇଁ ଗୁଳିମାଡ଼ କରାଯାଇଥିଲା ବୋଲି ବିଏସ୍‌ଏଫ୍ ସ୍ପଷ୍ଟ କରିଛି। ବିଏସ୍‌ଏଫ୍ ଯବାନଙ୍କ ଆକ୍ରମଣରେ ଏକ ପାକିସ୍ତାନୀ ପୋଷ୍ଟ କ୍ଷତିଗ୍ରସ୍ତ ହୋଇଛି।

### ବେଲୁଚିସ୍ତାନରେ ସ୍ୱାଧୀନତାର ପତାକା ଉଡ଼ାଇଲେ ବିଦ୍ରୋହୀ

ନୂଆଦିଲ୍ଲୀ,୯।୫

ଭାରତୀୟ ନାଗରିକ ଓ ସାମରିକ ଘାଟିଗୁଡ଼ିକୁ ଟାର୍ଗେଟ କରି ପାକିସ୍ତାନ ଡ୍ରୋନ୍ ଏବଂ ମିଶାଇଲ୍ ଆକ୍ରମଣରେ ବ୍ୟସ୍ତ ଥିବାବେଳେ ବେଲୁଚ୍ ବିଦ୍ରୋହୀମାନେ ପାକିସ୍ତାନୀ ସୁରକ୍ଷା ବଳ ଉପରେ ଆକ୍ରମଣକୁ ଜୋର୍‌ଦାର କରିଛନ୍ତି। ବେଲୁଚ୍ ଯୋଦ୍ଧାମାନଙ୍କର ଅନ୍ୟୂନ ୩ଟି ଗୋଷ୍ଠୀ ବେଲୁଚିସ୍ତାନର କେତେକ ଅଂଶକୁ ସେମାନଙ୍କ ଅକ୍ତିଆରକୁ ନେଇଛନ୍ତି। ପାକିସ୍ତାନୀ ସେନା ଓ ବିଭିନ୍ନ ବିଦ୍ରୋହୀ ସଂଗଠନ ମଧ୍ୟରେ ସଂଘର୍ଷ ଜାରି ରହିଛି। ସ୍ୱାଧୀନ ବେଲୁଚିସ୍ତାନ ଦାବି ଜୋର ଧରିଛି। ପାକିସ୍ତାନୀ ପତାକା ଓହ୍ଲାଇଦେଇ ବେଲୁଚ୍ ଜନସାଧାରଣ ସେମାନଙ୍କ ପତାକା ଲଗାଉଥିବାର ଫଟୋ ଓ ଭିଡିଓ ସୋସିଆଲ ମିଡିଆଗୁଡ଼ିକରେ ଦେଖିବାକୁ ମିଳିଛି। ବେଲୁଚ ସ୍ୱାଧୀନତା ସପକ୍ଷବାଦୀ ସଂଗଠନଗୁଡ଼ିକ ଗୁରୁବାର ପାକିସ୍ତାନୀ ସେନା ଓ ଏହାର ବେଲୁଚିସ୍ତାନରେ ଥିବା ସମ୍ପତ୍ତି ଉପରେ ମିଳିତ ଆକ୍ରମଣ କରିଥିଲେ।

### ଚାନ୍ଦିପୁରରେ ହାଇଆଲର୍ଟ...

ହାଇଆଲର୍ଟରେ ରଖାଯାଇଛି। ଜମ୍ମୁ-କଶ୍ମୀରର ପହଲଗାମ୍‌ଠାରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ-ପାକିସ୍ତାନ ମୁହାଁମୁହିଁ ସ୍ଥିତିରେ ପହଞ୍ଚିଛନ୍ତି। 'ଅପରେଶନ୍ ସିନ୍ଦୂର' ମାଧ୍ୟମରେ ଭାରତ ପ୍ରତିଶୋଧ ନେଇଛି। ଯୁଦ୍ଧ ଭଳି ସ୍ଥିତିରେ ଚାନ୍ଦିପୁର ପ୍ରତିରକ୍ଷା ବିଭାଗର ଡିଆର୍‌ଡିଓ, ଆଇଟିଆର୍ ଓ ପିଏକ୍ସଇ ଆଦି ପ୍ରତିଷ୍ଠାନ ଥିବାରୁ ଏହା ବେଶ୍ ସମ୍ବେଦନଶୀଳ ଅଞ୍ଚଳ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟିକୁ ପୂରା ନଜରରେ ରଖିଛନ୍ତି। ସେହିପରି ବାଲେଶ୍ୱରରୁ ଗଞ୍ଜାମ ପର୍ଯ୍ୟନ୍ତ ଉପକୂଳ ଓଡ଼ିଶାରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ଫୋକସ୍‌ରେ ରଖାଯାଇଛି। ଏଥିପାଇଁ ତଟରକ୍ଷୀ ବାହିନୀଙ୍କୁ ସତର୍କ ରହିବାକୁ କୁହାଯାଇଛି। ପୋଲିସ ଓ ତଟରକ୍ଷୀ ବାହିନୀ ମଧ୍ୟରେ ସମନ୍ୱୟ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

### ସପ୍ତାହେ ପାଇଁ ...

ସହ ବିସିସିଆଇ ଛିଡ଼ା ହୋଇଛି। ଦେଶର ସୁରକ୍ଷା ଲାଗି କରାଯାଉଥିବା ସମସ୍ତ ପ୍ରୟାସକୁ ସମର୍ଥନ କରିବା ଲାଗି ଆମେ ପ୍ରତିବଦ୍ଧ ଏବଂ ଦେଶର ହିତ ସହିତ ବିସିସିଆଇର ନିଷ୍ପତ୍ତି ଜଡ଼ିତ ରହିବ। ଏଥିସହିତ ଜାତୀୟ ହିତକୁ ସର୍ବାଧିକ ଗୁରୁତ୍ୱ ଦେବା ଲାଗି ମୁଖ୍ୟ ପ୍ରସାରଣକାରୀ, ଟାଇଟଲ ପ୍ରାୟୋଜକ ଓ ସମସ୍ତ ଅଂଶୀଦାରକୁ ବିସିସିଆଇ ପକ୍ଷରୁ ଧନ୍ୟବାଦ ଦିଆଯାଇଛି।

### ଏଲ୍‌ଓସିରେ ପାକ୍ ...

ନିକଟରେ ବୀରତ୍ୱର ସହ ପାକ୍ ସେନା ଗୁଳିମାଡ଼ର ମୁକାବିଲା କରୁଥିବାବେଳେ ଭୋର ୩ଟା ୩୦ ମଧ୍ୟରେ ଆହତ ହୋଇଥିଲେ। ତାଙ୍କୁ ଉଦ୍ଧାର କରି ହସ୍ପିଟାଲ ନିଆଯାଇଥିବାବେଳେ ମୃତ୍ୟୁ ଘଟିଥିଲା। ମୁରଲୀ ୨୦୨୨ ଡିସେମ୍ବରରେ ସେନାରେ ଯୋଗଦେଇ ୮୫୧ ଲାଇଟ୍ ରେଜିମେଣ୍ଟରେ ପୋଷ୍ଟିଂ ହୋଇଥିଲେ। ତାଙ୍କ ବାପା ମୁଦାଭାଥ ଶ୍ରୀରାମ ଏବଂ ମାଆ ଜ୍ୟୋତିବାଈ ମୁମ୍ବାଇରେ ନିର୍ମାଣ ଶ୍ରମିକ ଭାବେ କାର୍ଯ୍ୟ କରନ୍ତି। ମୁରଲୀ ଗତ ଜାନୁଆରୀ ୬ରେ ଶେଷ ଥର ପାଇଁ ୧୫ ଦିନିଆ ଛୁଟିରେ ଘରକୁ ଯାଇଥିଲେ।

# ବିଡିଓଙ୍କ ବଦଳି ଦାବିରେ କାଳିମେଳା ୧୨ ଘଣ୍ଟା ବନ୍ଦ

- ବ୍ଲକ୍ ଅଫିସରେ ଅଣ୍ଡାମାଡ଼
- ଗେଟ୍‌ରେ ତାଲା ପକାଇଲେ ଉତ୍ତ୍ୟକ୍ତ ଲୋକେ
- ବିଡିଓଙ୍କ ନାମରେ ସରପଞ୍ଚ ଦେଲେ ଏତଲା



ବ୍ଲକ୍ ଅଫିସ୍ ସମ୍ମୁଖରେ ଜନପ୍ରତିନିଧିମାନେ ଧାରଣାରେ ବସିଛନ୍ତି।



ମହିଳା ସରପଞ୍ଚ ଥାନାରେ ଏତଲା ଦେଉଛନ୍ତି।

କାଳିମେଳା, ୯।୫(ଜୀବନ କୃଷ୍ଣ ଦାସ )

ମାଲକାନଗିରି ଜିଲା କାଳିମେଳା ବ୍ଲକ୍ ପଞ୍ଚାୟତ ସମିତିର ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର କରଙ୍କ ମନମୁଖି କାର୍ଯ୍ୟକଳାପକୁ ବିରୋଧକରି ଶୁକ୍ରବାର ବ୍ଲକ୍‌ର ସମସ୍ତ ଜନପ୍ରତିନିଧିଙ୍କ ତରଫରୁ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ଏହାର ପ୍ରଭାବରେ ସକାଳ ୬ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ବ୍ଲକ୍ ସଦର ମହକୁମାର ସମସ୍ତ ଦୋକାନ ବଜାର, ଗାଡି ଚଳାଚଳ ବନ୍ଦ ରହିଥିଲା । କାଳିମେଳା ବିଡିଓ କରଙ୍କୁ ଅନ୍ୟତ୍ର ବଦଳି ଦାବିନେଇ ୨୩ ଗ୍ରାମପଞ୍ଚାୟତର ଜନପ୍ରତିନିଧି ଗତ ଏପ୍ରିଲ ୧୧ ତାରିଖରେ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜଣାଇବା ସହ ସ୍ଥାନୀୟ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲାପାଳ ୧୫ ଦିନର ସମୟ ନେଇଥିଲେ ମଧ୍ୟ ସମ୍ପୃକ୍ତ ବିଡିଓଙ୍କ ବିରୋଧରେ କୌଣସି ପଦକ୍ଷେପ ନେଇ ନ ଥିଲେ । ଏହାର ପ୍ରତିବାଦରେ ଶୁକ୍ରବାର ଜନପ୍ରତିନିଧିମାନେ କାଳିମେଳା ବ୍ଲକ କାର୍ଯ୍ୟାଳୟକୁ ଅଣ୍ଡାମାଡ଼ କରିବା ସହ ତାଲା ମାରି ଅଫିସ୍ ସମ୍ମୁଖରେ ଧାରଣା ଦେଇଥିଲେ। ବିଡିଓଙ୍କୁ ତୁରନ୍ତ ବଦଳି କରିବାକୁ ନାରାବାଜି ହେଉଥିଲେ । ବନ୍ଦ ଡାକରାକୁ ବିଜେଡି ଜାତୀୟ କମିଟି ମୁଖପାତ୍ର ପ୍ରଦୀପ କୁମାର ମାଝି, ବିଜେଡି ଜିଲା ସଭାପତି ମାନସ ମାଡକାମି, କଂଗ୍ରେସ ଜିଲା ସଭାପତି ଗୋବିନ୍ଦ ଚନ୍ଦ୍ର ପାତ୍ର, କାଳିମେଳା ବ୍ଲକ୍ ଅଧ୍ୟକ୍ଷା ସୁବାସିନୀ ସୋଡ଼ି, ଉପାଧ୍ୟକ୍ଷ ଲକ୍ଷ୍ମୀଧର ମାଡକାମି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମାଲା ମାଡ଼ି, ଜିଲା ପରିଷଦ ସଭ୍ୟା ସୁଲତା ମଣ୍ଡଳ, ମମତା ପଡିଆମିଙ୍କ ସମେତ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ପୂର୍ବତନ ସରପଞ୍ଚମାନେ ଏକତ୍ରିତ ହୋଇ ପ୍ରତିବାଦ କରିଥିଲେ।

ଜନପ୍ରତିନିଧିଙ୍କ ଅଭିଯୋଗ ଅନୁଯାୟୀ, କାଳିମେଳା ବିଡିଓ କର ବ୍ଲକ୍‌ର ଉନ୍ନୟନ କାର୍ଯ୍ୟରେ ପଞ୍ଚାୟତ ସମିତିର ସମସ୍ତ ଲୋକପ୍ରତିନିଧିଙ୍କୁ ଅଣଦେଖାକରି ଏଠାରେ ମନମୁଖି ଶାସନ କରୁଛନ୍ତି। ବିଡିଓ ଦୀର୍ଘ ବର୍ଷ ଧରି ପଞ୍ଚାୟତ ସମିତି ବୈଠକ ନ ଡାକିବା ଏବଂ ବିଡିଓ ନିଜେ ଅନୈତିକ କାର୍ଯ୍ୟରେ ଲିପ୍ତଥିବା ନେଇ ପ୍ରଦୀପ ମାଝୀ ସଙ୍ଗିନ ଅଭିଯୋଗ କରିଛନ୍ତି। ଏଥିସହ ସମ୍ପୃକ୍ତ ବିଡିଓ ଗୁରୁବାର ବଡିଗେଟା ଗ୍ରାମପଞ୍ଚାୟତର ଜଣେ ଆଦିବାସୀ ମହିଳା ସରପଞ୍ଚ ଲିଲି ସୋଡ଼ିଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ସେ କାଳିମେଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ଦୀର୍ଘ ୧ ବର୍ଷ ପରେ ଗତ ଏପ୍ରିଲ ୨୩ ତାରିଖରେ କାଳିମେଳା ବିଡିଓ କର ପଞ୍ଚାୟତ ସମିତି ସଭାଧ୍ୟକ୍ଷଙ୍କ ସମିତି ବୈଠକ ଡକାଇଥିଲେ। ବୈଠକରେ କାଳିମେଳା ବ୍ଲକ୍ ଅଧ୍ୟକ୍ଷାଙ୍କ ସମେତ ବ୍ଲକ୍ ଅଧୀନ ୨୩ଟି ଗ୍ରାମପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ସଭ୍ୟମାନେ ଉପସ୍ଥିତ ହୋଇଥିଲେ । ବୈଠକ ଆରମ୍ଭରୁ ସମସ୍ତ ଜନପ୍ରତିନିଧି ବିଡିଓଙ୍କ ମନମୁଖି କାର୍ଯ୍ୟକଳାପ ନେଇ ପାଟିତୁଣ୍ଡ କରିଥିଲେ। ବର୍ଷକ ଭିତରେ କାହିଁକି ବୈଠକ କରିନାହାନ୍ତି ବୋଲି ପଚାରିବା ସହ ସମସ୍ତେ ବୈଠକ ବର୍ଜନକରି ବାହାରକୁ ପଳାଇଆସିଥିଲେ। ସେହିପରି ବିଡିଓ କର ପ୍ରତି ୨ମାସରେ ଜେଜେମାନଙ୍କୁ ମନଇଚ୍ଛା ବଦଳି କରିବା ଏବଂ କୌଣସି ଉନ୍ନତିମୂଳକ କାମ ଠିକ୍‌ରେ କରାଯାଉ ନ ଥିବା ଅଭିଯୋଗ କରିବା ସହ ବିଡିଓଙ୍କୁ ଅନ୍ୟତ୍ର ବଦଳି ପାଇଁ ଦାବି କରିଥିଲେ। ଯଦି ବିଡିଓଙ୍କ ବଦଳି ନ ହୁଏ ତା'ହେଲେ ଆଗାମୀ ମେ ୯ ତାରିଖରେ କାଳିମେଳା ସଦର ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯିବା ସହ କାଳିମେଳା ପଞ୍ଚାୟତ ସମିତି କାର୍ଯ୍ୟାଳୟ ତାଲା ପକାଇବେ ବୋଲି ସମିତି ବୈଠକ ବର୍ଜନ କରିବା ଦିନ ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଥିଲେ।

# ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ଦେଲେ ୩ କାଉନସିଲର

**କାଳିମେଳା ଏନ୍‌ଏସିରେ ହୋଇଥିବା ବାୟୋମାଇନିଂ କାର୍ଯ୍ୟର ତଥ୍ୟ ପ୍ରଦାନ ଦାବି**

କୋରୁକୋଣ୍ଡା,୯।୫(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କାଳିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦରେ ହୋଇଥିବା ବାୟୋମାଇନିଂ କାର୍ଯ୍ୟର ସମସ୍ତ ତଥ୍ୟର ଏକକିତା ନକଲ କପି ପ୍ରଦାନ କରିବାକୁ ଦାବି ହୋଇଛି। ଏ ନେଇ ୩ ଜଣ କାଉନସିଲର ବିମଳ ବେହେରା, ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଏବଂ ସନ୍ତୋଷ ପଣ୍ଡା ଶୁକ୍ରବାର କାଳିମେଳା ଏନ୍‌ଏସିର ନିର୍ବାହୀ ଅଧିକାରୀ ପୁନା ଦୁର୍ଲଙ୍କୁ ସାକ୍ଷାତକରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, କାଳିମେଳା ଏନ୍‌ଏସିରେ ହୋଇଥିବା ବାୟୋମାଇନିଂ କାର୍ଯ୍ୟର ଟେଣ୍ଡର କେବେ ହୋଇଥିଲା, ଏଥିରେ କେଉଁ ସ୍ୱୟଂ ସହାୟକ ଗ୍ରୁପ ଆବେଦନ କରିଥିଲେ। ଆବେଦନ କରିଥିବା ସମସ୍ତ ଗ୍ରୁପ୍‌ଙ୍କର ନଥିପତ୍ର ପଞ୍ଜି ସୂତ୍ର ଅନୁଯାୟୀ ହୋଇଥିଲା କି ବୋଲି ପ୍ରଶ୍ନ କରିଛନ୍ତି। ଯଦି ହୋଇଛି ତେବେ ଉକ୍ତ ନଥିପତ୍ରଗୁଡିକର ଏକକିତା ନକଲ କପି ପ୍ରଦାନ କରିବାକୁ ଦାବି ହୋଇଛି। ଏପରିକି ବର୍ତ୍ତମାନ ସୁଦ୍ଧା ଅଫିସ ତରଫରୁ ଉକ୍ତ ସ୍ୱୟଂ ସହାୟକ ଗ୍ରୁପ୍‌କୁ କେବେ ଆଉ କେତେ ଟଙ୍କା ପ୍ରଦାନ କରାଯାଇଛି ତାହାର ସବିଶେଷ ବିବରଣୀ ପ୍ରଦାନ କରିବାକୁ ଦାବି କରାଯାଇଛି। ଏଥିରେ କେଉଁ କେଉଁ ଅଧିକାରୀ ନିୟୋଜିତ ଥିଲେ ସେମାନଙ୍କ ନାମ ପ୍ରଦାନ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି।



ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କୁ କାଉନସିଲରମାନେ ଦାବିପତ୍ର ଦେଉଛନ୍ତି।

# ମାଥିଲି ବିଜେଡି ବ୍ଲକ୍ କମିଟି ବୈଠକ



ବୈଠକରେ ଉପସ୍ଥିତ ବିଜେଡି କର୍ମକର୍ତ୍ତା।

ମାଥିଲି, ୯।୫ (ସୁବାସ ଚନ୍ଦ୍ର ଖୁଣ୍ଟୁପିଆ)

ମାଲକାନଗିରି ଜିଲା ମାଥିଲିରେ ଶୁକ୍ରବାର ବିଜେଡି ବ୍ଲକ୍ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଜେଡି ବ୍ଲକ୍ ନୂତନ ସଭାପତି ସଦାଶିବ ପୂଜାରୀଙ୍କ ନେତୃତ୍ୱରେ ଆୟୋଜିତ ବୈଠକରେ କମିଟିର ସମସ୍ତ ସଦସ୍ୟ, ମାଥିଲି ବ୍ଲକ ସରପଞ୍ଚ ମହାସଂଘ ସଭାପତି କାନାମ ରାଜୁ ନାୟକ, ଜିଲା ପରିଷଦ ସଭ୍ୟା ସସ୍ମିତା ମାଝି, ଉଦୁଲିବେଡା ସଭାପତି ତ୍ରିନାଥ ପତ୍ର, ଚାଉଳମେନ୍ଦି ବରିଷ୍ଠ ନେତା ମାଧବ ନାଳୀ, ମେଙ୍କା ପଞ୍ଚାୟତ ସଭାପତି ରାମଦାସ ନାୟକଙ୍କ ଦଳର ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ବୈଠକରେ ପ୍ରଥମେ ପ୍ରବାଦ ପୁରୁଷ ବିଜୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ପ୍ରସ୍ତୁତି ବୈଠକରେ ଉପସ୍ଥିତ ମୁଖ୍ୟ ସଦସ୍ୟ ଓ ବ୍ଲକ୍ କମିଟି ସଦସ୍ୟଙ୍କ ମତାମତ ନିଆଯାଇଥିଲା। ମାଥିଲି ବ୍ଲକ୍‌ର ସମସ୍ତ ୨୦ଟି ଗ୍ରାମପଞ୍ଚାୟତରେ ବିଜେଡିକୁ ସୁଦୃଢ଼ କରିବା ପାଇଁ ସଙ୍ଗଠନ ଗଠନ କରାଯିବ। ସମସ୍ତଙ୍କ ସହଯୋଗରେ ସଙ୍ଗଠନ ମଜଭୁତ ହେବ ବୋଲି ବ୍ଲକ୍ ସଭାପତି ପୂଜାରୀ ମତ ପ୍ରକାଶ କରିଥିଲେ।

# ନାଗେଶ୍ୱରୀ ପାହାଡ଼ ପ୍ରବେଶ ଫାଟକ ବନ୍ଦ



ବନ୍ଦ ରହିଥିବା ପ୍ରବେଶ ଫାଟକ ।

- ପର୍ଯ୍ୟଟକ ଅସନ୍ତୋଷ
- ଜିଲା ପ୍ରଶାସନର ତଦନ୍ତ ନିର୍ଦ୍ଦେଶ

ନନ୍ଦପୁର, ୯।୫(ତୁଷାରକାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ବାଲଡ଼ା ପଞ୍ଚାୟତରେ ଥିବା ବାଲଡ଼ା ନାଗେଶ୍ୱରୀ ଗୁମ୍ଫା ଓ ପାହାଡର ପ୍ରବେଶ ପଥ ଫାଟକ ଦୀର୍ଘ ଦିନ ହେଲା ବନ୍ଦ ରହିଛି। ପାହାଡ଼ ଉପରକୁ ଯାଇ ପ୍ରକୃତିର ସୌନ୍ଦର୍ଯ୍ୟ ଦେଖିବାକୁ ଦୈନିକ ହଜାର ସଂଖ୍ୟାରେ ପର୍ଯ୍ୟଟକ ଆସି ଫାଟକ ବନ୍ଦ ଥିବା ଦେଖି ଅସନ୍ତୋଷ ପ୍ରକାଶ କରୁଛନ୍ତି। ଘଟଣାର ତଦନ୍ତ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ମିଳିଛି। ପ୍ରକାଶ ଯେ, ବାଲଡ଼ା ବନାଞ୍ଚଳ ଦ୍ୱାରା ଗଠିତ ବନ ସୁରକ୍ଷା ସମିତି ପ୍ରବେଶ ପଥରେ ଫାଟକ ସ୍ଥାପନ କରି ପର୍ଯ୍ୟଟକଙ୍କୁ ଧରି ଆସୁଥିବା ଯାନବାହାନ ଠାରୁ ଟିକସ ଆଦାୟ କରୁଥିଲେ। ଉକ୍ତ ଅର୍ଥରେ ପାହାଡ ଉପରୁ ପର୍ଯ୍ୟଟକଙ୍କ ଦ୍ୱାରା ଫୋପଡ଼ା ଯାଉଥିବା ଅଳିଆ ଆବର୍ଜନା ହଟାଇବା, ରାସ୍ତା ମରାମତି ଓ ପୋଖରୀର ସୁରକ୍ଷା କରାଯାଉଥିଲା। କିନ୍ତୁ ଉକ୍ତ ଆଦାୟ ଅର୍ଥ ହେରଫେର ଅଭିଯୋଗ କରି ବନ ସୁରକ୍ଷା ସମିତି ୨ଗୋଷ୍ଠୀରେ ବିଭକ୍ତ ହୋଇ ଫାଟକ ବନ୍ଦ କରାଯାଇଥିବା କୁହା ଯାଉଛି। ଆସୁଥିବା ପର୍ଯ୍ୟଟକଙ୍କଠାରୁ ଅଭିଯୋଗ ଏଡିଏମ୍ କୋରାପୁଟ ବନଖଣ୍ଡ ଅଧିକାରୀ, ନନ୍ଦପୁର ବିଡିଓ ଏବଂ ତହସିଲଦାରଙ୍କୁ ଘଟଣାର ତଦନ୍ତ କରି ଯଥାଶୀଘ୍ର ଫାଟକ ଖୋଲିବାକୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି।


## OFFICE OF THE MUNICIPAL COUNCIL, BALASORE

BALASORE, (ODISHA), PIN-756003
Tel.No.06782-251267 (O), Fax No.06782-251222
e-mail- balasoremunicipality@rediffmail.com

ପରିପତ୍ର ସଂଖ୍ୟା 9995 ତା.୭.୫.୨୫ ରିଖ

No.C-278:ଏତଦ୍ୱାରା ସର୍ବସାଧାରଣମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବାଲେଶ୍ୱର ପୌରପାଳିକା ଅଧୀନରେ ଥିବା ନିମ୍ନୋକ୍ତ ଉତ୍ସଗୁଡିକ ପାର୍ଶ୍ୱରେ ଦର୍ଶାଯାଇଥିବା ଆଗାମୀ ସମୟସୀମା (ନିମ୍ନରେ ପ୍ରଦତ୍ତ) ନିମନ୍ତେ ଉଦ୍ଦିଷ୍ଟ ସର୍ତ୍ତାବଳୀ ଅନୁସାରେ ନିଲାମ ଦିଆଯିବ । ବିଜ୍ଞାପନ ଅନୁଯାୟୀ ଆବେଦନ ସମୟ ସୀମା ତା.୦୯.୦୫.୨୦୨୫ ରିଖରୁ ତା.୧୫.୦୫.୨୦୨୫ ରିଖ ସମୟ ଅପରାହ୍ଣ ୦୧.୩୦ ଘଟିକା ପର୍ଯ୍ୟନ୍ତ ରଖାଯାଇଅଛି । ଏଥିନିମନ୍ତେ ଇଚ୍ଛୁକ ବ୍ୟକ୍ତି ଓ ପଞ୍ଜୀକୃତ ସ୍ୱୟଂ ସହାୟିକା ଗୋଷ୍ଠୀ ମହାସଂଘ (ALF) ବା ସଂସ୍ଥା ତା.୦୯.୦୫.୨୦୨୫ ରିଖ ଠାରୁ ତା.୧୫.୦୫.୨୦୨୫ ରିଖ ମଧ୍ୟରେ ପୌରପାଳିକା କାର୍ଯ୍ୟାଳୟରୁ ନିର୍ଦ୍ଧାରିତ ଫର୍ମ କ୍ରୟ କରି ଅପରାହ୍ଣ ୦୧.୩୦ ଘଟିକା ମଧ୍ୟରେ ଟେଣ୍ଡର ଆବେଦନ ଦାଖଲ କରିବେ । ଉପରୋକ୍ତ ଟେଣ୍ଡର ତା.୧୬.୦୫.୨୦୨୫ ରିଖ ସକାଳ ୦୪.୩୦ ଘଟିକା ସମୟରେ ପୌରପାଳିକା ଟେଣ୍ଡର କମିଟି ସମ୍ମୁଖରେ ଖୋଲାଯିବ ।

(Can also be obtained in detail from Govt. website- http://balasore.odisha.gov.in)

Sd./- Executive Officer
Balasore Municipality

OIPR-13154/11/0044/2526

## BERHAMPUR MUNICIPAL CORPORATION

No. 6462 Date : 06.05.2025

**Quotation Call Notice**

**No.C-267** : Sealed Quotations are invited from Authorised Firms/ Agencies from Odisha registered under appropriate authority for **"Annual Maintenance of Network"**. The detailed terms & conditions are available at our office website www.berhampur.gov.in. The last date of receipt of quotation in this office by 16.05.2025 17:00 Hrs and will be opened on 17.05.2025 at 11:30 Hrs. in the office of undersigned.

The Authority reserves the right to accept or reject any quotation without assigning any reason thereof.

Sd./- Commissioner
Berhampur Municipal Corporation

OIPR-13035/11/0049/2526

## RFP Notice No. 1879 dt. 08.05.2025

**No.C-287** : The Executive Officer, Paradeep Municipality on behalf of the Municipal Council invites Sealed Quotations in two packets from intending registered software firms for **"DEVELOPMENT OF MOBILE APPLICATION FOR SANITATION MONITORING IN RESPECT OF PARADEEP MUNICIPALITY"**. The prescribed RFP can be obtained from Paradeep Municipality Office or from Municipality website i.e. www.paradeepmunicipality.in from 08:00 A.M. dt.09.05.2025 to 12:00 P.M. dt. 15.05.2025 on payment of ₹10,000.00 as paper cost. The last date of receipt of completed quotation in all respect is dt. 15.05.2025 up to 1:00 P.M. and will be opened on dt. 16.05.2025 at 11:00 A.M.

Sd./- Executive Officer
Paradeep Municipality

OIPR-13120/11/0040/2526

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, JAGATSINGHPUR

Tel : 06724-220064, Fax : 06724-221850
E-Mail : cdmojagatsinghpur@gmail.com
No.3042 Date : 05.05.2025

**SHORT TENDER CALL NOTICE**

**No.E-72** : Sealed Tenders are invited by the undersigned from the intending Manufacturers / Authorized distributors / Agency for supply of DRUGS AND MEDICAL CONSUMABLES, DRUGS UNDER MENTAL HEALTH, LEPROSY DRUGS & LOGISTICS, X-RAY ARTICLES, INSTRUMENT & EQUIPMENT, BEDDING & CLOTHING (BCL) ITEMS, BIOMEDICAL WASTE (BMW) ITEMS, LABORATORY CHEMICALS, REAGENTS & CONSUMALBES, BLOOD BANK CHEMICALS & CONSUMABLES, LAB MATERIALS FOR NTEP, LAB. MATERIALS FOR DISTRICT PUBLIC HEALTH LABORATORY (DPHL) AND RTPCR LAB CHEMICALS & CONSUMABLES to the Chief District Medical & Public Health Officer, Jagatsinghpur. The bidders may download the Tender Documents directly from the website available at **http://jagatsinghpur.nic.in**. The said tender should reach in the office of the undersigned by **06.06.2025 up to 01.00 P.M.** through **Regd. Post / Speed Post / Courier Service** only. The tender will be opened on **10.06.2025 at 11.00 A.M.** in the Meeting Hall of the New OPD Building, DHH, Jagatsinghpur. The bidders or their authorized agents may remain present at the time of opening if they so wish. The Tender will accompany two parts, i.e. **Technical Bid (Cover - A)** and **Price Bid (Cover B)** separately in two envelops and should be put in to another envelop with all super scribed as **"TENDER FOR SUPPLY OF "DRUGS AND MEDICAL CONSUMABLES, DRUGS UNDER MENTAL HEALTH, LEPROSY DRUGS & LOGISTICS, X-RAY ARTICLES, INSTRUMENT & EQUIPMENT, BEDDING & CLOTHING (BCL) ITEMS, BIOMEDICAL WASTE (BMW) ITEMS, LABORATORY CHEMICALS, REAGENTS & CONSUMABLES, BLOOD BANK CHEMICALS & CONSUMABLES, LAB MATERIALS FOR NTEP,LAB. MATERIALS FOR DISTRICT PUBLIC HEALTH LABORATORY (DPHL) AND RTPCR LAB CHEMICALS & CONSUMABLES"** as the case may be and must contain the bidder's full address with Telephone No., Mobile No. and e-mail id. The undersigned is not responsible for any postal delay and reserves the right to reject any or all of the tenders without assigning any reason thereof.

Sd./- Chief District Medical & Public
Health Officer, Jagatsinghpur

OIPR-10043/11/0018/2526

## ODISHA LIFT IRRIGATION CORPORATION LIMITED

(A Government of Odisha Undertaking)

**OFFICE OF THE EXECUTIVE ENGINEER, L.I. DIVISION, KORAPUT**

Email ID- exengerolickpt@gmail.com

**e-Tender Notice**

**Bid Identification No.E.E.OLIC KORAPUT 01/2025-26 DT.02.05.2025**

No.CAD-320:Installation & Energisation/Revival of 82 Nos. Packages of Lift Irrigation Project Works under Koraput & Malkangiri District.
Execution of L.I. Project Works- Under Koraput & Malkangiri District.

1. Cost of Projects : 55.411 to 5.389 Lakhs each
2. Class of Contractors: Valid Electrical H.T. License with Civil 'D' or above class (As per specified in DTCN)
3. Availability of Bid in Portal: 09.05.2025 at 10.00 AM to 21.05.2025 upto 05.00 P.M.
4. Bid Clarification : On or before 15.05.2025 during office hours in the office of the Executive Engineer, L.I. Division, Koraput.
5. Bid opening : 22.05.2025 at 11.00 AM onwards.

The bidders who have awarded similar nature of work previously but not satisfactory progress till date or the defaulter contractors need not apply. All other information will available in Govt. Portal www.tendersorissa.gov.in.

Sd./- Executive Engineer
L.I.Division, Koraput

OIPR-32173/11/0005/2526

## OFFICE OF THE MUNICIPAL COUNCIL, BARBIL

No.C-252

**"e"-Procurement Notice**

**Bid reference Municipality (BBLM-2/2025-26)**

**Tender Call Notice No. 1367/BBL MPLTY** **Date. 06.05.2025**

1. Name of the work : **Civil construction works as mentioned in website.**
2. No. of work : **04 (Four)**
3. Bid value : **Rs.25,84,000/-**
4. Period of completion : **120 days**
5. Period of availability of tenders online : **From 10.00 A.M. of 09.05.2025 to 5.00 P.M. of 26.05.2025**
6. Last Date & time of bidding online : **5.00 P.M. of 26.05.2025**
7. Date & time of opening of Technical Bid : **11.00 A.M. of dt.28.05.2025**
8. Name and address of the officer inviting bid : **EXECUTIVE OFFICER, BARBIL MUNICIPALITY**

**Further details can be seen from the procurement portal : www.tendersorissa.gov.in**

Sd./- Executive Officer,
Barbil Municipality

OIPR-13108/11/0035/2526

## OFFICE OF THE MUNICIPAL COUNCIL : KHORDHA

U & UD Department, Govt. of Odisha
Khordha-752055
e-Mail : khorda_municipality@yahoo.co.in, Phone No : 06755-220674

No.1459 Date : 07.05.2025

**QUOTATION CALL NOTICE**

**No.c-283** : Sealed quotations are invited from reputed registered Agency/ Painter for **decorative moral wall paintings to the boundary walls in different places of Khordha Municipality**. All quotation should be accompanied with PAN and GST Registration Certificate etc. Tender paper can be obtained from Cashier section of Khordha Municipality in payment of **Rs.1000.00** (Rupees One Thousand only) (Non- refundable). Bidder should be submitted EMD of **Rs.5000/-** (Rupees Five Thousand only) (Refundable) in shape of BD/BC in favour of Executive Officer, Khordha Municipality payable at Khordha. Other Term & condition can be seen in **www.khordha.nic.in (District Portal)** and **www.khordhamunicipality.in**. The quotationers should quote their rate of the price both in figure and words inclusive of all taxes. All quotations will be received in specific Quotation Box kept in the Office of the undersigned **date 08.05.2025 at 10:00 A.M. up to date 19.05.2025 at 1.00 P.M.** except Sunday & Holidays and will be opened on **date 20.05.2025 at 11:30 A.M.** in presence of quotationers or their authorized representatives in the Chamber of Executive Officer, Khordha Municipality. No conditional or incomplete quotation will be accepted.

Supply order will be given to the successful quotationer with an Agreement of undersigned. Themes & Places will be intimated in work order. All the painting works will be completed in different places of Khordha Municipality within 7 days of receipt of this order.

The authority shall have the right to accept or reject all the quotations without assigning any reason thereof.

Sd./- Executive Officer
Khordha Municipality

OIPR-13082/11/0014/2526

## CUTTACK MUNICIPAL CORPORATION

No.C-286

**"e" PROCUREMENT NOTICE**

**Tender ID : 2025_ORULB_112667**
**Bid Reference No. MC(CMC)CTC_Div-II_No.05/2025-26**
**Tender Call Notice No. 5868 (PW) Date : 08.05.2025**

Name of Works : Civil Works
No. of Works : 02 Nos.
Bid Value : Rs.27.81 Lakh to Rs.40.36 Lakh
Date of Completion : Two Calendar Months
Date and Time Schedule

| Start | End | Opening |
|---|---|---|
| 3.00 P.M. on dt.09.05.2025 | 5.00 P.M. on dt.19.05.2025 | 11.00 A.M. on dt.22.05.2025 |

Tender Details : Can be seen from the procurement portal : **www.tendersorissa.gov.in**

Executive Engineer
City Div-II

OIPR-13031/11/0179/2526

## DIRECTORATE OF AVIATION
## GOVERNMENT OF ODISHA

No.JJ-10

**JOB OPPORTUNITIES**

- Directorate of Aviation, Odisha wishes to fill in purely temporary contractual post for existing and upcoming Aviation projects & state owned Airports as well as for regular operation of Directorate of Aviation. Indian Nationals who meet the requirements stipulated herein may apply for the following posts on a purely Contractual engagement /temporary engagement Basis (Contract Period: two years ) which may be renewed subject to their performance and as per the requirement.
- Preference will be given to candidates with experience in Airport Management & Operations and to Defence personnel.
- Number of vacancies given below is indicative and may vary as per operational requirements.

| Sl. No. | Post | Vacancies | Remuneration per Month (Rs.) | Essential Educational Qualification and Experience |
|---|---|---|---|---|
| 1 | Director of Aviation | 1 | ₹2,50,000 /- | Graduate/Postgraduate in any Discipline preferably Aviation, Engineering, Business Administration, Public Policy, or a related field with 15+ years in aviation, Airport operation, compliance, PPPs, procurement. |
| 2 | Deputy Director - Operation and Protocol | 1 | ₹2,00,000 /- | Graduate/ Post graduate in Aviation Management /Engineering/ Public Admin with 10+ years in operation, infrastructure, ARFF. |
| 3 | Assistant Director - Business development & Flight Operation | 1 | ₹1,50,000 /- | Bachelor's in any discipline / Finance / Business / Science (MBA preferred) with 8–10 years working experience in Aviation, operation , finance , PPPs. |
| 4 | Senior Executive-MIS | 1 | ₹50,000 /- | Graduate along with Diploma in Computer or equivalent certification with more than 5 years working experience with Government ( preferably aviation) |
| 5 | Accountable Executive | 2 | ₹60,000 /- | Graduate in any Discipline / Engineering / Science with SMS/ DGCA certificate (preferred) with an 5–10 years experience in airport operation / safety. |
| 6 | Terminal Manager | 2 | ₹50,000 /- | Bachelor's Degree in any field from a recognized University with more than 10 years of experience in airport operations, Passenger handling, or facility management (Retired aviation personnel from Civil or Armed Forces will be given preferences) |
| 7 | Safety Manager | 2 | ₹50,000 /- | Bachelor's Degree in any field from a recognized University with more than 10 years of experience in airside operations/ safety. (Retired Aviation Personnel from Civil or Armed Forces preferred ) |

**AGE** : Age of the candidates (35-60) YR as on 01.05.2025.

**PLACE OF POSTING** :

**O/o Directorate of Aviation, Odisha, BPI Airport, Bhubaneswar -** Director of Aviation, Deputy Director of Aviation (Operation & Protocol) , Assistant Director of Aviation ( Business development & Flight Operation) and Senior Executive-MIS.

**Airports of Odisha -** Accountable Executive, Safety Manager & Terminal Manager.

**GENERAL INSTRUCTION** :

Interested candidates are requested to submit their detailed CVs with cover letter, self-attested certificates (degrees, aviation experience, achievements) and two recent passport size photos via Speed/Registered Post or email ( transcivilaviation@gmail.com) by 06.06.2025.
* Application after due date shall not be entertained. * Only short listed candidates will be contacted for Interview.
* Director of Aviation, Odisha reserves the right to increase/decrease or stop recruitment process without assigning any reason.
*Candidates are advised to visit the official website of the Commerce and Transport Department at https://ct.odisha.gov.in/ to obtain detailed information about the aforementioned vacancies. Queries may be submitted via the provided email address

**ADDRESS** :-

**Directorate of Aviation, Government of Odisha, Old Terminal Building, B.P.I. Airport, Bhubaneswar, Pin- 751020, E-mail:- transcivilaviation@gmail.com**

Sd./- Officer on Special Duty
Directorate of Aviation,
Bhubaneswar

OIPR-38001/11/0029/2526

## ODISHA HYDRO POWER CORPORATION LTD

CIN: U40101OR1995SGC003963
(GOVERNMENT OF ODISHA UNDERTAKING)

**OFFICE OF THE GENERAL MANAGER (EL.)**

CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
No.CAD-350 Email-hpschiplima@yahoo.in, Fax No. (0663) 2460505

**No.-CHEP/TW-53 (Vol.-III)/1645 Date: 06.05.2025**

**TENDER CALL NOTICE NO.-CHEP-07/2025-26**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Reputed Suppliers meeting eligibility criteria only for procurement of the following materials;

| Description | Cost of Tender Paper (Non-refundable) | EMD in Rs. (Refundable) |
|---|---|---|
| Supply of BLDC AC Ceiling Fans, Stabilizers, FRP & Aluminium Ladders, Skytuch Telescopic Pruning Saw Hand Operator and Bush Cutter Machine for CHEP, Chiplima | Rs.2,360/- (Rs.2,000/- + GST @18%) | 3,900/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com **from dtd.12.05.2025 up to 10:30 AM of dtd.23.05.2025.**

OIPR-04006/11/0079/2526 Sd/- C & P Head, CHEP, Chiplima

## JAJPUR MUNICIPALITY, JAJPUR

**QUOTATION CALL NOTICE**

**No.1488/Date. 06.05.2025**

**No.C-250** : Sealed quotations are invited from the Registered Firms/ Bidders/Manufactures for the items specified in the bid documents for the work- "Central AC for New Municipal office Building at Ankula.
The intending bidders satisfying the eligible criteria as provided in the quotation paper can take part in the bidding process.

The quotation paper containing general bid information's, terms & conditions will be issued from the office of the undersigned w.e.f **08.05.2025 to 21.05.2025** in the working days & hours respectively on payment of cash of Rs. 6000/-(Six Thousand). Such quotation paper after duly filled in shall be submitted to the undersigned by Regd. Post/ Speed Post/ Courier Service/in Municipal Office, Jajpur by hand on or before 21.05.2025 by 1.00P.M which shall be opened on 22.05.2025 at 11.00A.M in presence of the bidders or their authorised representatives in the Municipal Office, Jajpur. The date of opening shall not be deferred in the absence of either bidder or their authorised representatives.

The intending bidders are required to deposit the E.M.D. @ 1% of the quoted amount in shape of N.S.C/Bank Draft/Term Deposit drawn/ pledged in favour of the Executive Officer, Jajpur Municipality, payable at Jajpur & attach with the quotation paper.

The authority reserves the right to reject or cancel the Notice without assigning any reason thereof.

Sd./- Executive Officer
Jajpur Municipality

OIPR-13171/11/0027/2526

**ସଂକ୍ଷେପରେ**

## ଚୋରି ମାମଲାରେ ଜଣେ ଗିରଫ

ଜୟପୁର,୯।୫(ପବନ ପାଣିଗ୍ରାହୀ)

ଚୋରି ମାମଲାରେ ଜୟପୁର ଟାଉନ ପୋଲିସ ଜଣେ ଅଭିଯୁକ୍ତଙ୍କୁ ହାଟପଦାରୁ ଶୁକ୍ରବାର ଗିରଫ କରିଛି। ଅଭିଯୁକ୍ତ ହେଲେ ହଟପଦାର ରାଜ ମାଡାଙ୍ଗି(୧୮)। ସୁଚନା ଅନୁଯାୟୀ, ଜୟପୁର ଗାନ୍ଧୀ ଛକରେ ଥିବା ପାରାମାଉଣ୍ଟ ଅଟୋ ମୋବାଇଲ୍ସର ନୁଆ ପିକଅପ ଗାଡିରୁ ୪ ଟାୟାର ଚୋରି ହୋଇଥିଲା। ଏ ନେଇ ଫେବୃଆରୀ ୨୫ରେ ଜୟପୁର ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ୬୪/୨୫ରେ ମାମଲା ରୁଜୁ କରି ତଦନ୍ତ କରୁଥିଲା। ଅଭିଯୁକ୍ତଙ୍କଠାରୁ ଚୋରି ହୋଇଥିବା ୪ ଟାୟାରକୁ ଜବତ କରାଯାଇଛି। ଅଭିଯୁକ୍ତଙ୍କୁ ଶୁକ୍ରବାର ସନ୍ଧ୍ୟା ୫ଟାରେ କୋର୍ଟ ଚାଲାଣ କରାଯାଇଛି। ଏସ୍ଆଇ ରାଜେନ୍ଦ୍ର ପାଙ୍ଗି ତଦନ୍ତ କରୁଥିବା ଟାଉନ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି।

## ଦାଦାବଟି ମାଗିବା ମାମଲା, ଅଭିଯୁକ୍ତ ଗିରଫ

ଜୟପୁର,୯।୫(ପବନ ପାଣିଗ୍ରାହୀ)

ଜୟପୁର ସଦର ପୋଲିସ ଦାଦାବଟି ମାଗିବା ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଡାମଗୁଡା ଗ୍ରାମର କୃଷ୍ଣ ଟାକିରି। ଏ ନେଇ ଜୟପୁର ସଦର ଥାନା ଅନ୍ତର୍ଗତ ଦୁବୁଲି ଗ୍ରାମର କିଙ୍କର ସରକାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ବୁଧବାର ସନ୍ଧ୍ୟା ୪ଟାରେ କ୍ରିଷ୍ଟା ଅଟୋରେ ୨ ସାଙ୍ଗଙ୍କ ସହ ଆସି କିଙ୍କରଙ୍କ ମୁହଁରେ ମାଡ ମାରିବା ସହ ବେକରେ ଛୁରି ଦେଖାଇ ତାଙ୍କ ୫ ମାସର ଗର୍ଭବତୀ ସ୍ତ୍ରୀଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ତାଙ୍କ ପୁଅ ଓ ବାପାଙ୍କୁ ଆକ୍ରମଣ କରିଥଲେ। ପୋଲିସ ନିକଟରେ ଅଭିଯୋଗ କଲେ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। କିଙ୍କରଙ୍କୁ ଦୁର୍ବୃତ୍ତମାନେ ୧ ଲକ୍ଷ ଟଙ୍କା ଦାଦା ବଟି ମାଗିଥିଲେ। ନ ଦେବାରୁ ଏଭଳି କରିଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ପୋଲିସ ୧୩୮/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତଙ୍କୁ ଶୁକ୍ରବାର ସନ୍ଧ୍ୟା ୫ଟାରେ କୋର୍ଟ ଚାଲାଣ କରାଯାଇଥିବା ଜୟପୁର ସଦର ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

## ଓକିଲ ସଂଘର ଶୋକସଭା

ଜୟପୁର,୯।୫(ପବନ ପାଣିଗ୍ରାହୀ)

ଜୟପୁରସ୍ଥିତ ଜିଲା ଓକିଲ ସଂଘ କାର୍ଯ୍ୟାଳୟରେ ସ୍ଥାନୀୟ ଆଇନଜୀବି ତ୍ରିନାଥ ବିଶ୍ୱାସରାୟଙ୍କ ବିୟୋଗରେ ଶୁକ୍ରବାର୧୧ଟାରେ ଶୋକସଭା କରାଯାଇଛି। ଏଥିରେ ସଂଘ ସଭାପତି ସରୋଜ ଦାସ, ସମ୍ପାଦକ ସଚିଦା ନନ୍ଦ ମିଶ୍ର, ଆଇନଜୀବି ମଦନ ମୋହନ ନାୟକ, ପି.ରମେଶ ପାତ୍ର,ଗିରିଧର ଖରା, କେ. ଦିବାକର ରାଓ ଓ ଉମାକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆତ୍ମାର ସଦଗତି କାମନା କରି ସହ ଶୋକ ସନ୍ତପ ପରିବାରକୁ ମଙ୍ଗଳ କାମନା କରାଯାଇଥିଲା।

# ପାରିବାରିକ କଳହରୁ ସଉତୁଣୀଙ୍କୁ ହତ୍ୟା

**କାର୍ଯ୍ୟାନୁଷ୍ଠାନ ଦାବିରେ ମୃତଦେହ ରଖି ଧାରଣା**

ବୈପାରିଗୁଡ଼ା,୯।୫(କଳ୍ପତରୁ ମହାନ୍ତି)


ମୃତକଙ୍କ ପରିବାର ମୃତଦେହ ରଖି ରାସ୍ତା ଅବରୋଧ କରିଛନ୍ତି।

ପାରିବାରିକ କଳହକୁ କେନ୍ଦ୍ରକରି ବୈପାରିଗୁଡ଼ା ଥାନା ଦଶମନ୍ତପୁର ପଞ୍ଚାୟତ ଦୋରାପୁଟ ଗ୍ରାମର ୫ମାସର ଗର୍ଭବତୀ ବଡ ସଉତୁଣୀଙ୍କୁ ହତ୍ୟା କରାଯାଇଥିବା ଶୁକ୍ରବାର ଅଭିଯୋଗ ହୋଇଛି। ମୃତକ ହେଲେ ଦୋରାପୁଟର ବିନୋଦ କୁମାର ବାରିକଙ୍କ ପ୍ରଥମ ସ୍ତ୍ରୀ ସତ୍ୟବତୀ(୨୭)। ଏ ନେଇ ସତ୍ୟବତୀଙ୍କ ବାପା ଜହନ ହରିଜନ ଶୁକ୍ରବାର ବୈପାରିଗୁଡ଼ା ଥାନାରେ ଅଭିଯୋଗ କରିଛନ୍ତି। ଏହା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଛି। ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ସତ୍ୟବତୀଙ୍କ ସମ୍ପର୍କୀୟମାନେ ଥାନା ସମ୍ମୁଖ ୩୨୬ନଂ. ଜାତୀୟ ରାଜପଥରେ ମୃତଦେହ ରଖି ଧାରଣାରେ ବସିଥିଲେ। ପୋଲିସ ବିନୋଦ ଓ ତାଙ୍କ ଦ୍ୱିତୀୟ ସ୍ତ୍ରୀ ବୈଜୟନ୍ତୀଙ୍କୁ ଥାନାରେ ଅଟକ ରଖିଛି।

ସୂଚନା ଅନୁଯାୟୀ, ଉମର ପଞ୍ଚାୟତ ଟାଟୁଗୁଡ଼ାର ସତ୍ୟବତୀ ୮ ବର୍ଷ ତଳେ ବିନୋଦଙ୍କୁ ବିବାହ କରିଥିଲେ। ଉଭୟଙ୍କ ମଧ୍ୟ ୨ଟିସନ୍ତାନ ଅଛନ୍ତି। ପୁଣି ୬ ବର୍ଷ ତଳେ ବିନୋଦ ବୈଜୟନ୍ତୀଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ତାଙ୍କର ମଧ୍ୟ ୨ଟି ସନ୍ତାନ ଅଛନ୍ତି। ସମସ୍ତେ ମିଳିତ ଭାବେ ଗୋଟିଏ ଘରେ ରହୁଥିବା ବେଳେ ସତ୍ୟବତୀ ଓ ବୈଜୟନ୍ତୀଙ୍କ ମଧ୍ୟରେ ଦୀର୍ଘଦିନରୁ କଳହ ଲାଗି ରହିଥିଲା। ଗୁରୁବାର ଅପରାହ୍ନରେ ଉଭୟଙ୍କ ମଧ୍ୟରେ କୌଣସି କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା। ସତ୍ୟବତୀ ରାତିରେ ଶୋଇଥିବା ବେଳେ ବୈଜୟନ୍ତୀ ସ୍ୱାମୀଙ୍କ ଉପସ୍ଥିତିରେ ଏକ ଟାଙ୍ଗିଆରେ ତାଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ମୁଣ୍ଡ ଓ କାନରେ ଗଭୀର କ୍ଷତ ହୋଇଥିଲା। ଘଟଣା ସମ୍ପର୍କରେ ସତ୍ୟବତୀଙ୍କ ଝିଅ ଗ୍ରାମବାସୀଙ୍କୁ ଜଣାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ମେଡିକାଲ ନେବା ବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହା ପରେ ପରିବାର ଲୋକେ ବୈପାରିଗୁଡ଼ା ଥାନାରେ ଜଣାଇଥିଲେ। ଅଭିଯୋଗକ୍ରମେ ପୋଲିସ କେସ୍ ନଂ.୧୦୨/୨୫ରେ ହତ୍ୟା ମାମଲା ରୁଜୁ କରିଥିଲା। ସତ୍ୟବତୀଙ୍କ ବାପ ଘର ଲୋକେ ଥାନା ସମ୍ମୁଖରେ ମୃତଦେହ ରଖି ଧାରଣା ଦେଇଥିଲେ। ପୋଲିସ ବୁଝାଶୁଝା କରିବା ପରେ ଶୁକ୍ରବାର ଅପରାହ୍ନ ୩ଟାରେ ଧାରଣା ହଟିଥିଲା। ସାଇଣ୍ଟିଫିକ୍ ଟିମ୍ ପହଞ୍ଚିବା ପରେ ମୃତଦେହ ବ୍ୟବଚ୍ଛେଦ କରି ପରିବାରକୁ ସନ୍ଧ୍ୟା ୬ଟାରେ ହସ୍ତାନ୍ତର କରାଯାଇଛି।

# ବିଦ୍ୟୁତ୍ ଆଘାତରେ ଶିଶୁ ମୃତ

- ବିଦ୍ୟୁତ୍ ବିଭାଗର ଅବହେଳା ଅଭିଯୋଗ
- ଯନ୍ତ୍ରୀଙ୍କ ଗିରଫ ଦାବିକଲେ ପରିବାର

କୋରାପୁଟ/ନାରାୟଣପାଟଣା,୯।୫ (ଅମିତାଭ ବେହେରା/ ରାଜକିଶୋର ଜେନା)


ମୃତଦେହ ରଖି ଲୋକେ ବିକ୍ଷୋଭ କରୁଛନ୍ତି।

ବିଦ୍ୟୁତ ସଂସ୍ପର୍ଶରେ ଆସି କୋରାପୁଟ ଜିଲା ନାରାୟଣପାଟଣା ବ୍ଲକ୍ ବୋରିଗୀ ପଞ୍ଚାୟତ ଚିନ୍ତାଗୁଡ଼ା ଗ୍ରାମର ଜଣେ ଶିଶୁ(୬)ଙ୍କ ଶୁକ୍ରବାର ମୃତ୍ୟୁ ହୋଇଛି। ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁ ଶିଶୁଙ୍କ ମୃତ୍ୟୁ ହୋଇଥିବା ପରିବାର ଅଭିଯୋଗ କରିଛନ୍ତି। ଏନେଇ ନାରାୟଣପାଟଣା ଥାନାରେ ବିଭାଗୀୟ ଯନ୍ତ୍ରୀଙ୍କ ବିରୋଧରେ ଅଭିଯୋଗ ହୋଇଛି। ମୃତ ଶିଶୁଙ୍କ ପରିବାର, ଗ୍ରାମବାସୀ ଓ ସରପଞ୍ଚ ସୁରେନ୍ଦ୍ର ପାଙ୍ଗୀ ସ୍ଥାନୀୟ ଟିପିସିଓଏଲ୍‌ଡି କାର୍ଯ୍ୟାଳୟ ଆଗରେ ମୃତଦେହ ରଖି କ୍ଷତିପୂରଣ ଦେବାକୁ ଓ ଯନ୍ତ୍ରୀଙ୍କ ଗିରଫ ଦାବି କରି ବିକ୍ଷୋଭ କରିଛନ୍ତି। ଉତ୍ତେଜନା ଲାଗି ରହିଥିବା ବେଳେ ପୋଲିସ ବିକ୍ଷୋଭକାରୀଙ୍କୁ ବୁଝାଶୁଝା କରିଥିବା ଦେଖିବାକୁ ମିଳିଛି। ସୁଚନା ଅନୁଯାୟୀ, ଶୁକ୍ରବାର ସକାଳେ ଚିନ୍ତାଗୁଡା ଗାଁର ଅର୍ଜୁନ ନାଚିକା ସ୍ତ୍ରୀଙ୍କ ସହ ଚାଷ କାମ କରିବାକୁ ବିଲକୁ ଯାଇଥିଲେ। ଘରେ ଥିବା ତାଙ୍କ ପୁଅ ସଞ୍ଜୟ ବାରିପଟେ ଖେଳୁଥିବା ବେଳେ ବିପଦସଙ୍କୁଳ ଅବସ୍ଥାରେ ଥିବା ଏକ ବିଦ୍ୟୁତ ପୋଲକୁ ଛୁଇଁବାରୁ ସେଥିରେ ଲାଖିଯାଇଥିଲେ। ତାଙ୍କ ମାଉସୀ ସୁଲୋ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିବା ବେଳେ ବିଦ୍ୟୁତ ଆଘାତ ଯୋଗୁ ଛିଟିକି ପଡିଥିଲେ। ପରେ ଦାଦା କୁଞ୍ଜି ଏକ ଶୁଖିଲା ବାଡି ବ୍ୟବହାର କରି ସଞ୍ଜୟଙ୍କୁ ଉଦ୍ଧାର କରିଥିଲେ। ଅଚେତ୍ ଅବସ୍ଥାରେ ତାଙ୍କୁ ନାରାୟଣପାଟଣା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ବିଦ୍ୟୁତ ପୋଲଟି ବିପଦସଙ୍କୁଳ ଅବସ୍ଥାରେ ଥିବା ବେଳେ ଏହାର ମରାମତି ନେଇ ଗ୍ରାମବାସୀ ବାରମ୍ବାର ବିଭାଗକୁ ଜଣାଇଥିଲେ। କିନ୍ତୁ ମରାମତି କରାଯାଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିଭାଗର ଅବହେଳା ଯୋଗୁ ଗୋଟିଏ ଶିଶୁର ମୁଲ୍ୟବାନ ଜୀବନ ଚାଲିଯାଇଥିବା ସରପଞ୍ଚ ପାଙ୍ଗୀ କହିଛନ୍ତି। ବିକ୍ଷୋଭସ୍ଥଳରେ ପୋଲିସ ଓ ତହସିଲଦାର ପହଞ୍ଚି ନିୟନ୍ତ୍ରଣ ପାଇଁ ଉଦ୍ୟମ ଜାରି ରଖିଥିବା ଦେଖିବାକୁ ମିଳିଛି। ବିଦ୍ୟୁତ ବିଭାଗର ଯନ୍ତ୍ରୀ ଫେରାର ହୋଇଥିବା ସୂଚନା ମିଳିଛି। ଘଟଣାକୁ ନେଇ ଥାନାରେ ଶୀଘ୍ର ମାମଲା ରୁଜୁ ହେବ। କ୍ଷତିପୂରଣ ନେଇ ସରକାରଙ୍କ ଯେଉଁ ନିୟମ ରହିଛି ତାହା ପ୍ରଦାନ କରିବାକୁ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କୁ କୁହାଯାଇଥିବା ନାରାୟଣପାଟଣା ଥାନା ଅଧିକାରୀ ପ୍ରମୋଦ ନାୟକ ପ୍ରକାଶ କରିଛନ୍ତି। ମୃତକଙ୍କ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ସହ ଜିଲା ରେଡକ୍ରସ ପକ୍ଷରୁ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। କିନ୍ତୁ ମୃତ ଶିଶୁଙ୍କ ପରିବାର ଓ ସମ୍ପର୍କୀୟ ସେହି ଟଙ୍କାକୁ ଗ୍ରହଣ ନକରି ଆନ୍ଦୋଳନ ଚଳାଇଥିବା ଜଣାପଡ଼ିଛି।

## ଏନ୍‌ସିସି କ୍ୟାଡେଟଙ୍କ ପଦବୀ ଆରୋହଣ ଉତ୍ସବ

ଜୟପୁର ୯।୫(ପବନ ପାଣିଗ୍ରାହୀ)

ଜୟପୁର ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରେ ଏନ୍‌ସିସି କ୍ୟାଡେଟଙ୍କ ପଦବୀ ଆରୋହଣ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶ୍ୱବିଦ୍ୟାଳୟର କୁଳସଚିବ ମହେଶ୍ୱର ଚନ୍ଦ୍ର ନାୟକ, କ୍ୟାପଟେନ ଲକ୍ଷ୍ମଣ ପାତ୍ର ଓ ସିଟିଓ ସନ୍ତୋଷିନି ମୁଣ୍ଡା ଉପସ୍ଥିତ ଥିଲେ। ଏନ୍‌ସିସି ତୃତୀୟ ବର୍ଷ କ୍ୟାଡେଟଙ୍କ କାର୍ଯ୍ୟ ଦକ୍ଷତା ଶୃଙ୍ଖଳା ଏବଂ କାର୍ଯ୍ୟର ନେତୃତ୍ୱ ଅନୁସାରେ ପଦବୀ ପ୍ରଦାନ କରାଯାଏ। ଉତ୍ସବରେ ଏସ୍‌ୟୁଓ ର୍ୟାଙ୍କ ଶିତଳ ନନ୍ଦା, ଜେୟୁଓ ର୍ୟାଙ୍କ ସ୍ମୃତି ପ୍ରଭା ଗିରି, ଜେୟୁଓ ର୍ୟାଙ୍କରେ ଶ୍ୱାତି ଜାନି ଓ ସରଜେଣ୍ଟ ର୍ୟାଙ୍କରେ ଦିପ୍ତି ନାୟକଙ୍କୁ କୁଳସଚିବ ନାୟକ, କ୍ୟାପଟନ ପାତ୍ର ପ୍ରଦାନ କରିଥିଲେ। କ୍ୟାଡେଟମାନଙ୍କୁ ଅତିଥିମାନେ ପଦବୀର ସଠିକ ଉପଯୋଗ କରିବାକୁ କହିଥିଲେ।



ସଭାକୁ କ୍ୟାଡେଟ ଶକ୍ତି ଶ୍ରିୟା ପଟ୍ଟନାୟକ ଓ ନଗମା ନିଗର ପରିଚାଳନା କରିଥିଲେ। ର୍ୟାଙ୍କ ସେରିମନି ପରେ ସାଂସ୍କୃତିକ କାର୍ଯ୍ୟକ୍ରମ, ପରିଚୟ ପତ୍ର ଦେଇ କ୍ୟାଡେଟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ୟାଡେଟ ସୋନାଲି ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ଜିଲାର ୧୫ ମଣ୍ଡଳ ସଭାପତିଙ୍କ ନାଁ ଘୋଷଣା

କୋରାପୁଟ,୯।୫(ଅମିତାଭ ବେହେରା)

ରାଜ୍ୟ ଭାଜପା ପକ୍ଷରୁ କୋରାପୁଟ ଜିଲାର ୧୫ ମଣ୍ଡଳ ସଭାପତିଙ୍କ ନାଁ ଘୋଷଣା କରାଯାଇଥିବା ଜିଲା ସଭାପତି ଶିବ ମୁଦୁଲି ସୁଚନା ଦେଇଛନ୍ତି। ଜିଲାର ଥିବା ୩୬ ମଣ୍ଡଳ ମଧ୍ୟରୁ ପୂର୍ବରୁ ୧୯ ମଣ୍ଡଳର ସଭାପତିଙ୍କ ନାମ ଘୋଷଣା କରାଯାଇଥିଲା। ରାଜ୍ୟ ଭାଜପାର ଅନୁମୋଦନ ପରେ ଜିଲାର ୧୬ ମଣ୍ଡଳ ସଭାପତିଙ୍କ ନାମ ଘୋଷଣା କରାଯାଇଛି । ଏଥିରେ ଜିଲାର ପଟ୍ଟାଙ୍ଗି ବିଧାନସଭା ଆସନର ଶୁଙ୍କି ମଣ୍ଡଳ ସଭାପତି ଭାବେ ଜିତେନ୍ଦ୍ର ବେହେରା, ସୁବାଇରେ ଅନନ୍ତ ମାଝି, ପାଡୁଆରେ ରବିନ୍ଦ୍ର ରାମସିଂ, ନନ୍ଦପୁରରେ ତ୍ରିନାଥ ବଟ୍ଟଗରିଆ, ସେମିଳିଗୁଡାରେ ଅର୍ଜୁନ କିରସାନୀ, ମାଥାଲପୁଟରେ ଦୀନବନ୍ଧୁ ମାଝି, ଲକ୍ଷ୍ମୀପୁର ବିଧାନସଭା ଆସନର କୁମ୍ଭାରିପୁଟରେ ଦାସ ମେଲେକା, ଲକ୍ଷ୍ମୀପୁରରେ ଅଜୟ କୁମାର ଖରା, ଜୟପୁର ବିଧାନସଭା ଆସନର କୁମୁଲିରେ ସୁବିମଳ ଭଞ୍ଜ, ଫାମ୍ପୁଣୀରେ ଦୀନବନ୍ଧୁ ପ୍ରଧାନ, ଗଡପରରେ ଏଚ୍.ବିଜୟ କୁମାର, କୋଟପାଡ଼ ବିଧାନସଭା ଆସନର ଦଣ୍ଡବାଡିରେ ରାମଚନ୍ଦ୍ର ଚେରକିଆ, ରାମଗିରିରେ ଦୈତାରି ବାରିକ, ଏସବି ନୂଆଗାଁରେ ଗୌରାଙ୍ଗ ଚରଣ ନାୟକ,କୋରାପୁଟ ବିଧାନସଭା ଆସନର ପଦ୍ମପୁର ମଣ୍ଡଳ ସଭାପତି ଭାବେ ଭଗବାନ ପାଙ୍ଗୀଙ୍କ ନାଁ ଘୋଷଣା କରାଯାଇଛି। ଅଗାମୀ ଦିନରେ ଏହି ମଣ୍ଡଳ ସଭାପତିମାନଙ୍କୁ ନେଇ ସମ୍ପୂର୍ଣ୍ଣ ମଣ୍ଡଳ କମିଟି ଗଠନ କରିବାକୁ ତୃଣମୁଳ ସ୍ତରରେ ଲୋକଙ୍କୁ ପାଖକୁ ପହଞ୍ଚାଇବା ନେଇ ଯୋଜନା ପ୍ରସ୍ତୁତ କରାଯିବାକୁ ଦଳ ପକ୍ଷରୁ କୁହାଯାଇଥିବା ଜିଲା ଭାଜପା ସଭାପତି ମୁଦୁଲି କହିଛନ୍ତି।

## ବିଶ୍ୱଶାନ୍ତି ମହାଯଜ୍ଞ ଶୁଭାରମ୍ଭ


ମନ୍ଦିରରେ ପୂଜା କରାଯାଉଛି।

ଦାମନଯୋଡ଼ି,୯।୫(ମାନସ ରଞ୍ଜନ କର)

ନାଲ୍‌କୋ ଟାଉନଶିପ ସେକ୍ଟର-୧ ଯଜ୍ଞମଣ୍ଡପରେ ୨୩ତମ ବିଶ୍ୱଶାନ୍ତି ମହାଯଜ୍ଞ ଗୁରୁବାର ଶୁଭାରମ୍ଭ ହୋଇଯାଇଛି। ଜଗନ୍ନାଥ ମନ୍ଦିର ପରିସର ନରେନ୍ଦ୍ର ପୋଖରୀରୁ ଜଳ ଆଣି ଯଜ୍ଞମଣ୍ଡପରେ ସ୍ଥାପନ କରାଯାଇଥିଲା। ଘଟସ୍ଥାପନ,ମଣ୍ଡଳାଦି ପୂଜା,ସ୍ତମ୍ଭ ଓ ତୋରଣ ପୂଜା ଓ ଅଗ୍ନି ସଂସ୍କାର ଆଦି ନୀତି ହୋଇଥିଲା। ଯାଜପୁର ବରୀରୁ ପୂଜକ ବିରଞ୍ଚି ନାରାୟଣ ପଣ୍ଡା,ଗୋବର୍ଦ୍ଧନ ଦାଶ,ରଶ୍ମିରଞ୍ଜନ ଦାଶ,ସତ୍ୟରଞ୍ଜନ ଦାଶ ଓ ମିହିର ରଞ୍ଜନ ପଣ୍ଡା ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ମହେଶ ପାଢ଼ୀ,କେ.ଚଣ୍ଡିପ୍ରସାଦ ରାଓ, ସୁଶାନ୍ତ ଦାଶ,ଗୌତମ ସାହୁ, ଓ ଲମ୍ବୋଦର ସ୍ୱାଇଁ ପ୍ରମୁଖ ସପତ୍ନିକ କର୍ତ୍ତା ଦାୟିତ୍ୱରେ ଥିଲେ। ଆସନ୍ତା ୧୨ ଚନ୍ଦନ ପୂର୍ଣ୍ଣିମାରେ ଯଜ୍ଞ ପୂର୍ଣ୍ଣାହୁତି ହେବ। କମିଟି ପକ୍ଷରୁ ସଭାପତି ତଥା ନାଲ୍‌କୋ ସମୂହ ମହାପ୍ରବନ୍ଧକ ସୁଗତୋ ଆନନ୍ଦ ବସୁ,ଉପସଭାପତି ତଥା ମହାପ୍ରବନ୍ଧକ ଭି.ସୁରେଶ କୁମାର ବାଥୁଲା,ସମ୍ପାଦକ ଅନାମ ଚରଣ ନାୟକ,ଯୁଗ୍ମ ସମ୍ପାଦକ ଆନନ୍ଦ ମୋହନ ପ୍ରସାଦ,କୋଷାଧ୍ୟକ୍ଷ ଶୁକଦେବ ପଟ୍ଟନାୟକ,ରଞ୍ଜନ ବେହେରା,ସୁଜିତ ଜେନା,ରଞ୍ଜୋୟ କାନୁନ୍‌ଗୋ,ଶିଶିର ପରିଡ଼ା,ମିଟୁ ସାହୁ ଓ ସଞ୍ଜୟ ବିଶ୍ୱାଳ ପ୍ରମୁଖ ଯଜ୍ଞକାର୍ଯ୍ୟ ପରିଚାଳନା କରୁଛନ୍ତି।

## ପୋଖରୀରେ ବୁଡ଼ି ନାବାଳିକା ମୃତ

କୁନ୍ଦୁରା,୯।୫(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍ ସଦର ମହକୁମା ଉପକଣ୍ଠ କୁଡୁମପଦରରେ ପୋଖରୀରେ ଗାଧୋଇବା ବେଳେ ଗୋଡ ଖସି ନାବାଳିକାଙ୍କ ଶୁକ୍ରବାର ମୃତ୍ୟୁ ହୋଇଛି। କୁଡୁମପଦର ଗ୍ରାମର ରେଙ୍ଗୁ ପରଜାଙ୍କ ଝିଅ କବିତା ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ଗୋଡ଼ ଖସି ବୁଡିଯାଇଥିଲେ। ଲୋକଙ୍କ ପାଟି ଶୁଣି ପରିବାର ଲୋକେ ପୋଖରୀକୁ ଯାଇ ମୃତଦେହ ଉଦ୍ଧାର କରିଥିଲେ। ଏ ନେଇ ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଛି। ପୋଲିସ ୧୨/୨୫ରେ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

## ନାରାୟଣପାଟଣା, ବନ୍ଧୁଗାଁରେ ଶାନ୍ତି ସ୍ଥାପନ ନେଇ ଦାବିପତ୍ର

କୋରାପୁଟ,୯।୫(ଅମିତାଭ ବେହେରା)

କୋରାପୁଟ ଜିଲାର ନାରାୟଣପାଟଣା ଓ ବନ୍ଧୁଗାଁ ବ୍ଲକ୍‌ରେ ଶାନ୍ତି ସ୍ଥାପନ ନେଇ ଗ୍ରାମବାସୀ ଜିଲାପାଳ ଭି.କୀର୍ତ୍ତି ଭାସନଙ୍କୁ ଏକ ଦାବିପତ୍ର ଶୁକ୍ରବାର ପ୍ରଦାନ କରିଛନ୍ତି। ଆଦିବାସୀ ଚାଷୀମୂଳିଆ ସଂଘର ସଭାପତି ନାଚିକା ଲିଙ୍ଗାଙ୍କ ନେତୃତ୍ୱରେ ୨ ବ୍ଲକ୍‌ର ଶତାଧିକ ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ।

ସେମାନେ ଦାବିପତ୍ରରେ ଦର୍ଶାଇଛନ୍ତି ଯେ, ନାରାୟଣପାଟଣା ଓ ବନ୍ଧୁଗାଁ ବ୍ଲକ୍‌ରେ ୮୦ ଭାଗ ଅନୁସୂଚିତ ଜନଜାତି ଓ ଜାତିର ଲୋକେ ବାସ କରନ୍ତି। କିନ୍ତୁ ବ୍ୟକ୍ତିମାନଙ୍କୁ ମଦ ପିଆଇ କପଟତାର ସହ ସେମାନଙ୍କ ଜମିକୁ କେତେକ ବ୍ୟକ୍ତି ହାତେଇ ନେବାରୁ ସେମାନେ ଜମି ହରା ହୋଇଛନ୍ତି। ଗ୍ରାମବାସୀ ଶ୍ରମିକ ଭାବେ କାର୍ଯ୍ୟ କରି ଜୀବିକା ନିର୍ବାହ କରୁଛନ୍ତି। ୨୦୧୧ରେ ସାମାଜିକ ଅର୍ଥ ନୈତିକ ଓ ଜାତି ଗଣନାରେ ଅଧିକାଂଶ ପରିବାର ବଞ୍ଚିତ ହୋଇଛନ୍ତି। ୨୦୦୯ରେ ଏହି ଦୁଇ ବ୍ଲକରେ ଜମି ଫେରାଇ ଆଣିବାକୁ ଉଦ୍ୟମ କରି ଅଶାନ୍ତି ସୃଷ୍ଟି ହୋଇଥିଲା। କେତେକ ବ୍ୟକ୍ତିଙ୍କ ନାଁରେ ମିଥ୍ୟା ମାମଲା ରୁଜୁ କରାଯାଇଥିଲା। ଏହି ମାମଲା ପ୍ରତ୍ୟାହାର କରାଯିବା, ଜଣେ ବିଚାରପତିଙ୍କ ଦ୍ୱାରା ପୁନଃ ସମୀକ୍ଷା କରାଯିବା, ଜମିଜମା ମାମଲାର ଶାନ୍ତିପୂର୍ଣ୍ଣ ଓ ନ୍ୟାୟ ପୂର୍ଣ୍ଣ ଭାବେ ସମାଧାନ କରାଯିବା, ୨/୧୯୫୬ ଓ ସଂଶୋଧନ ଆଇନ ୧/୨୦୦୦କୁ କଡାକଡି ଲାଗୁ କରିବା ଆଦି ଦାବିରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ସମୟରେ ପୋଡ଼ପଦାର ସରପଞ୍ଚ ଦୟା ହିକକା, ନାରାୟଣପାଟଣା ସରପଞ୍ଚ ରେବତୀ କାନ୍ଦରିଆ,ବଲିପେଟା ସରପଞ୍ଚ ଚୁନି କୁଲସିକା, ଲଙ୍ଗଳ ବେଡା ସରପଞ୍ଚ, ସିଙ୍ଗା ନାଚିକା, ଝାଡୁ ଡାଡିଙ୍ଗି ଓ ମୀନ ହିକକା ପ୍ରମୁଖ ଉପସ୍ଥିତ ଥିଲେ।


ଦାବିପତ୍ର ଦେବାକୁ ଆସିଥିବା ୨ବ୍ଲକ୍‌ର ଗ୍ରାମବାସୀ।

# ଫଳନ୍ତି ଗଛ କାଟି ବସୁଛି ଜନବସତି

- ଲୁପ୍ତ ହେଉଛି ନନ୍ଦପୁର ବ୍ଲକ୍‌ର ୯୨ ତୋଟା
- ଜମି ବିବାଦ ସତ୍ତ୍ୱେ ଅଧିକାଂଶ ତୋଟା ଜବରଦଖଲ

ନନ୍ଦପୁର,୯।୫ (ତୁଷାରକାନ୍ତ ମହାନ୍ତି)


ନନ୍ଦପୁର ସଦର ମହକୁମାର ବ୍ରାହ୍ମଣତୋଟା

ଗାଁ ଗହଳିରେ ଲୋପପାଉଛି ଆମ୍ବ, ପଣସ, ପିଜୁଳି, କାଜୁ ଓ ଜାମୁକୋଳି ଗଛ ଥିବା ତୋଟା। ଗାଁ ପରିବେଶ ଓ ପଞ୍ଚାୟତର ଆର୍ଥିକ ଅଭିବୃଦ୍ଧିର ଉତ୍ସ ନଷ୍ଟ ହେଉଛି। ପୁରୁଣା ତୋଟାଗୁଡିକୁ ରକ୍ଷଣାବେକ୍ଷଣ କରାଯାଇ ବୟସାଧିକ ଦର୍ଶାଇ ଗଛଗୁଡ଼ିକ କାଟି ତୋଟାକୁ ଜବରଦଖଲ କରିବାର ସୁଯୋଗ ଦିଆଯାଉଛି। ପଞ୍ଚାୟତଗୁଡ଼ିକର ସ୍ଥାୟୀ ସମ୍ପତ୍ତି ଭାବେ ବାର୍ଷିକ ନିଲାମ କରାଯାଇ ଅର୍ଥ ଆଦାୟ କରାଯାଉଥିବା ତୋଟାଗୁଡିକରେ ବର୍ତ୍ତମାନ ଜନବସତି ସୃଷ୍ଟି ହୋଇଛି। ନୂତନ ତୋଟା ପାଇଁ ପ୍ରଶାସନିକ ଓ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ପରିଲକ୍ଷିତ ହେଉଥିବାରୁ ଗାଁ ଗହଳିରୁ ଫଳନ୍ତି ଗଛ ଲୁପ୍ତ ହେଉଥିବା ନେଇ ବୁଦ୍ଧିଜୀବୀ ଅସନ୍ତୋଷ ପ୍ରକାଶ କରିଛନ୍ତି। କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ଅଧୀନ ୨୩ ପଞ୍ଚାୟତର ସ୍ଥାୟୀ ସମ୍ପତ୍ତି ଭାବେ ୯୨ ତୋଟା, ୬ କାଜୁବାଡ ଓ ୪୩ ପୋଖରୀ ଥିବା ବ୍ଲକ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ(ଜିପିଇଓ)ଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି। ଏହି ୯୮ ସ୍ଥାୟୀ ଆୟର ଉତ୍ସ ବର୍ତ୍ତମାନ ଜମି ବିବାଦ, ରକ୍ଷଣାବେକ୍ଷଣ ଅଭାବରୁ ଲୁପ୍ତହେବାକୁ ବସିଛି। ଗ୍ରାମବାସୀଙ୍କ ସଚେତନତା ଅଭାବରୁ ବିଭିନ୍ନ ସାମାଜିକ, ମାଙ୍ଗଳିକ କାର୍ଯ୍ୟରେ ତୋଟାରୁ ଗଛ କାଟି ଜାଳେଣି ଭାବେ ବ୍ୟବହାର କରାଯାଉଛି। ଜବରଦଖଲକାରୀ ଗଛ କାଟି ତୋଟା ଭିତରେ ଘର ତିଆରି କରୁଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟରେ ଏହାର ସ୍ଥାୟୀ ସମ୍ପତ୍ତି ଉଲ୍ଲେଖ ଥିବା ତାଲିକା ଓ ନକ୍ସା ରହିଛି। ଏହା ସତ୍ତ୍ୱେ ତୋଟା ସମ୍ପର୍କିତ ଜମିର ଖାତା ନମ୍ବର, ପ୍ଲଟ୍ ନମ୍ବର ଓ ଜମିର ପରିମାଣ ଉଲ୍ଲେଖ ଜମି ପଟ୍ଟା ନ ଥିବାରୁ କାର୍ଯ୍ୟରତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ନିର୍ବାଚିତ ପଞ୍ଚାୟତ ପ୍ରତିନିଧି ତୋଟା, କାଜୁବାଡ କେଉଁଠି ଥିଲା, କେତୋଟି ଗଛ ଥିଲା ଓ କେତେ ପରିମାଣ ଜମିରେ ଥିଲା ତାହା ଜାଣି ନ ଥିବା କହିଛନ୍ତି। ବ୍ଲକ୍ ସଦର ମହକୁମାସ୍ଥିତ ବ୍ରାହ୍ମଣତୋଟା ଓ ହାଟପଦା ତୋଟାକୁ ରାଜସ୍ୱ ବିଭାଗ ପଞ୍ଚାୟତର ସମ୍ପତ୍ତିକୁ ରାଜସ୍ୱ ଜମି ଦର୍ଶାଇ ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ଆବାସିକ ଗୃହ ନିର୍ମାଣ ପାଇଁ ତୋଟା ଜମିକୁ ପ୍ରଦାନ କରାଯାଇଛି। ବ୍ରାହ୍ମଣତୋଟା ନନ୍ଦପୁର ମୌଜାର ଖାତା ନଂ. ୧୨୬ ପ୍ଲଟ୍ ନ ୩୧୦/୧ରେ ୧ ଏକର ୧୮ ସେଣ୍ଟ ଜାଗାରେ ଥିବା ବେଳେ ଏହାକୁ ପଞ୍ଚାୟତ ନାଁରେ ପଟ୍ଟା ନ ଦେଇ ଏକାଧିକ ଫଳନ୍ତି ଆମ୍ବଗଛ କାଟି ସ୍ୱାସ୍ଥ୍ୟ ବିଭାଗର ୨ ଗୃହ ନିର୍ମାଣ, ଡ୍ରଗ୍‌ୱେର ହାଉସ ଓ ଗ୍ରାମ ନ୍ୟାୟାଳୟର ବିଚାରପତିଙ୍କ ଗୃହ ନିର୍ମାଣ ପାଇଁ ଜମି ପ୍ରଦାନ କରାଯାଇଛି। ସେହିପରି ହାଟପଦା ଆମ୍ବତୋଟା ଖାତା ନଂ. ୧୨୮ର ପ୍ଲଟ୍ ନଂ ୫୪(୨ଏକର) ଓ ପ୍ଲଟ୍ ନଂ. ୩୭(୧ ଏକର ୪୭ ସେଣ୍ଟ)ରେ ଥିବା ୩ ଏକର ୪୭ ସେଣ୍ଟ ଜମିକୁ ଆର୍‌ଏମ୍‌ସି ଓ ଏକାଧିକ ଲୋକଙ୍କୁ ଜବରଦଖଲ କରି ଗୃହ ନିର୍ମାଣ କରିବାକୁ ସୁଯୋଗ ଦେଇଛି। ତହସିଲ ପକ୍ଷରୁ ସେମାନଙ୍କ ନାଁରେ ଜବରଦଖଲ ମାମଲା ରୁଜୁ ହୋଇଥିବା କୁହାଯାଉଛି। ୯୨ ପଞ୍ଚାୟତ ତୋଟା ଚିହ୍ନଟକରି ରକ୍ଷଣାବେକ୍ଷଣ କରିବା ଓ ନୂତନ ତୋଟା ସୃଷ୍ଟି କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ କହିଛନ୍ତି।

ଏ ସମ୍ପର୍କରେ ନନ୍ଦପୁର ବିଡିଓ ଦୁର୍ଗାପ୍ରସାଦ ଦୋରାଙ୍କୁ ପଚାରିବାରୁ ଆଗାମୀ ଦିନରେ ଏଥିପ୍ରତି ଦୃଷ୍ଟି ଦିଆଯିବ। କୋରାପୁଟ ଜିଲାପାଳ ଓ ଜିଲା ପରିଷଦ ଉନ୍ନୟନ ଅଧିକାରୀଙ୍କ ସହ ଆଲୋଚନାକରି ଏମ୍‌ଜିଏନ୍‌ଆରଇଜିଏସ୍‌ର ଉପଯୋଗକରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି।

### ବିକଶିତ ପଞ୍ଚାୟତ ଗଠନ ପାଇଁ ସରକାର ସ୍ୱତନ୍ତ୍ର ବ୍ୟବସ୍ଥା କରନ୍ତୁ



ନନ୍ଦପୁର ବ୍ଲକ୍‌ଅଧ୍ୟକ୍ଷ ଦାୟିତ୍ୱ ତୁଲାଇବା ବେଳେ ବ୍ଲକ୍‌ମାତ୍ର ୧୫ ପଞ୍ଚାୟତରେ ବିଭକ୍ତ ଥିଲା। ସେତେବେଳେ ବ୍ଲକ୍ ଓ ପଞ୍ଚାୟତଗୁଡ଼ିକୁ ସରକାରୀ ଅନୁଦାନ କମ୍ ମିଳୁଥିଲା। କିନ୍ତୁ ୧୫ ପଞ୍ଚାୟତ ଅନ୍ତର୍ଗତ ଗ୍ରାମାଞ୍ଚଳର ବିକାଶ ପାଇଁ ୮ ହାଟ, ୪୩ ପୋଖରୀ, ୯୨ ତୋଟା, ୮ ଉଙ୍ଗାଘାଟ, ସାଇକେଲ ପାନ୍ସ, ୧୫ କାଞ୍ଜିଆହୁଦାଗୁଡ଼ିକର ନିଲାମ ଅର୍ଥରେ କରାଯାଉଥିଲା। ବର୍ତ୍ତମାନ ଏକାଧିକ ଯୋଜନା ଓ ବହୁ କୋଟି ଟଙ୍କାର ବାର୍ଷିକ ଅନୁଦାନ ମିଳିବା ସତ୍ତ୍ୱେ ପଞ୍ଚାୟତର ସ୍ଥାୟୀ ସମ୍ପତ୍ତି ବୃଦ୍ଧି ହେଉନାହିଁ। ସେହି ସ୍ଥାୟୀ ସମ୍ପତ୍ତିଗୁଡ଼ିକୁ ନଷ୍ଟ କରାଯାଉଛି। ପରିବେଶକୁ ସନ୍ତୁଳିତ ରଖୁଥିବା ନୂତନ ପୋଖରୀ, ତୋଟା ଆଦି ଉତ୍ସ ସୃଷ୍ଟି କରାଯାଉ ନାହିଁ। ବିକାଶ ନାଁରେ ବିନାଶ ହେଉଛି। ପଞ୍ଚାୟତଗୁଡ଼ିକୁ ସରକାରୀ ଅନୁଦାନ ଅପେକ୍ଷା ଆତ୍ମନିର୍ଭରଶୀଳ କରି ବିକଶିତ ପଞ୍ଚାୟତ ଗଠନ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ସ୍ୱତନ୍ତ୍ର ବ୍ୟବସ୍ଥା କରନ୍ତୁ।

—ଶଶିଭୂଷଣ ପାତ୍ରଷ ନନ୍ଦପୁର ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ, ଜିଲା କଂଗ୍ରେସ ସଭାପତି

### ଅନୁଦାନଠାରୁ ପଞ୍ଚାୟତ ସ୍ଥାୟୀ ସମ୍ପତ୍ତିର ଆୟ ଅଧିକ ଥିଲା



ନନ୍ଦପୁର ସରପଞ୍ଚ ଥିବା ବେଳେ ସ୍ଥାୟୀ ସମ୍ପତ୍ତି ବୃଦ୍ଧିକରି ଆଦାୟ ଅର୍ଥରେ ପଞ୍ଚାୟତର ବିକାଶ ପାଇଁ ଚେଷ୍ଟା କରୁଥିଲୁ। ବାର୍ଷିକ ସରକାରୀ ଅନୁଦାନ କେବଳ ୧୩ରୁ ୧୫ଶହ କେନ୍ଦୁଲିଫ ଗ୍ରାଣ୍ଟ ଓ ୧୫ଶହରୁ ୨ ହଜାର ଟଙ୍କା ତେନ୍ତୁଳି ରୟାଲ୍ଟି ମିଳୁଥିଲା। କିନ୍ତୁ ନନ୍ଦପୁର ପଞ୍ଚାୟତର ସ୍ଥାୟୀ ସମ୍ପତ୍ତି ଯଥା ୧-ହାଟ, ୩-ପୋଖରୀ, ୭-ତୋଟାର ନିଲାମ ଓ ସାଇକଲ ପାନ୍ସ, ଦୋକାନ ଲାଇସେନ୍ସ, ବଜାର ପାନ୍ସ, କାଞ୍ଜିଆହୁଦାରୁ ଟିକସ ଆଦାୟ ୧୦ହଜାର(୧୯୮୫) ଟଙ୍କାରୁ ଆରମ୍ଭ କରି ୧୯୯୫ ବେଳକୁ ୧ ଲକ୍ଷ ୧୦ ହଜାର ଟଙ୍କା ଯାଏଁ ପହଞ୍ଚାଇଥିଲୁ। ସେହି ଟଙ୍କାରେ ପଞ୍ଚାୟତର ବିକାଶ ହେଉଥିଲା। ବର୍ତ୍ତମାନ ସମସ୍ତ ସ୍ଥାୟୀ ସମ୍ପତ୍ତି ନଷ୍ଟ ହୋଇଯାଇଛି। ତୋଟାରେ ଆଉ ଫଳନ୍ତି ଗଛ ନାହିଁ। କିଛି ହାତଗଣତି ଦୋକାନଗୃହ ବ୍ୟତୀତ ପଞ୍ଚାୟତର ନିଜସ୍ୱ ଆଦାୟ ଅର୍ଥ ଶୂନ ରହିଛି। ଏଥିପ୍ରତି ସରକାର ସ୍ୱତନ୍ତ୍ର ଦୃଷ୍ଟିଦେବା ଆବଶ୍ୟକତା ରହିଛି।

—ଜଗନ୍ନାଥ ପାଙ୍ଗୀ, ପୂର୍ବତନ ସରପଞ୍ଚ, ନନ୍ଦପୁର ପଞ୍ଚାୟତ

# ୨ ଦିନରେ ନିବେଶକ ହରାଇଲେ ୭ ଲକ୍ଷ କୋଟି

ମୁମ୍ବାଇ,୯।୫



ଅନ୍ତଃରାଷ୍ଟ୍ରୀୟ ଘଟଣାବଳୀ ଏବଂ ଭୂରାଜନୈତିକ ପରିସ୍ଥିତି ସାଙ୍ଗକୁ ଭାରତ-ପାକ୍ ଯୁଦ୍ଧର ପ୍ରଭାବ ସିଧାସଳଖ ଭାରତୀୟ ଷ୍ଟକ୍ ମାର୍କେଟ୍‌ର କାରବାର ଉପରେ ପଡ଼ିଛି। ଫଳରେ ଶେୟାର ବଜାରର ନିବେଶକମାନେ ଆଶା ଆଶଙ୍କା ମଧ୍ୟରେ କାରବାର କରୁଥିଲାବେଳେ ନିବେଶକମାନେ ଗତ ୨ ଦିନରେ ୭ ଲକ୍ଷ କୋଟି ଟଙ୍କାରୁ ଅଧିକ ପରିମାଣର ନିବେଶ ହରାଇଛନ୍ତି। ସେହିଭଳି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ପ୍ରାୟ ୨.୪ ଲକ୍ଷ କୋଟି ହରାଇଛନ୍ତି। ପୂର୍ବ କାର୍ଯ୍ୟଦିବସର ଫଳାଫଳ ଏବଂ ବଜାରପୁଞ୍ଜି ଅନୁଯାୟୀ ଶୁକ୍ରବାର ନିବେଶକମାନେ ୨.୪ ଲକ୍ଷ କୋଟି ହରାଇବାରୁ ବଜାରପୁଞ୍ଜି ୪,୧୬,୪୦,୮୫୦.୪୬ କୋଟିରେ ପହଞ୍ଚିଛି।

ଉଲ୍ଲେଖଯୋଗ୍ୟ, ଶୁକ୍ରବାର ଉଭୟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର କାରବାରରେ ୧%ରୁ ଅଧିକ ହ୍ରାସ ଘଟିଛି। ୩୦ ଶେୟାର ବିଶିଷ୍ଟ ବିଏସ୍‌ଇ ସେନ୍‌ସେକ୍ସରେ ୧.୧୦% ହ୍ରାସ ଘଟି ୭୯,୪୫୪,୪୭ ଅଙ୍କରେ କାରବାର ଶେଷ ହୋଇଥିଲାବେଳେ ନିଫ୍ଟି-୫୦ରେ ମଧ୍ୟ ୧.୧୦% ହ୍ରାସ ଘଟି ୨୪,୦୦୮ ଅଙ୍କରେ କାରବାର ବନ୍ଦ ହୋଇଥିଲା। ଏପରିକି ଗତ ୨ ଦିନରେ ବିଏସ୍‌ଇ ସେନ୍‌ସେକ୍ସରେ ପ୍ରାୟ ୧୨୯୩.୩୧ ପଏଣ୍ଟ ହ୍ରାସ ଘଟିଛି। ଅପରପକ୍ଷରେ ବିଏସ୍‌ଇ ମିଡ୍‌କ୍ୟାପ କାରବାରରେ ପ୍ରାୟ ୦.୧୦% ଏବଂ ସ୍ମଲକ୍ୟାପ କାରବାରରେ୦.୩୦% ହ୍ରାସ ଘଟିଛି। ଏପରିକି ସେକ୍ଟରାଲ ନିବେଶ କ୍ଷେତ୍ରରେ ବ୍ୟାଙ୍କିଙ୍ଗ୍, ଏଫ୍‌ଏମ୍‌ସିଜି, ସିମେଣ୍ଟ, ମେଟାଲ, ପାୱାରଗ୍ରୀଡ୍, ଅଏଲ ଆଣ୍ଡ ଗ୍ୟାସ୍, ରିଅଲିଟ ଏବଂ ଫାର୍ମା ଭଳି ନିବେଶକମାନେ ପ୍ରାୟ ୧% ନିବେଶ ହରାଇଛନ୍ତି।

## ଶେୟାର ବଜାର କାରବାରରେ ହ୍ରାସ

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୮୮୦ (୮୮୦.୩୪) ପଏଣ୍ଟ ହ୍ରାସ ଘଟି ୭୯,୪୫୪(୭୯,୪୫୪.୪୭) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୨୬୬ (୨୬୫.୮୦) ପଏଣ୍ଟ କମି ୨୪,୦୦୮(୨୪,୦୦୮.୦୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ସେଲିଓର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ଉଦ୍‌ଘାଟିତ



ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୯।୫

ଅନ୍ତର୍ଜାତୀୟ ଗାର୍ମେଣ୍ଟର୍ସ ତଥା ଫ୍ରେଞ୍ଚ୍ ମେନ୍ସ ୱେୟାର ବ୍ରାଣ୍ଡ 'ସେଲିଓ'ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ଶୁକ୍ରବାର ଭୁବନେଶ୍ୱରର କଳ୍ପନାସ୍ଥିତ ଉତ୍କଳ କନିକା ଗ୍ୟାଲେରିଆ ମଲ୍‌ରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ସାମାଜିକ କର୍ମୀ ଜଗନ୍ନାଥ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ କନିକା ଗ୍ୟାଲେରିଆ ମଲ୍ ଜିଏମ୍ ଦୁଲାଲ ଚନ୍ଦ୍ର ସାହୁ, ସେଲିଓର ନ୍ୟାଶନାଲ ସେଲ୍ସ ମ୍ୟାନେଜର ମନୋଜ ଭଟିଜା ପ୍ରମୁଖ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ୧୬୦୦ ବର୍ଗଫୁଟ ପରିବ୍ୟାପ୍ତ ସ୍ଥାନରେ ଗଢ଼ି ଉଠିଥିବା ଏହି ନୂତନ ଆଉଟ୍‌ଲେଟ୍‌ରେ ସମସ୍ତ ପ୍ରକାର ଆଧୁନିକ ଷ୍ଟାଇଲ ସହ ଉନ୍ନତ ପ୍ୟାରିସିଆନ ଫ୍ୟାଶନ ଉପଲବ୍ଧ ରହିଛି, ଯାହା ଓଡ଼ିଶା ବଜାରରେ ମେନ୍ସ ୱେୟାରର ଏକ ଅଭିନବ ଅନୁଭୂତି ଆଣିବ।

ଏ ସମ୍ପର୍କରେ ସେଲିଓ ଇଣ୍ଡିଆର ସିଇଓ ସତ୍ୟେନ୍ ମୋମୟା କହିଛନ୍ତି, ଫ୍ରାନ୍ସର ପ୍ୟାରିସିଆନ୍ ଫ୍ୟାଶନକୁ ଭୁବନେଶ୍ୱର ବଜାରକୁ ଆଣି ଆମେ ବେଶ୍ ଉତ୍ସାହିତ ଅଛୁ।

# ଜୟଆଲୁକ୍କାସ୍‌ର ସର୍ବବୃହତ୍ ଗୋଲ୍ଡ ଏକ୍ସଚେଞ୍ଜ ମେଳା

ଭୁବନେଶ୍ୱର,୯।୫ (ଅଭୟ ଦାଶ)

Joyalukkas
World's favourite jeweller

ଦେଶର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ତଥା ବୈଶ୍ୱିକ ଗହଣା ବ୍ରାଣ୍ଡ ଜୟଆଲୁକ୍କାସର ବହୁ ପ୍ରତୀକ୍ଷିତ ଅଫର ତଥା ସର୍ବବୃହତ୍ ଗୋଲ୍ଡ ଏକ୍ସଚେଞ୍ଜ ମେଳା ନିକଟରେ ଆରମ୍ଭ ହୋଇଯାଇଛି। ଏହି ମେଳା ବା ଅଫର ୨୦୨୫ ମେ ୨୫ ପର୍ଯ୍ୟନ୍ତ ସମସ୍ତ ଜୟଆଲୁକ୍କାସ ଶୋ'ରୁମ୍‌ରେ ଉପଲବ୍ଧ। ଏହି ପରିପ୍ରେକ୍ଷୀରେ ଗ୍ରାହକମାନେ ସୁନା କ୍ରୟକୁ ପୂର୍ବ ଅପେକ୍ଷା ଅଧିକ ଫଳପ୍ରଦ କରିବା ପାଇଁ ଅତୁଳନୀୟ ଲାଭ ଉପଭୋଗ କରିପାରିବେ। ଏ ସମ୍ପର୍କରେ ଜୟଆଲୁକ୍କାସ୍ ଗ୍ରୁପ୍‌ର ଅଧ୍ୟକ୍ଷ ତଥା ଏମ୍‌ଡି ଜୟ ଆଲୁକାସ୍ କହିଛନ୍ତି, ଆମେ ସର୍ବଦା ଆମର ଗ୍ରାହକମାନଙ୍କ ପାଇଁ ଅଧିକ ମୂଲ୍ୟ ସୃଷ୍ଟି କରିବାକୁ ଚେଷ୍ଟା କରିଥାଉ। ଏପରିକି ଏହି ସୁନା ଅଫର ହେଉଛି,ସେମାନଙ୍କୁ ସେମାନଙ୍କର ଅଳଙ୍କାର କ୍ରୟର ସର୍ବାଧିକ ଲାଭ ଉଠାଇବାରେ ସାହାଯ୍ୟ କରିବା ପାଇଁ ଆମର ଏକ ପ୍ରୟାସ। ଆପଣଙ୍କ ପୁରୁଣା ସୁନା ଆଣି, କିଛି ନୂତନ, ସୁନ୍ଦର ଏବଂ ଅଧିକ, ମୂଲ୍ୟବାନ ଜିନିଷ ସହ ଚାଲିଯିବା ପାଇଁ ଏହା ହେଉଛି ଉପଯୁକ୍ତ ସମୟ। ସେହିଭଳି ଏହି ସ୍ୱତନ୍ତ୍ର ପ୍ରୋତ୍ସାହନମୂଳକ ଅଫରର ଅଂଶ ଭାବେ ଗ୍ରାହକମାନେ ବର୍ତ୍ତମାନ ସେମାନଙ୍କର ପୁରୁଣା ସୁନା ବଦଳାଇବା ସମୟରେ ପ୍ରତି ଗ୍ରାମ ପିଛା ୧୦୦ ଟଙ୍କା ଅତିରିକ୍ତ ପାଇପାରିବେ।

ଏହାର ଅର୍ଥ ହେଉଛି ସେମାନେ ଅଧିକ ନୂଆ ଅଳଙ୍କାର ମଧ୍ୟ କିଣିପାରିବେ। ଏହା ସୁନାପ୍ରେମୀଙ୍କ ପାଇଁ ସେମାନଙ୍କର ଅଳଙ୍କାରକୁ ଅପ୍‌ଗ୍ରେଡ୍ କରିବା କିମ୍ବା ଅବିଶ୍ୱସନୀୟ ସଞ୍ଚୟ ଉପଭୋଗ କରିବା ସହ କାଳଜୟୀ ଡିଜାଇନରେ ନିବେଶ କରିବାର ଏକ ଅପୂର୍ବ ସୁଯୋଗରୁ କିଛି କମ୍ ନୁହେଁ।

ଏହି ସୁବର୍ଣ୍ଣ ସୁଯୋଗକୁ ହାତଛଡ଼ା କରନ୍ତୁ ନାହିଁ। ୨୦୨୫ ମେ ୨୫ ମଧ୍ୟରେ ଆପଣଙ୍କର ନିକଟସ୍ଥ ଜୟଆଲୁକ୍କାସ୍ ଶୋ'ରୁମ୍ ପରିଦର୍ଶନ କରନ୍ତୁ ଏବଂ ଆପଣଙ୍କର ସ୍ୱର୍ଣ୍ଣିମ ମୁହୂର୍ତ୍ତଗୁଡ଼ିକୁ ଆହୁରି ସ୍ୱତନ୍ତ୍ର କରନ୍ତୁ।

# ବଜାରରେ ଅଲ୍ ନ୍ୟୁ କିଆ କାରେନ୍ସ କ୍ଲାଭିସ୍

ଭୁବନେଶ୍ୱର,୯।୫




କିଆ ଇଣ୍ଡିଆର ବହୁ ପ୍ରତୀକ୍ଷିତ ମଡେଲ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏବଂ କାରେନ୍ସ ପୋର୍ଟଫୋଲିଓର 'ଅଲ୍ ନ୍ୟୁ କିଆ କାରେନ୍ସ କ୍ଲାଭିସ୍'ର ଅନାବରଣ ସର୍ବଭାରତୀୟସ୍ତରରେ ହୋଇଯାଇଛି। କାରେନ୍ସ କ୍ଲାଭିସ୍ ଆଜିର ବୃହତ୍, ଆଧୁନିକ ପରିବାର ପାଇଁ ତିଆରି ହୋଇଛି, ଯାହା ଏମ୍‌ପିଭି ଆଣ୍ଡ ଏସ୍‌ୟୁଭି ମଧ୍ୟରେ ରହିଥିବା ବ୍ୟବଧାନକୁ ଦୂର କରିଥାଏ। ଏପରିକି ଏହା ଉନ୍ନତ ଜ୍ଞାନକୌଶଳ, ନିରାପତ୍ତା ଏବଂ ଭବିଷ୍ୟତ-ଆଗକୁ ନୈତିକତା ସହ ଆରାମ, ସ୍ଥାନ ଏବଂ ବୋଲ୍ଡ ଡିଜାଇନକୁ ମିଶ୍ରଣ କରିଛି।

ଉଲ୍ଲେଖଯୋଗ୍ୟ, ଅଲ୍ ନ୍ୟୁ କିଆ କାରେନ୍ସ କ୍ଲାଭିସ୍‌ରେ ସମସ୍ତ ପ୍ରକାର ଅତ୍ୟାଧୁନିକ ବୈଶିଷ୍ଟ୍ୟ ସାମିଲ ରହିଛି। ଏପରିକି ଏଥିରେ ୧୭ ଇଞ୍ଚର ଆଲୟ ହୁଇଲ୍ସ ଏବଂ ଲେଭଲ ୨ ଆଡାସ୍ ସାଙ୍ଗକୁ ପାନାରୋମିକ ସନ୍‌ରୁଫ୍ ଭଳି ଫିଚର ଅନ୍ତର୍ଭୁକ୍ତ ରହିଛି। ସେହିଭଳି ୨୦୨୫ ମେ୯ ରୁ ଏହାର ପ୍ରି ବୁକିଂ ଆରମ୍ଭ ହୋଇଛି। ଆଶାୟୀ ଗ୍ରାହକ ୨୫,୦୦୦ ଟଙ୍କାରେ ଏହାର ବୁକିଂ ଉଭୟ ଅଫ୍‌ଲାଇନ ଓ ଅନ୍‌ଲାଇନ ପ୍ଲାଟ୍‌ଫର୍ମରେ କରିପାରିବେ। ସେହିଭଳି ଏହି ମଡେଲ ଉଭୟ ପେଟ୍ରୋଲ ଏବଂ ଡିଜେଲ ଭାରିଆଣ୍ଟ ସହ କ୍ଷମତାଶାଳୀ ଇଞ୍ଜିନ, ବୋଲ୍ଡ ଡିଜାଇନ୍, ପ୍ରିମିୟମ୍ ସ୍ପେସ୍ ଏବଂ ଉନ୍ନତ ଜ୍ଞାନକୌଶଳର ମିଶ୍ରଣ ସହ କାରେନ୍ସ କ୍ଲାଭିସ୍ ବ୍ୟତିକ୍ରମପୂର୍ଣ୍ଣ ୬ ଏବଂ ୭-ସିଟ୍ ଆରାମ ପ୍ରଦାନ କରିଥାଏ।

# ଫ୍ଲେକ୍ସି ହୋମ୍ ଇନ୍‌ସ୍ୟୁରାନ୍ସର ଶୁଭାରମ୍ଭ

ଭୁବନେଶ୍ୱର,୯।୫

ଏସ୍‌ବିଆଇ ଜେନେରାଲ ଇନ୍‌ସ୍ୟୁରାନ୍ସର ନୂତନ ଉତ୍ପାଦ ତଥା ଫ୍ଲେକ୍ସି ହୋମ୍ ଇନ୍‌ସ୍ୟୁରାନ୍ସ (ସରଳ ଗୃହ ବୀମା)ର ଶୁଭାରମ୍ଭ ନିକଟରେ ହୋଇଯାଇଛି।

ଏହା ହେଉଛି ଏକ ବ୍ୟାପକ ଓ ବିକଳ୍ପ ଯୁକ୍ତ ବୀମା ପଲିସି, ଯାହାକୁ ମାଲିକାନାରେ ଥିବା ଗୃହ, ଭଡ଼ା ସମ୍ପତ୍ତି ଓ ହାଉସିଂ ସୋସାଇଟି ଭଳି ବିବିଧ ଆବାସିକ ଆବଶ୍ୟକତା ପୂରଣ କରିବା ଲାଗି ଆର୍ଥିକ ସ୍ୱାଧୀନତା ପ୍ରଦାନ କରିବାକୁ ପ୍ରସ୍ତୁତ କରାଯାଇଛି। ଏ ସମ୍ପର୍କରେ ଏସ୍‌ବିଆଇ ଜେନେରାଲ ଇନ୍‌ସ୍ୟୁରାନ୍ସର ଚିଫ୍ ପ୍ରଡକ୍ଟ ଆଣ୍ଡ୍ ମାର୍କେଟିଂ ଅଫିସର ସୁବ୍ରମଣ୍ୟମ ବ୍ରହ୍ମଯୋଗୟୁଲା କହିଛନ୍ତି, ଆମେ ବୁଝିଛୁ ଯେ ପ୍ରତିଟି ଘର ସ୍ୱତନ୍ତ୍ର ଏବଂ ତାହାର ସୁରକ୍ଷା ଆବଶ୍ୟକତା ମଧ୍ୟ ସ୍ୱତନ୍ତ୍ର ରହିଛି। ଜଣେ ଘର ମାଲିକ ନିଜ ଦୀର୍ଘକାଳୀନ ନିବେଶର ସୁରକ୍ଷା କରିବା ହେଉ କିମ୍ବା ଜଣେ ଭଡ଼ାଟିଆ ନିଜ ମୂଲ୍ୟବାନ ଜିନିଷର ସୁରକ୍ଷା କରନ୍ତୁ। ପ୍ରତିଟି ଲୋକଙ୍କ ବୀମା ଆବଶ୍ୟକତା ହେଉଛି ସ୍ୱତନ୍ତ୍ର। ଏସ୍‌ବିଆଇ ଜେନେରାଲ ଫ୍ଲେକ୍ସି ଗୃହ ବୀମା ସହ ଆମେ ସୁହାଇବା ଭଳି ସମାଧାନ ପ୍ରଦାନ କରୁଛୁ। ଯାହା ବିକଳ୍ପ ଯୁକ୍ତ ଓ ବ୍ୟାପକ ସୁରକ୍ଷା ଜରିଆରେ ମାନସିକ ଶାନ୍ତି ପ୍ରଦାନ କରିବ। ଗ୍ରାହକମାନଙ୍କୁ ନିଜ ସୁରକ୍ଷାସ୍ତର ଚୟନ କରିବାରେ ସ୍ୱାଧୀନ ଦେଇ ସଶକ୍ତ କରିବା ସହ ଅଭାବନୀୟ ସ୍ଥିତି ବିରୋଧରେ ଆର୍ଥିକ ସୁରକ୍ଷା ସୁନିଶ୍ଚିତ କରିବାକୁ ପ୍ରସ୍ତୁତ କରାଯାଇଛି। ଏସ୍‌ବିଆଇ ଜେନେରାଲ ଫ୍ଲେକ୍ସି ହୋମ୍ ଇନ୍‌ସ୍ୟୁରାନ୍ସ (ସରଳ ଗୃହ ବୀମା) ବ୍ୟାପକ ନମନୀୟତା ପ୍ରଦାନ କରୁଛି। ଏହା ଗ୍ରାହକମାନଙ୍କୁ ନିଜ ଆବଶ୍ୟକତା ଅନୁସାରେ ସୁହାଇବା ଭଳି ଗୃହ ବୀମା ପ୍ରସ୍ତୁତ କରିବାର ଅନୁମତି ଦେଉଛି। ଏହି ଉତ୍ପାଦର ସ୍ୱତନ୍ତ୍ର ବୈଶିଷ୍ଟ୍ୟ ହେଉଛି ଏହା ଗ୍ରାହକମାନଙ୍କୁ ବାଧ୍ୟତାମୂଳକ ଭାବେ 'ଫାୟାର ଓନ୍‌ଲି' ବୀମା ସୁବିଧା ପ୍ରଦାନ କରାଯାଉଛି। ଏହା ସହ ଅନେକ ପ୍ରକାର ସୁବିଧା ସୁଯୋଗ ଓ ଆଡ୍-ଅନ୍ ରହିଛି, ଯାହା ପ୍ରତିଟି ଘର ମାଲିକଙ୍କ ବ୍ୟକ୍ତିଗତ ସୁରକ୍ଷା ସୁନିଶ୍ଚିତ କରୁଛି।

## ଅପରାଧ

# ବ୍ୟବସାୟୀଙ୍କୁ ଗୁଳିକରି ୧୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଅଳଙ୍କାର ଲୁଟ

ବାଲୁଗାଁ,୯।୫ (ସଂଗ୍ରାମ ପାଇକରାୟ)



ଆହତ ପ୍ରହ୍ଲାଦ ନାୟକ।



ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି।

ଖୋର୍ଦ୍ଧା ଜିଲା ବାଲୁଗାଁ ଥାନା ଅଧୀନ ନିମିକ୍ଷେତା ଗ୍ରାମ ରାସ୍ତାରେ ଶୁକ୍ରବାର ସକାଳେ ଦୁର୍ବୃତ୍ତମାନେ ଜଣେ ଗହଣା ବ୍ୟବସାୟୀଙ୍କୁ ଗୁଳି କରି ୧୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ରୁପା ଓ ସୁନା ଅଳଙ୍କାର ଲୁଟିନେଇଛନ୍ତି। ଏଥିରେ ସ୍ଥାନୀୟ ଉମାକାନ୍ତପୁର ଗ୍ରାମର ବ୍ୟବସାୟୀ ପ୍ରହ୍ଲାଦ ନାୟକ(୪୨) ଗୁରୁତର ଆହତ ହୋଇଛନ୍ତି। ତାଙ୍କ ଛାତି ଏବଂ କାନ୍ଧରେ ଦୁଇଟି ଗୁଳି ବାଜିଛି। ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏନେଇ ପ୍ରହ୍ଲାଦଙ୍କ ପରିବାର ଲୋକଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୩୫/୨୫)ରୁଜୁକରି ତଦନ୍ତ ଚଳାଇଛି।

ଅଭିଯୋଗ ମୁତାବକ, ବାଲୁଗାଁ ବଜାରରେ ପ୍ରହ୍ଲାଦଙ୍କ ଓଁକାର ଜୁଏଲର୍ସ ଦୋକାନ ରହିଛି। ଦୈନନ୍ଦିନ ସକାଳେ ସେ ସ୍ଥାନୀୟ ଗ୍ରାମାଞ୍ଚଳ ବୁଲି କ୍ଷୁଦ୍ର ବ୍ୟବସାୟୀଙ୍କୁ ରୁପା ଓ ସୁନା ଅଳଙ୍କାର ବିକ୍ରି କରି ପୂର୍ବାହ୍ନ ୧୦ଟାରେ ଦୋକାନ ଖୋଲିଥାନ୍ତି। ଶୁକ୍ରବାର ସକାଳ ୮ଟା ୩୦ରେ ସେ ୧୫ କେଜି ରୁପା ଏବଂ ୨୦ଗ୍ରାମ୍ ସୁନା ଅଳଙ୍କାର ଥିବା ବ୍ୟାଗ୍‌କୁ ବାଇକ୍ ଡିକିରେ ରଖି ବ୍ୟବସାୟ ନିମନ୍ତେ ଘରୁ ବାହାରିଥିଲେ। ନିମିକ୍ଷେତା ଗ୍ରାମ ପଛରାସ୍ତାରେ ଦୁଇଟି ପଲ୍‌ସରରେ ୫ଜଣ ଦୁର୍ବୃତ୍ତ ହଠାତ୍ ପ୍ରହ୍ଲାଦଙ୍କୁ ଅଟକାଇ ବନ୍ଧୁକ ଦେଖାଇ ଭୟଭୀତ କରି ଡିକିରୁ ଅଳଙ୍କାର ବ୍ୟାଗକୁ ନେବା ପାଇଁ ଉଦ୍ୟମ କରିଥିଲେ। ଏହି ସମୟରେ ପ୍ରହ୍ଲାଦ ଏବଂ ଦୁର୍ବୃତ୍ତଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପରେ ଜଣେ ଦୁର୍ବୃତ୍ତ ପ୍ରହ୍ଲାଦଙ୍କ ଉପରକୁ ୨ ରାଉଣ୍ଡ ଗୁଳି ଚଳାଇଥିଲେ। ଫଳରେ ଗୁଳି ତାଙ୍କର ଡାହାଣପଟ ଛାତି ଏବଂ କାନ୍ଧରେ ବାଜିବାରୁ ସେ ତଳେ ପଡ଼ିଯାଇଥିଲେ। ଏହାପରେ ଦୁର୍ବୃତ୍ତମାନେ ଡିକିରୁ ଅଳଙ୍କାର ବ୍ୟାଗ୍ ନେଇ ବାଲୁଗାଁ ବାଇପାସ୍ ୧୬ନଂ. ଜାତୀୟ ରାଜପଥ ଦେଇ ଗଞ୍ଜାମ ଅଭିମୁଖେ ପଳାଇଥିଲେ। ସ୍ଥାନୀୟ ଲୋକେ ପହଞ୍ଚି ଗୁରୁତର ଅବସ୍ଥାରେ ପ୍ରହ୍ଲାଦଙ୍କୁ ଉଦ୍ଧାର କରି ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏହା ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ବାଲୁଗାଁ ଏସ୍‌ଡିପିଓ ସଞ୍ଜୟ ପଟ୍ଟନାୟକ ଏବଂ ଆଇଆଇସି ଜୟ ପ୍ରକାଶ ପରିଡ଼ା ପହଞ୍ଚି ଘଟଣାର ତଦନ୍ତ କରିବା ସହ ଉକ୍ତ ରାସ୍ତାରେ ଥିବା ସିସି କ୍ୟାମେରା ଫୁଟେଜ ଯାଞ୍ଚ କରିଛନ୍ତି। ଘଟଣାସ୍ଥଳରୁ ଗୋଟିଏ ଗୁଳି ଏବଂ ଗୋଟିଏ ଖୋକା ଜବତ ହୋଇଛି। ଅପରାହ୍ନରେ ପୋଲିସ ବମ୍ ସ୍କ୍ୱାଡ୍ ଏବଂ ସାଇଣ୍ଟିଫିକ ଟିମ୍ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ସୂଚନାଥାଉ କି, କିଛିଦିନ ତଳେ ବାଲୁଗାଁ ବଜାରସ୍ଥିତ ମହାବୀର ଜୁଏଲର୍ସରୁ ୨୦୦ଗ୍ରାମ୍ ସୁନା, ୫କେଜି ରୁପା ଅଳଙ୍କାର ଏବଂ ୩ ହଜାର ଟଙ୍କା ଚୋରି ହୋଇଥିଲା। ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରିଛି।

# ହତ୍ୟାକରି ଗାଡ଼ି ପୋଡ଼ିଦେଲେ ଦୁର୍ବୃତ୍ତ, ୩ ଅଟକ

ବାରଙ୍ଗ/ତ୍ରିଶୂଳିଆ,୯।୫ (ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

କଟକ ଜିଲା ବାରଙ୍ଗ ଥାନା ଅଧୀନ ଗୋଡ଼ିସାହି ମୁଣ୍ଡଳି ପୁରୀ ମୁଖ୍ୟ କେନାଲ ବନ୍ଧ ରାସ୍ତାରେ ଗୁରୁବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଏକ କାର୍ ପୋଡ଼ିଦେବା ସହ ଜଣଙ୍କୁ ହତ୍ୟା କରିଛନ୍ତି। ମୃତକ ହେଲେ କଟକ ଦେୱାନ ବଜାରର ଶେଖ୍ ରାହିଲ(୨୩)। ଶେଖ୍ ରାହିଲଙ୍କ ଭାଇ ଶେଖ୍ ସାଜିଦଙ୍କ ଅଭିଯୋଗ ଆଧାରରେ ପୋଲିସ ୨୪୩/୨୫ରେ ଏକ ହତ୍ୟା ମାମଲା ରୁଜୁ କରିଛି। ଏହି ଘଟଣାରେ ପୋଲିସ ଶୁକ୍ରବାର ଅପରାହ୍ନରେ ୩ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଏଥିସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲ ପଠାଇବା ସହ ତଦନ୍ତ ଆରମ୍ଭ କରିଛି।

ପ୍ରକାଶ ଯେ, ଶୁକ୍ରବାର ଭୋର ସମୟରେ ଗୋଡ଼ିସାହି ମୁଣ୍ଡଳି ପୁରୀ ମୁଖ୍ୟ କେନାଲ ବନ୍ଧ ରାସ୍ତାର କିଛି ଦୂର କଣ୍ଟାବାସେଳୀ ମନ୍ଦିର ନିକଟ ଜଙ୍ଗଲ ରାସ୍ତାରେ ଏକ କାର୍(ଓଡି୦୨ଏଏଲ୍୨୨୫୫) ଜଳୁଥିବାର ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ବାରଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚିଲା ବେଳକୁ କାର୍‌ଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ରାସ୍ତାରେ ରକ୍ତ ପଡ଼ିଥିବା ସହ ପୁରୀ ମୁଖ୍ୟ କେନାଲ ବନ୍ଧର ଏକ ବୁଦା ପାଖରେ ଜଣେ ଯୁବକଙ୍କ ମୃତଦେହ ପଡ଼ିଥିବା ଜଣାପଡ଼ିଥିଲା। ଏହାର କିଛି ଦୂରରେ ଏକ ଠେଙ୍ଗା, ଏକ ରକ୍ତଭିଜା ଷ୍ଟିଲ୍ ପାଇପ୍ ଏବଂ ଗାଈଙ୍କୁ ବନ୍ଧା ଯାଉଥିବା ପଘା ଦଉଡ଼ି ପଡ଼ିଥିବା ମଧ୍ୟ ଦେଖିବାକୁ ମିଳିଥିଲା। ପୋଲିସ ଘଟଣାସ୍ଥଳରୁ ସମସ୍ତ ଜିନିଷ ଜବତ କରିଛି। କଟକ ଡିସିପି, ଜୋନ୍-୪ ଏସିପି, ବାରଙ୍ଗ ଥାନା ଅଧିକାରୀ ପ୍ରମୁଖ ସେଠାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ତେବେ ଦାଦାବଟି ଆଦାୟ ନେଇ ଯୁବକଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଥିବାବେଳେ ଘଟଣାସ୍ଥଳରୁ ପଘା ଦଉଡ଼ି ମିଳିଥିବାରୁ ଗୋରୁ ଚାଲାଣକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ମଧ୍ୟ ପୋଲିସ ଅନୁମାନ କରୁଛି।

# ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ କାରାଦଣ୍ଡାଦେଶ

ଅନୁଗୋଳ,୯।୫(ମାନସ ବିଶ୍ୱାଳ)

ଅନୁଗୋଳ ଅତିରିକ୍ତ ଜିଲା ଓ ସେସନ ଜଜ୍ ବିରଞ୍ଚି ନାରାୟଣ ମିଶ୍ର ଶୁକ୍ରବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ କରି ଅଭିଯୁକ୍ତ ଖମାର ଥାନା ଅଞ୍ଚଳର ବୀରେନ ବେହେରାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲାରୁ ପ୍ରକାଶ, ୨୦୧୪ ମେ ୨୧ରେ ଅଭିଯୁକ୍ତ ବୀରେନ ସମ୍ପୃକ୍ତା ନାବାଳିକାଙ୍କୁ ଅପହରଣ କରିନେଇଥିଲେ। ଏ ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ପୋଲିସ ଏକ ମାମଲା ରୁଜୁ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହ ବୀରେନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲାର ଶୁଣାଣି କରି ଅତିରିକ୍ତ ଜିଲା ଓ ସେସନ ଜଜ୍ ୭ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଅଭିଯୁକ୍ତ ବୀରେନଙ୍କୁ ୨୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ଅର୍ଥ ରାଶି ପ୍ରଦାନ କରିବାକୁ ଆଦେଶ ଦେଇଛନ୍ତି। ଉକ୍ତ ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପି.ପି. ପ୍ରଦୀପ କୁମାର ଭୂତିଆ ପରିଚାଳନା କରିଥିଲେ।

# ଶିମିଳିପାଳରୁ ୩ ଶିକାରୀ ଗିରଫ

## ଦେଶୀ ବନ୍ଧୁକ, ଶିକାର ସରଞ୍ଜାମ ଜବତ



ଧରାପଡ଼ିଥିବା ଶିକାରୀ ଓ ଜବତ ଶିକାର ସରଞ୍ଜାମ।

ବାରିପଦା,୯।୫ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଶିମିଳିପାଳ ଜାତୀୟ ଉଦ୍ୟାନରେ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ଲାଗିଥିବା କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ଟ୍ରାଏଲଗାର୍ଡ କ୍ୟାମେରା ଜରିଆରେ ବନ ବିଭାଗ ୩ ଶିକାରୀଙ୍କୁ ଧରିଛି। ଅଭିଯୁକ୍ତମାନେ ହେଲେ ବାଙ୍ଗିରିପୋଷି ଥାନା ଅଧୀନ ଜୁହା ଗ୍ରାମର ଲଛୁ ମୁର୍ମୁ (୪୮), ମଧୁସୂଦନ ମୁର୍ମୁ (୩୮) ଓ ଘାସିରାମ ଟୁଡୁ (୩୫)। ସେମାନଙ୍କ ନିକଟରୁ ୩ଟି ସିଙ୍ଗଲ ବ୍ୟାରେଲ ଦେଶୀ ବନ୍ଧୁକ, ୧୭ଟି କାର୍ଟ୍ରିଜ ଓ ଶିକାର ସରଞ୍ଜାମ ଜବତ ହୋଇଛି। ଏ ନେଇ ବନ୍ୟଜନ୍ତୁ ସୁରକ୍ଷା ଆଇନ ଅନୁଯାୟୀ ଏକ ମାମଲା ପରେ ଶୁକ୍ରବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ବେଆଇନ ଅସ୍ତ୍ରଶସ୍ତ୍ର ରଖିବାକୁ ନେଇ ସେମାନଙ୍କ ବିରୋଧରେ ଆର୍ମ୍ସ ଆକ୍ଟ ଅନୁଯାୟୀ ଅନ୍ୟ ଏକ ମାମଲା ରୁଜୁ କରାଯିବ ବୋଲି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପନିର୍ଦ୍ଦେଶକ ସମ୍ରାଟ ଗୌଡ଼ା କହିଛନ୍ତି।

# ଜଙ୍ଗଲରୁ ଗଚ୍ଛିତ ଲୁହାପଥର ଜବତ



ଜଙ୍ଗଲରେ ଗଚ୍ଛିତ ଖଣିଜ।

ଯୋଡ଼ା,୯।୫(ମାନସ ମହାନ୍ତି)

କେନ୍ଦୁଝର ଜିଲା ବାମେବାରି ପୋଲିସ ଯୋଡ଼ା ଖଣି ମଣ୍ଡଳର ପଲଶା ଜଙ୍ଗଲରୁ ଅନେକ ଲକ୍ଷ ଟଙ୍କାର ଲୁହାପଥର ଜବତ କରିଛି। ପୋଲିସ ଜବତ ଖଣିଜକୁ ଖଣି ବିଭାଗକୁ ହସ୍ତାନ୍ତର କରିଛି। ଏ ନେଇ ବାମେବାରି ଆଇଆଇସି ଯଶକେତନ ଭୋଇ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଉକ୍ତ ଜଙ୍ଗଲରେ ଚୋରା ବ୍ୟବସାୟୀମାନେ ଖଣିଜ ଉତ୍ତୋଳନ କରି ଚୋରାଚାଲାଣ ନିମନ୍ତେ ଗଚ୍ଛିତ ରଖିଥିଲେ। ବିଶ୍ୱସ୍ତ ସୂତ୍ରରୁ ପୋଲିସ ଜାଣିବାକୁ ପାଇ ଚଢ଼ାଉ କରିଥିଲା। ଖଣି ବିଭାଗକୁ ଜଣାଇବା ପରେ ମଧ୍ୟ ବିଭାଗ ଘଟଣାକୁ ଗୁରୁତ୍ୱ ଦେଇ ନ ଥିଲା। ଶେଷରେ ପୋଲିସ ନିଜ ଉଦ୍ୟମରେ ଗାଡ଼ି ଓ ମେସିନ ଲଗାଇ ପ୍ରାୟ ୬୦ ମେଟ୍ରିକ୍ ଟନ୍ ଖଣିଜକୁ ଖଣି ବିଭାଗକୁ ହସ୍ତାନ୍ତର କରିଛି। ବନ ବିଭାଗ ଓ ଖଣି ବିଭାଗର ତଦାରଖ ଅଭାବରୁ ଜଙ୍ଗଲରେ ଏଭଳି ଚୋରାରେ ଖଣିଜ ଉତ୍ତୋଳନ ହୋଇ ଚୋରାଚାଲାଣ ହେଉଛି। ବିଭିନ୍ନ ରେଳ ସାଇଡ଼ିଂରେ ପଡ଼ିଥିବା ଅନେକ ହଜାର ମେଟ୍ରିକ ଟନ୍‌ର ଖଣିଜକୁ ଚୋରା ବ୍ୟବସାୟୀମାନେ ଲୁଟିସାରିଲେଣି। ପୂର୍ବରୁ କେତେ ଥିଲା, ବର୍ତ୍ତମାନ କେତେ ପରିମାଣର ଖଣିଜ ଅବଶିଷ୍ଟ ରହିଛି। ତାହା ମଧ୍ୟ ଖଣି ବିଭାଗ ପାଖରେ ହିସାବ ନାହିଁ। ଖଣିଜ ଚୋରା କାରବାର ବୃଦ୍ଧି ଯୋଗୁ ସରକାରଙ୍କ ରାଜସ୍ୱହାନି ହେଉଛି।

# ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ

## ବାପାଙ୍କୁ ହତ୍ୟା, ଝିଅକୁ ବଳାତ୍କାର ଉଦ୍ୟମ ମାମଲା

ଆସିକା,୯।୫ (ସୁରେନ୍ଦ୍ର ନାଥ ସାହୁ)

ଗଞ୍ଜାମ ଜିଲା ଆସିକା ଥାନା ଅଞ୍ଚଳରେ ୨୦୨୪ରେ ଘରେ ପଶି ବାପାଙ୍କୁ ହତ୍ୟା ଓ ଝିଅକୁ ବଳାତ୍କାର ଉଦ୍ୟମ ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ଆସିକା ଅତିରିକ୍ତ ଜିଲା ଦୌରାଜଜ୍ ପ୍ରବୀର କୁମାର ଚୌଧୁରୀ ଏହି ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଭିଯୁକ୍ତ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବେ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଆସିକା ଏନ୍‌ଏସି ତୋଟା ଦଳିତସାହିର ମୁକେଶ ଆନନ୍ଦ (୩୨)। ଅଦାଲତ ତାଙ୍କୁ ହତ୍ୟା, ହତ୍ୟା ଉଦ୍ୟମ, ବଳାତ୍କାର ଉଦ୍ୟମ, ବଳପୂର୍ବକ ଘରେ ପଶିବା ଓ ଅଟକାଇବା ଆଦି ପାଇଁ ଦଣ୍ଡାଦେଶ ଶୁଣାଇଛନ୍ତି।

୨୦୨୪ ଜୁଲାଇ ୧୩ ତାରିଖ ଅପରାହ୍ନରେ ଆସିକା ଏନ୍‌ଏସି ତାଲୁକା ରୋଡରେ ନିଜ ଦାଣ୍ଡଘରେ ବସିଥିବା ଉଦୟନାଥ ମୁନିଙ୍କୁ ମୁକେଶ ଏକ କାଠ ଫାଳିଆରେ ପିଟିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ସେ ଘରେ ପଶି ଉଦୟଙ୍କ ସ୍ତ୍ରୀ ମମତାଙ୍କୁ ନିର୍ଘାତ ମାଡ଼ ମାରିବା ସହ ଟାଣିଆଣି ସ୍ୱାମୀଙ୍କୁ ମାରି ଦେଇଥିବା ଦେଖାଇଥିଲେ। ପୁଣି ଘର ଭିତରକୁ ଯାଇ ମାନସିକ ଅନଗ୍ରସର ଝିଅକୁ କବାଟ କିଳିଦେଇ ବଳାତ୍କାର ଉଦ୍ୟମ କରିଥିଲେ। ମମତା ବାହାରକୁ ଆସି ଚିତ୍କାର କରିବା ପରେ ସାହିପଡିଶା ସେଠାରେ ପହଞ୍ଚିଥିଲେ। ପରେ ପୋଲିସ ପହଞ୍ଚି ଅଭିଯୁକ୍ତ ମୁକେଶଙ୍କୁ କାବୁ କରିଥିଲା। ଘଟଣା ସମ୍ପର୍କରେ ମମତା ଆସିକା ଥାନାରେ ଅଭିଯୋଗ କରିଥିଲେ। ଅଭିଯୁକ୍ତ ରାଜମିସ୍ତ୍ରି ମୁକେଶ ଝିଅକୁ ସବୁବେଳେ ଖରାପ ଦୃଷ୍ଟିରେ ଦେଖୁଥିଲେ ବୋଲି ସେ ଏତଲାରେ ଦର୍ଶାଇଥିଲେ। ପୋଲିସ ନଂ.୪୭୫/୨୪ରେ ମାମଲା ରୁଜୁ କରିଥିଲା। ମୁକେଶଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ଥାନା ଏସ୍‌ଆଇ ଅମ୍ବିକା ବେଣିଆ ମାମଲାର ତଦନ୍ତ କରି କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲେ। ମାମଲାର ବିଚାର ବେଳେ ମୋଟ ୨୧ଜଣ ସାକ୍ଷ୍ୟ ଦେଇଥିଲେ। ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ସୂର୍ଯ୍ୟପ୍ରକାଶ ରାଓ ଏବଂ ଅଭିଯୁକ୍ତଙ୍କ ପକ୍ଷରୁ ଶରତେନ୍ଦୁ ପଣ୍ଡା ମାମଲା ପରିଚାଳନା କରୁଥିଲେ।

# Classified Everyday
0674-2580101, 9692975378



**REAL ESTATE**

**SALE**

PLOT FOR SALE BANKUALA BBSR Near to Saibaba Mandira 1740sqft. only for SC and ST in lowest price Contact- 8700747184. D-487

Lodge/ Resort/ Cottage at Puri @ 15Lakhs & Sandalwood Farming Project @3Lakhs. 8917622925. D-482

3BHK flat with 3 Bathrooms, SBA (1750sqft.) 2nd floor, Eastfacing, near Basudev Wood, Saheed Nagar, Bhubaneswar, @price: 1.79Cr. Contact: 9937936471, 9938849650. D-76056

House for sale 10x70 plot 700sqft. old construction, Puri 5 mins walk from Shree Jagannath Temple 10 mins from Sea Beach. Peaceful Locality. Direct owner, no brokers. Call : 7992594010. D-412




**CONSTRUCTION**

Do you want to construct a building on your own plot please contact K.K. Construction. 7008268129, 9439143273. D-71397

**GENERAL**

**SALE**

**Whole sale paper plate & danna For Buffet ,Phulanankhara, Cuttack. 7809525452.** D-74651



**FOR RENT**

For rent (Residential/ Office) flat at Jharapada, Ganesh Mandap Chhaka, Bhubaneswar. Contact: 7978450312, 9040096747. D-75377

Plot for warehouse 10,000- 15,000sqft. on rent at Khurda NH-16 (near Collector Office Chhak). Call: 7008649641, 8018822307, 7978560206 for location and details. D-303

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୧୨୦/- ରୋ ରଙ୍ଗୀନ ଟ୪୨୦/- ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

5000 sqft. Godown with Office available for rent at Palasuni, Prime location. 1BHK and 2BHK for rent near Machesear, behind Bhubaneswar Water Works. Open space and Godown around 50,000sqft. at Meherpally, Keshura, Puri Bypass Road. Contact- 7205010464, 9437468247, 9437035347. D-410

Medical coworking space strategic location Chandrasekharpur, Bhubaneswar Ground Floor. 9437008388. D-74729



Healthcare

**Relax, Refresh your body, mind at Saikrupa SPA with best therapies. 7848011468.** D-363

Full body massage by experience therapist with homely atmosphere. 8658088274. D-447


## AFFIDAVIT

By virtue of an affidavit sworn before Executive Magistrate, Danagadi, Jajpur, dated 07.02.2025 I, Som Jena, Address: At- Adarsh Colony, P.O.- Danagadi, P.S.- Jajpur Road, Dist.- Jajpur, PIN-755026 declare that I have changed my name from JK SOM to Som Jena. Henceforth, I shall be known as Som Jena for all purposes. D-478

By virtue of an affidavit sworn before the Notary Public, Dharmasala, Dated 09.05.2025, I, Sujata Kabi, Address: At- Baunsanta, P.O.-Antia, P.S.- Jenapur, Dist.- Jajpur, Odisha-755023 declare that I have changed my son's name from Satya Ranjan Kabi to Soumya Ranjan Kabi. Henceforth, he shall be known as Soumya Ranjan Kabi for all purposes. D-476

**I, Sisir Kanta Sadhangi, S/o- Rajiba Netra Sadhangi, resident of plot No.- 516/1729, Sub Plot No.-3, Shanti Vihar, 1st Floor, Patia, KIIT Square, Kalarahanga, Bhubaneswar, Dist.- Khordha, Odisha PIN- 751024, declare by this affidavit No.- 12AA 808360, dtd- 08.05.2025, that now onwards I shall be known as SISIR KANTA SARANGI, S/o- RAJIBA NETRA SARANGI for all purposes.** D-75845

### ପାଠକଙ୍କ ପାଇଁ ସୂଚନା

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

I, Nila Lakra, aged about 34 years, W/o- Raj Kumar Lakra, resident of Vill: Kutra, P.O.- Kutra, P.S.- Kutra, Dist.- Sundargarh, Odisha do hereby solmnly affirm and declare as under my son's Aadhaar Card vide No.- xxxx xxxx 2327 in which my son name has been wrongly mentioned as Sarman Lakra instead of Salmon Lakra. That Salmon Lakra and Sarman Lakra denotes to one and same person i.e. myself.

Nila Lakra D-486

I, Sushmita Lakra, aged about 30 years, D/o- Anthoni Lakra, resident of Vill- Alanda, P.O.- Alanda, P.S.- Rajgangpur, Dist.- Sundargarh, Odisha do hereby solemnly affirm and declare as under. I have Aadhaar Card vide No.- xxxx xxxx 6850 in which my name has been wrongly mentioned as Sushmita Majhi. That Sushmita Lakra and Sushmita Majhi denotes to one and same person i.e. myself.

Sushmita Lakra D-485

I, Rabindra Behera (New name), Rabinda Behera (Old name), R/o.- Kirimakhole, P.O.- Tilapanga, P.S.- Manamunda, Dist.- Boudh, PIN-762015 declare by this affidavit No.-775, dated 03.05.2025 sworn before the Executive Magistrate, Boudh that I have changed my former name from Rabinda Behera to Rabindra Behera. Henceforth, I shall be known as Rabindra Behera for all future purposes. D-484

I, Gunabanta Dora, R/o. At- Beheramal, P.O.-Industrial Estate, P.S./Dist.- Jharsuguda, Odisha, PIN- 768203 declare by this affidavit No.07, dated 09.05.25 sworn before the Notary Public, Jharsuguda that my name has been wrongly mentioned as Gunabant Dora in the Educational record of my son Adwit Kumar Dora. That both the names relates to one and same person. D-483

By virtue of an affidavit sworn before Executive Magistrate, Erasama, Jagatsinghpur, dated- 08.05.2025, I, SUDAM SAHOO, Address: At- Gopalpur, P.O.- Gadabisunpur, P.S.- Erasama, Dist.- Jagatsinghpur, PIN-754110, Odisha declare that I have changed my son's name from SUBRANSU SAHOO (old name) to RAHUL SAHOO (new name). Henceforth, he shall be known as RAHUL SAHOO (new name) for all purposes.

Sudam Sahoo D-480

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

By virtue of an affidavit sworn before the Executive Magistrate Cum Tahasildar, Bari dated 28.04.2025, I, Shreedhara Dash, S/o- Late Karunakar Dash, At- Kalamatia, P.O.- Kaipada, P.S.- Bari Ramachandrapur, Dt.- Jajpur have changed my name from Shreedhara Dash to Shreedhar Dash. Henceforth, I will be known as Shreedhar Dash for all future purpose. D-477

## LEGAL NOTICE

IR No.- 688/ Date- 05.05.25

ମାନ୍ୟବର ଅତିରିକ୍ତ ଆୟୁକ୍ତ (ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ IAS)ଙ୍କ ଅତିରିକ୍ତ ରିଭିଜନ ଅଦାଲତ ନଂ.–୨ନ୍ଦର, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା–ଖୋର୍ଦ୍ଧା, ଓ.ଏସ୍.ଏସ୍. ମୋକଦ୍ଦମା ନମ୍ବର–୯୪୬/୨୦୧୯

ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ୧୯୫୮ ଆଇନର ଧାରା ୧୫ (ଖ) ଅନୁଯାୟୀ (ସି.ପି.ସି. ଅର୍ଡର ୫, ରୁଲ୍–୨୦ ମୁତାବକ) ଅନନ୍ତ କିଶୋର ପଣ୍ଡା, ପିତା–କାହ୍ନୁ ଚରଣ ପଣ୍ଡା, ଠିକଣା– ସା–ରମକାପୁର, ପୋଷ୍ଟ–ଶୁକ୍ଳେଶ୍ୱର, ଥାନା–ମାହାଙ୍ଗା, ଜିଲ୍ଲା–କେନ୍ଦ୍ରାପଡ଼ା, ଓଡ଼ିଶା

.....ବାଦୀ

ବନାମ

ପ୍ରାପ୍ତେଷୁ–

ପ୍ରତିବାଦୀ ନମ୍ବର ୧. ହଟ ପାଲଟା ସିଂହ, ପିତା– ହରି ପାଲଟା ସିଂହ, ୨. ଚନ୍ଦ୍ରମଣି ପାଲଟା ସିଂହ, ୩. ବାମଦେବ ପାଲଟା ସିଂହ, ୪. ଧ୍ରୁବ ନାଥ ପାଲଟା ସିଂହ, ୫. ଅଭିରାମ ପାଲଟା ସିଂହ, ୬. ପ୍ରହ୍ଲାଦ ପାଲଟା ସିଂହ, ୨ ଲଗାଏତ ୬ ନମ୍ବର ପର୍ଯ୍ୟନ୍ତ ସମସ୍ତଙ୍କ ପିତା ବାନାମ୍ବର ପାଲଟା ସିଂହ, ୭. ଭ୍ରମର ପାଲଟା ସିଂହ, ପିତା– ସାରଥ ପାଲଟା ସିଂହ, ୮. ବୈଷ୍ଣବ ପାଲଟା ସିଂହ, ୯. ରତ୍ନାକର ପାଲଟା ସିଂହ, ଦୁଇଜଣଙ୍କ ପିତା–ସାଧୁ ଚରଣ ପାଲଟା ସିଂହ, ସମସ୍ତଙ୍କ ଠିକଣା: ସା/ପୋଷ୍ଟ–ଦାରୁଠେଙ୍ଗ, ଥାନା–ଚନ୍ଦକା, ଜିଲ୍ଲା–ଖୋର୍ଦ୍ଧା, ଓଡ଼ିଶା, ୧୦. ଉଦୟ ନାଥ ମହାଖୁଡ଼, ଗଦାଧର ମହାଖୁଡ଼, ଠିକଣା: ସା/ପୋଷ୍ଟ ଥାନା–ନୟାପଲ୍ଲୀ, ଭୁବନେଶ୍ୱର–୭୫୧୦୧୨, ଜିଲ୍ଲା–ଖୋର୍ଦ୍ଧା, ଓଡ଼ିଶା।

.... ପ୍ରତିବାଦୀମାନେ

ଏତଦ୍ଦ୍ୱାରା ଉପରୋକ୍ତ ପ୍ରତିବାଦୀମାନଙ୍କୁ ଏହି ସମ୍ବାଦପତ୍ର ବିଜ୍ଞାପନ ମାଧ୍ୟମରେ ଜଣାଇ ଦିଆଯାଉଅଛି ଯେ, ବାଦୀ ନିମ୍ନଲିଖିତ ଜମିକୁ ଦଲିଲ ଓ ଦଖଲ ଦୃଷ୍ଟେ ରେକର୍ଡ କରିବା ପାଇଁ ଉକ୍ତ ରିଭିଜନ କେସ୍ ଦାଖଲ କରିଅଛନ୍ତି। ସମସ୍ତ ପ୍ରତିବାଦୀମାନଙ୍କୁ ପଞ୍ଜୀକୃତ ଡାକଦ୍ୱାରା ନୋଟିସ ପଠାଯାଇଥିଲେ ହେଁ ଉପରୋକ୍ତ ପ୍ରତିବାଦୀମାନଙ୍କୁ ନୋଟିସ ଜାରି ନ ହୋଇ ଫେରିଆସିଅଛି। ଇତ୍ୟବସରରେ ଉକ୍ତ କେସ୍‌ର ଶୁଣାଣି ତା୧୭।୦୬।୨୦୨୫ରିଖ ଦିବା ୧୧.୩୦ ଘଟିକାକୁ ସ୍ଥିର କରାଯାଇଅଛି।

ଜମିଜମାର ବିବରଣୀ ନିମ୍ନରେ ଦିଆଗଲା:

ଜମିର ବିବରଣୀ

ମୌଜା: ପଥରଗାଡ଼ିଆ, ଥାନା–ଚନ୍ଦକା, ଥାନା ନଂ.୪୦ନ୍ଦର, ତହସିଲ–ଭୁବନେଶ୍ୱର, ଜିଲ୍ଲା–ଖୋର୍ଦ୍ଧା, ହାଲ୍ ଖାତା ନଂ.୨୧୯୬ନ୍ଦର, ହାଲ୍ ପ୍ଲଟ୍ ନଂ୨୯୬୩ନ୍ଦର, ରକବା ଏ୦.୧୬୨ ଡିସିମିଲ ସ୍ୱଧରୁ ଏ୦.୦୬୨ ଡିସିମିଲ, ସ୍ୱତ୍ୱ–ସ୍ଥିତିବାନ, ସାବିକ ଖାତା ନମ୍ବର– ୩୨୫/୮୮୮, ସାବିକ ପ୍ଲଟ୍ ନମ୍ବର–୬୩୭/୨୫୪୩, ଏରିଆ ଏ୦.୦୬୨ ଡିସିମିଲ।

ଏଣୁ ଉପରୋକ୍ତ ପ୍ରତିବାଦୀମାନେ ନିଜେ କିମ୍ବା ନିଜର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ, ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ କୋର୍ଟ ନଂ୨ନ୍ଦରରେ ଉପସ୍ଥିତ ହୋଇ ଉପରୋକ୍ତ ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ଅତିରିକ୍ତ ଆୟୁକ୍ତଙ୍କ ଆଦେଶକ୍ରମେ

ସ୍ୱା./–କୋର୍ଟ ଅଫିସର

୨୮।୦୪।୨୦୨୫

ଧ–୪୭୫

IR No.- 616/ Date- 29.03.2025

ମାନ୍ୟବର

ଆଡିଶନାଲ କମିଶନର ଶ୍ରୀ ପ୍ରଦୀପ କୁମାର ନାୟକ ଓ.ଏ.ଏସ୍ (ଏସ୍.ଏସ୍), ଆଡିଶନାଲ ରିଭିଜନ କୋର୍ଟ ନଂ–୪ଙ୍କ ଅଦାଲତ, ଭୁବନେଶ୍ୱର ୪ର୍ଥ ମହଲା ହେଡ୍ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର।

O.S.S. Case No.-1085/2023.

ଶ୍ରୀ ସଞ୍ଜୀବ କୁମାର ନାୟକ ଓ ଅନ୍ୟ ଜଣେ

......... ବାଦୀ/ଦରଖାସ୍ତକାରୀ

ବନାମ

ନିଦ୍ରାବତୀ ଦଳେଇ ଓ ଅନ୍ୟମାନେ

......... ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁ,

୧. ନିଦ୍ରାବତୀ ଦଳେଇ, ବ୭୪ବର୍ଷ, ସ୍ୱାମୀ– ୰ପ୍ରଭାକର ଦଳେଇ, ... ପ୍ରତିବାଦୀ ନଂ୧, ୨. ଲକ୍ଷ୍ମୀଧର ଦଳେଇ, ବ୫୨ବର୍ଷ, ପିତା– ୰ପ୍ରଭାକର ଦଳେଇ... ପ୍ରତିବାଦୀ ନଂ.୨, ୩. ଚନି ପାତ୍ର, ବ୪୯ବର୍ଷ, ସ୍ୱାମୀ–ବାବାଜୀ ପାତ୍ର ଓ ପିତା– ୰ପ୍ରଭାକର ଦଳେଇ... ପ୍ରତିବାଦୀ ନଂ୩, ପ୍ରତିବାଦୀ ନଂ୧ ଠାରୁ ନଂ୩ନ୍ଦରଙ୍କର ଠିକଣା: ଗ୍ରାମ–ଯୁଝଗଡ଼, ପୋଷ୍ଟ–ଦାରୁଠେଙ୍ଗ, ଥାନା– ଚନ୍ଦକା, ଜିଲ୍ଲା–ଖୋର୍ଦ୍ଧା। ୪. ବନଲତା ରାଉତ, ବ୫୬ବର୍ଷ, ସ୍ୱାମୀ–ପ୍ରମୋଦ ରାଉତ ଓ ପିତା–୰ପ୍ରଭାକର ଦଳେଇ, ଠିକଣା: ଗ୍ରାମ– ଛେଣ୍ଡା, ପୋଷ୍ଟ– ଛେଣ୍ଡା, ଥାନା–ଗୋବିନ୍ଦପୁର, ଜିଲ୍ଲା–କଟକ... ପ୍ରତିବାଦୀ ନଂ୪, ୫. ମାନି ଦଳେଇ, ବ୪୩ବର୍ଷ, ସ୍ୱାମୀ–ଜୟକୃଷ୍ଣ ସ୍ୱାଇଁ ଓ ପିତା–୰ପ୍ରଭାକର ଦଳେଇ, ଠିକଣା: ଗ୍ରାମ/ପୋଷ୍ଟ–ପରିଚାଲାଦେଉଁରୀ, ଥାନା–ବେଗୁନିଆ, ଜିଲ୍ଲା–ଖୋର୍ଦ୍ଧା..... ପ୍ରତିବାଦୀ ନଂ ୫, ୬. ମହେନ୍ଦ୍ର ସାହୁ, ବ୮୯ବର୍ଷ ... ପ୍ରତିବାଦୀ ନଂ ୬, ୭. ବୈରାଗୀ ଚରଣ ସାହୁ, ବ୭୪ବର୍ଷ ... ପ୍ରତିବାଦୀ ନଂ୭, ପ୍ରତିବାଦୀ ନଂ୬ ଓ ୭ନ୍ଦରଙ୍କର ପିତା–ସୁଦର୍ଶନ ସାହୁ, ଠିକଣା: ଗ୍ରାମ–ଯୁଝଗଡ଼, ପୋଷ୍ଟ–ଦାରୁଠେଙ୍ଗ, ଥାନା–ଚନ୍ଦକା, ଜିଲ୍ଲା–ଖୋର୍ଦ୍ଧା, ୮. ଉଦୟ ନାରାୟଣ ଖୁଣ୍ଟିଆ, ବ୫୫ବର୍ଷ, ପିତା–ମୁରଲୀଧର ଖୁଣ୍ଟିଆ, ସା–କ୍ୱାର୍ଟର ନଂ ଏଫ୍‌ଆଇ–୮୪/୮, ଶୈଳଶ୍ରୀ ବିହାର, ଭୁବନେଶ୍ୱର, ଥାନା–ଶୈଳଶ୍ରୀ ବିହାର, ଜିଲ୍ଲା– ଖୋର୍ଦ୍ଧା ... ଅତିରିକ୍ତ ପ୍ରତିବାଦୀ ନଂ୧୦।

ନୋଟିସ୍

ସିପିସି ଅର୍ଡର–୫, ରୁଲ୍–୨୦, ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ–୧୯୫୮, ଧାରା–୧୫ (ଖ) ମୁତାବକ ମାନ୍ୟବର ଆଡିଶନାଲ କମିଶନର, ଆଡିଶନାଲ ରିଭିଜନ କୋର୍ଟ ନଂ.–୪, ଭୁବନେଶ୍ୱରଙ୍କ ଅଦାଲତରେ ବାଦୀ ସଞ୍ଜୀବ କୁମାର ନାୟକ ଓ ଅନ୍ୟଜଣେ ଖରିଦ ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଉପରୋକ୍ତ ମୋକଦ୍ଦମା ଦାଏର ହୋଇଅଛି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀ ନଂ.–୧,୨,୩,୪,୫,୬,୭ ଏବଂ ୧୦ଙ୍କ ଠିକଣାରେ ନୋଟିସ ରେଜେଷ୍ଟ୍ରି ଡାକ ଦ୍ୱାରା ଦିଆଯାଇଥିଲା। କିନ୍ତୁ ଉକ୍ତ ନୋଟିସ ବିନା ଜାରି ହୋଇ ଫେରି ଆସିଥିଲା।

ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀ ନଂ.–୧,୨,୩,୪,୫,୬,୭ ଏବଂ ୧୦ଙ୍କୁ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି କି ଯେ ଉପରୋକ୍ତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଆଡିଶନାଲ ରିଭିଜନ କୋର୍ଟ ନଂ.–୪ ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା୧୯।୦୫।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଛି। ଉକ୍ତ କେସ୍‌ର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ବୃତ୍ତି

ଜିଲ୍ଲା– ଖୋର୍ଦ୍ଧା, ତହସିଲ– ଭୁବନେଶ୍ୱର, ଥାନା– ଚନ୍ଦକା, ମୌଜା– ଭାଲୁଙ୍କା, ସାବିକ ଖାତା ନଂ.–୨୯, ସାବିକ ପ୍ଲଟ୍ ନଂ.–୧୯, ଏରିଆ– ଏ୧.୪୮୫ଡି ସ୍ୱଧରୁ କ୍ରୟ ବୃତ୍ତି ଏ୦.୦୯୨ଡିସିମିଲି। ଏହାର ହାଲ୍ ଖାତା ନଂ.–୧୨୪, ହାଲ୍ ପ୍ଲଟ୍ ନଂ.–୪୭, ଏରିଆ ଏ୦.୩୯୬୦ଡି.।

ଏଣୁ ଉପରୋକ୍ତ ମାମଲାରେ ପ୍ରତିବାଦୀ ନଂ.– ୧,୨,୩,୪,୫,୬,୭ ଏବଂ ୧୦ ପର୍ଯ୍ୟନ୍ତ ମୃତ ହୋଇଥିଲେ ୱାରସମାନେ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତହବିଲ କରିବେ। ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣଙ୍କ ଅନୁପସ୍ଥିତିରେ ଏକତରଫା ଫଏସଲା କରାଯିବ।

ସ୍ୱା./– ଆଡିଶନାଲ ରିଭିଜନ କୋର୍ଟ ନଂ.–୪, ଭୁବନେଶ୍ୱରଙ୍କ ଆଦେଶକ୍ରମେ

କୋର୍ଟ ଅଫିସର

ଧ–୪୫୯

# ଯବାନଙ୍କ ପରାକାଷ୍ଠା ଆମକୁ ଗର୍ବିତ କରିଛି: ଭକ୍ତ



ରାମ ମନ୍ଦିର ଛକଠାରୁ ବାହାରିଥିବା କଂଗ୍ରେସର ତ୍ରିରଙ୍ଗା ଶୋଭାଯାତ୍ରା।

**କଂଗ୍ରେସର ତ୍ରିରଙ୍ଗାଯାତ୍ରା**

**ଭୁବନେଶ୍ୱର,୯ା୫(ରବିନାରାୟଣ ଜେନା)**

ପାକିସ୍ତାନର ଆତଙ୍କବାଦକୁ ଯେଭଳି ଭାବେ ଭାରତୀୟ ଯବାନମାନେ ଦୃଢ଼ ହସ୍ତରେ ଦମନ କରୁଛନ୍ତି ଓ ବୀରତ୍ୱର ପରାକାଷ୍ଠା ଦେଖାଉଛନ୍ତି ତାହା ଅଭୂତପୂର୍ବ। ସେଥିପାଇଁ କଂଗ୍ରେସ ଗର୍ବିତ ଓ ସେମାନେ ଆମର ଚିର ନମସ୍ୟ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ଅଖିଳ ଭାରତ କଂଗ୍ରେସ କମିଟିର ଆହ୍ୱାନକ୍ରମେ ଶୁକ୍ରବାର ପ୍ରଦେଶ କଂଗ୍ରେସ ପକ୍ଷରୁ ଭାରତୀୟ ଯବାନଙ୍କ ସମ୍ମାନାର୍ଥେ ରାମ ମନ୍ଦିର ଛକଠାରୁ ଆରମ୍ଭ ହୋଇ ମାଷ୍ଟରକ୍ୟାଣ୍ଟିନ ଛକ ମଧ୍ୟରେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଭକ୍ତ କହିଥିଲେ, ଭାରତର ବୀର ଯବାନମାନେ ଆତଙ୍କବାଦୀ ରାଷ୍ଟ୍ର ପାକିସ୍ତାନକୁ ଯେଉଁ କଡ଼ା ଜବାବ ଦେଇଛନ୍ତି ସେଥିପାଇଁ କଂଗ୍ରେସର ନେତୃବୃନ୍ଦ ଓ କର୍ମୀମାନେ ଗର୍ବିତ । ଏହି ସଂଗ୍ରାମରେ ସମସ୍ତ ଭାରତୀୟ ଏକତ୍ରିତ ଏବଂ ଏକ ସ୍ୱରରେ ଆତଙ୍କବାଦ ବିରୋଧରେ ଲଢ଼ୁଛନ୍ତି । ସେନାବାହିନୀ ପଛରେ ଆମେ ରହିଛୁ । ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଥିଲେ, ଯବାନଙ୍କର ତ୍ୟାଗ, ରାଷ୍ଟ୍ରଭକ୍ତି ଓ ଦେଶବାସୀଙ୍କ ପାଇଁ ଅଙ୍ଗୀକାରର ପଟାନ୍ତର ନାହିଁ । ଏହି କାର୍ଯ୍ୟକ୍ରମରେ ଏଆଇସିସି ସହ ପ୍ରଭାରୀ ରୋଜାଲିନ ତିର୍କୀ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପ୍ରସାଦ ହରିଚନ୍ଦନଙ୍କ ସମେତ ବରିଷ୍ଠ ନେତା ଶରତ ରାଉତ, ଶ୍ରୀକାନ୍ତ ଜେନା, ଜଗନ୍ନାଥ ପଟ୍ଟନାୟକ, ସୁରେଶ କୁମାର ରାଉତରାୟ, ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନୀପତି ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ବୃଦ୍ଧଙ୍କୁ କଚାଡ଼ି ମାରିଲା ଦନ୍ତା

**ପାଟଣା,୯ା୫(ବୀରକିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ରେଞ୍ଜ୍ କେନ୍ଦେଇପୋଷି ବିଟ୍ ଅଞ୍ଚଳରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ମୁରୁସୁଆଁ ପଞ୍ଚାୟତ ଭାଲୁପାହାଡ଼ି ତନୁସାହିର ଗଣେଶ୍ୱର ମହାନ୍ତ (୬୫)। ବନ ବିଭାଗ ପକ୍ଷରୁ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସୂଚନା ଅନୁଯାୟୀ, କେନ୍ଦେଇପୋଷି ଶନି ମନ୍ଦିର ନିକଟ କାଜୁ ବଗିଚାରେ ଏକ ଗୋଠଛଡ଼ା ଦନ୍ତା ରହିଥିଲା। ଗଣେଶ୍ୱର ଶୁକ୍ରବାର ମଧ୍ୟାହ୍ନରେ ହାତୀ ଦେଖିବାକୁ ଯାଇଥିଲେ। ଏହି ସମୟରେ ଗଣେଶ୍ୱରଙ୍କୁ ଦନ୍ତା ଶୁଣ୍ଢରେ ଟେକି କଚାଡ଼ି ଦେଇଥିଲା। ତାଙ୍କୁ ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଏ ନେଇ ତୁରୁମୁଙ୍ଗା ଥାନାରେ ଏକ ମାମଲା(ନଂ.୧୫/୨୫) ରୁଜୁ ହୋଇଛି। ପାଟଣା ରେଞ୍ଜର ବନ ବିହାରୀ ସର୍ଦ୍ଦାର କହିଛନ୍ତି, ହାତୀ ଆକ୍ରମଣରେ ମୃତକ ପରିବାରକୁ ୬ ଲକ୍ଷ ସହାୟତା ପ୍ରଦାନ କରାଯିବ। ପ୍ରାଥମିକ ପର୍ଯ୍ୟାୟରେ ଶୁଦ୍ଧିକ୍ରିୟା ପାଇଁ ୬୦ ହଜାର ଟଙ୍କା ଯୋଗାଇ ଦିଆଯାଇଛି।

# ଟ୍ରକ୍ ପଛରେ ପିଟିଲା ବାଇକ୍, ୨ ମୃତ

**କେନ୍ଦୁଝର,୯ା୫ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ସଦର ଥାନା ଅନ୍ତର୍ଗତ ପଳାସପଙ୍ଗା ଫାଣ୍ଡି ଅଧୀନ ୨୦ ନମ୍ବର ଜାତୀୟ ରାଜପଥର ଗ୍ରୀନଫିଲ୍ଡ ସ୍କୁଲ ସମ୍ମୁଖରେ ମଧ୍ୟାହ୍ନ ୧୨ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ବାଇକ ଭାରସାମ୍ୟ ହରାଇ ଚଳନ୍ତା ଟ୍ରକ୍ ପଛପଟେ ପିଟି ହୋଇଛି। ବାଇକ୍ ଚାଳକଙ୍କ ସମେତ ପଛରେ ବସିଥିବା ଅନ୍ୟ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତକଦ୍ୱୟ ସଦର ବ୍ଲକ୍ ଅନ୍ତର୍ଗତ ପର୍ଜନପୁର ପଞ୍ଚାୟତ କଲଣ୍ଡା ଗ୍ରାମର ସନ୍ତୋଷ ମହାକୁଡ(୩୫) ଓ ଦୀପକ ମହାକୁଡ(୩୦)। ସୂଚନା ଅନୁଯାୟୀ, ଦୁହେଁ ବାଇକ୍ ଯୋଗେ ଝୁମ୍ପୁରା ବଜାରରୁ ପଳାସପଙ୍ଗା ଅଭିମୁଖେ ଯାଉଥିଲେ। ଗ୍ରୀନଫିଲ୍ଡ ସ୍କୁଲ ସମ୍ମୁଖରେ ବାଇକ୍ ନିୟନ୍ତ୍ରଣ ହରାଇ ଏକ୍ ଟ୍ରକ୍ ପଛପଟେ ଧକ୍କା ଦେଇଥିଲା। ୨ ଜଣ ବାଇକ୍‌ରୁ ଛିଟିକି ପଡ଼ିଥିବା ବେଳେ ଟ୍ରକ୍ ଚମ୍ପଟ ମାରିଥିଲା। ଘଟଣାସ୍ଥଳରେ ହିଁ ଉଭୟଙ୍କ ମୃତ୍ୟୁ ଘଟିଥିଲା। ପଳାସପଙ୍ଗା ଫାଣ୍ଡି ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍ ସହ ମୃତଦେହ ଜବତ କରିଛି। କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଏକ ମାମଲା(ନଂ.୨୦୯/୨୫) ରୁଜୁ କରି ତଦନ୍ତ ଜାରି ରଖିଛି।


## ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ରାଧାକୃଷ୍ଣ ଦାଶ**

ଗ୍ରାମ ପୋଲସରା ଏବଂ ଖୋଡାସିଙ୍ଗି, ନିରଞ୍ଜନ ନଗର, ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା ବାସିନ୍ଦା ଅବସରପ୍ରାପ୍ତ ଅଫିସ୍ ଅଧୀକ୍ଷକ, ଓଡ଼ିଶା ପୋଲିସ୍ (Retired Office Superintendent Police)

ତିରୋଧାନ: ୦୪।୦୫।୨୦୨୫

ଆପଣଙ୍କ ଅମର ଆତ୍ମା ଶାନ୍ତି ସଦ୍‌ଗତି ଲାଭ କରୁ ଏହାହିଁ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କ ପ୍ରାର୍ଥନା। ଆପଣଙ୍କ ଭଲପାଇବା, ଦୟା ଓ ଦିଶାନିର୍ଦ୍ଦେଶ ଆମ ପାଇଁ ସଦା ଆଶା ଓ ଶକ୍ତିର ଉତ୍ସ ଥିଲା। ଆପଣଙ୍କ ପ୍ରେମ ଓ ସହାୟତା ପାଇଁ ଆମେ ସଦା କୃତଜ୍ଞ। ଆପଣଙ୍କ ଆଶୀର୍ବାଦ ଓ ପ୍ରେମ ଆମ ସମସ୍ତ ଜୀବନର ଶକ୍ତି ହେବ। ଆପଣଙ୍କର ସ୍ମୃତି ଆମ ଶକ୍ତି ଓ ପଥଦର୍ଶନର ସ୍ରୋତ ଭାବେ ରହିବ।

ଶୋକସନ୍ତପ୍ତ ପରିବାର:– ସ୍ତ୍ରୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ

ଧ–୪୭୯

**ଏକାଦଶାହ ଉପଲକ୍ଷେ**

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ ଯୋଗେନ୍ଦ୍ର ସ୍ୱାଇଁ**

ସାର୍ତ୍ତୋଳ, ନୂଆବଜାର, କଟକ, ଓଡ଼ିଶା

ଆବିର୍ଭାବ: ୨୩.୧୧.୧୯୩୩

ତିରୋଧାନ: ୩୦.୦୪.୨୦୨୫

ତୁମର ସ୍ନେହ, ଶ୍ରଦ୍ଧା, ଉପଦେଶ ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ବିନମ୍ର ପ୍ରାର୍ଥନା କରୁଛୁ।

**ଶୋକ ସନ୍ତପ୍ତ**

ଜିତେନ୍ଦ୍ର ସ୍ୱାଇଁ ଓ ସମସ୍ତ ସ୍ୱାଇଁ ପରିବାର ଏବଂ ଅତ୍ମୀୟ ସ୍ୱଜନ

ଧ–୪୮୧

# ୧୯୪୨, ଶ୍ରୀଅରବିନ୍ଦ ଓ ପହଲଗାମ୍

**କଶ୍ମୀରର ପହଲଗାମ୍‌ରେ ୨୨ ଏପ୍ରିଲ ୨୦୨୫ରେ ଆତଙ୍କବାଦୀଙ୍କ ଦ୍ୱାରା ଘଟିଗଲା ଯେଉଁ ନରସଂହାର, ତହିଁରେ ୨୬ଜଣ ନିରୀହ ପର୍ଯ୍ୟଟକଙ୍କ ପ୍ରାଣଗଲା। ସ୍ତ୍ରୀ ଆଗରେ ଟଳିପଡ଼ିଲେ ସ୍ୱାମୀ ତ ପୁଅ ଆଗରେ ବାପା। ଭାରତର ଇତିହାସରେ ଯୋଡ଼ିହୋଇଗଲା ଆଉ ଏକ ରକ୍ତରଞ୍ଜିତ ପୃଷ୍ଠା। ଏ ବିଭୀଷିକା ପଛରେ ପାକିସ୍ତାନର ସମ୍ପୃକ୍ତି ଥିବା ସ୍ପଷ୍ଟ ହେବା ପରେ ପାକିସ୍ତାନକୁ ପାନେ ଦେବା ପାଇଁ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି ଭାରତ। ଏହି ପୃଷ୍ଠଭୂମିରେ ଭାରତ-ବିଭାଜନ ଓ କଶ୍ମୀର- ସମସ୍ୟାର ଉତ୍ସ ସନ୍ଧାନ ହୋଇଉଠିଛି ପ୍ରାସଙ୍ଗିକ। ୧୯୪୨ର କ୍ରିପ୍‌ସ ମିଶନ, ଶ୍ରୀଅରବିନ୍ଦଙ୍କ ସମର୍ଥନ ଓ କଂଗ୍ରେସର ପ୍ରତ୍ୟାଖ୍ୟାନ ସବୁର ଖିଅ ଖୋଲିଛି ଏଇ ଆଲେଖ୍ୟ- 'ଅଖଣ୍ଡ ଭାରତ'ର ଆଶା ଜଗାଇ...**

**ଅବଲୋକନ**

**ଡ. ହୃଷୀକେଶ ମଲ୍ଲିକ**

୨୨ ଏପ୍ରିଲ ୨୦୨୫ରେ କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀଙ୍କ ଦ୍ୱାରା ସଂଘଟିତ ସଂତ୍ରାସର ବିଭୀଷିକା ଦେଶର ସ୍ମୃତିରୁ କେବେ କି ଲିଭିବ! ବୈସାରନ ଉପତ୍ୟକାରେ ସେଦିନ ଯେଉଁ ଲହୁ, ଲୁହ ଝରିଲା, ତାହା ବି ନିକଟରେ ଶୁଖିବାର ନୁହେଁ। ବର୍ବର ଆତଙ୍କୀଙ୍କ ଅତର୍କିତ ନୃଶଂସ ଆକ୍ରମଣରେ ଭାରତ ସ୍ତବ୍‌ଧ। ପହଲଗାମ୍ ହତ୍ୟାକାଣ୍ଡ ପଛରେ ପାକିସ୍ତାନର ହାତ ଥିବା ସ୍ପଷ୍ଟ ହୋଇଛି ଓ ଷଡ଼ଯନ୍ତ୍ରକାରୀଙ୍କୁ ଦୃଷ୍ଟାନ୍ତମୂଳକ ଶିକ୍ଷା ଦେବାର ସଂକଳ୍ପ ନେଇ ଦେଶ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। 'ଅପରେଶନ୍ ସିନ୍ଦୂର' (୬ ମେ ରାତି) ପାକିସ୍ତାନର ୯ଟି ଆତଙ୍କୀ ଆଡ୍ଡାକୁ ମାଟିରେ ମିଶାଇଛି। ଏଥିରେ ଉତ୍‌କ୍ଷିପ୍ତ ହୋଇ ପାକିସ୍ତାନ ଭାରତ ଉପରେ ଆକ୍ରମଣ କରିବାରୁ ଭାରତ ପକ୍ଷରୁ ତା'ର ମୁହଁତୋଡ଼ ଜବାବ ଦିଆଯାଉଛି। ଆତଙ୍କୀ ନିପାତ ଅଭିଯାନରେ ଭାରତ ପଛରେ ଠିଆ ହୋଇଛନ୍ତି ବିଶ୍ୱର ବହୁ ଦେଶ। ଭାରତର ଭବିଷ୍ୟତକୁ ନେଇ ସ୍ୱାଧୀନତାର ଜନ୍ମ ଲଗ୍ନରେ ଶ୍ରୀଅରବିନ୍ଦ ଯେଉଁ ସବୁ ଭୟର ଆଶଙ୍କା କରିଥିଲେ, ତାହା ଧୀରେ ଧୀରେ ସତ୍ୟ ହେବାରେ ଲାଗିଛି।

ବିଭାଜନ ପରଠାରୁ ଭାରତ ଓ ପାକିସ୍ତାନ ମଧ୍ୟରେ ଲାଗି ରହିଥିବା ଉତ୍ତେଜନା, ୧୯୬୨ରେ ଚାଇନା-ଭାରତ ଓ ୧୯୬୫ରେ ଭାରତ-ପାକିସ୍ତାନ ଯୁଦ୍ଧ, ୧୯୭୧ରେ ପୂର୍ବ-ପାକିସ୍ତାନରେ ସଂଘଟିତ ଗଣହତ୍ୟା, ଭାରତ ମାଟିରେ ଲକ୍ଷ ଲକ୍ଷ ଶରଣାର୍ଥୀଙ୍କ ଭିଡ଼, ଦୁଇରାଷ୍ଟ୍ର ତତ୍ତ୍ୱର ମୃତ୍ୟୁ ଘଟାଇ ବାଂଲାଦେଶର ସୃଷ୍ଟି, ୧୯୯୯ରେ କାର୍ଗିଲ ଯୁଦ୍ଧ ଓ ସଦ୍ୟ ଘଟିତ ପହଲଗାମ୍ ବିଭୀଷିକା ହେଉଛି ଶ୍ରୀଅରବିନ୍ଦଙ୍କ ଆଶଙ୍କା ଫଳବତୀ ହେବାର ଏକ ଏକ ଉପସର୍ଗ। ତେବେ ପ୍ରଶ୍ନ ଉଠୁଛି, ଭାରତର କାହିଁକି ଏ ଭାଗ୍ୟ-ବିପାକ। କେଉଁଠି ଏ ବିପାକର ଚେର? ପଛକୁ ଫେରି ଫେରି ଗଲେ ଆମେ ଠେକିବା ଯାଇ ୧୯୪୨ରେ ଓ ଭେଟିବା ଭାରତୀୟ ନେତୃତ୍ୱର ଅଦୂରଦୃଷ୍ଟିକୁ, ଯାହାର ପରିଣାମ ଭୋଗ ଆଜିଯାଏଁ ସରୁନାହିଁ।

୧୯୪୭ରେ ବିଭାଜିତ ହେଲା ଭାରତ ଓ ଅନେକ ଅଘଟଣ ସହ ଜନ୍ମ ନେଲା କଶ୍ମୀର ସମସ୍ୟା। ଦ୍ୱିତୀୟ ବିଶ୍ୱଯୁଦ୍ଧ ଅବକାଶରେ ସାର୍ ଷ୍ଟାଫୋର୍ଡ କ୍ରିପ୍‌ସ ଏକ ସୁଚିନ୍ତିତ ପ୍ରସ୍ତାବ ଧରି ପହଞ୍ଚିଲେ ଦିଲ୍ଲୀରେ। ଉଦ୍ଦେଶ୍ୟ ବ୍ରିଟିଶ୍ ସପକ୍ଷରେ ଭାରତର ସମର୍ଥନ ହାସଲ। ପ୍ରସ୍ତାବରେ ସର୍ତ୍ତ ରହିଲା- ଯୁଦ୍ଧରେ ଭାରତ ବ୍ରିଟିଶ୍‌କୁ ସମର୍ଥନ ଦେବ ଓ ଯୁଦ୍ଧ ସରିଲେ ବ୍ରିଟିଶ୍ ଭାରତ ହାତରେ ଟେକିଦେବ ସ୍ୱ-ଶାସନର ଅଧିକାର। ବ୍ରିଟିଶ୍ ରହିବ ପ୍ରତୀକ ଶାସନମୁଖ୍ୟ, କିନ୍ତୁ ଭାରତର ଶାସନ-ବ୍ୟବସ୍ଥାରେ ତା'ର ହସ୍ତକ୍ଷେପ ରହିବ ନାହିଁ। କ୍ରିପ୍‌ସଙ୍କ ପ୍ରସ୍ତାବ ଆନୁଷ୍ଠାନିକ ଭାବେ ଘୋଷଣା ହେଲା ୩୦ ମାର୍ଚ୍ଚ ୧୯୪୨ରେ, ଯାହା କଂଗ୍ରେସ କମିଟି ଦ୍ୱାରା ହେଲା ପ୍ରତ୍ୟାଖ୍ୟାତ। କ୍ରିପ୍‌ସଙ୍କ ପ୍ରସ୍ତାବ ବିଷୟରେ ଅବଗତ ହେବା ପରେ ୩୧ ମାର୍ଚ୍ଚ ୧୯୪୨ରେ ଶ୍ରୀଅରବିନ୍ଦ ଏହି ପ୍ରସ୍ତାବକୁ ସମର୍ଥନ କଲେ ଓ ଆଶା ରଖିଲେ ପ୍ରସ୍ତାବଟି କଂଗ୍ରେସ କର୍ତ୍ତୃପକ୍ଷଙ୍କ ଦ୍ୱାରା ଗୃହୀତ ହେବ। କଂଗ୍ରେସ କାର୍ଯ୍ୟକାରୀ ସମିତି ନିକଟକୁ ଜଣେ ବାର୍ତ୍ତାବହଙ୍କୁ ପଠାଇ କ୍ରିପ୍‌ସ ପ୍ରସ୍ତାବ କାହିଁକି ଗ୍ରହଣଯୋଗ୍ୟ ସେ ବୁଝାଇଦେଲେ। ଏହା ସତ୍ତ୍ୱେ କ୍ରିପ୍‌ସଙ୍କ ପ୍ରସ୍ତାବ ତ ଗୃହୀତ ହେଲା ନାହିଁ, ବରଂ ଗାନ୍ଧୀ ଟିପ୍ପଣୀ କାଟିଲେ- କ୍ରିପ୍‌ସଙ୍କ ପ୍ରସ୍ତାବ "ଏକ ଆଗୁଆ ତାରିଖ ପଡ଼ିଥିବା ମୁମୂର୍ଷୁ ବ୍ୟାଙ୍କର ଚେକ୍" (A Post-dated Cheque on a tottering Bank)।


ଶ୍ରୀଅରବିନ୍ଦ ହୃଦୟଙ୍ଗମ କରିଥିଲେ ଯେ ତତ୍କାଳୀନ ରାଜନୈତିକ ସ୍ଥିତି ଦୃଷ୍ଟିରୁ କ୍ରିପ୍‌ସଙ୍କ ପ୍ରସ୍ତାବ ଭାରତ ପାଇଁ ମଙ୍ଗଳପ୍ରଦ। ବ୍ରିଟିଶ୍ ଭାରତରୁ ଯିବା ଯିବା ଉପରେ। ତେଣୁ ଇଂରେଜଙ୍କ ଆଡୁ ଡର ଥାଏ କମ୍, ବେଶୀ ଡର ଥାଏ ଜାପାନୀ ସାମ୍ରାଜ୍ୟବାଦକୁ। ଏପରି ସ୍ଥିତିରେ ଯଦି କ୍ରିପ୍‌ସଙ୍କ ପ୍ରସ୍ତାବକୁ ଗ୍ରହଣ କରିନିଆଯାଏ, ତେବେ ଭାରତର ବିଭାଜନକୁ ରୋକିହେବ ଓ ହିନ୍ଦୁ-ମୁସଲମାନଙ୍କ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ନିଶ୍ଚିତ ହୋଇପାରିବ। ୧୬ ଅଗଷ୍ଟ ୧୯୫୧ରେ ଶ୍ରୀଅରବିନ୍ଦଙ୍କ ପରାମର୍ଶର ଯାଥାର୍ଥ୍ୟ ଦର୍ଶାଇ କେ.ଏମ୍. ମୁନ୍‌ସୀ କହିଥିଲେ: "ଭାରତର ରାଜନୀତି ସମ୍ପର୍କରେ ଶ୍ରୀଅରବିନ୍ଦଙ୍କ ଧାରଣା ପରିପକ୍ୱ। ସେ କହିଥିଲେ ବିଶ୍ୱଯୁଦ୍ଧରେ ଯଦି ଇଂଲଣ୍ଡ ଓ ଫ୍ରାନ୍ସର ବିଜୟ ହୁଏ, ତେବେ ଏହା ହେବ ଆସୁରିକ ଶକ୍ତି ଉପରେ ଦୈବୀ ଶକ୍ତିର ବିଜୟ; ଯାହା ସତ୍ୟ ହେଲା। କ୍ରିପ୍‌ସଙ୍କ ପ୍ରସ୍ତାବକୁ ସମର୍ଥନ ଦେବା ମଧ୍ୟ ତାଙ୍କର ଏକ ଅଭ୍ରାନ୍ତ ନିର୍ଣ୍ଣୟ ଥିଲା। କ୍ରିପ୍‌ସଙ୍କ ପ୍ରସ୍ତାବକୁ ଆମେ ପ୍ରତ୍ୟାଖ୍ୟାନ କଲେ, ଯାହାର ପ୍ରତିଫଳ ଆମ ଆଗେ ଆଗେ।"

ଭାରତରେ ବିଚ୍ଛିନ୍ନତାବାଦୀ ଶକ୍ତିର ଉତ୍‌ଥାନ ଶ୍ରୀଅରବିନ୍ଦଙ୍କୁ ବିଚଳିତ କରିଥିଲା। ତାଙ୍କ ମତରେ "ଯଦି ବିଭାଜନକୁ ଅଟକାଇ ହେଉନି, ଅନ୍ତତଃପକ୍ଷେ ତା'ର ଆଧାର ସାମ୍ପ୍ରଦାୟିକ ନ ହେଉ। ଭାରତ ବା ପାକିସ୍ତାନରେ ରହିବା ନିଷ୍ପତ୍ତି ଲୋକଙ୍କ ଇଚ୍ଛା ଉପରେ ଛାଡ଼ି ଦିଆଯାଉ।" ନିଜର ଅନୁଗତ ଶିଷ୍ୟ ତଥା କଂଗ୍ରେସ ନେତା ସୁରେନ୍ଦ୍ର ମୋହନ ଘୋଷଙ୍କୁ ପୁଦୁଚେରୀ ଡକାଇ ସେ କହିଲେ- "ଯାଅ- ଗାନ୍ଧୀ, ନେହରୁ, ମୌଲାନା, ସର୍ଦ୍ଦାର ଓ ରାଜେନ୍ଦ୍ର ପ୍ରସାଦଙ୍କୁ କୁହ- ସେମାନେ ଭାରତ ତଥା ବିଶ୍ୱର ହିତ ଦୃଷ୍ଟିରୁ ଏହା ହିଁ କରନ୍ତୁ।" ବାର୍ତ୍ତା ପାଇ କଂଗ୍ରେସ କାର୍ଯ୍ୟକାରୀ ସମିତିର ସଭ୍ୟମାନେ କହିଲେ- "ଭଲ କଥା, ଅତି ଉତ୍ତମ", ହେଲେ କାର୍ଯ୍ୟରେ କିଛି କଲେ ନାହିଁ। ଫଳରେ ଯାହା ହେବା କଥା ହେଲା।

ନିକଟରେ ଦିଲ୍ଲୀରେ ଏକ ସାଂସ୍କୃତିକ ଜାଗରଣ ଉତ୍ସବରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି: "ଭାରତର ଅସଲ ଶକ୍ତି ସାମରିକ ବଳ ନୁହେଁ, ଆଧ୍ୟାତ୍ମିକ ବଳ।" ଖୁବ୍ ମଞ୍ଜି କଥା, କିନ୍ତୁ ଦରକାର ବେଳେ ଆମେ କୋଉ ମାନିଲେ ଆମ ଆଧ୍ୟାତ୍ମିକ ଗୁରୁଙ୍କ ବୋଲ! ସବୁ ସତ୍ତ୍ୱେ ଶ୍ରୀଅରବିନ୍ଦ କହିଛନ୍ତି: "ଏ ବିଭାଜନର ଅନ୍ତ ଘଟିବା ଉଚିତ ଓ ଘଟିବ ନିଶ୍ଚୟ" (This partition must go and will go)। ଶ୍ରୀଅରବିନ୍ଦଙ୍କର ଏ ଦିବ୍ୟ ପୂର୍ବାନୁମାନ କଦାପି ମିଛ ହେବାର ନୁହେଁ। କେବେ ଓ କିପରି ତାହା କାର୍ଯ୍ୟକାରୀ ହେବ, କେବଳ ବାକି ରହିଲା ଦେଖିବାକୁ।

ମୋ: ୯୮୫୩୨୮୭୭୫୫


କ୍ରିପ୍‌ସ ମିଶନ ବିଫଳ: ୧୯୪୨


୨୨ ଏପ୍ରିଲ ୨୦୨୫ ବର୍ବର କାଣ୍ଡର ମୂକସାକ୍ଷୀ: ପହଲଗାମ୍।

## ପୁସ୍ତକ ପରିଚୟ

### ପ୍ରେମ ସୁଧାନିଧି

**ସମ୍ପାଦନା:** ଡ. ଦୀନବନ୍ଧୁ ଦାଶ
**ପ୍ରକାଶକ:** ଅପୂର୍ବା, ଖାରବେଳ ନଗର, ଭୁବନେଶ୍ୱର-୧
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୪୦୦/-




'ପ୍ରେମ ସୁଧାନିଧି' ହେଉଛି ସପ୍ତଦଶ ଶତାବ୍ଦୀର ମହୀରୁହପ୍ରତିମ ଓଡ଼ିଆ କବି ଉପେନ୍ଦ୍ର ଭଞ୍ଜଙ୍କର ଅନ୍ୟତମ ପ୍ରତିନିଧି ସ୍ଥାନୀୟ କାବ୍ୟ। କାବ୍ୟଟି ୧୬ ଛାନ୍ଦ ବିଶିଷ୍ଟ। ଏହାର ଅନ୍ୟ ସମ୍ପାଦନା ଉପଲବ୍ଧ ଥିଲେ ବି ଟୀକା ସନ୍ତୋଷଜନକ ମନେ ନ ହେବାରୁ ଡ. ଦାଶ ଏହାର ପୁନଃ ସମ୍ପାଦନା କରିଛନ୍ତି। ସମ୍ପାଦନା ସହିତ ଉପେନ୍ଦ୍ରଙ୍କ କାବ୍ୟ ସମୀକ୍ଷା ମଧ୍ୟ ଗ୍ରନ୍ଥରେ ସ୍ଥାନିତ ହୋଇଛି। ତେବେ ଟୀକା କରିବାବେଳେ କେତେକ ଶବ୍ଦର ଅର୍ଥ ପାଖରେ ସମ୍ପାଦକ ବନ୍ଧନୀଯୁକ୍ତ ପ୍ରଶ୍ନବାଚୀ ରଖିଥିବାରୁ ଏହା ପାଠକଙ୍କୁ ସଂଶୟରେ ପକାଇବାର ସମ୍ଭାବନା ରହିଛି। ଯଥା: ଷୋଡ଼ଶ ଛାନ୍ଦର ପ୍ରଥମ, ଦ୍ୱିତୀୟ ପଦର 'ପଦ୍ମକମଳ-ବିଜିତ ନେତ୍ରେ ଡାଳି ଚାହିଁ' ଓ 'ଗଜ-କୁଞ୍ଜରଗମନା ସ୍ନେହେ କଲା କୋଳ'ରେ ଥିବା 'କମଳ' ଶବ୍ଦର ଅର୍ଥ 'ମୃଗ' ଓ 'କୁଞ୍ଜର' ଶବ୍ଦର ଅର୍ଥ 'ଶ୍ରେଷ୍ଠ' ଲେଖି ବନ୍ଧନୀ ମଧ୍ୟରେ ପ୍ରଶ୍ନବାଚୀ ଦେବା ବୁଝାଏ ନାହିଁ କି ସମ୍ପାଦକ ଶବ୍ଦ ଦ୍ୱୟର ଅର୍ଥକୁ ନେଇ ଦ୍ୱନ୍ଦ୍ୱରେ ଅଛନ୍ତି। ପୁଣି ପାଠରେ 'ନେତ୍ରେ' ହେବ ନା 'ନେତ୍ର'? 'ପ୍ରେମ ସୁଧାନିଧି'ର ୧୪ଶ ଛାନ୍ଦ ଅନେକଙ୍କ ବିଚାରରେ ଗ୍ରନ୍ଥର ସବୁଠୁଁ ଶ୍ରେଷ୍ଠ ଛାନ୍ଦ, ଯେଉଁଠି ବିରହୀ ରାଜପୁତ୍ର ପ୍ରିୟା ଉଦ୍ଦେଶ୍ୟରେ ପତ୍ର ଲେଖୁଛି। ଏହାର ଭାଷା ଏତେ ସରଳ ଓ ଭାବୋଦ୍ଦୀପକ ଯେ ଟୀକାରେ କୌଣସି ସମସ୍ୟା ନାହିଁ। ଆଲୋଚ୍ୟ ଗ୍ରନ୍ଥଟିରେ କବି ଉପେନ୍ଦ୍ର ଭଞ୍ଜଙ୍କ ବହୁ ଶାସ୍ତ୍ରଦର୍ଶିତା, ଅଳଙ୍କାର ପ୍ରୟୋଗରେ ବିଚକ୍ଷଣତା ଓ ଗଭୀର ରସବୋଧ ସମ୍ପର୍କରେ ସମ୍ପାଦକ ତଥ୍ୟନିଷ୍ଠ ଚର୍ଚ୍ଚା କରିଛନ୍ତି। ଉପେନ୍ଦ୍ରଙ୍କ ପ୍ରଭାବରେ ଅଭିମନ୍ୟୁ ସାମନ୍ତସିଂହାରଙ୍କ ପରି କବି କିପରି ପ୍ରଭାବିତ ହୋଇଛନ୍ତି, ତା'ର ମଧ୍ୟ ବିଶଦ ଆଲୋଚନା ଗ୍ରନ୍ଥରେ ହୋଇଛି। ୩୭୨ ପୃଷ୍ଠା ବିଶିଷ୍ଟ ଏହି ସମ୍ପାଦନା ଗ୍ରନ୍ଥଟି ଛାତ୍ରୀଛାତ୍ର, ଗବେଷିକାଗବେଷକ ଓ କାବ୍ୟାମୋଦୀ ପାଠିକାପାଠକଙ୍କ ପାଇଁ ଯେ ଅତ୍ୟନ୍ତ ଉପଯୋଗୀ ସାବ୍ୟସ୍ତ ହେବ, ଏଥିରେ ସନ୍ଦେହ ନାହିଁ।

### ଏପରି ପୃଥିବୀଟିଏ ସ୍ୱପ୍ନ ମୋର


**କବି:** ବ୍ରଜକିଶୋର ଦାଶ
**ପ୍ରକାଶକ:** ସୌରଭ ପବ୍ଲିକେଶନ୍, ଡୋମ୍ବିଭିଲି, ମୁମ୍ବାଇ-୪
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୫୦୦/-




ଆଲୋଚ୍ୟ କବିତା ପୁସ୍ତକଟି କବିଙ୍କର ସପ୍ତମ କବିତା ସଂକଳନ। 'ଆତ୍ମନେପଦୀ'ରେ କବି ଲେଖିଛନ୍ତି: "ଏ କବିତା ସଂକଳନରେ ପ୍ରକାଶିତ ସମସ୍ତ କବିତାରେ ଏକ ଶ୍ରେୟ, ଧେୟ, ମହନୀୟ, ବିଶ୍ୱପ୍ରେମ, ବିଶ୍ୱଶାନ୍ତି, ବିଶ୍ୱସଂହତି, ଧର୍ମନିରପେକ୍ଷ, ବିଶ୍ୱ କଲ୍ୟାଣକର, ଶକ୍ତି, ଶିବ ସମନ୍ୱୟ ତପସ୍ୟାଧର୍ମୀ ଆଦର୍ଶରେ ପରିପୁଷ୍ଟ ବିଶ୍ୱ ନିର୍ମାଣର ଶୁଭଙ୍କରୀ ସ୍ୱପ୍ନ ଆତ୍ମପ୍ରକାଶ କରିଛି।" ସଂକଳନରେ ମୋଟ ୨୨୩ଟି କବିତା ସ୍ଥାନିତ, ତେଣୁ କଳେବର ଦୀର୍ଘ (୩୭୮ ପୃଷ୍ଠା ବିଶିଷ୍ଟ)। ଅଧିକାଂଶ କବିତାରେ ପ୍ରତିଭା ବନ୍ଦନା; ଯହିଁରେ ଐତିହାସିକ, ପୌରାଣିକ ଓ ସମସାମୟିକ ଚରିତ୍ରମାନେ ରହିଛନ୍ତି। ତା'ଛଡ଼ା ଦେବବନ୍ଦନାଧର୍ମୀ କେତେକ କବିତା ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ। କତିପୟ ଉଦାହରଣ ବହିଟିର କବିତା ସମ୍ପର୍କରେ ପାଠିକାପାଠକଙ୍କୁ ଅବହିତ କରିବ- ଏଇ ଆଶାରେ ଏଠାରେ ଉଦ୍ଧୃତ ହେଲା- ୧. "ଉତ୍କଳ ମାଟିରେ ସମ୍ଭୂତ,/ ଯୋଗଜନ୍ମା ବରପୁତ୍ର;/ ତପସ୍ୟାରେ ହୋଇଥିଲ ବିଶ୍ୱରେ ପ୍ରଖ୍ୟାତ;/ ମହାନୁଭବ ରାଜାଙ୍କ ଅମ୍ଳାନ ଦୃଷ୍ଟାନ୍ତ।" (ବିଶ୍ୱବନ୍ଦ୍ୟ ଶ୍ରୀରାମଚନ୍ଦ୍ର ଭଞ୍ଜଦେବ, ପୃ: ୫୫), ୨. "ଏପରି ମହାନ୍ ବିଶ୍ୱ, ମୋ' ଆତ୍ମାର ଅଭିଳାଷ,/ x x ଜନ୍ମୁଥିବେ ବାକ୍‌ଦେବୀଙ୍କ ବହୁ ବରପୁତ୍ର;/ ଧର୍ମାତ୍ମା, ମହାତ୍ମା ବହୁ ପୂଜ୍ୟ କୀର୍ତ୍ତିବନ୍ତ/ x x ଖଡ଼୍‌ଗଟିଏ ହେଉଥିବ ଲେଖନୀର ବିନମ୍ର ସ୍ତାବକ।" (ଏପରି ପୃଥିବୀଟିଏ ସ୍ୱପ୍ନ ମୋର, ପୃ: ୦୩)। କବି ଶ୍ରୀ ଦାଶ ଫକୀରମୋହନଙ୍କ 'ଉତ୍କଳ ଭ୍ରମଣଂ' କବିତାଗ୍ରନ୍ଥର ମାର୍ଗ ଆପଣାଇଛନ୍ତି ଆଲୋଚ୍ୟ କବିତାଗ୍ରନ୍ଥରେ। ତେବେ ଏହାର କାବ୍ୟମୂଲ୍ୟ ପାଠକେ ହିଁ ବିବେଚନା କରିବେ।

## କାଳକାଳକୁ

"ଯଦି ପ୍ରେମକୁ ହଟାଇ ଦିଆଯାଏ,
ପୃଥିବୀ ଏକ କବର ପାଲଟିଯିବ।"
– ରବର୍ଟ ବ୍ରାଉନିଙ୍ଗ୍



**ରବର୍ଟ ବ୍ରାଉନିଙ୍ଗ୍‌ଙ୍କ** ଜନ୍ମ ୭ ମେ ୧୮୧୨ରେ ଲଣ୍ଡନରେ ଓ ପରଲୋକ ୧୨ ଡିସେମ୍ବର ୧୮୮୯ରେ ଭେନିସ୍‌ରେ। ବହୁ ବିଦିତ ଏହି ଇଂଲିଶ୍ କବି ଓ ନାଟ୍ୟକାର ଥିଲେ ଭିକ୍ଟୋରିଆ ଯୁଗର ଅନ୍ୟତମ ମହିମ୍ନ ଲେଖକ। ତାଙ୍କ କବିତାରେ ଥାଏ ସଂଳାପଧର୍ମୀ ନାଟକୀୟତା, ଯାହା ପାଠକଙ୍କ ମନ ସହଜରେ କିଣିନିଏ। ଶ୍ଲେଷ, ଚରିତ୍ର ନିର୍ମାଣ ଓ ଆହ୍ୱାନଧର୍ମୀ ଶବ୍ଦାନୁସଂଗ ବିଧାନରେ ସେ ଥିଲେ ଅତ୍ୟନ୍ତ ଦକ୍ଷ। ତାଙ୍କର ଚର୍ଚ୍ଚିତ ଗ୍ରନ୍ଥ ମଧ୍ୟରୁ କେତୋଟି ହେଲା- 'ମେନ୍ ଆଣ୍ଡ୍ ୱିମେନ୍', 'ଦ ରିଙ୍ଗ୍ ଆଣ୍ଡ୍ ଦ ବୁକ୍' ଓ 'ଡ୍ରାମାଟିକ୍ ଲିରିକ୍ସ'। ଆଶ୍ଚର୍ଯ୍ୟର କଥା ଯେ, ଗୋଟିଏ ଯୋଡ଼ିଏ ବିଶ୍ୱବିଦ୍ୟାଳୟରୁ ସମ୍ମାନିତ ହେବା ଛଡ଼ା ସେ ତାଙ୍କ ଜୀବନକାଳରେ କୌଣସି ପୁରସ୍କାର ପାଇ ନ ଥିଲେ। ସେ କହନ୍ତି: "ପ୍ରେମ ହେଉଛି ଜୀବନର ଉର୍ଜା" ଓ କହନ୍ତି: "ମୋ ସୂର୍ଯ୍ୟ ଅସ୍ତ ଯାଏ ପୁଣି ଉଇଁବାକୁ।"

## କବିତା

### ପଦ୍ମ ଘୁଞ୍ଚିଘୁଞ୍ଚି ଯାଉଛି

**ନିରାକାର ଦାସ**

ଆଣ୍ଠିଏ ପାଣିରେ ହେଲିଣି ବାପା ହେ
ପଦ୍ମ ଘୁଞ୍ଚିଘୁଞ୍ଚି ଯାଉଛି,
ମୁଁ କିସ କରିବି ଝିଅଲୋ
ପ୍ରାଚୁର୍ଯ୍ୟ ପିଣ୍ଡାରେ ମା' ତୋର ବସି
ସମ୍ପଦିଆ ଶାଗ ଖାଇଛି।

ଅଣ୍ଟାଏ ପାଣିରେ ହେଲିଣି ବାପା ହେ
ପଦ୍ମ ଘୁଞ୍ଚିଘୁଞ୍ଚି ଯାଉଛି,
ମୁଁ କିସ କରିବି ଝିଅଲୋ
ସଚ୍ଚା ଦେଶପ୍ରେମୀ ତଡ଼ି ତୋର ମା'
ନକଲିଙ୍କୁ ଧରି ବୁଲିଛି।

ପେଟଯାଏ ପାଣି ହେଲାଣି ବାପା ହେ
ପଦ୍ମ ଘୁଞ୍ଚିଘୁଞ୍ଚି ଯାଉଛି,
ମୁଁ କିସ କରିବି ଝିଅଲୋ
ସ୍ୱାଧୀନ ସମରେ ବେପାରୀଙ୍କ ଘରେ
ମା' ଶେଯ ପାରି ଶୋଇଛି।

ତଣ୍ଟିଏ ପାଣିରେ ହେଲିଣି ବାପା ହେ
ପଦ୍ମ ଘୁଞ୍ଚିଘୁଞ୍ଚି ଯାଉଛି,
ମୁଁ କିସ କରିବି ଝିଅଲୋ
ସମ୍ପ୍ରଦାୟ ସାପ ଛୁଆ କୋଳେଧରି
ମା' ତୋର କ୍ଷୀର ପେଇଛି।

ପାଟିଏ ପାଣିରେ ହେଲିଣି ବାପା ହେ
ପଦ୍ମ ଘୁଞ୍ଚିଘୁଞ୍ଚି ଯାଉଛି,
ମୁଁ କିସ କରିବି ଝିଅଲୋ
ଧର୍ମନିରପେକ୍ଷ ବ୍ୟାଖ୍ୟା କରୁକରୁ
ମା' ତୋର ଶୋଇପଡ଼ିଛି।

ଆଖିଏ ପାଣିରେ ହେଲିଣି ବାପା ହେ
ପଦ୍ମ ଘୁଞ୍ଚିଘୁଞ୍ଚି ଯାଉଛି,
ମୁଁ କିସ କରିବି ଝିଅଲୋ
ପୁଞ୍ଜିର କୁମ୍ଭୀର ପାଟିରେ ଦେଶକୁ
ମା' ତୋର ବିକି ଦେଇଛି।

ଆସ ଆସ ବାପା ବୁଡ଼ିଗଲା ମଥା
ପଦ୍ମ ଆଉ ଦେଖାଯାଉନି,
ମୁଁ କିସ କରିବି ଝିଅଲୋ
ପଦ୍ମ ନୁହେଁ ସେତ ମାୟାର ସମ୍ପଦ
ମା' ତୋର ମିଛ କହିଛି।

ମୋ: ୯୪୩୭୦୧୩୧୩୯

### ମୃତ୍ୟୁ କ'ଣ ଏକମାତ୍ର ସତ?

**ପ୍ରଜ୍ଞା ପରମିତା ପାଣି**

ମୃତ୍ୟୁ, ସତ କିନ୍ତୁ ଏକମାତ୍ର ସତ?
ମୁଁ ଏମିତି ଭାବେନି।
ଜନ୍ମ ବି ସତ, ଜୀବନ ବି ସତ।
ତା'ହେଲେ କୋଉଟା ମିଛ?
ହସ, ଖୁସି, ରାଗ, ପ୍ରେମ,
ଖାଦ୍ୟ, ପାଣି, ଆବର୍ଜନା, ଗନ୍ଧ,
ଅଗ୍ନି, ଶାନ୍ତି ସବୁ ତ ସତ!
ଛୁଆବେଳର ଜିଦ୍, କିଶୋରାବସ୍ଥାର କ୍ରାନ୍ତି।
ସମାଜକୁ ବଦଳେଇ ପକେଇବାଠୁ ଆରମ୍ଭ କରି,
ସେଇ ସମାଜ ଭିତରୁ ଜଣେ ହେଇଯିବା ପର୍ଯ୍ୟନ୍ତ,
କୋଉଠି ଆଉ କ'ଣ ମିଛ ରହିଲା?
ହଁ, ମୃତ୍ୟୁ ସତ।
ବୋଧହୁଏ ଶେଷ ସତ,
କିମ୍ବା ଏହି ଲୋକରେ ଶେଷ ସତ।
ତେବେ, ମୁଁ କାହିଁକି କେବଳ
ଗୋଟେ ସତ ପାଇଁ ପ୍ରସ୍ତୁତ ହେବି?
କାହିଁକି କେବଳ ଶେଷ ସତ ପାଇଁ
ସଚେତନ, ସଜାଗ, ଜାଗ୍ରତ ରହିବି?
କାହିଁକି ବଞ୍ଚିବିନି ଜନ୍ମଠୁ ଆରମ୍ଭ କରି ସବୁ ସତକୁ,
ଯାହା ମୋ' ସହ ସାରାଜୀବନ ସତରେ ଘଟୁଛି?
ମୁଁ କାହିଁକି କେବଳ ମୃତ୍ୟୁକୁ ସତ ମାନି
ସାରାଜୀବନ ମରିମରି ବଞ୍ଚିବି?

ମୋ: ୮୦୯୩୪୯୨୮୨୪

**ଗୀତି-କବିତା**

### ପ୍ରିୟା ମୋ' ଲେଖିଛି ଚିଠି

**ସତ୍ୟବ୍ରତ ସାହୁ**

ପ୍ରିୟା ମୋ' ଲେଖିଛି ଚିଠି ଫଗୁଣ ହାତରେ
ଆସିବ ମୋ' ଅଗଣାକୁ ଆଜି ବା କାଲିରେ।
ଫୁଲେଇ ଏ ଫଗୁଣଟା ଛିଗୁଲାଏ ମୋତେ
ସତ ମିଛ ଯୋଡ଼ି କହେ ପ୍ରିୟା ନାମେ କେତେ
ସେ କାଳେ ଝୁରୁଛି ମୋତେ
ଦିନ, ରାତି, ପାହାନ୍ତା ଓ ସଞ୍ଜ ସକାଳରେ
ପ୍ରିୟା ମୋ' ଲେଖିଛି ଚିଠି...।
ଫୁଲର ସୁବାସ ମିଶି ମଳୟ ସହିତ
ଚାହିଁଛନ୍ତି ପ୍ରିୟାକୁ ମୋ' କରିବେ ସ୍ୱାଗତ
ଅଗଣା ମୋ' ସୁବାସିତ ଚୂତବନେ ଗାଏ ପିକ
ପ୍ରିୟା ମୁଖ ଦେଖିବା ଆଶାରେ
ପ୍ରିୟା ମୋ' ଲେଖିଛି ଚିଠି...।

ମୋ: ୮୯୧୭୨୭୩୫୪୫

## ଗଳ୍ପ

### ଲକ୍ଷ୍ୟ

**ରତ୍ନପ୍ରଭା ନାଥ**

ସହର ମଝାମଝି ତିନିଛକ ରାସ୍ତାକଡ଼ ପାନ ଦୋକାନ ପାଖରେ ପଡ଼ିଥିବା ବେଞ୍ଚରେ ସେମାନେ ବସନ୍ତି। ସନ୍ଧ୍ୟା ପାଞ୍ଚଟାରୁ ରାତି ଏଗାରଟା ପର୍ଯ୍ୟନ୍ତ ଗପସପ ଚାଲେ। ସମସ୍ତେ ଉଚ୍ଚ ଶିକ୍ଷିତ, ସମ୍ଭ୍ରାନ୍ତ ପରିବାରର ପିଲା। ଏବେ ପ୍ରାୟ ସମସ୍ତେ ବେକାର, ନିର୍ଦ୍ଦିଷ୍ଟ କର୍ମ ସଂସ୍ଥାନ ନାହିଁ। ସାମ୍ନାରେ ତାଙ୍କର ଲମ୍ବା ଲକ୍ଷ୍ୟହୀନ ଜୀବନ। ସେମାନେ ଡେରି ରାତିଯାଏ ଗପନ୍ତି, ହୋହଲ୍ଲା କରନ୍ତି। ସିଗାରେଟ୍ ଓ ମଦପିଆ ବି ଚାଲେ।

ସେଦିନ ସାରା ଓ ପିଣ୍ଟୁ କେତେବେଳୁ ଆସି ବସିଥାନ୍ତି। ଗୋଟିଏ ଗୋଟିଏ ସିଗାରେଟ୍ ପିଉଥାନ୍ତି। କ୍ରିସ୍, ପ୍ରତୀକ ଓ ଅଭି ଡେରିରେ ଆସି ପହଞ୍ଚିଲେ। ସାରା ପଚାରିଲା, "ତୁମେ ତିନିଜଣ ଏତେବେଳଯାଏ କୁଆଡ଼େ ଥିଲ? ଆମେ କେତେବେଳୁ ଆସି ଅପେକ୍ଷା କରିଛୁ।" ଅଭି କହିଲା, "ଆମେ ହୋଟେଲରେ ଟେବୁଲ ବୁକ୍ କରି ଆସିଛୁ। କେକ୍ ମଧ୍ୟ ଅର୍ଡର ଦିଆହୋଇଛି। ଆଜି କ୍ରିସ୍‌ର ବାର୍ଥ ଡେ। ଚାଲ, ଏବେ ତ ଆଠଟା ମାତ୍ର ବାଜିଛି। ଏଠାରେ ଆମେ ଆଉ ଘଣ୍ଟାଏ ଗପସପ କରି ନଅଟା ପାଖାପାଖି ହୋଟେଲ ଯିବା।" ସମସ୍ତେ ସମ୍ମତି ପ୍ରକାଶ କଲେ ଓ କ୍ରିସ୍ ଦୋକାନୀକୁ ପାଞ୍ଚ କପ୍ ଚା ଅର୍ଡର ଦେଲା।

ସାରା କିଛିଦିନ ବାଙ୍ଗାଲୋରରେ ସଫ୍ଟୱେର୍‌ରେ ଥିଲା, ୱାର୍କ କଲ୍ଚର ଭଲ ଲାଗିଲାନି। ତେଣୁ ଚାକିରି ଛାଡ଼ି ଚାଲିଆସିଛି। ପିଣ୍ଟୁର ମମି ତାକୁ ତାଙ୍କ କଲେଜରେ ଜଏନ୍ କରିବାକୁ କହୁଥିଲେ। ତାକୁ ଟିଚିଂ ଜବ୍ ବୋରିଂ ଲାଗେ, ତେଣୁ ସେ ଟିଚିଂରେ ଜଏନ୍ କରିବାକୁ ଅନିଚ୍ଛୁକ। ପ୍ରତୀକ ଓ କ୍ରିସ୍‌ର ଡାଡିମାନଙ୍କର ବଡ଼ ବିଜ୍‌ନେସ୍ ଏମ୍ପାୟାର। ଡାଡିମାନେ ସେମାନଙ୍କୁ ବିଜ୍‌ନେସ୍ ସମ୍ଭାଳିବାକୁ କହୁଥିଲେ। ମାତ୍ର ଡାଡିମାନଙ୍କ ଜୀବନଶୈଳୀ ସେମାନଙ୍କର ପସନ୍ଦ ନୁହେଁ। ଅଭିର ବାପା ତା' ପାଇଁ ଫରେନ୍‌ରେ ମାଷ୍ଟର୍ସ କରିବାକୁ ଭିସା ଓ ପାସ୍‌ପୋର୍ଟ ରେଡି କରି ରଖିଛନ୍ତି। ତା'ର କିନ୍ତୁ ହାୟର୍ ଷ୍ଟଡିରେ ଇଚ୍ଛା ନାହିଁ। ସେମାନେ ସମସ୍ତେ ନୈରାଶ୍ୟ ଓ ଅସନ୍ତୋଷ ମଧ୍ୟରେ ବଞ୍ଚିଚାଲିଛନ୍ତି। ନା ଅଛି ସ୍ୱପ୍ନ ନା ଅଛି ଆନନ୍ଦ। ଚପଲ ରାସ୍ତାରେ ଘୋରି ହେବା ପରି ସେମାନଙ୍କ ଜୀବନ ପ୍ରତିଦିନ ଘୋରି ହୋଇଚାଲିଛି। ଦୋକାନ ବଏ ଆଣି ଚା ଦେଲା। ସମସ୍ତେ ଚା ପିଇ ଖଟି କରୁଥାନ୍ତି।

ହଠାତ୍ ଗୋଟିଏ ଶବ୍ଦରେ ସମସ୍ତେ ଚମକି ପଡ଼ିଲେ। ସମସ୍ତେ ମୁହଁ ଫେରାଇ ରାସ୍ତାକୁ ଚାହିଁ ଦେଖିଲେ ଗୋଟିଏ କାର୍ ଅଟୋକୁ ଜୋର୍‌ରେ ବାଡ଼େଇ ଦେଇଛି। ଅଟୋରୁ କାନ୍ଦବୋବାଳି ଓ ଚିତ୍କାର ଶୁଭୁଛି। ସେମାନେ କିଛି ନ ବୁଝି ରାସ୍ତା ଉପରକୁ ଧାଇଁଲେ। ଓଃ! ଅଟୋରେ କୁନି କୁନି ପିଲାମାନେ ଖଣ୍ଡିଆଖାବରା ହୋଇଯାଇଛନ୍ତି। ସେମାନେ ପାଞ୍ଚଜଣ ମିଶି କିଏ କେଉଁ ପିଲାକୁ ଉଠାଇଲାଣି, କିଏ ଟି-ଶାର୍ଟରେ କାହାର ମୁଣ୍ଡ ବାନ୍ଧିଲାଣି। ସବୁ ପିଲାଙ୍କୁ ନେଇ ସେମାନେ ହସ୍ପିଟାଲରେ ପହଞ୍ଚିଲେ। ଡାକ୍ତରଙ୍କୁ ଡାକିବା, ପିଲାଙ୍କ ବାପା ମା'ଙ୍କୁ ଖବର ଦେବା, କାହାର ରକ୍ତ ଦରକାର ତ ଯୋଗାଡ଼ କରିବା, ମେଡିସିନ୍ ଆଣିବା, ନିଜେ ରକ୍ତ ଦେବା ଆଦି କାର୍ଯ୍ୟରେ ସେମାନେ ଲାଗିଗଲେ। ସାତ ଆଠଦିନ ଧରି ହସ୍ପିଟାଲ ଯିବାଆସିବା କରି କୁନି ପିଲାଙ୍କ ସହିତ ଅନ୍ୟ ରୋଗୀମାନଙ୍କ ସମସ୍ୟା ମଧ୍ୟ ବୁଝିବାକୁ ଲାଗିଲେ।

ସୁସ୍ଥ ହୋଇ ଘରକୁ ଫେରିବା ଦିନ କୁନି ପିଲାମାନେ ଏହି ବେକାର ପିଲାମାନଙ୍କୁ କୁଣ୍ଢାଇ କାନ୍ଦୁଥିଲେ। ସେମାନେ ପିଲାମାନଙ୍କୁ ହାତ ହଲାଇ ବିଦାୟ ଦେବା ବେଳକୁ କିଏ ଜଣେ ପଛରୁ କହୁଥାଏ, 'ଆଜ୍ଞା ମୋର ଓ ପଜିଟିଭ୍ ଗ୍ରୁପ୍ ବ୍ଲଡ୍ ମିଳୁନାହିଁ, ଟିକିଏ ଯୋଗାଡ଼ କରିଦେବେ।' କିଏ ଜଣେ ଖବର ଦେଲା ଉତ୍ତରା ଛକରେ ବସ୍ ଆକ୍ସିଡେଣ୍ଟ ହୋଇଛି। ସାରାକୁ ବ୍ଲଡ୍ ଯୋଗାଡ଼ କରିବା ଦାୟିତ୍ୱ ଦେଇ ବାକି ଚାରିଜଣ ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ଉଦ୍ଧାର କରିବା ପାଇଁ ଉତ୍ତରା ଛକ ଅଭିମୁଖେ ବାହାରିଗଲେ।

ସେହି ପାଞ୍ଚଜଣ ବେକାର ପିଲାଙ୍କୁ ସେମାନଙ୍କ ଜୀବନର ଲକ୍ଷ୍ୟ ପ୍ରାୟ ମିଳି ସାରିଥିଲା। ପରବର୍ତ୍ତୀ ସମୟରେ ସେବା ନାମକ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗଢ଼ି ସେମାନେ ରୋଗୀ ସେବାରେ ମନୋନିବେଶ କଲେ ଓ ସମାଜରେ ପରିଚିତ ହୋଇଥିଲେ।

ମୋ: ୮୨୪୯୯୨୯୭୬୨



ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ମେ ୧୦/୨୦୨୫ Bhubaneswar, Saturday, May 10/ 2025

# ସପ୍ତାହ ପରେ, ନ ହେଲେ ସେପ୍ଟେମ୍ବରରେ

## ଆଇପିଏଲ୍ ସ୍ଥଗିତ

**ନୂଆଦିଲ୍ଲୀ,୯।୫(ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ୧୬ ମ୍ୟାଚ୍ ବଳକା ଥିବା ବେଳେ ଚଳିତ ସଂସ୍କରଣକୁ ଏକ ସପ୍ତାହ ଲାଗି ସ୍ଥଗିତ ରଖାଯାଇଛି। ଏହି ସମସ୍ତ ମ୍ୟାଚ୍ ଆୟୋଜନ କରିବା ଲାଗି ବିସିସିଆଇକୁ ୧୦ରୁ ୧୨ ଦିନିଆ ୱିଣ୍ଡୋ ଦରକାର। ଭାରତ ଓ ପାକିସ୍ତାନ ମଧ୍ୟରେ ଚାଲିଥିବା ସଶସ୍ତ୍ର ମୁକାବିଲା ଘନତ୍ୱ ବୃଦ୍ଧି ପାଉଥିବାରୁ ଆସନ୍ତା ସେପ୍ଟେମ୍ବରରେ ହେବାକୁ ଥିବା ଏସିଆ କପ୍ ଉପରେ ଅନିଶ୍ଚୟତାର କଳା ବାଦଲ ଦେଖାଦେଇଛି। କାରଣ ଚଳିତବର୍ଷ ଏସିଆ କପ୍ ଭାରତ ଦ୍ୱାରା ଏକ ନ୍ୟୁଟ୍ରାଲ ଭେନ୍ୟୁରେ ହେବାର ଅଛି। କିନ୍ତୁ ବର୍ତ୍ତମାନ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏସିଆନ କପ୍ ଆୟୋଜନ ହେବାର ବିଶେଷ ସମ୍ଭାବନା ନାହିଁ। ଏହି ଟୁର୍ଣ୍ଣାମେଣ୍ଟ ଲାଗି ସେପ୍ଟେମ୍ବରରେ ୧୯ ଦିନିଆ ୱିଣ୍ଡୋ ଦିଆଯାଇଛି। ଏଣୁ ଆଇପିଏଲ୍‌ର ବଳକା ମ୍ୟାଚ୍ ଆୟୋଜନ କରିବା ଲାଗି ବିସିସିଆଇକୁ ସେପ୍ଟେମ୍ବରରେ ଉପଯୁକ୍ତ ସମୟ ମିଳିପାରେ।

ପାକିସ୍ତାନ ସହ ଯୁଦ୍ଧ ସମ୍ଭାବନା ଥିବା ବେଳେ କ୍ରିକେଟ ଜାରି ରଖିବା, ଖୁବ୍ ଖରାପ ବିକଳ୍ପ। ସବୁକିଛି ସାଧାରଣ ଥିଲେ ହିଁ ସ୍ପୋର୍ଟ୍ସ ହୋଇପାରିବ। ଏଥିସହିତ ବିଦେଶୀ ଖେଳାଳି ଓ କୋଚ୍‌ମାନେ ଚିନ୍ତିତ ହେବା ଏବଂ ସ୍ୱଦେଶ ଫେରିବା ଲାଗି ଚାହିଁବା, ଏକ ସାଧାରଣ କଥା ବୋଲି ବିସିସିଆଇର ଜଣେ ବରିଷ୍ଠ ଅଧିକାରୀ ନା ନ କହିବା ସର୍ତ୍ତରେ କହିଛନ୍ତି।

### ପ୍ରଥମ ଘଟଣା ନୁହେଁ

ଆଇପିଏଲ୍‌କୁ ସ୍ଥଗିତ ରଖାଯିବାର ଏହା ପ୍ରଥମ ଘଟଣା ନୁହେଁ। ଅତୀତରେ ଭିନ୍ନ ଭିନ୍ନ କାରଣରୁ ୩ ଥର ଦେଶ ବାହାରେ ଆଇପିଏଲ୍ ଆୟୋଜନ କରାଯାଇଛି। ୨୦୦୯ରେ ନିର୍ବାଚନଜନିତ କାରଣରୁ ସମ୍ପୂର୍ଣ୍ଣ ଲିଗ୍ ଦକ୍ଷିଣ ଆଫ୍ରିକାରେ ହୋଇଥିଲା। ୨୦୨୦ରେ କୋଭିଡ୍ କାରଣରୁ ଆଇପିଏଲ୍‌କୁ ଏପ୍ରିଲ-ମେ ବଦଳରେ ସେପ୍ଟେମ୍ବରରେ ୟୁଏଇରେ କରାଯାଇଥିଲା। ପରବର୍ଷ ଆଇପିଏଲ ବାୟୋ-ବବଲ ମଧ୍ୟରେ ଭାରତରେ କରାଯାଇଥିଲା। କିନ୍ତୁ ଅନେକ ଖେଳାଳି ସଂକ୍ରମିତ ହେବାରୁ ଲିଗ୍‌କୁ ସ୍ଥଗିତ ରଖାଯାଇଥିଲା। ସେପ୍ଟେମ୍ବରରେ ୟୁଏଇରେ ଲିଗ୍ ଶେଷ ହୋଇଥିଲା।



### ବିସିସିଆଇ ପାଖରେ କ'ଣ ବିକଳ୍ପ ଅଛି

ଆଇପିଏଲ୍ ଲାଗି ପ୍ରତ୍ୟେକ ବର୍ଷ ମାର୍ଚ୍ଚ ଶେଷରୁ ମେ' ଶେଷ ପର୍ଯ୍ୟନ୍ତ ଏକ ୱିଣ୍ଡୋ ପ୍ରଦାନ କରାଯାଏ। ଏହି ସମୟ ମଧ୍ୟରେ ପ୍ରାୟତଃ କୌଣସି ଅନ୍ତର୍ଜାତୀୟ କ୍ରିକେଟ ରଖାଯାଏ ନାହିଁ। ବର୍ତ୍ତମାନ କାର୍ଯ୍ୟସୂଚୀ ବାଧାପ୍ରାପ୍ତ ହୋଇଥିବାରୁ ବିସିସିଆଇକୁ ଉପଲବ୍ଧ ଥିବା ସମସ୍ତ ବିକଳ୍ପକୁ ଦେଖିବାକୁ ପଡ଼ିବ।

ଭାରତୀୟ ଦଳ ଆସନ୍ତା ଜୁନ ପ୍ରଥମ ସପ୍ତାହରୁ ଅଗଷ୍ଟର ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଇଂଲଣ୍ଡ ଟୁର କରିବ ଏବଂ ଏହି କାର୍ଯ୍ୟସୂଚୀରେ କୌଣସି ପରିବର୍ତ୍ତନ ହୋଇପାରିବ ନାହିଁ। ଏବେ କେବଳ ସେପ୍ଟେମ୍ବରର ଦ୍ୱିତୀୟରୁ ଚତୁର୍ଥ ସପ୍ତାହ ପର୍ଯ୍ୟନ୍ତ ଥିବା ୱିଣ୍ଡୋ ଶ୍ରେଷ୍ଠ ବିକଳ୍ପ ମନେ ହେଉଛି। ଏଥିଲାଗି ବିସିସିଆଇକୁ ବିଭିନ୍ନ କ୍ରିକେଟ ବୋର୍ଡ ସହ ଖେଳାଳିଙ୍କୁ ଅନୁମତି ଦେବା ଲାଗି ବୁଝାମଣା କରିବାକୁ ପଡ଼ିବ।

# ଓଡ଼ିଶା ବାଳିକା ଚାମ୍ପିୟନ, ବାଳକ ରନରଅପ



ଚାମ୍ପିୟନ ଓଡ଼ିଶା ବାଳିକା ଖୋ ଖୋ ଦଳ।

### ଖେଲୋ ଇଣ୍ଡିଆ ୟୁଥ ଗେମ୍ସ ଖୋ ଖୋ

**ଭୁବନେଶ୍ୱର,୯।୫(ଅନାଦି କର)**

ଓଡ଼ିଶା ବାଳିକା ଖୋ ଖୋ ଦଳ ବିହାରର ଗୟାଠାରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ ଗେମ୍ସରେ ଚାମ୍ପିୟନ ହୋଇଥିବାବେଳେ ବାଳକ ଦଳ ରନରଅପରେ ସନ୍ତୁଷ୍ଟ ରହିଛି।

ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ଓଡ଼ିଶା ବାଳିକା ଦଳ ଚମତ୍କାର ପ୍ରଦର୍ଶନ ବଳରେ ଡିଫେଣ୍ଡିଂ ଚାମ୍ପିୟନ ମହାରାଷ୍ଟ୍ରକୁ ୩୪-୩୧ ବ୍ୟବଧାନରେ ହରାଇଥିଲା। ତୀବ୍ର ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଫାଇନାଲରେ ଓଡ଼ିଶା ପାଇଁ ସ୍ମରଣୀକା ସାହୁ ସର୍ବାଧିକ ୧୨ ପଏଣ୍ଟ ହାସଲ କରିଥିଲେ। ଗତ ସଂସ୍କରଣରେ ଓଡ଼ିଶା ମହିଳା ଦଳ ମହାରାଷ୍ଟ୍ରଠାରୁ ପରାଜିତ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଥିଲା। ବାଳକ ବିଭାଗର ଫାଇନାଲରେ ଓଡ଼ିଶା ୨୫-୩୪ ବ୍ୟବଧାନରେ ମହାରାଷ୍ଟ୍ରଠାରୁ ପରାଜିତ ହୋଇ ରୌପ୍ୟ ପଦକ ହାସଲ କରିଛି। ବାଳିକା ବିଭାଗରେ ପଞ୍ଜାବ ଓ ଦିଲ୍ଲୀ ଏବଂ ବାଳକ ବିଭାଗରେ କର୍ଣ୍ଣାଟକ ଓ ପଞ୍ଜାବ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। 'ଆମେ ଦୁଇଟି ସ୍ୱର୍ଣ୍ଣ ପଦକ ଲକ୍ଷ୍ୟ ରଖିଥିଲୁ। କିନ୍ତୁ ମୁଁ ଖୁସି ଯେ, ବାଳକ ଦଳ ତା'ର ଶ୍ରେଷ୍ଠ ପ୍ରଦର୍ଶନ କରି ରୌପ୍ୟ ପଦକ ଜିତିଛି। ଏହା ଏକ ବଡ଼ ଉପଲବ୍ଧି। ମହାରାଷ୍ଟ୍ର ଏକ ଖୁବ ଶକ୍ତିଶାଳୀ ଦଳ। କିନ୍ତୁ ଆମ ଖେଳାଳିଙ୍କ କଠିନ ପରିଶ୍ରମ ଓ ସରକାରଙ୍କ ଉଦ୍ୟମ ଯୋଗୁ ଖୋ-ଖୋରେ ଓଡ଼ିଶାର ନିରନ୍ତର ବିକାଶ ହେଉଛି' ବୋଲି କୋଚ୍ ଚୌଧାରୀ ପାର୍ଥସାରଥି ମହାପାତ୍ର କହିଛନ୍ତି।

# ଜିଏଚ୍‌ପିସିକୁ ୨ ସ୍ୱର୍ଣ୍ଣ ସହ ୯ ପଦକ



ପଦକ ବିଜୟୀ ଜିମ୍ନାଷ୍ଟିକ ହାଇ ପରଫର୍ମାନ୍ସ ସେଣ୍ଟରର ଆଥ୍‌ଲେଟ୍‌ମାନେ।

**ଭୁବନେଶ୍ୱର ୯।୫ (ବିଜୟ ରଣା)**

ମହାରାଷ୍ଟ୍ରର ପୁଣେଠାରେ ଏପ୍ରିଲ ୨୫ରୁ ମେ ୩, ୨୦୨୫ ମଧ୍ୟରେ ଅନୁଷ୍ଠିତ ଜୁନିୟର ଓ ସିନିୟର ଆର୍ଟିଷ୍ଟିକ ଜିମ୍ନାଷ୍ଟିକ୍ସ ଜାତୀୟ ଚାମ୍ପିୟନଶିପ୍ ୨୦୨୫-୨୦୨୬ରେ ଓଡ଼ିଶା ଏଏମ୍/ଏନ୍‌ଏସ ଇଣ୍ଡିଆ ଜିମ୍ନାଷ୍ଟିକ ହାଇ ପରଫର୍ମାନ୍ସ ସେଣ୍ଟର (ଜିଏଚ୍‌ପିସି)ର ଆଥଲେଟମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ସେମାନେ ଉଭୟ ପୁରୁଷ ଆର୍ଟିଷ୍ଟିକ ଜିମ୍ନାଷ୍ଟିକ୍ସ (ଏମଏଜି) ଏବଂ ମହିଳା ଆର୍ଟିଷ୍ଟିକ ଜିମ୍ନାଷ୍ଟିକ୍ସ (ଡବ୍ଲ୍ୟୁଏଜି)ରେ ପ୍ରାଧାନ୍ୟ ବିସ୍ତାର କରିବା ସହିତ ଏକାଧିକ ପଦକ ହାସଲ କରିଛନ୍ତି। ବିଭିନ୍ନ ବର୍ଗରେ ଅଂଶଗ୍ରହଣ କରିଥିବା ୨୪ ଜଣ ଜିମ୍ନାଷ୍ଟଙ୍କ ମଧ୍ୟରୁ ୬ ଜଣ ନିଜ ନିଜ ଦଳର ପ୍ରତିନିଧିତ୍ୱ କରି ବିଭିନ୍ନ ଇଭେଣ୍ଟରେ ୯ଟି ପଦକ ଜିତିଛନ୍ତି। ଜୁନିୟର ଏମ୍‌ଏଜି ବର୍ଗରେ ଓଡ଼ିଶାର ପ୍ରତିନିଧିତ୍ୱ କରି ଆଜାଦ ଲସ୍କର ହାଇବାରରେ ୧୦.୭୩୩ ଓ ଷ୍ଟିଲ ରିଂସରେ ୧୦.୫୬୭ ସ୍କୋର କରି ୨ ବ୍ରୋଞ୍ଜ ପାଇଥିଲେ। ସେହି ବର୍ଗରେ ବିରୁ ଚନ୍ଦ୍ର ରାଓ ଭଲ୍ଟରେ ୧୨.୬୦୦ ସ୍କୋର କରି ବ୍ରୋଞ୍ଜ ଜିତିଥିଲେ। ଜୁନିୟର ଡବ୍ଲ୍ୟୁଏଜି ବର୍ଗରେ ଓଡ଼ିଶାର ପ୍ରତିନିଧିତ୍ୱ କରି ପ୍ରୀତି ଝଙ୍କର ୧୦.୫୦୦ ସ୍କୋର ସହ ବାଲାନ୍ସ ବିମ୍‌ରେ ଓଡ଼ିଶା ପାଇଁ ରୌପ୍ୟ ହାସଲ କରିଥିଲେ। ସେ ଅଲ ଆରାଉଣ୍ଡରେ ଚତୁର୍ଥ ହୋଇଥିଲେ। ଜିଏଚ୍‌ପିସିର ୪ ଜଣ ଜିମ୍ନାଷ୍ଟ ରଶ୍ମିତା ବେହେରା, ଅଦିତି ତୋଡି, ତନୁ ଓ ପ୍ରିୟାଂଶୀ ବଂଶଲ ସାମିଲ ଥିବା ଓଡ଼ିଶା ସିନିୟର ଡବ୍ଲ୍ୟୁଏଜି ଦଳ ଦୃଢ଼ ପ୍ରଦର୍ଶନ କରି ୧୧୪ ସ୍କୋର ସହ ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ଓଡ଼ିଶାର ପ୍ରତିନିଧିତ୍ୱ କରି ଜିଏଚ୍‌ପିସିର ଆଥଲେଟ୍‌ମାନେ ମୋଟ ୪ଟି ପଦକ ଜିତି ଏହି ଜାତୀୟ ପ୍ରତିଯୋଗିତାରେ ରାଜ୍ୟକୁ ଗର୍ବିତ କରିଛନ୍ତି। କ୍ରୀଡ଼ା ସେବା ନିୟନ୍ତ୍ରଣ ବୋର୍ଡପକ୍ଷରୁ ବରିଷ୍ଠଏମଏଜି ବର୍ଗରେ ଜିଏଚପିସିର ତପନ ମହାନ୍ତି ୧୨.୫୬୭ ସ୍କୋର ସହ ଫ୍ଲୋର୍ ବ୍ୟାୟାମରେ ସ୍ୱର୍ଣ୍ଣ ପଦକ ଓ ଷ୍ଟିଲ ରିଙ୍ଗ୍‌ରେ ୧୨.୧୩୩ ସ୍କୋର ସହ ରୌପ୍ୟ ପଦକ ହାସଲ କରିଥିଲେ। ସେ ଟିମ ଚାମ୍ପିୟନଶିପ୍ ଦଳର ରୌପ୍ୟ ପଦକହାସଲରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ରେଲୱେ ଦଳର ପ୍ରତିନିଧିତ୍ୱ କରି ବରିଷ୍ଠ ମହିଳା ବର୍ଗରେ କରିସ୍ମା ୧୦.୯୬୭ ସ୍କୋର ସହ ଅନ୍‌ଇଭେନ୍ ବାର୍ସରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ସିନିୟର ରେଲୱେ ଡବ୍ଲ୍ୟୁଏଜି ଟିମରେ ସାମିଲ ଜିଏଚ୍‌ପିସିର କରିସ୍ମା ଓ ପ୍ରଣତି ନାୟକ ୧୨୭ ସ୍କୋର ସହ ଦଳଗତ ଚାମ୍ପିୟନଶିପରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତ।

# କଟକ ଚାମ୍ପିୟନ, ବଲାଙ୍ଗୀର ରନରଅପ୍




ଓସିଏ କର୍ମକର୍ତ୍ତାଙ୍କ ସହ ଚାମ୍ପିୟନ କଟକ ଦଳ।

### ଓସିଏ ଆନ୍ତଃ ଜିଲା ମହିଳା କ୍ରିକେଟ

**ଭୁବନେଶ୍ୱର, ୯।୫ (ବିଜୟ ରଣା)**

କଟକସ୍ଥିତ ବାରବାଟୀ ଷ୍ଟାଡିୟମରେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ଆନ୍ତଃଜିଲା ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ କଟକ ଚାମ୍ପିୟନ ଓ ବଲାଙ୍ଗୀର ରନର ଅପ୍ ହୋଇ ଯଥାକ୍ରମେ ୨,୦୦,୦୦୦ ଟଙ୍କା ଏବଂ ୧,୦୦,୦୦୦ ଟଙ୍କା ପୁରସ୍କାର ହାସଲ କରିଛନ୍ତି। କଟକର ମୋନାଲିସା ରାଉତ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଟି୨୦ ଫର୍ମାଟରେ ଖେଳାଯାଇଥିବା ଏହି ମର୍ଯ୍ୟାଦାପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟ ଏପ୍ରିଲ ୧୬ରୁ ଆରମ୍ଭ ହୋଇଥିଲା। ଏଥିରେ ହ୍ୱାଇଟ୍ ବଲ୍ ବ୍ୟବହାର କରାଯାଇଥିଲା। ଟୁର୍ଣ୍ଣାମେଣ୍ଟର ପ୍ରିଲିମିନାରୀ ଲିଗ୍‌ରେ ଓଡ଼ିଶାର ୩୧ଟି ଦଳ ଭାଗ ନେଇଥିଲେ। ସେମାନଙ୍କୁ ୫ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟରେ ମୋଟ ୧୦୨ ମ୍ୟାଚ ଖେଳାଯାଇଥିଲା। ପ୍ରତ୍ୟେକ ଗ୍ରୁପ୍‌ର ଶ୍ରେଷ୍ଠ ଦୁଇ ଦଳ ସୁପର ଲିଗ୍‌କୁ ଉନ୍ନୀତ ହୋଇଥିଲେ। ଏଥିରେ ଭାଗ ନେଇଥିବା ୧୦ଟି ଦଳକୁ ପୁଣି ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଥିଲା। ପ୍ରତ୍ୟେକ ଗ୍ରୁପ୍‌ରେ ୫ଟି ଲେଖାଏ ଦଳ ସ୍ଥାନ ପାଇଥିଲେ। ସୁପର ଲିଗ୍ ପର୍ଯ୍ୟାୟ ଶେଷ ପରେ ଗ୍ରୁପ୍-୧ରୁ ବଲାଙ୍ଗୀର ଏବଂ ଗ୍ରୁପ୍-୨ରୁ କଟକ ଫାଇନାଲକୁ ଉନ୍ନୀତ ହୋଇଥିଲେ। ଏଥିରେ କଟକ ବିଜୟ ଲାଭ କରି ଚାମ୍ପିୟନଶିପ୍ ଟାଇଟଲ ହାସଲ କରିଥିଲା। ଶୁକ୍ରବାର ସନ୍ଧ୍ୟାରେ ବାରବାଟୀ ଷ୍ଟାଡିୟମରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଓସିଏ ସଭାପତି ପଙ୍କଜଲୋଚନ ମହାନ୍ତି ଓ କୋଷାଧ୍ୟକ୍ଷ ବିକାଶ ପ୍ରଧାନଙ୍କ ସମେତ ଓସିଏର ଅନ୍ୟ କର୍ମକର୍ତ୍ତାଗଣ ଉପସ୍ଥିତ ଥିଲେ।

# ଜାତୀୟ ହିତକୁ ପ୍ରାଥମିକତା: ଜିଓଷ୍ଟାର

**ନୂଆଦିଲ୍ଲୀ,୯।୫(ପି.ଟି.):** ଆଇପିଏଲ୍‌କୁ ଏକ ସପ୍ତାହ ଲାଗି ସ୍ଥଗିତ ରଖାଯାଇଥିବା ବେଳେ ବ୍ରଡକାଷ୍ଟ ଓ ଷ୍ଟ୍ରିମିଂ ଅଧିକାର ହାସଲ କରିଥିବା ସଂସ୍ଥା ଜିଓଷ୍ଟାର ଶୁକ୍ରବାର ଭାରତ ସରକାର ଓ ସଶକ୍ତ ବଳ ପ୍ରତି ସମର୍ଥନ ବ୍ୟକ୍ତ କରିବା ସହ କମ୍ପାନୀ ଜାତୀୟ ହିତକୁ ପ୍ରାଥମିକତା ଦେବା ଲାଗି ପ୍ରତିବଦ୍ଧ ବୋଲି କହିଛି।

"ଆଇପିଏଲ୍‌କୁ ଏକ ସପ୍ତାହ ଲାଗି ସ୍ଥଗିତ କରିବାର ବିସିସିଆଇର ନିଷ୍ପତ୍ତିକୁ ଆମେ ହୃଦୟରୁ ସମର୍ଥନ କରୁଛୁ। ଜାତୀୟ ହିତକୁ ପ୍ରାଥମିକତା ଦେବା ଲାଗି ଆମେ ପ୍ରତିବଦ୍ଧ। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଆମକୁ ଦେଶ, ସରକାର ଓ ଆମ ସଶକ୍ତ ବଳ ସହିତ ଏକାଠି ଛିଡ଼ା ହେବା ଦରକାର" ବୋଲି କମ୍ପାନୀ ପକ୍ଷରୁ ଜାରି କରାଯାଇଥିବା ବିବୃତିରେ ଉଲ୍ଲେଖ କରାଯାଇଛି। ଏତଦ୍‌ବ୍ୟତୀତ ଏଥିରେ ପ୍ରକାଶ କରାଯାଇଛି ଯେ, ଆମେ ଉଚିତ ସମୟରେ ଟୁର୍ଣ୍ଣାମେଣ୍ଟକୁ ଫେରାଇ ଆଣିବା ଲାଗି ବିସିସିଆଇ ସହିତ କାର୍ଯ୍ୟ କରିବୁ।

# ହାଇପରଫର୍ମାନ୍ସ କ୍ୟାମ୍ପ ପାଇଁ ଦିବ୍ୟଦର୍ଶନୀ ମନୋନୀତ

**ଭୁବନେଶ୍ୱର, ୯।୫ (ବିଜୟ ରଣା):** ଓଡ଼ିଶାର ସିନିୟର ମହିଳା କ୍ରିକେଟର ସୁଶ୍ରୀ ଦିବ୍ୟଦର୍ଶନୀ ସମ୍ମାନଜନକ ଏନ୍‌ସିଏ ହାଇ ପରଫର୍ମାନ୍ସ କ୍ୟାମ୍ପ ୨୦୨୫ ପାଇଁ ମନୋନୀତ ହୋଇଛନ୍ତି। ବିସିସିଆଇ ଘରୋଇ ସିଜନ ୨୦୨୪-୨୫ ସିଜନରେ ଉଲ୍ଲେଖନୀୟ ପ୍ରଦର୍ଶନ ଭିତ୍ତିରେ ତାଙ୍କୁ ଏହି ସୁଯୋଗ ମିଳିଛି। ଏହି କ୍ୟାମ୍ପ ବେଙ୍ଗାଲୁରୁସ୍ଥିତ ବିସିସିଆଇ ସେଣ୍ଟର ଅଫ୍ ଏକ୍ସଲେନ୍ସଠାରେ ମେ ୧୯ରୁ ଆରମ୍ଭ ହେବ।



କ୍ୟାମ୍ପରେ ଅଂଶଗ୍ରହଣ ପାଇଁ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସମ୍ପାଦକ ସଞ୍ଜୟ ବେହେରାଙ୍କ ସମେତ ଅନ୍ୟ କର୍ମକର୍ତ୍ତାଗଣ ଦିବ୍ୟଦର୍ଶନୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଅରୁଣ ଜେଟ୍‌ଲୀ ଷ୍ଟାଡିୟମରେ ବୋମା ଗୁଜବ

**ନୂଆଦିଲ୍ଲୀ, ୯।୫ (ପି.ଟି.):** ଦିଲ୍ଲୀ ଡିଷ୍ଟ୍ରିକ୍ଟ କ୍ରିକେଟ ଆସୋସିଏଶନ (ଡିଡିସିଏ)କୁ ଇ-ମେଲ ଜରିଆରେ ଆସିଥିବା ବୋମା ଧମକ ମିଥ୍ୟା ବୋଲି ପରେ ଜଣାପଡ଼ିଛି। ଡିଡିସିଏର ସମ୍ପାଦକ ଅଶୋକ ଶର୍ମା କହିଛନ୍ତି, ବୋମା ଧମକ ପାଇବାପରେ ଏ ବିଷୟରେ ତୁରନ୍ତ ଦିଲ୍ଲୀ ପୋଲିସକୁ ଜଣାଇ ଦିଆଯାଇଥିଲା। ଦିଲ୍ଲୀ ପୋଲିସର ବମ୍ ସ୍କ୍ୱାଡ ପୂରା ଭେନ୍ୟୁ ଚିକିନିଖି ଯାଞ୍ଚ କରିଥିଲା। କିଛି ହେଲେ ସନ୍ଦେହଜନକ ବସ୍ତୁ ଦେଖିବାକୁ ମିଳି ନ ଥିଲା। ତେବେ ଷ୍ଟାଡିୟମର ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ